ସେଦିନ ସଞ୍ଜବେଳେ ନବକିଶୋର ତାଙ୍କର ବୈଠକଖାନାରେ ଖଣ୍ଡିଏ ଖଣ୍ଡ ଚେୟାର ଉପରେ ବସି, ଉର୍ଦ୍ଧ୍ୱ-ସଂଲଗ୍ନ ଆଲୁଅରେ ଥୁଆ ହୋଇଥିବା ଖବରକାଗଜ ଉଲଟାଉଥିଲେ । ଖବର ଦେଖି କିଛି ବୁଝୁଥିଲେ । ସବୁ ତ ନୂଆ ଖବର ମାନ୍ଦ୍ରାଜରୁ ଆସିଛି । ଯାହା ଭିତରେ ଅଛି କେହି ନାହାନ୍ତି । ଏହା ଦୁର୍ଭାଗ୍ୟ ନବକିଶୋରଙ୍କ ଗୋଟିଏ ପ୍ରକୃତି ମନଭିତ୍ତି ଶିକ୍ଷା କରି ଏଣେ ତେଣେ ଖଟଖଣି କରି ବୁଲୁଥିଲେ । ବେଳେ ବେଳେ ଖବର କାଗଜ ଦେଖୁଥିଲେ ଅକ୍ଷର ଉପରେ ଭଲ କରି ଦୃଷ୍ଟି ପଡୁଥିଲା; କିନ୍ତୁ ନବକିଶୋରଙ୍କର ସେଥିପ୍ରତି ଲକ୍ଷ୍ୟ ନାହିଁ କି ବଡ଼ ଉତ୍ସାହ ଉଲଟିବାରେ ମଧ୍ୟ ମନ ନାହିଁ । ସେ ଭାବୁଥିଲେ, ମାଟ୍ରିକୁଲେଶନ ତ ପାସ୍ କଲେ, ଏଥର ଉପାୟ କଣ । ସାଧାରଣ ଏଫ୍‌ଏ କ୍ଲାସକୁ ଯିବେ, କି ଅନ୍ୟ କୌଣସି ଲାଇନକୁ ଯିବେ, କିଛି ସ୍ଥିର କରିପାରୁ ନାହାନ୍ତି । ଅଥବା ସାଧାରଣ ଶିକ୍ଷା ଲାଇନ ଛାଡ଼ି ଅନ୍ୟ କୌଣସି ଲାଇନକୁ ଯାନ୍ତି, ତେବେ କେଉଁ ଲାଇନଟି ତାଙ୍କ ପକ୍ଷରେ ସୁବିଧାଜନକ । ଡାକ୍ତରୀ ପଢ଼ିବେ, ନା ଓକିଲ-ଗିରି ପଢ଼ିବେ ? ନା ରେଲ୍‌ୱେରେ ଚାକିରି କରିବାର ଚେଷ୍ଟା କରିବେ ? ଆଜି ରେଲ୍‌ୱେ ଚାକିରିଟା ଲାଭଜନକ, ମିଳିବା ବି ସହଜସାଧ୍ୟ କାରଣ, ତେଲୁଗୁ ଓ ବଙ୍ଗାଳୀମାନଙ୍କ ହାତରେ ଓଡ଼ିଆଙ୍କର ସ୍ଥାନ କାହିଁ ? ଗତ ବର୍ଷ ବେଙ୍ଗଲ ନାଗପୁର ରେଲୱେରେ କୋଡ଼ିଏଟା ନାମ ଖାଲିଥିଲା ଯେ,

ବନ୍ଧୁ ଭାବରେ ଜଣେ ମାତ୍ର ଉପାୟ ଅଛି ହେଲେ । ନବକିଶୋର କଣ ଷଡେ଼ ନେଇ ଉଦ୍ଦେଶ୍ୟରେ , ଅଣ୍ଡି ହୋଇଥାନ୍ତେ ? ଅସୁବିଧା ଏକ ପ୍ରଧାନ ଅସୁବିଧା—ସେଥିରେ ବାଧା ଆଇନ । ସମସ୍ତଙ୍କୁ ସନ୍ତୁଷ୍ଟ କରିବା ପ୍ରଧାନ ଓ ପ୍ରଥମ କର୍ତ୍ତବ୍ୟ । ଯେ କୌଣସି ବିଷୟରେ ସୃଷ୍ଟି ହୋଇଗଲେ, ପ୍ରଥମେ ଗୋଟାଏ ବଡ଼ ଉଦ୍ଦେଶ୍ୟ ପୂରା କରିବାର । ଏ ଦେଶ ତ ଅନ୍ଧକାରରେ ବୁଡ଼ିଆ ବସିଥିଲାଣି । ନବକିଶୋର ଝଲାପଣିଆ ପାରିବେ କେଉଁଠୁ ? ପୂଜା କା କାହିଁକି କରନ୍ତି ? ଚିନ୍ତିବାକୁ ହେଲେ ମଧ୍ୟ ଅର୍ଥ ଲୋଡ଼ା । ଏମ୍ଭପରି ନାନା ଚିନ୍ତାରେ ମଗ୍ନ ହୋଇ, ଅନ୍ୟମନସ୍କ ଭାବରେ ନବକିଶୋର ବାହୁସନ୍ଧ ସଜାଡ଼ିବାରେ ବ୍ୟସ୍ତ । ହଠାତ୍ ପୁସ୍ତକଟିରୁ 'ହୁମ୍, ହୁମ୍' ଶବ୍ଦ ହେଲା ! ନବକିଶୋର ମୁହଁ ଫେରାଇ ଚାହିଁଲେ, ଲଳିତା ଧୀର ସ୍ୱରରେ ଠିଆ ହୋଇଛି । ନବକିଶୋରଙ୍କର ଚମକ ଦେଖି ଲଳିତା ଟିକିଏ ହସିଦେଲା; ନବକିଶୋର ମଧ୍ୟ ଟିକିଏ ହସିଦେଇ ମୃଦୁ ଗମ୍ଭୀର ପ୍ରଶ୍ନ କଲେ, "କଣ ?" ଲଳିତା ନିଜର ଅଙ୍ଗପ୍ରତ୍ୟଙ୍ଗକୁ ଲଜ୍ଜିତଭାବେ ନଗ୍ନପଣ କରି, ସଙ-ସ୍ୱରେ ଉତ୍ତର ଦେଲା—'ଜାଣି ?' ନବକିଶୋର ଖୁବ୍ ଗୋଟାଏ ପାର୍ଶ୍ୱ ଭାବରେ ପ୍ରଶ୍ନଟାକୁ ପ୍ରକାଶିତ କରି କହିଲେ—"କୁଆଡ଼େ ଆସିଲୁ ?" ଲଳିତା ସେପ୍ରକାର ଗୃହେ ମୃଦୁ ଭଙ୍ଗୀରେ କହିଲା, "ଦୂର ସମ୍ପର୍କରେ କଣ ଗୋଟାଏ ଟେଲିଗ୍ରାମ୍ ଆସିଥିଲା ?"

"ହଁ"

"କଣ ସେ ଟେଲିଗ୍ରାମ ?"

"କାହିଁକି ?"

"ନା କହ, ମୁଁ ଜାଣେ ଯେ—ତମେ ପାସ୍ କରିଛ !"

"କେଉଁ କଥା ! ପାସ୍ କଲି ତ ହେଲା କଣ ?"

"ହେବ ଆଉ କଣ—ପୁରସ୍କାର ଦେବା ହେବ ।"

"ପୁରସ୍କାର ? କାହାକୁ ମ ?"

"ଆମକୁ ସବୁ, ଆଉ କାହାକୁ ?"

"ତମକୁ—ଏ କଥାଟିର ଅର୍ଥ ବୁଝିଲି । ଆଉ ସେହି 'ସବୁ' କଣ ?"

ନବକିଶୋର ହସି ଉଠିଲେ । ଲଳିତା ମଧ୍ୟ ହସିଦେଲା । ମାତ୍ର ମୁହୂର୍ତ୍ତେ ନୀରବ । ମୁହୂର୍ତ୍ତିକ ପରେ ନବକିଶୋର ହସି ହସି କହିଲେ,

"ଆଉ ଭାଙ୍ଗିବ ? ତମେ ସବୁ କଣ ପାଇଁ କରୁଥିଲ ?" ଉତ୍ତର ଅପେକ୍ଷାରେ ଲଳିତାର ପ୍ରଫୁଲ୍ଲିତ ବଦନ-ସରୋଜକୁ ଟିକିଏ ଚାହିଁଲେ । ମାତ୍ର ପ୍ରଶ୍ନର କୌଣସି ଉତ୍ତର ନ ପାଇ ପୂର୍ବବତ୍ ବହି ସଜାଡ଼ିବାରେ ମନ ଦେଲେ । କିଛିକ୍ଷଣ ଠିଆ ହେବା ପରେ "ବାବୁ, ନ ଦେଲ ନାହିଁ, ମୁଁ ଯାଉଛି" କହି ଲଳିତା ପ୍ରସ୍ଥାନ କଲା । ନବକିଶୋର ଚାହିଁଲେ ନାହିଁ — କେବଳ କଥାଟା ଶୁଣିବାକୁ ପାଇଲେ ଓ କ୍ଷଣକର ଧ୍ୱନିକୁ ଜାଣିପାରିଲେ, ଲଳିତା ଚାଲିଗଲା । ବହି ଉପରେ ମୁଣ୍ଡ ରଖି ଡାକିଲେ, "ଲଳିତା, ଶୁଣିଯା ।"

ଲଳିତା ଫେରି ଆସି ପୂର୍ବବତ୍ ତାଙ୍କ ପଛଆଡ଼େ ଠିଆ ହେଲା । ସଜାହୋଇଥିବା ବହିଖାତାଟା ଥାକ ଉପରେ ଥୋଇ ଦେଇ, ନବକିଶୋର ପଶ୍ଚାତ୍‌ମୁହିଁ ଫେରିଲେ, କହିଲେ — "ଆଚ୍ଛା, ତୁ ପୁରସ୍କାର ନେବୁ ଯେ, କିପରି ପୁରସ୍କାର ଚାହୁଁ ? କଣ ନବୁ ?" ଲଳିତା ଈଷତ୍ ହାସ୍ୟ କରି କହିଲା, "ସତରେ ଦବ ତା ଯେମିତି ଖାଲି କହୁଛ ?"

"ସତରେ ଦେବି, ତୁ ଆଗ କହିଲୁ, କି ପୁରସ୍କାର ଚାହୁଁ ?"

"ମୁଁ ସେଇ ପାଦକୁ ଚାହେଁ, ଦବ ? ତମ" —

କଥାଟା ଶେଷ ନ ହେଉଣୁ ତାର ଆମ୍ଭ ଫଳାଇ ଲୁଚ ହୋଇଗଲା ।

"ସେଇ ପାଦକୁ ପୁରସ୍କାର ଚାହୁଁ ? ଆଉ ଅଲଗାରୁ ମୋ ପାଦକୁ ତୋତେ ପୁରସ୍କାର ଦେବି ?"

ଲଳିତା ଟିକି ଟୋକି କରି ହସି ହସି ଚାଲିଗଲା ।

ଲଳିତା ସେଠାରୁ ଚାଲିଗଲା ସିନା, କିନ୍ତୁ ଲଗାଇ ଦେଇ ଗଲା ଯେ, ନବକିଶୋରଙ୍କର ମନ ଅତ୍ୟନ୍ତ ଚଞ୍ଚଳ ହୋଇଉଠିଛି । ଅନୁରାଗ-ସେବା ରୂପକ ସେବନ ସମସ୍ତଙ୍କୁ ଶୂନ୍ୟ କରିଛି ଦେଖିଲେ ତାର ମନ ଯେପରି ହୁଏ, ସମସ୍ତ ଧର୍ମ ତ୍ୟାଗ ବୈରାଗ୍ୟ ଲଭ ଅଟେ, ନବକିଶୋରଙ୍କର ବର୍ତ୍ତମାନ ସେହି ଦଶା । ବହି ସଜାଡ଼ିବାରେ ଆଉ ମନ ଲାଗୁ ନାହିଁ । କେଉଁଠି କଣ ଭୁଲ ଆସିଲା ପରି ଲାଗୁଛି । ବହିପତ୍ର ସେତିକି ସଜାଡ଼ିଲେ ମଧ୍ୟ ଅଡ଼ୁଆ ଅଡ଼ୁଆ ଦେଖାଯାଉଛି । ପୁଣି ଖୋଲି ପୁଣି ସଜାଡ଼ୁଛନ୍ତି । ମାତ୍ର ଭୁଲ ଅନୁସାରେ ହୋଇଯାଉ ନାହିଁ । ଅତ୍ୟନ୍ତ ବିରକ୍ତ ସହକାରେ ସେ ବହିସବୁ ଫୋପାଡ଼ି ଦେଇ, ଇଜିଚେୟାରରେ ବସିଲେ, ଉଠି ହୋଇ ପଡ଼-

ଗଲେ । ଭାବିଲେ, "ଲଳିତା ମୋ'ଠିକି ଆସିଥିଲା, କିଛି ତ କହିଲା ନାହିଁ ! ଖାଲି କଣ ପାସ୍ ଖବରଟା ଶୁଣି ଆନନ୍ଦିତ ହୋଇଛି ବୋଲି ଜଣାଇ ଦେବାକୁ ଆସିଥିଲା ? ଟେଲିଗ୍ରାମ ଆଉ ପାସ୍ ଖବର ଛଡ଼ା ତ ଆଉ କିଛି କହୁ ନାହିଁ ।" ଆଉ ଥରେ ଭାବିଲେ, "ଶେଷରେ ସେ ଯାହା କହିଗଲା, ତାର ଅର୍ଥ କଣ ? ପାସ୍ କଲାକୁ କଣ ପୁରସ୍କାର ଦେବ ? କାହିଁକି ବା ଦେବ ? ଏପରି କାହିଁକି କହିଲା ? 'ଆଗରୁ ପାସ୍ କଲାକୁ ପୁରସ୍କାର ଦେଇ' ମୁଁ ବା କହିଲି କାହିଁକି ? ପାସ୍‌କୁ କଅଣ ପୁରସ୍କାର ଦେବ ?" ଏ ସବୁ କଥାର ଗୂଢ଼ ରହସ୍ୟ କଣ, ବୁଝି ନ ପାରି ନବକିଶୋର ବଡ଼ ଉତ୍କଣ୍ଠିତ ହୋଇପଡ଼ିଲେ । ବାରମ୍ବାର ସେହି କଥାକୁ ଚିନ୍ତା କରିବାକୁ ଲାଗିଲେ । କଲ୍ୟାଣମୟୀ ଲଳିତା ସମ୍ମତ ତାଙ୍କର ଯୋଗ୍ୟ ସ୍ୱଭାବ, ସୌନ୍ଦର୍ଯ୍ୟ ଓ କଥାବାର୍ତ୍ତା, ସମସ୍ତ ଆମୂଳ ଆଲୋଚନା କରି ବସିଲେ । ଭାବିଲେ, "ସେ ଯେବେ ହେଲେ ବି ଏପରି ଅର୍ଥଶୂନ୍ୟ ପରିହାସ ବାଣୀ କହେ ନାହିଁ । ଆଜି ଏପରି କାହିଁକି କହିଲା ? ଏ କଣ ପରିହାସ ନା ହୃଦୟରେ ପୁରସ୍କାର ଗୁନ୍ଥି ଥିଲା ? ଯଦି ସତ୍ୟରେ ପୁରସ୍କାର ଗୁନ୍ଥି ଥିଲା, ତେବେ—ନା, ନା, ପାସ୍‌କୁ ପୁରସ୍କାର ଗୁନ୍ଥି ଥିଲା । ନିଶ୍ଚୟ ତାହାର କିଛି ଅର୍ଥ ଅଛି ।" ନବକିଶୋର ସେହିସବୁ ଆଲୋଚନାରେ ଏତେ ମଜ୍ଜିଗଲେ ଯେ, ଶଯ୍ୟା ଦେଇ ନିଦ୍ରାକୁ ଉଠି ଘୂରି ଅଗ୍ର ତାଙ୍କଳେଣି, କବାଟକୁ କିଏ ପିଟାଇଲା—ତାହା ସେ ଶୁଣି ପାରିଲେ ନାହିଁ ।

"ନଅ ଥର ଶକୁନ୍ତଳା ବାଜିଲା, ମୋର କାମ ଦେବାକୁ ସବେ-ଯୋଗ ନାହିଁ ?" କହି ଆଜି ଜୀବନରେ ବହୁ କଷ୍ଟ କରୁଛି ଦେଖି ଲଳିତା । କଥାଟା ପଡ଼ିବା ଶବ୍ଦରେ ନବକିଶୋରଙ୍କର ଧ୍ୟାନ ଭଙ୍ଗିଗଲା । ପଛକୁ ଚାହିଁ ଦେଖିଲେ, ଲଳିତା ଭୁଲ ଶୋଇଛି । ଧଡ଼ ପଡ଼ ଉଠିପଡ଼ି ତାଙ୍କୁ ଦୁଇ ହାତରେ ଧରି ନିଜ କୋଳକୁ ଟାଣି ଆଣିଲେ । ସ୍ନେହ ସିକ୍ତ କଣ୍ଠରେ କହିଲେ—"ଲଳିତେ ! ତୁମ କଥାର ଅର୍ଥ ମୁଁ ବୁଝିପାରି ନ ଥିଲି, ବର୍ତ୍ତମାନ ବୁଝୁଛି । ତୁମେ ଯେଉଁ ଉଦ୍ଦେଶ୍ୟରେ କହୁଥାଅ, କିନ୍ତୁ ତାହା ଅନ୍ୟଥା ହୋଇ ନ ପାରେ । ପରିହାସ ଛଳରେ ହେଉ, ଅଥବା ଭ୍ରମବଶତଃ ହେଉ, ଯେଉଁ ମୁହୂର୍ତ୍ତରେ ଯାହା କହିଛ, ତାହା ଅସ୍ୱୀକାର କରିବାର ଶକ୍ତି ତୁମର ନାହିଁ କି ମୋର ମଧ୍ୟ ନାହିଁ । ପ୍ରକୃତରେ ତୁମେ ଆଜିଠାରୁ ମୋର ସେହି ପାସ୍‌ର ଅଧିକାରିଣୀ ହେଲ ।"

"ଏ କଣ ! ନବ ଛୁଆ, ଏ କଣ ଗୁଡ଼ା କହୁଛନ୍ତି ? ଆଜ ଏ ନୂଆ କଥା, 'ତୁମେ' ସମ୍ବୋଧନ କାହିଁକି ?" ଲଳିତାର ସର୍ବାଙ୍ଗ କମ୍ପିଉଠିଲା । ସେପରି କୋହିଏ ପ୍ରବଳ ଝଞ୍ଜା ତାର ପ୍ରତି ଶିରାପ୍ରଶିରାରେ ଖେଳିଗଲା ; କଣ ଏକ ଅନ୍ଧକାର ଘେରିଗଲା । କଣ କହିବ, କଣ କରିବ, ଭାବିବାକୁ ଅବସର ପାଇଲା ନାହିଁ ; ଝଡ଼ବାତ-ପୀଡ଼ିତ କଳ୍ପବଲ୍ଲୀ ନବଙ୍କର କୋଳକୁ ଆଉଜି ପଡ଼ିଲା ।

ନବକିଶୋର ! ତମେ ବୁଝି ପାରିଲ ନାହିଁ । ସେ କଣ ଏହି ଅଳ୍ପଦିନ ଭିତରେ ତୁମଙ୍କୁ ପୁରସ୍କାର ମାଗୁଥିଲା ? ସେ କେବଳ ଅନୁରାଗ-ଶର୍ଯ୍ୟରେ ପୁରସ୍କାର ନେବା ଲୋଭ କରୁଥିଲା । କିନ୍ତୁ ତୁମେ ସେତେବେଳେ ପଚାରିଲ—'କି ପୁରସ୍କାର ଚାହୁଁ ?' ସେ କହିପାରି ଲୋଭ ପାରିଲା ନାହିଁ । ତୁମଠାରୁ ନେବାର କିଛି ବାକି କଣ ଥିଲା ? ତୁମେ କଣ ଅବାଳ୍ୟଙ୍କୁ ତାର ହୃଦୟ ଦେଲ ନାହିଁ ? କୌଣସି ଦିନ ତୁମଙ୍କୁ ସେ ଅଳଙ୍କାର କିଛି ମାଗିଥିଲା ? ତୁମଙ୍କୁ ଦେଖିଲେ ସ୍ୱର୍ଗଶିରୀ ତା ମଥାରେ ଭୂଷା ଲୋଚ ହୁଏ । ଯାହାଠାରୁ କାହିଁକି ପୁରସ୍କାର ମାଗିବ, ନାନା ଛଳନାରେ ବାଂଧୁ ଥିବାରୁ ତୁମେ ବୁଝି ପାରିଲ ନାହିଁ । ସେ ଭାବିଲା, ପୁରସ୍କାର ଭଳି ନେବ ନାହିଁ କି ବାସ୍ତବରେ ତ ମୁଁ କିଛି ଚାହୁଁ ନାହିଁ ; ତେବେ ନବଙ୍କର ଯେତେବେଳେ ଦେବେ ବୋଲି କହୁଛନ୍ତି, କେଉଁ ଯାହାକୁ ମାଗିଲେ ସେ ଅଣ୍ଟ କିଛି କହିପାରିବେ ନାହିଁ । କାରଣ ଯାହା ଏପରି ବସ୍ତୁ ନୁହେଁ, ଯାହା କି ଅନ୍ୟ ଜଣକ ହସ୍ତରେ ଅର୍ପଣ କରିଯାଇପାରେ । କିନ୍ତୁ ତୁମେ ତାକୁ ଏପରି ଅର୍ଥରେ ନେଲ—ସେ ତ ଏ କଥା ସ୍ୱପ୍ନରେ ଭାବି ନ ଥିଲା ।

ନବକିଶୋର ଲଳିତାର ଅବନତ ମସ୍ତକଟି ଉତ୍ତୋଳନ କରି କମ୍ପିତ ଓଷ୍ଠାଧରରେ ସୁମଧୁର ଚୁମ୍ବନଟି ଦେଇ କୋଳରେ ଚାପି ଧରିଲେ । ଲଜ୍ଜିତେ କି କାଳ ! ତାହାର ମୁଖରେ ହାସ୍ୟ ନାହିଁ, ବିଷାଦ ନାହିଁ । ଏକ-ପ୍ରକାର ହେଲେ ମୁହୂର୍ତ୍ତ ଅନିର୍ବାଚ୍ୟ- ଭାବ ଖେଳିଗଲା । ଲଳିତା ଧୀରେ ଅତି ଧୀରେ ଆଖି ମେଲି ଚାହିଁଲା । ନବକିଶୋର କହିଲେ—"ଲଳିତେ !" ଲଳିତା ମୁଖରେ କଥା ନାହିଁ । ସେ କେବଳ ସ୍ନେହଦୃଷ୍ଟିରେ ତାଙ୍କର

ମୁଖମଣ୍ଡଳକୁ ସ୍ପର୍ଶ କରୁଥିଲା । ନବକିଶୋର ତାଙ୍କ ଲଜ୍ଜାରଞ୍ଜିତ ସୁକୋମଳ ଗଣ୍ଡଦେଶରେ ଥାଉ ଗୋଟିଏ ଚୁମ୍ବନରେଖା ଅଙ୍କନ କରି କହିଲେ—“ନଳିନେ, ଯାଅ । କିନ୍ତୁ ନବର ଏ ନବ ପୁରସ୍କାର ଗ୍ରହଣ କରିଲ ତ ? ଯଦି ଅପେକ୍ଷ—।” ତାଙ୍କର କଥା ଶେଷ ନ ହେଉଣୁ ନଳିନୀ ତାର ମୃଣାଳ-କୋମଳ ବାହୁଦ୍ୱୟରେ ତାଙ୍କର ଗଳଦେଶ ବେଷ୍ଟନ କଲା । ନବକିଶୋର ଆଉ କହିପାରିଲେ ନାହିଁ । ଦେଖିଲେ, ନଳିନୀର ନୀଳାବ୍ଜ-ଶୋଭନୟନଯୁଗଳରୁ ଦୁଇଟି ମୁକ୍ତାଫଳନିନ୍ଦୀ ଅଶ୍ରୁବିନ୍ଦୁ ଝରି ପଡ଼ିଲା । ସେ ନିଜର ହାତ ବସନ-ପ୍ରାନ୍ତରେ ମୋଚନ କରିଦେଲେ ।

## ସପ୍ତମ ପରିଚ୍ଛେଦ

ନବକିଶୋର ଯେତେବେଳେ କଲେଜରୁ ଫେରିଗଲେ, କଣ କରିବେ ବୋଲି ପିତାପୁତ୍ରଙ୍କ ମଧ୍ୟରେ ସର୍ବଦା ଆଲୋଚନା ଚାଲିଲା । ନବକିଶୋରଙ୍କର ଇଚ୍ଛା, ଆଉ କିଛି ଅଧ୍ୟୟନ କରିବାକୁ । କୈଳାସଚନ୍ଦ୍ର କିନ୍ତୁ ସେଥିରେ ଏକମତ ନୁହନ୍ତି । ପୁଅକୁ ବିଲାତିଆ ଦେବା ନିମନ୍ତେ ସେ କୌଣସି ମତେ ଅର୍ଥ ଯୋଗାଇ ପାରିବେ ନାହିଁ । ତେଣୁ ତାଙ୍କର ଏକାନ୍ତ ଇଚ୍ଛା, କୌଣସି ଭଲ କାରଖାନାରେ କିମ୍ବା ମହାଜନ ଗୋଦାମରେ ନବକୁ ଚାକିରି କରାଇଦେଲେ ଶାନ୍ତି ପାଇପାରନ୍ତେ । ପିତାଙ୍କର ଏକାନ୍ତ ଇଚ୍ଛାକୁ ପୁତ୍ରଙ୍କର ଏକାନ୍ତ ଅନିଚ୍ଛା; କୌଣସି ସିଦ୍ଧାନ୍ତ ହୋଇ ପାରୁନାହିଁ । କେବଳ ଯୁକ୍ତିତର୍କରେ ଦିନ କଟିବାକୁ ଲାଗିଲା । ଯୁକ୍ତିତର୍କରୁ ସମୟେ ସମୟେ ପିତାପୁତ୍ରଙ୍କର ମଧ୍ୟ ମନାନ୍ତର ହେବାକୁ ବାକି ରହୁନାହିଁ ।

କିଛି ଦିନ ପରେ ନବକିଶୋରଙ୍କର ଭ୍ରମଣ ବାସନା ପ୍ରବଳ ହେଲା । ତାଙ୍କର ଅନ୍ତରଙ୍ଗ ବନ୍ଧୁ ଅତୁଳ ବାବୁ ଗଲେ ଡାକ୍ତରୀ ପଢ଼ିବାକୁ । ନବକିଶୋରଙ୍କର ଇଚ୍ଛା, ବନ୍ଧୁଙ୍କ ସହିତ ମେଡ଼ିକାଲରେ ପଢ଼ିବେ । ଅତୁଳ ବାବୁଙ୍କର ମଧ୍ୟ ସେହି ଇଚ୍ଛା । ନବକିଶୋରଙ୍କ ପରି ବନ୍ଧୁଙ୍କୁ ଛାଡ଼ି ସେ ଏକୁଟିଆ ବା କିପରି କେଉଁଆଡ଼େ ଯିବେ ? ସେ ବିଷୟରେ ସେ ନବକିଶୋରଙ୍କୁ ଅନୁରୋଧ କଲେ । ନବକିଶୋର ଅନ୍ତରରେ ତାଙ୍କର ପୂର୍ଣ୍ଣ

ଲଜ୍ଜା ଥିବାର ବ୍ୟକ୍ତ କଲେ ଏବଂ ସେହି କାରଣରୁ ପଢ଼ିବାରୁ ବଞ୍ଚିତ ହେଉଛନ୍ତି, ତାହା ମଧ୍ୟ ଜଣାଇଲେ । ଅତୁଲ ବାବୁ ବନ୍ଧୁଙ୍କର ଦୁଃଖର କାହାଣୀ ଶୁଣି ତାଙ୍କ ଦୁଃଖରେ ସମବେଦନା ଅନୁଭବ କରି ଅତ୍ୟନ୍ତ ବ୍ୟଥିତ ହେଲେ ଏବଂ କିପରି ବନ୍ଧୁଙ୍କର ପଠନେଚ୍ଛା ପୂର୍ଣ୍ଣ ହେବ, ତାର ଉପାୟ ଖୋଜି ବୁଲିଲେ ।

ଦିନେ ତାଙ୍କର ପିତା ସନ୍ଧ୍ୟାପାଠ ପରେ ଜଳଯୋଗ କରୁଥିବା ସମୟରେ ସେ ନବକିଶୋରଙ୍କର ସମସ୍ତ ଇତିହାସ ଆମୂଳ ବର୍ଣ୍ଣନା କରିଗଲେ । ତାପରେ ସୁଯୋଗ ବୁଝି ପିତାଙ୍କୁ ଅନୁରୋଧ କଲେ—ଯେ କୌଣସି ଉପାୟରେ ତାଙ୍କର ବନ୍ଧୁଙ୍କୁ ସେଣ୍ଟ୍ରାଲରେ ଭର୍ତ୍ତି କରାଇ ଦେବାକୁ ହେବ । ଅତୁଲ ବାବୁଙ୍କର ପିତା ଯେପରି ଅତୁଳ ଧନର ଅଧୀଶ୍ୱର, ସେହିପରି ଅତୁଳ ଗୁଣର ମଧ୍ୟ ଅଧୀଶ୍ୱର । ନବକିଶୋରଙ୍କର ଦୁଃଖକୁ ସେ ପୁତ୍ରଠାରୁ ବଳି ଅନୁଭବ କଲେ । ତାଙ୍କର ହୃଦୟ ବ୍ୟଥିତ ହୋଇ ଉଠିଲା, କିପରି ସେ ପଠନେଚ୍ଛୁ ନିର୍ଦ୍ଧନ ବାଳକଟିର ସୁବନ୍ଦୋବସ୍ତ କରିଦେବେ । ଟିକିଏ ଚିନ୍ତା କରି କହିଲେ, "ଅଚ୍ଛା, ମୁଁ ଚେଷ୍ଟା କରିବି ତାର ଦରମାଟା ଛାଡ଼ କରାଇ ଦେବାକୁ, ନ ହେଲେ ମୁଁ ଦେବି । ଖାଇବାର ବୋଧହୁଏ ଅସୁବିଧା ହେବ ନାହିଁ । ସେ ପୂର୍ବରୁ ଯେପରି ତାର ବାପ ପାଖରେ ଖାଉଥିଲା, ସେହିପରି ବାପ ପାଖରେ ରହିବ ତ ?" ଅତୁଲ ବାବୁ କହିଲେ—"ହଁ । ଖାଇବାର କିଛି ଅସୁବିଧା ହେବ ନାହିଁ । ତେବେ ଆଉ ଏକ ପ୍ରଧାନ କଥା ହେଉଛି ବହିପତ୍ର । ତାକୁ ବହିପତ୍ରାଦି କିଣିବା ଦାମ୍ ।" "ସେଥିପାଇଁ ଚିନ୍ତା ନାହିଁ । ତୋର ବହି ସଙ୍ଗରେ ତାର ମଧ୍ୟ ବହି କିଣି ଆଣିବୁ । ଆଉ ତାକୁ କହିଦେବୁ, ମୁଁ ସବୁ ସୁବିଧା କରିଦେବି, ଏଡ଼ମିସନ୍ ହେବାକୁ ମଧ୍ୟ କିଛି କଷ୍ଟ ହେବ ନାହିଁ ।"

ଅତୁଲ ବାବୁ ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ ।

ପରମେଶ୍ୱରଙ୍କ କୃପାରୁ ଏବଂ ଅତୁଲ ବାବୁଙ୍କ ପିତାଙ୍କର ଚେଷ୍ଟାରୁ ନବକିଶୋରଙ୍କର ସମସ୍ତ ସୁବିଧା ହୋଇଗଲା । ଦୁଇ ବନ୍ଧୁ ପୂର୍ବବତ୍ ଏକ ସଙ୍ଗରେ ସେଣ୍ଟ୍ରାଲରେ ଅଧ୍ୟୟନ କରିବାକୁ ଲାଗିଲେ । କୈଳାସ ଚନ୍ଦ୍ର

ଆଶୁତ୍ରିର ଏବଂ ସାର୍ବଭୌମର ଭାଗ ଭଳି ମନେ ମନେ ଅଳ୍ପ ବାହୁଙ୍କୁ, ଅନେକ ଆଶୀର୍ବାଦ କଲେ ।

× × × ×

ନବକିଶୋର ଓ ସର ଗୁରୁଜନଙ୍କୁ ବାଦ ଦେଲେ କୈଳାସଚନ୍ଦ୍ରଙ୍କ ପରିବାର ମଧ୍ୟରେ ଆଉ ଜଣେ ମଧ୍ୟ ଲଳିତାକୁ ଭଲ ପାନ୍ତି । ସେ ଜଣକ ନବକିଶୋରଙ୍କର ଜନନୀ ଶରଧା ଦେଈ । ସେ ପିଲାଦିନରୁ ଲଳିତାକୁ ନିଜର କନ୍ୟା ପରି ଦେଖି ଆସିଛନ୍ତି । ଲଳିତା ରୂପରେ ଯେପରି, ଗୁଣରେ ମଧ୍ୟ ସେହିପରି । ଶରଧା ଦେଈ ତାର ରୂପ ଅପେକ୍ଷା ଗୁଣର ବଡ଼ ପ୍ରଶଂସା କରନ୍ତି ।

ପିଲା ଦିନରୁ ନବକିଶୋରଙ୍କ ସହିତ ତାର ସୌହାର୍ଦ୍ଦ୍ୟ ଥିବାରୁ ସେ ବହୁ ଦିନରୁ ଭାବୁଛନ୍ତି ଲଳିତାକୁ କୌଣସି ମତେ ପୁତ୍ରବଧୂ ରୂପେ ଗୃହକୁ ଆଣି ପାରିଲେ ତାଙ୍କର ଗୃହ ହସି ଉଠନ୍ତା । ତେଣୁ ଗେହିଣୀ ପଦ ପୁରଜଣ ହାକିନ୍ତେ ମଧ୍ୟ ଦେବଶ । ମନ କଥା କିନ୍ତୁ କାହାରି ପାଖରେ ପ୍ରକାଶ କରି ନ ଥିଲେ । ନବକିଶୋର ଯେତେବେଳେ ମାଟ୍ରିକୁଲେସନ୍ ପାସ୍ କରି ପୁଣି ଉଚ୍ଚଶିକ୍ଷା ଗ୍ରହଣ କଲେ, ଲଳିତାର ସେତେବେଳେ ଭରା ଯୌବନ । ପନ୍ଦର ବର୍ଷ ବୟସ । ତାର ରୂପଲାବଣ୍ୟ ସୁନ୍ଦରରୁ ସୁନ୍ଦରତର ହୋଇଉଠିଛି । ଶରଧା ଦେଈ ଅଉ ସମ୍ଭାଳି ରଖି ପାରିଲେ ନାହିଁ । କହିଲେ, "ପୁଅ ତ ମୋର ପାସ୍ କଲାଣି—ମୋର ଅଉ କେତେ ଦିନ ଯେ—ଏଥର ତାକୁ ହାତକୁ ଦୁଇହାତ କରିଦେବି ।

ବେଳ ବୁଡ଼ି ଆସୁଛି । ଶାଶୁଡ଼ୀ ଦେଈ କହି ସନ୍ଧ୍ୟା ବତୀ ଦେଉଛନ୍ତି । ଗଙ୍ଗାଧର ଘର ଭିତରେ କଣ କାର୍ଯ୍ୟବ୍ୟସ୍ତ ଅଛନ୍ତି । ଲଳିତା ଓ ଦେମୀ ଭୁଲି ଯାଇ ନବକିଶୋରଙ୍କ ସଙ୍ଗରେ ଖେଳ ଖେଳୁଛନ୍ତି । ଶରଧା ଦେଈ ଏହି ସମୟରେ ଦାଣ୍ଡ ଦୁଆରୁ 'ଗାଇ ବୋହୂ ! ଗାଇ ବୋହୂ !' ଡାକି ପଶି ଆସିଲେ । ଶାଶୁଡ଼ୀ ଦେଈ ଧଡ଼ପଡ଼ ହୋଇ ଉଠି ପଡ଼ି ଗୋଟାଏ ମଚିଆ ଆଣି ପକାଇ ଦେଲେ । ଶରଧା ଦେଈ ବସୁ ବସୁ କହିଲେ—"ଗଙ୍ଗା-ଭାଇ ଘରେ ନାହାନ୍ତି କି ?" ଗଙ୍ଗାଧର ଘର ଭିତରୁ ଆସି କହିଲେ, "ମୁଁ ଏଠେ ଗୋଟାଏ କାମରେ ଲାଗିଛି । ଏତେବେଳେ କୁଆଡ଼େ ଆସିଲ ?"

"ମାଉସି, ହିଙ୍ଗୁଏ ଭୁଲି ଗଲି ଅଛିଲି—ସବୁବେଳେ ଘରଟା ଭିତରେ ବସି ବସି ଶୋଇ ଶୋଇ ଭଲ ଲାଗୁ ନାହିଁ ।"

ଗଙ୍ଗାଧର ପିଣ୍ଡାରେ ଆସି ବସିଲେ । ରାଧିକା ଦେବୀ ସନ୍ଧ୍ୟାବତୀ ଗୁଡ଼ିକ ଯଥାସ୍ଥାନରେ ଥୋଇ ଦେଇ ପାନ ଲଗାଇବାକୁ ବସିଲେ । ଏଥର ସୁରୁଚି ଦୁଇ ଜଣଙ୍କର ନାନାଦି ଦୁଃଖସୁଖ ପଚାରି । ନବକିଶୋର ଓ ଲଳିତା ଜନ୍ମଭୂମିର ପିଲାପଣର ପାଠପଢ଼ା ଠାରୁ ଆରମ୍ଭ କରି ଚାକିରୀର ଉନ୍ନତି କଥା ସବୁ ପଚାରି । ସୁଯୋଗ ଖୋଜି ଶରଧା ଦେବୀ ଯେତେବେଳେ ଅହଲ୍ୟା କଥାଟି ତୁଳି ବସିଲେ, ଗଙ୍ଗାଧର ଓ ରାଧିକା ଦେବୀ ଉଭୟେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଭୁଲି ଜଣ ପୂର୍ବରୁ ଏ ବିଷୟ ନେଇ ଅନେକ ଥର ଚିଆଁଚାଲି ହୋଇଛନ୍ତି । ତାଙ୍କର ମୋଟାମୋଟି ଇଚ୍ଛା, ନବ ସହିତ ଲଳିତାର ବାହାଘରଟି ପକାଇ ଦେବାକୁ । କିନ୍ତୁ ସେ ଦୁଇ ପରିବାର ମଧ୍ୟରେ ସମାଜଗତ ଯେଉଁ ଗୋଟାଏ ପ୍ରତିବନ୍ଧକ ଅଛି, ସେ କଥା ଭାବି ସେମାନେ ନୀରବ ହୋଇଯାଆନ୍ତି—ମନର କାମନା ମନେ ମନେ ମରିଯାଏ । ଗଙ୍ଗାଧର ଓ କୈଳାସଚନ୍ଦ୍ର ଉଭୟେ କରଣ ହେଲେ ହେଁ, ସାମାଜ୍ୟ ତଫାତ୍ ଅଛି । ଗଙ୍ଗାଧରଙ୍କଠାରୁ କୈଳାସଚନ୍ଦ୍ର ହିନ୍ଦୁ ଉଚ୍ଚଜାତିର କରଣ । ପୂର୍ବ ପୁରୁଷରୁ ଏମାନଙ୍କ ସହିତ କମ୍ପା ଏହି ଧାରର କରଣମାନଙ୍କ ସହିତ ତାଙ୍କର କନ୍ୟା ଦାନ ସମ୍ଭବ ନାହିଁ । ବିଶେଷତଃ, ଯେଉଁ ବଂଶ-ମର୍ଯ୍ୟାଦା ନେଇ କୈଳାସଚନ୍ଦ୍ର ଗର୍ବ ଅନୁଭବ କରନ୍ତି, ସେ ଏହି ସମ୍ବନ୍ଧରେ ତା ଭାଙ୍ଗିବ କେମିତି ହସ୍ତାଇ ଦସିବେ !

ଶରଧା ଦେବୀଙ୍କଠାରୁ ଅପ୍ରତ୍ୟାଶିତ ଭାବରେ ଏପରି କଥା ଶୁଣିବେ ବୋଲି ଗଙ୍ଗାଧର କମ୍ପା ତାଙ୍କର ସ୍ତ୍ରୀ ସ୍ୱପ୍ନରେ ଭାବି ନ ଥିଲେ । ପ୍ରଥମେ ତାଙ୍କର ବିଶ୍ୱାସ ହେଲା ନାହିଁ । ଶରଧା ଦେବୀ ପୁଣି ଯେତେବେଳେ କହିଲେ, "ମୁଁ ଅନେକ ଦେଖିଲୁ ମନେ ମନେ ସତ୍ୟ କରିଛି—ତମେ କଣ ସମ୍ମତି ଦେବ ?" ସେତେବେଳେ ଗଙ୍ଗାଧରଙ୍କର ଅନ୍ତର ଆନନ୍ଦରେ ନାଚି ଉଠିଲା । କୃତଜ୍ଞତାରେ ଶରଧା ଦେବୀଙ୍କ ପାଦତଳେ ତାଙ୍କର ମସ୍ତକ ନଇଁ ପଡ଼ିଲା । ସଙ୍ଗେ ସଙ୍ଗେ ରାଧିକା ଦେବୀ ତାଙ୍କ ହୃଦୟର କଥା କହି ପକାଇଲେ । ସେହି ମୁହୂର୍ତ୍ତରେ ସମସ୍ତ କଥା ସ୍ଥିର ହୋଇଗଲା । କେବଳ କୈଳାସଚନ୍ଦ୍ରଙ୍କର ମତ ଜାଣିବାକୁ ବାକି ରହିଲା ।

ଏହି ଘଟଣାର ପ୍ରାୟ ପନ୍ଦର ଦିନ ପରେ କୈଳାସଚନ୍ଦ୍ର ସାତ ଦିନ ଛୁଟିରେ ଗ୍ରାମକୁ ଆସିଲେ । ଦିନେ ସନ୍ଧ୍ୟା ସମୟରେ ସେ ଗଙ୍ଗାଧରଙ୍କ ଘରର ଦାଣ୍ଡ ପିଣ୍ଡାରେ ବସି କଥାବାର୍ତ୍ତା ହେଉଥିଲେ । ଶରଧା ଦେଈ ପାନ ଖିଲ କଣ୍ଟି ଦୁହିଁଙ୍କ ହାତକୁ ବଢ଼ାଇ ଦେଇ ସେଠାରେ ଠିଆ ହୋଇଗଲେ ଏବଂ କିଛି ସମୟ ପରେ ସ୍ନେହ ଭରି କୈଳାସଚନ୍ଦ୍ରଙ୍କୁ ଲକ୍ଷ୍ୟ କରି କହିଲେ, "ସେଦିନ ଚିଠି ଲେଖିଥିଲି ବୋଲି ତମେ ଏଥର ଘରକୁ ହେଉଛ ଆସି । ଜାଣିଛ, ମୁଁ କାହିଁକି ସିନା ଲେଖି ତମକୁ ଅଣାଇଛି ?" କୈଳାସଚନ୍ଦ୍ର କିଛୁ ବିସ୍ମିତ ଭାବରେ ଶରଧା ଦେଈଙ୍କ ମୁହଁକୁ ଚାହିଁ କହିଲେ—"କଣ ?"

ଶରଧା ଦେଈ ଗଳାଟା ସଫା କରିନେଇ କହିଲେ, "କଣ କି, ଜାଣ ତ ଆମର ଦିନ ସରିଲାଣି । ଆମର ବା ଆଉ କେତେ ଦିନ ! ମୁଁ କହୁଥିଲି କି ସ୍ୱାମୀ ଭିତରେ ତା ଅନୁଆଁ ଶୁଣାଇ ଦେଇଥିଲେ ଭଲ ହୁଅନ୍ତା ନାହିଁ ?" କୈଳାସଚନ୍ଦ୍ର ଦେଈଙ୍କ ମନୋଗତ ଭାବ ବୁଝି ପାରିଲେ; ଈଷତ୍ ହାସ୍ୟ କରି କହିଲେ—"ହଁ, ମୋର ମଧ୍ୟ—"

ଶରଧା ଦେଈ ବାଧା ଦେଇ କହିଲେ—"ତମକୁ ଆଉ କିଛି ପରିଶ୍ରମ କରିବାକୁ ହେବ ନାହିଁ । ଭଗବାନ ସବୁ ଯୋଗାଡ଼ କରି ଦେଇଛନ୍ତି । ତମେ ତ ଆମର ରଙ୍ଗ ଝିଅକୁ ଦେଖିଛ—ସେ ପିଲାଦିନରୁ ମୋ ପାଖରେ ରହିଥିଲା । ଭାରି ଲକ୍ଷଣ ଝିଅଟି । ଯେମିତି ଗୁଣ, ସେମିତି ରୂପ । ଲକ୍ଷ୍ମୀଟିଏ ତ, ସେଇ ମାନିବ ଆମ ଘରକୁ ଏକା ! ଅନେକ ଦ ଖୁରୁଣୀ ଆମର ଏହଂ କରିବ, —ଏବେ ତମେ ଦ ଖୁସି କହୁନ୍ତି ବୋଲି ଜଣେଇ ଦେଲେ ହେଲା ।"

କୈଳାସଚନ୍ଦ୍ର ଆଶା କରି ନ ଥିଲେ, ଯେପରି ତାଙ୍କ ବିଶ୍ୱସ୍ତରେ ପତ୍ନୀଙ୍କ ମୁହଁରୁ ଏପରି ସାମାନ୍ୟ ପ୍ରସ୍ତାବଟାଏ ଶୁଣିବେ ବୋଲି । ନବକିଶୋର କଲିକତା'ରେ ପଢ଼ିବା ଦିନରୁ ସେ ମନେ ମନେ କେତେ କଣ ଭାବିଥିଲେ, ପୁଅ ବାହାଘର ର ସୁନ୍ଦର ଯୋଜନା ଛବି ସେ ମନ ମଧ୍ୟରେ ଆଙ୍କି ରଖିଥିଲେ । ସେ ଭାବିଥିଲେ, ନବ ପରି ଇଂରାଜୀ-ପଢ଼ୁଆ ବାବୁଙ୍କୁ କଣ ପାତ୍ରୀ ଅଭାବ ହେବେ ? ଶିକ୍ଷିତ କୁଳୀନଟିଏ ପାଇବା ଆଶାରେ କେତେ ବଡ଼ ଲୋକ ଆସି ତାଙ୍କର ଅନୁଗ୍ରହ ପ୍ରାର୍ଥନା କରିବେ । ସେ ଏଥିରୁ ସୁବିଧାରେ ଟିକିଏ ଗୋଡ଼ ଲମ୍ବାଇ ବସିବେ । ପ୍ରଥମେ ଦାବୀଟି ସୁନ୍ଦରୀ ଏବଂ ଶିକ୍ଷିତା ତ ଥା,

ଦେଖିବେ । ତାପରେ ଭବ୍ୟ ପ୍ରଚଳିତ ବିବାହର ସର୍ବଜନାନୁମୋଦିତ ସମସ୍ତ ଦାବୀ କରିବେ । ବାଇସିକଲ୍ ପାଇଁ ନଗଦ ଟଙ୍କା ପୁଣି ଘଡ଼ି ହୀରାର —ଆଉ ସବୁ ଭୁସଣ୍ଡି କଥା ମିଳେ, ସେ ତ ଅଜବ କଥା । ପ୍ରକୃତପକ୍ଷେ ତାଙ୍କର ଏ ସବୁ କଳ୍ପନାକୁ ନାପସନ୍ଦ କରି ଦୂରି ଉଡ଼ାଇ ଦେବା କୌଣସି ମତରେ ଯୁକ୍ତିଯୁକ୍ତ ନୁହେଁ । ସେ ପଡ଼ନ୍ତି ଓଡ଼ିଆ—ଓଡ଼ିଶାରେ ଜନ୍ମ—ପିଲା ଦିନରୁ କିନ୍ତୁ ବଙ୍ଗଦେଶରେ ବଢ଼ି ଆସିଛନ୍ତି । ବଙ୍ଗବାସୀମାନଙ୍କର ଗୁଣ-ଲକ୍ଷଣ, ସ୍ୱଭାବରେ ନିଜକୁ ଗଢ଼ିଆସିଛନ୍ତି ମଧ୍ୟ । ଅଛି ବଙ୍ଗବାସୀଙ୍କର ବିବାହରେ ବାଇସିକଲ ପ୍ରଭୃତି ଦାବୀ ଯେପରି ଯୋଗାଏ ଧମକା ନମୁନ ଦେଖାଇଦେଇଛି, ସେସବୁ ଦେଖି ଦେଖି ସେ ନିଜ ପୁଅର ବିବାହ ପାଇଁ ଅନ୍ୟାୟ କଳ୍ପନା କରି ନାହାନ୍ତି ! କେତେ କେତେ କନ୍ୟାପିତା, ଜନନୀଙ୍କୁ ଘରରେ ବଙ୍ଗୀୟ ଅନୁକରଣ କରିବା ନିଶ୍ଚୟ ହାସ୍ୟୋଦ୍ଦୀପକ । କିନ୍ତୁ ସେ ଦୋଷଟା କୈଳାସଚନ୍ଦ୍ରଙ୍କର ନୁହେଁ—ଉତ୍କଳର । ଉତ୍କଳ ଚିରଦିନ ଅନୁ-କରଣ ପ୍ରିୟ । ସେ କଥାରେ ଅଛି ମଧ୍ୟ । କେବେ ଜଣ ମହାତ୍ମା ବୁଢ଼ା-ମାନଙ୍କୁ ଛାଡ଼ିଦେଲେ ବର୍ତ୍ତମାନ ନବ୍ୟଶିକ୍ଷିତ ଉତ୍କଳୀୟମାନେ ନିଶ୍ଚୟ ନିଶ୍ଚୟ କହିବେ, "କଲିକତା କୈଳାସଚନ୍ଦ୍ରଙ୍କର ସ୍ୱମଧୁର କଳ୍ପନା !" କାରଣ ବିବାହରେ 'ଦାବୀ' ସେଗୁଡ଼ା ଉତ୍କଳର ଅସ୍ଥିମଜ୍ଜାଗତ ହେବାକୁ ଆଉ ବେଶି ବିଳମ୍ବ ନାହିଁ ବୋଧହୁଏ ।

ସ୍ତ୍ରୀଙ୍କଠାରୁ ଏପରି ଅସଂଗତ ବିବାହ ପ୍ରସ୍ତାବଟା ଶୁଣି କୈଳାସଚନ୍ଦ୍ର ବଡ଼ ବିରକ୍ତ ହୋଇଗଲେ । ତାଙ୍କ କଲିକତାରେ ପାଠକାଳ କୈଳାସ ଚନ୍ଦ୍ର, ଘଟନାସୁଦ୍ଧା ପୁଅ ନବକିଶୋର ଘଟନାସୂତ୍ର, ତାଙ୍କ ଯୋଗାଏ ମହାବଲର ରଙ୍ଗ ମହାନ୍ତି ଓଡ଼ିଆ ଲୋକଟା । ଛି ଛି, କିଭଳି ଅସଂଗତ ଏ ପ୍ରସ୍ତାବ ! ଘର ଟାଙ୍ଗରେ, ପାଣି ଖୋଜିବାକୁ ପଡ଼ିବ ନାହିଁ—ଏ ସମ୍ବନ୍ଧଟା କରି କଅଣ ଅବା, ଏଥିରେ ତାଙ୍କୁ ମିଳିବ କଣ ? ରଙ୍ଗାଧରଙ୍କର ବାର ମାଣ ଭୂସମ୍ପତ୍ତି—ସେଥିରେ ସେ ଚଳିପାରୁ ଥାଆନ୍ତା ଦ୍ୱିତୀୟଶ୍ରେଣୀ ଚଳନ୍ତି ! ତାଙ୍କ ଛଡ଼ା ତ ଆଉ କିଛି ରୋଜଗାର ତାଙ୍କର ନାହିଁ । ସେ ନା ଘଣ୍ଟା ଦେବେ, ନା ସାଇକେଲ, ନା ବାଇସେଲ୍, ନା ଭୁସଣ୍ଡି କେଉଁଠି କଣ ଦେଇ ପାରିବେ ? ଝିଅକୁ ପୁଣି ଟିକି ଅଳଙ୍କାର, ଶ୍ୱଶୁରଘର ମନ ମୁତାବକ ଦେଇ

ପାରୁଛେ କି ନାହିଁ ସନ୍ଦେହ । କି ଆଶାରେ ଶରଧା ଦେଈ ଏ ପ୍ରସ୍ତାବଟାଏ କରିପାରିଲେ ! କଣ ଲଳନାର ସୁନ୍ଦର ରୂପ ଦେଖି ? ଲଳନା ଏତିକି କି ସୁନ୍ଦରୀ ଯେ ! ନରେନ୍ଦ୍ରନାଥଙ୍କ ପରି ବରକୁ ତାହାଠାରୁ ଆହୁରି ସୁନ୍ଦରୀ କନ୍ୟା ମିଳିବେ । ପାଠ ? ପାଠ ଲଳନାର ସେ ତ ମାଇନର ଖଣ୍ଡେ ପାସ୍ ବି କରି ନାହିଁ ।

ନା, କୈଳାସଚନ୍ଦ୍ର ଏପରି ବିବାହରେ କୌଣସି ମତେ ରାଜି ହେବେ ନାହିଁ । ଗଙ୍ଗାଧର ବାବୁଙ୍କର ଦୈନ୍ୟମୟ ସମସ୍ତ ଜୀବନ ଦେଖିଲେ ସୁଦ୍ଧା ସେ ଏ ବିବାହରେ ମତ ଦେବେ ନାହିଁ । ଗଙ୍ଗାଧର ସେ ଗାଁରେ ଜଣେ କଙ୍ଗାଳ । ସାତ-ପଣ୍ଡାଙ୍କ କନ୍ୟାଟାଏ ଆସି ଏପରି ଗୁଣବନ୍ତ ପୁଅର ଜୀବନରେ ଭାଗ ନେବ ? ଶରଧାଙ୍କ ପାଇଁ ସେ ଲଳନାଟା ଉତ୍ସୁକିତ ପିଲା । ବିବାହ ତ ଧନକର କଥା ନୁହେଁ । ତାପରେ ଶଙ୍ଖନାଦ୍ରକ ଘର ତ ଆଉର ଘର ନୁହେଁ—ପାଞ୍ଚ ପୁରୁଷର ଘର । ଟଙ୍କା ସ୍ୱାର୍ଥରେ ଏତେ ବଡ଼ କୁଳଟିକୁ କଣ ସେ କାଳି ଲଗାଇ ଦେବେ ? ନା—କସ୍ମିନ୍ କାଳେ ତାହା ହୋଇପାରିବ ନାହିଁ । ଶରଧା ଦେଈ କଣ, ନରେନ୍ଦ୍ର ନିଜେ ଯଦି ଅଧି-ଅନୁରୋଧ କରନ୍ତି, ତଥାପି ନୁହେଁ ।

ସ୍ୱାମୀଙ୍କୁ ଚିନ୍ତିତ ଦେଖି ଶରଧା ଦେଈ କହିଲେ—"ଆଜି କହୁଛ କଣ ? କେଉଁ ମତ କଣ, ମୋତେ କଥା କହୁନ କିଆଁ ? ତମେ ଆଗେ ଯେଉଁଠି ବି କହିବ, ସେ କଣ ନାହିଁ କରିବ ? ସେ ସେମିତି ଧରଣର ଲୋକ ନୁହେଁ । ତାପରେ—" କୈଳାସ ଚନ୍ଦ୍ର ବାଧାଦେଇ କହିଲେ—"ଥାଉ ତମେ ବୁଝି ପାରୁନା । ଏଇ ସେହିଁ ତମର କଥା, ମୋତେ ବଡ଼ ବିରକ୍ତ ଲାଗେ । ମୁଁ କଣ କହୁଛି, କଣ ଚିନ୍ତୁଛି, କିଛି ନ ବୁଝି ନ ସୁଝି ମତେ ତୋଟାଏ କଥା କହୁଚ ? ମୁଁ କଣ କେଉଁ ମତ ଅନେକ ଦେଖି ବୁଝୁଛି ?" ଶରଧା ଦେଈ ସ୍ୱାମୀଙ୍କର ରକ୍ତ ଚକ୍ଷୁ, ଗମ୍ଭୀର ମୁଖଭଙ୍ଗୀ ଦେଖି ଟିକିଏ ଶଙ୍କିଗଲେ । ଉତ୍ସୁକ ନମ୍ର ସ୍ୱରରେ କହିଲେ, "ତୁମ୍ଭେ କଣ କହୁଛ କହ ।"

"ଆଉ କହିବି କଣ ? ତମେ ତ ସବୁ ଠିକ କରି ସାରିଛ ? ମୁଁ ଆଉ କଣ କହିବି ?" ଟିକିଏ ରହିଯାଇ ପୁଣି କହିଲେ—"ଦେଖ, ବାବାଜିଙ୍କର କଥିବ ଯେ—ଶାଳି ତ ଛୁଡ଼ିଣ୍ଡେ ଝିଅଣ୍ଡେ ଏତେ ବଡ଼ କାମଟା ହୋଇ

ପିଲ ନାହିଁ ! କୁଳ ଉପରେ ସୁବିଧା ଅସୁବିଧା ବୁଝି ଦେଖିବାକୁ ହେବ । "ଅରେ ମନୁଷ୍ୟ, ମୂଳ ପଇସା ।" ଏଣା ପଇସାରେ ତ ପିଣ୍ଡାଙ୍କୁ ଏ ହୋଇପାରୁ ନାହିଁ । ହେବ ତ ହେବ—କିଏ ମୁଅଛନ୍ତି କଣ ଦେଖୁଥିଲା ଯାଉଛୁ ?"

ଶଙ୍କା ଦେଖି ଆଉ ପ୍ରତିବାଦ କରିବାକୁ ସାହସ କଲେ ନାହିଁ ।

---

## ଅଷ୍ଟମ ପରିଚ୍ଛେଦ

ଯଥାସମୟରେ ଡାକ୍ତର ବାବୁଙ୍କୁ ନେଇ ନବକିଶୋର ପହଞ୍ଚିଲେ । କଷ୍ଟ-ଠାକୁରାଣୀ ଚାଲି ସାହାଯ୍ୟରେ ରୋଗୀକୁ ପରୀକ୍ଷା କଲେ, ଡାକ୍ତର ବାବୁ କହିଲେ—"ଜାବଲି କଦମାକଥା ହୋଇଛି ସତ୍ୟ ତଥାପି ଭୟର କିଛି କାରଣ ନାହିଁ । ଏକ ସପ୍ତାହ ପରେ ଜ୍ୱର ଛାଡ଼ିଯିବ ।" ରୋଗିଣୀ ଏକା ଏକ ହେଲେ ବନ୍ଧୁଙ୍କୁ ଯାଇ ନ ଥିଲେ । ପିତବାସଦ୍ୱାରା ଥର୍ମୋମିଟର କରିଲେ ଦେଇ ପରେ ଡାକ୍ତର ବାବୁ କହିଲେ—"ମୋ ସଙ୍ଗରେ ଜଣେ ଲୋକ ପଠାନ୍ତୁ ନବ ବାବୁ, ସେ ଔଷଧ ନେଇ ଆସିବ । ପ୍ରତି ଦୁଇ ଘଣ୍ଟାରେ ସେ ଔଷଧ ଖାଇବାକୁ ଦେବେ । ଆଉ ସେଇଠାରେ କିଛି ଦବା ଦେବ, ସେ ଔଷଧ ଛାତିରେ ଲଗାଇବାକୁ ହେବ । ପ୍ରଥମେ ସେ କିଣି ଆଣିବ—।"

ନବକିଶୋର କହିଲେ—"କଣ ଆଣ୍ଟିଫ୍ଲୋଜିଷ୍ଟିନ (Antiflogis tin) ଦେବେ କି ?"

"ହଁ, Antiflogis tin ଦେବି । ଆପଣ ତାର ବ୍ୟବହାର ଜାଣନ୍ତି ବୋଧହୁଏ ?"

"ହଁ, ଜାଣେ । ଆପଣ ପଠାଇ ଦେଲେ ମୁଁ ବାନ୍ଧି ଦେବି ।"

ପଥ୍ୟାପଥ୍ୟର ବ୍ୟବସ୍ଥା ଦେଇ ଯିବା ସମୟରେ ଡାକ୍ତର ବାବୁ କହିଲେ—"ଆସୁଛି ନବ ବାବୁ !" କାଲି ସକାଳୁ ଦେଖି ଖବର ପଠାଇବାକୁ ଭୁଲିବେ ନାହିଁ ।"

"ଖବର ପଠାଇବି ନାହିଁ କି—ଆପଣ ଅନୁଗ୍ରହ କରି କାଲି ସକାଳୁ ଥରେ ଆସିବେ । ବର୍ତ୍ତମାନ ଆପଣଙ୍କର ଫି ଦେଉଛି । ମୁଁ ଏକୁଟିଆ

ହେଲ । ତାଙ୍କ ବୋଧହୁଏ କାହାକୁ ପଠାଇ ହେଉନ ନାହିଁ । କାଲିଠୁ ଆସିବେ; ଭୁଲିବେ ନାହିଁ ।" ରାଜକିଶୋର ବୋଲି ଶୁଣି ଡାକ୍ତରେ ଧନ୍ଦୁ ଧନ୍ଦୁ ଡାକ୍ତର ବାବୁ ହସି ହସି ଉତ୍ତର କଲେ—"ଅଚ୍ଛା, ମୁଁ ଆସିବି ; ଆପଣ ନିଶ୍ଚିନ୍ତରେ ରହନ୍ତୁ ।"

ଘରର ମୂଲିଆଙ୍କର ବ୍ୟବସ୍ଥା, ନବକିଶୋରଙ୍କର ଖାଇବା ପିଇବା, ଗୋରୁଙ୍କ ପାଇଁ କୁଣ୍ଡା ଦାନା ପ୍ରଭୃତିରେ ସଇର ସମସ୍ତ ଅଣ୍ଟୁ ନାହିଁ । ନବକିଶୋର ସୁଦ୍ଧା ନେଇ—ରୋଗିଣୀକୁ ବସାଉଠା କରିବା, ରୋଗ-ରାତି ଦିନେ ଔଷଧ ଦେବା, ପଥ୍ୟ ରାନ୍ଧିଦେବା, ଏ ସମସ୍ତ ବୁଝିବା ପାଇଁ ଲଳିତା ଛଡ଼ା ଆଉ କେହି ନାହାନ୍ତି । ସେଦିନ ସନ୍ଧ୍ୟାବେଳେ ଶରଧା ଦେଈଙ୍କୁ ଦେଖିବାକୁ ଆସି ଏ ସମସ୍ତ ଅସୁବିଧା ବୁଝି ପାରିଲେ । ଯିବାବେଳେ ଲଳିତାକୁ କହିଗଲେ, "ତୋର ଘରେ ତ କେହି ନାହାନ୍ତି । ତୁ ଏଇ ଏଠାରେ ରହ—ଆଉ କାହିଁକି, ଶାଶୁଙ୍କର ସେବା କଲ ହେବା ଯାଏ ତୁ ଏଠାରେ ଥା ।" ନବକିଶୋରଙ୍କର ହୃଦୟ ଆନନ୍ଦରେ ନାଚି ଉଠିଲା । ସେ ମନେ ମନେ କହିଲେ, "ଯାହାହେଉ, ବଞ୍ଚିଗଲା ମନୁଷ୍ୟ !"

ଲଳିତା ନିଜର ଖାଇବା ପିଇବା ଭୁଲି ମନପ୍ରାଣ ଢାଳି ଦେଇ ଶରଧା ଦେଈଙ୍କର ସେବାଶୁଶ୍ରୂଷାରେ ଲାଗିଗଲା । ଏପରି ସେବାଯତ୍ନ ସତ୍ତ୍ୱେ ରୋଗିଣୀଙ୍କର ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ଲାଗିଲା । ଡାକ୍ତର ବାବୁ ପ୍ରଥମେ ଯେଉଁ ଦିନ ଆସିଥିଲେ, ତା'ର ଠିକ୍ ଦଶ ଦିନ ପରେ ଅବସ୍ଥା ବଡ଼ ସାଂଘାତିକ ହୋଇଉଠିଲା । ରୋଗିଣୀ ଘନ ଘନ ସଂଜ୍ଞାଶୂନ୍ୟା ହେବାକୁ ଲାଗିଲେ । ସେଦିନ ଡାକ୍ତର ବାବୁ ଦୁଇ ଥର ଆସି ଇନ୍‌ଜେକ୍‌ସନ୍ ଔଷଧ ଦେଇଗଲେ । କହିଗଲେ, "ଆଉ ଚିନ୍ତା ଟିକିଏ କରିବାକୁ ପଡ଼ିବ; ଏ ରାତିଟା କଟିଗଲେ କାଲିକି ଆଉ ଡର ଭୟ ନାହିଁ ।"

କେତେମାନିଆ ଏ ଶୁଣି ଲଳିତା ପୂର୍ବରୁ ବଡ଼ ଭୟ କରିଥିଲା । ଆଜି ଡାକ୍ତର ବାବୁଙ୍କର ଏପରି କଥା ଶୁଣି ତାର ବକ୍ଷ-ପିଞ୍ଜର ଥରି ଉଠିଲା । ମନେ ମନେ କହିଲା, "ହେ ଭଗବାନ ! ଦୁଃଖୀ ଦୁଃଖ ହର, ଆଜ ରାତିଟା ଭଲରେ ଭଲରେ କଟି ଯାଉ । ତୁମେ ସହାୟ ହୁଅ ପ୍ରଭୁ ! ବଡ଼ ବୋଉଙ୍କୁ ତୁମେ ଶୀଘ୍ର ଆରୋଗ୍ୟ କରିଦିଅ ।"

ବୁଢ଼ା ବାରଣ୍ଡା ହେବ । ସବୁ ଦେହେତେଇ ଘରୁ ଡାକନ୍ତି, "ଆରେ ନବ, ତୁ ଗଣ୍ଡେ ଖାଇ ଦେଇ ଯା । ତୁ ନ ଖାଇଲେ, ଲଳିତା ଖାଇବ ଯମ୍ବ ? ସେ ଆଜି ବଡ଼ କଷ୍ଟ ପାଉଛନ୍ତି ବାପୁ ! 'ଭୋକ ହେଉ ନାହିଁ, ବୋଲି କହି ସକାଳେ ତ କିଛି ଖାଇ ନାହିଁ । ବୁଢ଼ୀ ଅଧ ହେଲାଣି— ଦୁଃଖରେ ତାକୁ ଝୋଲ ମାରୁଥିବଣି । ଆ, ତୁ ବସିଲ ଗଣ୍ଡେ ଖାଇଦେଇ ଯା ।"

"ମୋର ତ ଭୋକ ହେଉ ନାହିଁ ଆଉ । ମୁଁ ଖାଇବି ନାହିଁ, ତୁମେ ତୁମେ ଖାଇ ନିଅ—" ଘର ଭିତରୁ ନବକିଶୋର ଉତ୍ତର ଦେଲେ । ସବୁ କହନ୍ତି, "ଆରେ ମୋର ଯମ୍ବ ଆଜି ଏକାଦଶୀ । ତୁ ଆଗ ଗଣ୍ଡା ଖାଇ ଯା, ତୁ ନ ଖାଇଲେ ସେ କଣ ଖାଇବ କି ? କାଲି ତ କିଛି ଖାଇ ଥିଲା ନା, ହେଲା ନାହିଁ—ତୁ ଖାଇ ସାରିଲେ ସେ ଅନ୍ତତଃ ପଖାଳରେ ଯାଇ ଖାଇବ ।" ନବକିଶୋର ଖାଇବାକୁ ଉଠିଗଲେ ।

ସବୁ ହାତ ଧୋଇ ଦେଇ ଲଳିତାକୁ ଲକ୍ଷ୍ୟ କରି କହିଲା, "ମୁଁ ଡାକି ଦେଇ ଆସିଲି, ନବ ଖାଇ ସାରିଲେ ତୁ ଖାଇବୁ । ମୋ ମୁଣ୍ଡଟା ଭାଙ୍ଗିକି ଯାଉଛି, ମୁଁ ଯାଏ—।" ଲଳିତା କହିଲା, "ଯା ଅପା, ତୁମେ ଟିକିଏ ଶୋଇପଡ଼ । ମୋତେ କିଛି ମାଗିଲେ ତମକୁ ଉଠାଇ ଦେବି । ବୁଢ଼ୀଟା ଯାକୁ କଣ ସମସ୍ତ ଉପାସର ହେବ ?" ସବୁ ସେଥିରୁ ଘରର ଗୋଟାଏ କଣରେ ସପଟାରେ ଢଳିଗଲା ।

ନବକିଶୋର ଖାଇ ସାରିଲା ବେଳକୁ ଶରଧା ବେଉସ୍ୟଙ୍କ ଦେହରୁ ଝାଳ ଗାଣି ପଡ଼ି ବୋହୁଛି—ଦେହ ପାଣି ସବୁ ଲିଭିଗଲାଣି । ଲଳିତା ଗୋଟାଏ ଚଳମରେ ନାଆଁ ବସୁ ବସୁ କହିଲା, "ତୁମେ ସେ ଲୁଗାର ବାଣ୍ଡୁ ଆଣି ବୋଉଙ୍କୁ ଅଗ ପୋଛି ଦେବନି । କାଆଁ ହୋଇଗଲେ ଆସି—ଲୁଣ ବେଇଁଠି ଅଛି ଆଣିକି, ପୁଡ଼ା କରି ସେକିବାକୁ ହେବ ।" ନବକିଶୋର ବୋଉଙ୍କ ଦେହରୁ ଝାଳ ପୋଛି ଦେଇ କହିଲେ, "ତୁ ଖାଇବୁ ଯା । ମୁଁ ଅପାକୁ ଡାକି ଦେଉଛି । ସେ—।"

"ନା, ନା, ଅପାକୁ ଡାକ ନାହିଁ । ସାରା ଦିନସାରା ଡାକ୍ତରଖାନା ଓଷଧ—ସେଥିରେ ପୁଣି ଏକାଦଶୀ ଉପବାସ । ତାଙ୍କର ମୁଣ୍ଡ ବିନ୍ଧୁଛି—ତାଙ୍କୁ ଉଠାଅ ନାହିଁ, ତୁମେ ନ ପାରିବ ତ ମୁଁ ଲୁଣ ଖୋଜି ଆଣୁଛି ।"

"ଲୁଣ କଥା କହୁ ନାହିଁ ମ । ତୁ କ'ଣ ଚୋର ଗଣ୍ଡାଏ ଖାଇଛୁ ?"

ଲଳିତା ଅଳ୍ପ ହସିଦେଇ ଗମ୍ଭୀର ହୋଇ କହିଲା, "ଦେଉଳ ଭିତରେ ଖାଇବା ବିନା କେହି ମହାପାପ ନାହିଁ । ତମେ ଥିଲ କହୁ କହୁନା— ମୋ କଥା ମାନ, ଅଣ୍ଟାକୁ ଆଉ ଭିଡ଼ାଅ ନାହିଁ । ତମକୁ କଷ୍ଟ ହେଉଛି ତ ସେଇଠାରେ ବୋଲିଦିଅ ।" ଲଳିତାର ଏପରି ଟାଣ ଟାଣ କଥା ଶୁଣି ନବ- କିଶୋର ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ଏ କଣ ! ସେ ତ ଲଳିତା ମୁହଁରୁ ଏପରି କଥା କେବେ ଶୁଣି ନାହାନ୍ତି । ସଦା ଲଜ୍ଜାବସ୍ୱିଣୀ ଲଳିତା ମୁହଁରେ, ବିଶେଷତଃ ନବକିଶୋରଙ୍କ ପ୍ରତି ଏପରି କଡ଼ା କଥା କାହିଁକି ? ଅନାହାର, ଅତ୍ୟଧିକ ପରିଶ୍ରମ, ତାଉପରେ ପୁଣି ଅନିଦ୍ରା, ଏହି ସବୁ କାରଣରୁ ବୋଧହୁଏ ମୁଣ୍ଡ ଗରମ ହୋଇ ଯାଇଛି । ଯାହା ହେଉ, ସେ କଥାକୁ ଭାବି- ବାକୁ ନବକିଶୋରଙ୍କର ଅବସର କାହିଁ ? ସେ ତତ୍‌କ୍ଷଣାତ୍ ଉଠି ଯାଇ ଲୁଣଗିନାଟି ଘେନି ଆସିଲେ । ଲଳିତାର ଜାଉଁ ପ୍ରସ୍ତୁତ ହୋଇ ସାରି- ଥିଲା । ସେ ଲୁଣଗୁଣ୍ଡା କରି ସେକିବାକୁ ଆରମ୍ଭ କଲା । ନବକିଶୋର ନିଜ ହାତ ଗର୍ଭକୁ ସେକାଇ ବୋଉଙ୍କ ପାଦ ଘଷିବାକୁ ଲାଗିଲେ ।

ଟିକିଏ ପରେ ଭୁଲାଇବାପରି ଶରଧା ଦେଈଙ୍କର ହାତ ବନ୍ଦ ହେଲା ! ସେ ଆଖି ମେଲି ଚାହିଁଲେ । ନବକିଶୋର ଡାକିଲେ "ବୋଉ ! ବୋଉ !" ଶରଧା ଦେଈ ବହୁତ ପ୍ରୟାସରେ କଥା କହିଲେ "ନବ, ଆ ମୋ' ପାଖକୁ ଟିକିଏ ଆ ।" ନବକିଶୋର ମୁଣ୍ଡ ପାଖକୁ ଗଲେ । ଶରଧା ଦେଈ କହିଲେ "ତୁ ଖାଇଲୁଣି ?"

"ହଁ ।"

ଶରଧା ଦେଈ ନବକିଶୋରଙ୍କ ମୁହଁକୁ ନିର୍ବାକ୍ କାତର ଭାବରେ କିଛିକ୍ଷଣ ଚାହିଁ ରହିଲେ । ପୁଣି ପଚାରିଲେ—"ବୋହୂ ଖାଇଲାଣି ?" ନବ- କିଶୋର ଅପ୍ରତିଭ ଭାବରେ ଥରେ ବୋଉଙ୍କ ମୁହଁକୁ, ଥରେ ଲଳିତା ମୁହଁକୁ ଚାହିଁବାକୁ ଲାଗିଲେ । ଶରଧା ଦେଈଙ୍କର ଏପରି ପ୍ରଶ୍ନରେ ଲଳିତା ମଧ୍ୟ କମ ଆଶ୍ଚର୍ଯ୍ୟ ହୋଇ ନାହିଁ । ବୋହୂ କିଏ ? ସେ ଅଳ୍ପ ଝୁଙ୍କି ଘର ପାଇ ନବକିଶୋରଙ୍କ ମୁହଁକୁ ଜିଜ୍ଞାସୁ ନୟନରେ ଚାହିଁ ରହିଲା । ନବ- କିଶୋର ଭାବିଲେ, ଏ ନିଶ୍ଚୟ ପ୍ରଳାପ ବକି ଆରମ୍ଭ କରିଦେଲେ । ଶରଧା ଦେଈ

ଅଳ୍ପ ପରେ ପଚାରିଲେ, "ଏବେ କଷ୍ଟ ନାହିଁ ଟିକେ ? ବୋହୂ ଖାଇ ନାହିଁ ?" ନବକିଶୋର କହିଲେ, "ହଁ, ତୋର ଦେହ ବର୍ତ୍ତମାନ କିପରି ଲାଗୁଛି ?" ଶରଧା ଦେଈ କିଛି ଉତ୍ତର ନ ଦେଇ ବାମପାଖ ଦିଗକୁ ମୁହଁ କରି ଶୋଇଲେ । ଲଳିତା ବହୁତ ଚେଷ୍ଟା କରି ଔଷଧ ପାଟିକି ପିଆଇ ଦେଲା । କିଛିକ୍ଷଣ ପରେ ଶରଧା ଦେଈ ନିଦରେ ଶୋଇଗଲେ । ଲଳିତା ଅଗଣାକୁ ଉଠିଗଲା । ନିଆଁ ପାଖରେ ବସି ବସି ବଡ଼ ଗରମ ବୋଧ ହେଉଥିଲା । କିଛି ସମୟ ପରେ ନବକିଶୋର ଅଗଣାକୁ ଗଲେ; କହିଲେ "ଲଳିତା ! ତୁ ଯା ଗାଧୋଇ ଖାଇଦେବୁ । ଦିନ ତମାମ ଉପବାସରେ ବଡ଼ କଷ୍ଟ ହେଉଥିବ ।" କିନ୍ତୁ ଉତ୍ତର ପାଇଲେ ନାହିଁ । ପୁଣି ଡାକିଲେ, "ଲଳିତା !" ଲଳିତା କାନ୍ଦୁଥିଲା । ଏ କଣ ? ନବକିଶୋର ତା ପାଖରେ ବସିପଡ଼ି ତା ସୁକୋମଳ ଗାଲକୁ ଧରି ଟେକିଦେଲେ । ଚନ୍ଦ୍ରକିରଣରେ ଝକ୍ ଝକ୍ ଦିଶିଲା ନେତ୍ରକୋଣରେ ମୁକ୍ତାହାର-ନିଭ ଲୁହଧାର ଅଶ୍ରୁ । ନବକିଶୋର ଚମକି ଉଠିଲେ । ତାଙ୍କର ହୃଦୟ ଯେ କପଟ ବେଦନାରେ ଆଲୋଡ଼ିତ, ଆନ୍ଦୋଳିତ ହୋଇଉଠିଲା, ତାହା କଳ୍ପନାରେ ଅନୁଭବ୍ୟ ହେବନି । ସେତେବେଳେ ସେ ଯେପରି ବାତୁଳ ହୋଇ ଉଠିଲେ, ମୁମୂର୍ଷୁ ମାଆଙ୍କ ମରଣର ଦୁଆରେ ଛିଡ଼ା ହେବାର ଦେଖି ମଧ୍ୟ ତାଙ୍କର ସେପରି ଦୁଃଖପରିଣତ ହୋଇ ନ ଥିଲା । ଲଳିତା ଲାଗି ପିତା ତାଙ୍କର ତୋଳି ଅପରାଧ କରି ରହିଛନ୍ତି । ଲଳିତା କଣ ନ କରିଛି ? ତାର ଅକ୍ଳାନ୍ତ ପରିଶ୍ରମ ଓ ଅହର୍ନିଶ ସେବା ଶୁଶ୍ରୂଷା ଯୋଗୁଁ ସିନା ସେ ବୋଉଙ୍କୁ ଦେଖିବାକୁ ପାଉଛନ୍ତି । ଲଳିତା ଯେ ଶରଧା ଦେଈଙ୍କର ଜୀବନଦାତ୍ରୀ । ସେ କଣ ଏତେ କଠୋର, ନିର୍ମମ, ପାଷାଣ ହୋଇ, ଜୀବନର ଜୀବନଦାତ୍ରୀ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିବେ ନାହିଁ ? ତାର ନେତ୍ରରେ ଅଶ୍ରୁବିନ୍ଦୁ ଦେଖି ତାଙ୍କର ଅନ୍ତର୍ଦାହ ଉପସ୍ଥିତ ହେବ ନାହିଁ ? ନବକିଶୋରଙ୍କର ଚକ୍ଷୁ ସ୍ଥିର ହୋଇଗଲା । ନିର୍ବାକ ନିସ୍ପନ୍ଦ ଭାବରେ ସେ ରହିଗଲେ ।

ଅନେକ ପରେ ଚେତନା ଆସିଲା । ଲଳିତାକୁ କୋଳକୁ ଟାଣି ଆଣି ତାର ମସ୍ତକରେ ହସ୍ତ ସଞ୍ଚାଳନ କରୁ କରୁ କହିଲେ—"ଲଳିତା ! କଣ ତୋର ଦୁଃଖ କାହିଁକି ? ବୋଉର ସେବାଶୁଶ୍ରୂଷାରେ ରହି ତୋର ଖବର କିଛି ବୁଝି ପାରି ନାହିଁ । ଆଜି ଦିନ ତମାମ ତୁ କିଛି ଖାଇ ନାହୁଁ । ସେତେବେଳେ...।"

ଲଳିତା ତାଙ୍କର ଗଳାରେ ବାହୁଦ୍ୱୟ ବେଷ୍ଟନ କରି ଉଚ୍ଛ୍ୱସିତରେ କାନ୍ଦିବାକୁ ଲାଗିଲା । ସେ ଆଉ କିଛି କହିପାରିଲେ ନାହିଁ । ଶତ ଚେଷ୍ଟା କରି ଲଳିତାର କ୍ରନ୍ଦନ ବନ୍ଦ କରିପାରିଲେ ନାହିଁ ମଧ୍ୟ । ତାଙ୍କର ହୃଦୟ ଶତଧା ବିଦୀର୍ଣ୍ଣ ହେବାକୁ ଲାଗିଲା । ସେ ଧୈର୍ଯ୍ୟ ଧରି ନ ପାରି ଲଳିତାକୁ ଆଉ ଟିକିଏ ପାଖକୁ ଟାଣି ଆଣି ହୃଦୟରେ ଲଗାଇ ଧରିଲେ ଏବଂ ଶିଶୁଟି ପରି ବାଁ କାଁ ହୋଇ କାନ୍ଦିବାକୁ ଲାଗିଲେ । ଏହିପରି କେତେ ସମୟ ଅତି-ବାହିତ ହୋଇଗଲା, ଜଣା ନାହିଁ । କ୍ରମେ କ୍ରନ୍ଦନର ବେଗ କମିଆସିଲା । ହୃଦୟର ଆବେଗ, ଅସ୍ଥିରତା, ଅଧୀରତା କମି ଆସିଲା । ନବକିଶୋର କହିଲେ, "ମୋ ଲକ୍ଷ୍ମୀ ଲଳିତା, ସତ କହ—ତୋର......।" ଲଳିତା ତାର କୁସୁମ-କୋମଳ ହସ୍ତଦ୍ୱୟ ଦ୍ୱାରା ନବକିଶୋରଙ୍କର ମୁଖ ଚାପି ଧରିଲା । "ଛି, ପିଲାଙ୍କ ପରି ଗୋଟାଏ ପାଗଳପଣ କଣ ?" ନବକିଶୋର ଲଳିତାର ହସ୍ତ ଦୁଇଟି ଭିଡ଼ି ଧରି କହିଲେ—"ତେବେ କହ ତୋର କି ଦୁଃଖ ?" ଲଳିତା ଈଷତ୍ ହାସରେ ଅଶ୍ରୁମୋଚନ କରି କହିଲା, "ତମ ପାଖରେ ଥିଲେ ମୋର ଆଉ ଦୁଃଖ କଣ ? ତମେ କଣ ଜାଣନା, ତମକୁ ଦେଖିଲେ ମୋର ସବୁ ଦୁଃଖ ଦୂର ହୋଇଯାଏ ?"

"ମିଛ କଥା । ନିତାନ୍ତ ମିଛ କଥା ଏ । ଦୁଃଖ ନ ହେଲେ ଆଖିରୁ ତେବେ ଧାରାଏ ପାଣି ବାହାରେ ନାହିଁ ।"

ଲଳିତା ଆଉ କିଛି କହିଲା ନାହିଁ । ତାର ବା ଆଉ କଣ କହିବାକୁ ଥିଲା ? ମିଛ ତ କହୁଛି । ନବକିଶୋରଙ୍କ ବକ୍ଷରେ ମୁହଁ ଲୁଚାଇ ନୀରବ ଭାବରେ ପଡ଼ି ରହିଲା । ନବକିଶୋର ତାର ସୁକୋମଳ କୁନ୍ତଳଦାମରେ କର-ସଂଚାଳନ କରୁ କରୁ କହିଲେ—"ତେବେ ତୁ ଏ ପର୍ଯ୍ୟନ୍ତ ମୋତେ ବିଶ୍ୱାସ କରିପାରୁ ନାହୁଁ ?"

କିଛିକ୍ଷଣ ଅତିବାହିତ ହୋଇଗଲା । କାହାରି ମୁଖରେ କଥା ନାହିଁ । ଲଳିତା ବୁଝିପାରୁଛି, ନବକିଶୋର ଆଉ କିଛି କହିବେ ନାହିଁ—ଅଭି-ମାନରେ ରହିଲେଣି । ସେ ନବକିଶୋରଙ୍କଠାରୁ ଏତେ ଅଗାଧ ଅନୁରାଗ କରୁଥିଲେ ମଧ୍ୟ, ସେ ସମସ୍ତ ଗୋପନ କରି କହିଲା, "ତମେ ମୋତେ ଅବିଶ୍ୱାସ କରୁଛ ?" ନବକିଶୋର ଅନ୍ୟମନସ୍କ ଭାବରେ କହିଲେ—"ଅବିଶ୍ୱାସ କରୁ ନାହିଁ । ତେବେ—।"

"ବଡ଼ ବୋଉଙ୍କର କଥା ଶୁଣି ମନଟା ବଡ଼ ବ୍ୟସ୍ତ ହୋଇପଡ଼ିଲା; ସେଥିପାଇଁ ତାହାଙ୍କୁ ଡକାଇ ଆଣିଥିଲି । ତା ପରେ...... ।"

"ଲଳିତା, ଥାଉ, ଥାଉ—ମୋତେ ଖୁଣ୍ଟି ସବୁ କହ ।"

ଲଳିତାର ଉଦ୍ବେଳିତ ନୟନଯୁଗଳରୁ ଝରଝର ଧାରରେ ଲୋତକ ବହି ଗଲା । ନବକିଶୋରଙ୍କ ଅଳକ୍ଷ୍ୟରେ ଅଶ୍ରୁମୋଚନ କରି ସେ କହିଲା,—"ଆମେ ସବୁ ପାଖରେ ଥିଲେ ତୋତେ ଭଲ ଥିବା । ବଡ଼ ବୋଉଙ୍କ ଆଜି ଯେପରି ହେଲା...... ।" ଏହି ପର୍ଯ୍ୟନ୍ତ ; ଆଉ ସେ ଅଗ୍ରସର ହୋଇପାରିଲା ନାହିଁ । ଅଶ୍ରୁଭରା ନୟନରେ ତାର ଦୁଃଖକାଳିମାଚ୍ଛନ୍ନ ପାଣ୍ଡୁର ମୁଖମଣ୍ଡଳକୁ ନବକିଶୋର ଚାହିଁ ରହିଲେ କେତେକ । କିଛି ପରେ ଲଳିତା ପୁଣି କହିଲା—"କେତେ ଦିନ ତାହାର କଣ...କିଛି ଦେଖିବାକୁ...... ।" ତାର ଧୈର୍ଯ୍ୟର ଆଉ ସମ୍ଭାଳନ ନାହିଁ । ଦୁଃଖ-ତରଙ୍ଗାଘାତରେ ତେଣୁ ଅଚେତ ଭଳି ପଡ଼ିଗଲା । ସେ ନବକିଶୋରଙ୍କର ବକ୍ଷଦେଶକୁ ନିଜର ବାହୁବେଷ୍ଟନ ମଧ୍ୟରେ ନେଇ ବେଳକରେ କାନ୍ଦିବାକୁ ଲାଗିଲା । ଏତେବେଳେ ବୁଝିପାରିଲେ ନବକିଶୋର, ଲଳିତାର ଦୁଃଖ କାହିଁକି ? ଲଳିତା ତାଙ୍କ ଅନୁପସ୍ଥିତିରେ ଏପରି ଦୁଃଖିତା, ବ୍ୟଥିତା ଏବଂ ମ୍ରିୟମାଣା ! ନବକିଶୋରଙ୍କର ଆଖି ଓଦା ହୋଇଆସିଲା । ସେ ଆଦର କରି ତାର ନବନୀତ-କୋମଳ ଶରୀରରେ ହସ୍ତ ସଞ୍ଚାଳନ କରି ସାନ୍ତ୍ୱନା ଦେବାକୁ ଲାଗିଲେ ।

---

## ନବମ ପରିଚ୍ଛେଦ

ସୂର୍ଯ୍ୟ ଅସ୍ତ ହୋଇ ଗଲେଣି । ଧରଣୀବକ୍ଷରୁ ତାଙ୍କର ଶେଷ ରକ୍ତିମ ଛଟାର ମୃଦୁ ରଶ୍ମି ସମ୍ପୂର୍ଣ୍ଣ ଲିଭି ଯାଇ ନାହିଁ । ଆଉ ଅଳ୍ପ ସମୟ ପରେ ଅନ୍ଧକାର ମାଡ଼ି ଆସିବ ବୋଲି ମନୁଷ୍ୟ, ପଶୁପକ୍ଷୀ ସମସ୍ତେ ବ୍ୟସ୍ତବ୍ୟସ୍ତ । ସତେ ଯେପରି ନୂତନ ଜୀବନ୍ୟାସ ନେଇ ପାଇ ଧରଣୀ ବକ୍ଷିମାନ ଜାଗି ଉଠିଛି ! ଧରଣୀର ସେହି ମହାଜାଗରଣ ସମୟରେ ନବକିଶୋର ଗୋଟିଏ କ୍ଷୁଦ୍ର ପ୍ରକୋଷ୍ଠରେ

ଗାଲର କଣ୍ଠନଳ ସ୍ୱରରେ ବସିଛନ୍ତି; ଆଜି ତାଙ୍କ ନିକଟରେ ଲଳିତା ବସି ଅନ୍ୟମନସ୍କ ଭାବରେ ଗୋଟିଏ ପୁସ୍ତକର ପୃଷ୍ଠା ଓଲଟାଉ ଥାଉଛି । ସଂସାରର ଚଞ୍ଚଳତା, ବ୍ୟଗ୍ରତା ପ୍ରତି ତାହାର ଦୃଷ୍ଟି ନାହିଁ, ଭ୍ରୂକ୍ଷେପ ନାହିଁ ମଧ୍ୟ । କେତେ ସମୟ ପରେ ଲଳିତା ପୁସ୍ତକ ଉପରେ ଦୃଷ୍ଟି ରଖି କହିଲା—“ଖାଲି ଯିବାକୁ କେତେବେଳେ କହୁଛ ?” ନବକିଶୋର ଦୃଷ୍ଟି ଫେରାଇଲେ । ଧୀର ଏବଂ ମୃଦୁକଣ୍ଠରେ କହିଲେ—“ଶ୍ରୀକୃଷ୍ଣଙ୍କ କେତେ ଦିନ ହେଲେ କଅଣ ହେଲା, ପଢ଼ାପଢ଼ି କରୁଛ ଅଛି । ମୁଁ ଚାରି ଦିନ ପାଇଁ ଆସିଥିଲି, ଆଠର ଦିନ ହୋଇଗଲାଣି । ଅଛିଲ ବାବୁ ମୋତେ ଶୀଘ୍ର ପଢ଼ାପଢ଼ି ଆରମ୍ଭ କରନ୍ତୁ ନ ଥିବେ । ବୋଉର ଦେହ ତ ଭଲ ହୋଇଗଲାଣି; ଖାଲି ଦୁର୍ବଳତା ଅଛି ଟିକେ । ଏହି ‘ଟନିକ୍’ ଟା ଆଉ ଦିନ ଖାଇଲେ ଭଲ ହୋଇଯିବ । ମୁଁ ଆଜି ଏଠାରେ କୁଆଡ଼େ ବସି ପଢ଼ାପଢ଼ି ନଷ୍ଟ କରିବି କାହିଁକି ?” ନବକିଶୋର ଏତେସବୁଟାଏ କଥା କହିଗଲେ । ସେ ସମସ୍ତ ଲଳିତାର କାନକୁ ଗଲା କି ନାହିଁ କେଜାଣି, ସେ ସେହିପରି ପୁସ୍ତକର ପୃଷ୍ଠା ଓଲଟାଇବାରେ ବ୍ୟସ୍ତ ।

କିଛିଏ ପରେ ନବକିଶୋର କହିଲେ, “ଏତେ ଭାବୁଛ କଣ ? ଆମ ଦେଶର ତ ଏହି ଦୁର୍ଦ୍ଦଶା ! ମୁଁ ଦେଖୁଛି, ଉଚ୍ଚକୁଳ-ରମଣୀମାନଙ୍କର ଅବସ୍ଥା କହିବା ଭଳି ନାହିଁ । ପୁରାଣ ଇତିହାସରୁ ଜଣାଯାଏ, ଏ ଦେଶର ରମଣୀମାନେ ଧନେ ସ୍ୱାମୀ, ପୁତ୍ରଙ୍କୁ ଯୋଦ୍ଧା ବେଶରେ ସଜାଇ ସମର ପ୍ରାଙ୍ଗଣକୁ ପଠାଇ ଦେଉଥିଲେ; କିନ୍ତୁ ଆଜି ଆଖିରେ ଦେଖୁଛୁ, ତାର ଠିକ୍ ଓଲଟା । ଏପରି କି, ସକାଳରୁ ନଦୀକି କେହି ବାହାରକୁ ତାଙ୍କୁ ଅନ୍ତଃପୁରକୁ ଯିବାକୁ ଦେଉନାହାନ୍ତି । ଏ ଦେଶର ଆଉ ମଙ୍ଗଳ ହେବ କଣ ? ଅନ୍ୟ କଥା କଣ କହିବି । ତୁ ଏବେ ଚିନ୍ତିତା ? ଭଲ ମନ୍ଦ ବୁଝିବାର ଶକ୍ତି ତୋର ଅଛି !” ଲଳିତା ମୁଣ୍ଡ ଟେକିଲା । ଈଷତ୍ ହାସ୍ୟ କରି କହିଲା, “ନା, ଭଲ ମନ୍ଦ ବୁଝିବାର ଶକ୍ତି ଏବେ ପୁରୁଷମାନଙ୍କର ଅଛି !” ସେହି ପଦେମାତ୍ର କଥାରେ ପୁଣିଥରେ ବ୍ୟଙ୍ଗ ଓଷ୍ଠାଧରରେ ମିଳାଇ ଗଲା, ଦାରୁଣ ଦୁଃଖରେ ମସ୍ତକ ନଇଁ ଗଲା । କେତେ କଥାସ୍ୱରରେ ପୁସ୍ତକର ପୃଷ୍ଠାସବୁ ଉଡ଼ିବାକୁ ଲାଗିଲା । ନବକିଶୋର ଲଳିତାକୁ ନିକଟକୁ ଟାଣିନେଇ କହିଲେ—“ତମର

ନାସ୍ତିକହୃଦୟ ବଡ଼ ଦୁର୍ବଳ । ସାମାନ୍ୟ କାରଣରେ ବଡ଼ ଅଥୟ ହୋଇଯାଏ । ହଁ, ତୁ ବୁଝି ସୁଝି ଏପରି ଅବୁଝା ହେଉଛୁ ।" ଲଳିତା ନବକିଶୋରଙ୍କର ମୁହିଁକୁ ଚାହିଁଲା । ଶୈତ୍ୟସ୍ପୃଷ୍ଟ ଗାଲ-କମଳ-ଆଖି ଯୋଡ଼ିକ ଛଳଛଳ । ନବ-କିଶୋର ପଚାରିଲେ "ତୋର କିଛି କହିବାର ଅଛି ତ କହ ।"

"ନା, ବିଶେଷ କିଛି କହିବାର ନାହିଁ । ଆଜି ପୂଜା କେତେବେଳେ ଅଛି ?"

"ସୂର୍ଯ୍ୟ ବୁଡ଼ିଲେ ।"

"ପଞ୍ଚୁଆ ପରି ପଦ ଦେବ ।"

"ନିଶ୍ଚୟ ।"

"ତୁମେ ମୂର୍ତ୍ତିର କଥାକୁ କାହିଁକି ଦେଖେଇ ପାରୁନା । ଗଡ଼ି ହେବାରେ ବଡ଼ ହେଉ କରୁଛି । ପ୍ରତି ଗୁରୁ ଦଳରେ ପଦ ଦେବାକୁ ହେବ ଏଥର ।"

"ହଉ, ଦେଖୁ କଥା ହେଲା । ତୁ କହୁ—"

"ମୋ ମୁଣ୍ଡରେ ହାତ ଦେଇ କହ ଯା ।"

"ହଁ, ଲଳିତା ! ସେ ଗୋଟାଏ କଣ ? ମୁଁ କେବେ ମିଛ କହେ ?" ଲଳିତା ଗାଉବାଟେ ଅଣ୍ଟୁଭାଙ୍ଗି କଣ ଅଞ୍ଚଳରେ ବାନ୍ଧିଥିବା ଗ୍ରାମଦେବତା-ଙ୍କ ମଥାର ସିନ୍ଦୂର ନେଇ ପ୍ରଣୟୀର ମସ୍ତକରେ ଲଗାଇଦେଲା । କହିଲା—"ଏ ଗ୍ରାମଦେବତାଙ୍କ ପ୍ରସାଦ—ଦେବୀଙ୍କୁ ମନେ ମନେ ପ୍ରଣାମ କର ।" ତାପରେ ସେ ଗଳବସ୍ତ୍ର ହୋଇ ଗ୍ରାମଦେବତାଙ୍କ ଉଦ୍ଦେଶ୍ୟରେ ଦଣ୍ଡ ପ୍ରଣାମ କଲା । ସେହି ସମୟରେ ଅଗଣାରେ ଥାଇ ସର ଡାକିଲା—"କୋଉଠି ଅଳସ ହେଲୁଣି କିବ ?" "ମୁଁ ଦେଉଛି ଅଟେ" କହି ଲଳିତା ଉଠିଗଲା ।

× × × ×

ନବକିଶୋରଙ୍କଠାରୁ ସେତେବେଳେ କେଳିକାହାଣୀ ଶୁଣିଲେ, ଲଳିତା ଯୋଗୁଁ ବିପଥ ହେଉଛି ପ୍ରାଣ ଗାଳିଗୁଲ, ସେ ଅସ୍ୱାଦ ଶିକ୍ଷା ଦ୍ୱାରା, ସ୍ୱଭାବ ଭାବ ଇଙ୍ଗିତର ଭଙ୍ଗୀ ସେବାଶୁଶ୍ରୂଷା କରନ୍ତି, ରାତି ଦିନ ଭାଲ କରି ପରକୁ ମୂର୍ତ୍ତି ଗଢ଼ି ଯାଏ ପୂଜା ପାଇ ନାହିଁ, ଘୃଣାରେ, କ୍ରୋଧରେ, ଅନ୍ୟ-ମାନଙ୍କର ତାଙ୍କର ମୂର୍ତ୍ତି ବିକୃତ ହୋଇଗଲା । ରଘାଧରଙ୍କ ପ୍ରତି ତାଙ୍କର ଗୋଟାଏ ନିତାନ୍ତ ଜଘନ୍ୟ ଧାରଣା ଜାତ ହେଲା । ସେ ଭାବିଲେ, "ଛି,

କେତେ ସାବଧାନତା ତୋର ଉଦ୍ଧାର ! ତୁ ଗୋଟାଏ ସାମାନ୍ୟ ପ୍ରଲୋଭ-ନରେ, ଛୁଟି ଦଣ୍ଡରେ ବନ୍ଦ୍ୟ କରିନୁ—ଏହି ଗୋଟାଏ ଜିନିଷ ଦେଖି ଆଶାରେ ଅମୃତସ୍ଥାନକୁ ଭୁଲିଗଲୁ ? ନ'ଦେବ ନାଗଙ୍କୁ ଚରି ଅମୂଲ୍ୟ ସମ-ଧାନକୁ ପଦାରେ ଠେଲି ଦେବାକୁ କୁଣ୍ଠିତ ହେଲୁ ନାହିଁ ? ନବ ପ୍ରଲୋଭନରେ ଦେଖ କପଟ ଚୋର ଜନ୍ୟାକୁ ଶବାନ୍ନ କରିବ, ଏହି ଆଶାରେ ତୁ ନିଶ୍ଚୟ ଲଳି-ତାକୁ ଏତେ ଅଧିକ ସ୍ୱାଧୀନତା ଦେଉଛୁ । ସ୍ୱଦେଶୀ କନ୍ୟାକୁ ଅନ୍ଦର ଘରେ ରାତି ଦିନ ଖଣ୍ଡ ରହିବା ପାଇଁ ଅନୁମତି ଦେବା ତୋର କ' ଦରକାର ଥିଲା ? ଏ ଗୋଟାଏ ତୋର ନୂତନ ଭବମନ ପନ୍ଥା ନିଶ୍ଚୟ । ଏହି ମତ ଯେବେ ହୃଦୟରେ ପୋଷଣ କରି ଯୋଗ୍ୟବୁଏ ତୁ ନବ ସଭ୍ୟ ଲଳିତାକୁ ଏହା-ମୃଶ୍ରୀରେ ପଢ଼ାଉଥିଲୁ । ସେତେବେଳେ ମୁଁ ଅନୁମାନ କରିପାରି ନ ଥିଲି, ବର୍ତ୍ତମାନ ବୁଝିପାରୁଛି, ତୋର ଭୁଲିଏଥି କଣ ଥିଲା । କୌଶଳରେ ଶଇଥା ଦେଇକ୍କୁ ତୁ କନରେ ପଡ଼ାଇ ପାରିଲୁଣି । ନସ୍ପୃହ, କଣକୁ ଅସୁସ୍ଥ କରି ପାରି ବର୍ତ୍ତମାନ ଅନୁ ପିତୃ ମୁକ ଭୂଷ କଣଙ୍କୁ ଅସୁସ୍ଥ କରିବାର ଚେଷ୍ଟାରେ ଅଛୁ । କିନ୍ତୁ ମନେ ରଖିଥା', କୈଳାସଚନ୍ଦ୍ର ପଣ୍ଡିତାପୁତ୍ର ତୋର ସେ ମାୟା-ଜାଲରେ ପଡ଼ିବାର ଲୋକ ନୁହେଁ, କି ତୋର ଛଳନା ଶୃଙ୍ଖ-ଳରେ ଭୁଲିବାର ପାତ୍ର ନୁହେଁ ।"

ପୁଣି କହିଲେ, "ନବୀନ ଯୋଗ୍ୟବୁଏ ଲଳିତାର କୁହୁକରେ ମଜ୍ଜି ଯାଇଛି । ତା' ନ ହେଲେ, ସେ ମୋ ପାଖରେ ତା'ର ଏତେ ପ୍ରଶଂସା କରିବ କାହିଁକି ? ତା ପାଖକୁ ଏତେ ଚିଠିପତ୍ର ଦିଏ କାହିଁକି ? ସେହି ଦିନ ଚାଲୁ ଛାଡି ଅସିବାର ଶୁଣି, "କିଏ ଦେଉଛି ?" ପଚାରିଲେ ଉତ୍ତର ପାଏ, "ଲଳିତା ଦେଉଛି ।" ଏହାର କାରଣ କଣ ? ଲଳିତା ସଙ୍ଗରେ ସ୍ୱାର ଏତେ ପତ୍ରର ଆଦାନପ୍ରଦାନ କହିଁବ ? ତା, ନବକୁ ନିଶ୍ଚୟ ସେମାନେ ଭୁଲାଇ ଦେଲେଣି । କି ଉପାୟରେ ସେ ବଦମାସଙ୍କ କବଳରୁ ନବକୁ ଉଦ୍ଧାର କରିବ ? ନବକୁ ଅନ୍ତ କାଳରେ କରୁଥିବା ଯାଉଛି—ସେ ଯେପରି ଆଉ ଲଳିତା ପାଖକୁ ଚିଠିପତ୍ର ନ ଦିଏ । ହିଁ, ଠିକ୍ ହେବ—ତା ହେଲେ ଦୁହିଙ୍କର ଆଉ ପ୍ରଣୟ ଘନ ସମ୍ଭାବ ରହିବ ନାହିଁ । ଏହା ଛଡ଼ା ତ ଆଉ ଉପାୟ ନାହିଁ ।" ପୁଣି କହିଲେ, "ନା, ସେଠା ଉଚିତ ହେବ ନାହିଁ !

ଜଳ ତ ଅଛି ପିଇ ଜୁହେଁ—ତା ମନରେ ଦୁଃଖ ହୋଇପାରେ । ସେ ଶରୀର ହୋଇ ମୋର ଯତ୍ନ ଅମାନ୍ୟ କରେ ? ଆଉ ଗୋଟିଏ କଥା, ତ କାରଣ ଦେଖାଇ ନିଷେଧ କରିବ ? ନା, ପ୍ରକୃତ ଯନ୍ତ୍ରଣା ଅଛି ବୁଝି ନ ପାରି—ଲେ; କେବଳ ସନ୍ଦେହରେ ତ ଶୁଣିଲେ ହେବ ନାହିଁ । ତେବେ କି ଉପାୟରେ ପ୍ରକୃତ ଯନ୍ତ୍ରଣା ବୁଝାଯିବ ?"

କୈଳାସଚନ୍ଦ୍ର, ଯେତେକ ଭାବିବାକୁ ଲାଗିଲେ, ତାଙ୍କର ମୁଣ୍ଡ ସେତେକ ଗରମ ହୋଇଉଠିଲା । ସେ ଆଉ ବସି ପାରିଲେ ନାହିଁ । ଆଖି ବୁଜି ଶୋଇ ପଡ଼ିଲେ ।

---

## ଦଶମ ପରିଚ୍ଛେଦ

ଶ୍ୱାସରୋଗଟା ପିଲାଦିନରୁ ଶରଧା ଦେଈଙ୍କର ଅଛି । ତେବେ କେବେ କଷ୍ଟ ବାହାରି ପଡ଼ିଲେ ଦିନେ ଦୁଇଦିନ କଷ୍ଟରେ ଯାଉଥାଏ । ଏବେ ଅଠଦିନ ହେବ ସେ ରୋଗଟା ପ୍ରବଳ ହୋଇଉଠିଛି । ତହିଁରେ ପୁଣି ଦୁଇ ଦିନ ହେଲା ଜ୍ୱର ହେଉଛି । ଆଠ ଦିନ ହେବ ଆହାର ନାହିଁ; କେବଳ ପାଣି ତାଙ୍କର ଜୀବନ ରଖିଛି । ଜ୍ୱର ସମୟରେ ଏତେ ଶୋଷ ହେଉଛି ଯେ, ଜଣେ ଲୋକ ମୁଣ୍ଡପାଖରେ ବସି ସଦାବେଳେ ଚାମଚରେ ବାର୍ଲି ଦିଏ, ପାଣି ଟୋପାଏ ଦେଉଛି । ଶ୍ୱାସରେ ଘଡ଼ ଘଡ଼ ଏବେ ବି ଶୁଣାଯାଏ; ସେଥିରେ ପୁଣି ଜ୍ୱର ହେବାରୁ ଶରଧା ଦେଈଙ୍କର ଆଉ ଅବସ୍ଥା ନାହିଁ । ଡାକ୍ତରଜଣ ଯେ ଦେଖୁଛି, ସେ କହୁଛି, "ସନ୍ନିପାତ ହୋଇପାରେ, ଥଣ୍ଡା ପାଣି ଏତେ ଦିଅନା ପିଇବାକୁ"; କିନ୍ତୁ ସେ ଥଣ୍ଡା ପାଣି ପିଇବାକୁ ଜିଦ୍ ଧରିଛନ୍ତି । ବାର୍ଲି ଅଦୌ ତାଙ୍କୁ ଭଲ ଲାଗୁ ନାହିଁ । ସନ୍ଧ୍ୟା ସରୁ ସେଦିନ ଭୁଲ ବକିବା ସମସ୍ତଙ୍କୁ ସନ୍ନିପାତର ଲକ୍ଷଣ ପ୍ରକାଶ ପାଇଲା । ନର୍ସ ବାର ସେବକାକୁ ଉପଦେଶ ଦେଇ କୈଳାସଚନ୍ଦ୍ର ଦୌଡ଼ିଲେ ବୈଦ୍ୟ ଡାକି ।

ଯଥାସମୟରେ ବୈଦ୍ୟ, ଡାକ୍ତର ଆସି ଚିକିତ୍ସା କଲେ ସତ୍ୟ କିନ୍ତୁ କିଛିକ୍ଷଣରେ ପ୍ରତୀୟମାନ ହେଉ କି ଲାଭ ? ଅପରାହ୍ଣରେ ସମସ୍ତେ

ରୋଗିଣୀର ଆଶା ପରିତ୍ୟାଗ କଲେ । କୈଳାସଚନ୍ଦ୍ର ପୂର୍ବରୁ ଦାନର ସମସ୍ତ ଆୟୋଜନ କରିଥିଲେ । ବ୍ରାହ୍ମଣମାନଙ୍କୁ ଡକାଇ ସଙ୍ଗେ ସଙ୍ଗେ ଦାନକାର୍ଯ୍ୟ ଯଥାବିଧି ସମାଧାନ କରାଇଦେଲେ । କୈଳାସଚନ୍ଦ୍ର ପତ୍ନୀଙ୍କ ମୁଣ୍ଡପାଖରେ ଯାଇ ବସିଲେ । ସେତେବେଳକୁ ତାଙ୍କର ଶେଷ ଘଣ୍ଟା ହୋଇଗଲେଣି । ଲଳିତା ଓ ଗଙ୍ଗାଧର ଶରଧା ଦେଈଙ୍କ ଦକ୍ଷିଣ ପାଖରେ ବସି, ଲୋତକ ବର୍ଷଣ କରୁଥିଲେ । ଶରଧା ଦେଈ ହସ୍ତ-ସଙ୍କେତଦ୍ୱାରା ଗଙ୍ଗାଧର ଓ ଲଳିତା ଉଭୟଙ୍କୁ ନିକଟକୁ ଡାକିଲେ । ସେମାନେ ନିକଟକୁ ଆସିବାରୁ ଗଙ୍ଗାଧରଙ୍କ ହସ୍ତ ଉପରେ ଲଳିତାର ହସ୍ତ ସ୍ଥାପନ କରି ଉଭୟ ହସ୍ତକୁ ନିଜର ଦକ୍ଷିଣ ହସ୍ତରେ ଧରିଲେ ଏବଂ ବାମ ହସ୍ତରେ ସ୍ୱାମୀଙ୍କର ହସ୍ତ ଧାରଣ କରି କହିଲେ, "ମୁଁ ଚାଲିଲି, କିନ୍ତୁ ଏ ଲକ୍ଷ୍ମୀ ଠାକୁରାଣୀଟିକୁ ଘରକୁ ଆଣି ପାରିଲି ନାହିଁ — ବହୁ ଦିନର ଆଶା ପୂର୍ଣ୍ଣ ହୋଇପାରିଲା ନାହିଁ ! ତମକୁ ସେ ଭାର ଦେଇ ଯାଉଛି ।" ତା ପରେ ଗଙ୍ଗାଧର ଓ ଲଳିତା ଉଭୟଙ୍କର ହସ୍ତକୁ ସ୍ୱାମୀଙ୍କର ହସ୍ତ ଉପରେ ସ୍ଥାପନ କଲେ । ଅଳ୍ପମାନରେ କୈଳାସଚନ୍ଦ୍ରଙ୍କର ସେତେବେଳକୁ ସର୍ବାଙ୍ଗ ଥରି ଉଠିଲାଣି । ସେ ଘୃଣାରେ, କାରୁଣ୍ୟରେ ମୁଖ ଫେରାଇ ନେଲେ ଅନ୍ୟ ଆଡ଼କୁ । ତାଙ୍କର ସେ ଭାବ ବା ଘୃଣାର କାରଣ କେହି ବୁଝିପାରିଲେ ନାହିଁ । ସମସ୍ତେ ଭାବିଲେ, ସ୍ତ୍ରୀଙ୍କର ମୃତ୍ୟୁ ଆସନ୍ନ ଦେଖି ଅତିଶୟ ମର୍ମବ୍ୟଥାରେ ତାଙ୍କର ମୁଖ ଏପରି ବିକୃତ ହୋଇଗଲା ବୋଧ ହୁଏ ।

"ଆଶା ନ ଥିଲା, ଆଜି ମୁଁ ଏପରି ଆନନ୍ଦରେ… … … … … ।" ଶରଧା ଦେଈ ଆଉ କହିପାରିଲେ ନାହିଁ; କଣ୍ଠ ରୁଦ୍ଧ ହୋଇଆସିଲା । ସଙ୍ଗେ ସଙ୍ଗେ ଗୋଟିଏ ବଡ଼ ହିକ୍କା ଆସିଲା । କୈଳାସଚନ୍ଦ୍ର ଦେଖିଲେ, ସ୍ତ୍ରୀଙ୍କର ଚକ୍ଷୁ ଦୁଇଟି ମୁଦ୍ରିତ, ସେହି ମୁଦ୍ରିତ ଚକ୍ଷୁରୁ ଦୁଇଧାର ଲୋତକ ଗଣ୍ଡଦେଇ ବହି ଯାଉଛି । ତାଙ୍କର ସେ ରୂପ ଆଉ ପରିବର୍ତ୍ତିତ ହୋଇଗଲା । ମୁଖମଣ୍ଡଳରୁ ଘୃଣା, ବିରକ୍ତି, ଅଭିମାନ ଈର୍ଷା, ସମସ୍ତ ଅପସାରିତ ହୋଇଗଲା । ଦୋଷି ଅସିଦ୍ଧ ଦୁଃଖର, ନୈରାଶ୍ୟର, ବେଦନାର ଘନଘୋର ଅନ୍ଧକାର ! ଝଳ ଝଳ ନୟନରେ ସେ ସ୍ତ୍ରୀଙ୍କର ସେହି ଯାତନାକ୍ଲିଷ୍ଟ ଶୀର୍ଣ୍ଣ ବଦନକୁ ଚାହିଁରହିଲେ । ନିମେଷକ ପରେ ଶରଧା ଦେଈ ଚକ୍ଷୁ ମିଟାଇଲେ ।

ସ୍ୱାମୀଙ୍କୁ ଜଳ ଦେଇ ଶୁଣିଲେ କଣ୍ଠସ୍ୱର । କୈଳାସଚନ୍ଦ୍ର ପଚାରିଲେ, "ଏ କଣ ଶେଷ ଦେଖା ?" ଶରଧା ଦେଈଙ୍କର ମଳିନ ଶୁଷ୍କବଦନ ଉଜ୍ଜ୍ୱଳ ହୋଇ ଉଠିଲା; ଓଷ୍ଠାଧରରେ ଯେପରି ହାସ୍ୟର ତରଙ୍ଗ ଖେଳିଗଲା । ସେ ଧୀରେ ହସ୍ତ ଊର୍ଦ୍ଧ୍ୱକୁ ଟେକିଲେ—ବୋଧହୁଏ ପ୍ରଣାମ ଜଣାଇବାକୁ । ଉଦ୍ଦେଶ୍ୟ ସିଦ୍ଧ ହୋଇପାରିଲା ନାହିଁ । ଅବସନ୍ନ ହସ୍ତଟି କମ୍ପିତ ଉପରକୁ ଉଠି ପୁଣି ବିଛଣାରେ ପଡ଼ିଗଲା; ଚକ୍ଷୁଦ୍ୱୟ ଚିରଦିନ ଲାଗି ମୁଦ୍ରିତ ହୋଇଗଲା । କୈଳାସଚନ୍ଦ୍ର ଯେତେ ଡାକିଲେ, ଚିତ୍କାର କଲେ, କିନ୍ତୁ ଉତ୍ତର ପାଇଲେ ନାହିଁ ।

ଶରଧା ଦେଈଙ୍କର ମୃତ୍ୟୁ ହେବାର ଆଜିକୁ ୯ ଦିନ ହେଲା । ଦିନ ଯୋଡ଼ାଏ ସମସ୍ତ ହେବ । କୈଳାସଚନ୍ଦ୍ର ସେ ପର୍ଯ୍ୟନ୍ତ ଭୋଜନ କରି ନାହାନ୍ତି । ସେ ବସି ବସି ଭାବୁଛନ୍ତି, "କେତେ ତ ଆଜି ଆସିବାର କଥା—ଏ ପର୍ଯ୍ୟନ୍ତ ନ ଆସିବା କାହିଁକି ? ଓ ଏକ ଅଜ୍ଞାତ ଆଶଙ୍କାରେ ତାଙ୍କର ହୃଦୟ ଥର ଉଠୁଛି । ଘର ଭିତରୁ ଡାକି ଗଲେଣି—ବାବୁ ଥରେ ଏକ ଉତ୍ତର ପାଉଛୁ, 'ହେବ ନାହିଁ, ଆଜି ଛିଡ଼ାଏ ରହୁ ।' ଏବେ ତ ମାତୃବିୟୋଗ ଦୁଃଖ, ତାପରେ ଘରର ଏତେଗୁଡ଼ାଏ ଖାଇଛି ଏକୁଟିଆରେ ବହିବାକୁ ପଡ଼ୁଛି—ସେଥିରେ ପୁଣି ଖାଇବାର ଠିକଣା ନାହିଁ ! ସ୍ୱାସ୍ଥ୍ୟ ତଳିଆଣ୍ଟରେ ତ ଖାଇବାକୁ ଲୁଚେ ? ନ ଖାଇଲେ ନ ଚଳେ ବୋଲି ପିଲା ଖାଇବା ପାଇଁ ବସୁଛି—କି ହେଲେ କି ଖାଇବ ସେ । ଘର ଆଜି କେହି ଚାହିଁଲା ନାହିଁ । ବୋଧେ ଘର ଭୂଆରେ ଦାଣ୍ଡି ଧୂଳିଆ ପଡ଼ିଗଲା । କୈଳାସଚନ୍ଦ୍ର ସେଥି-ପାଇଁ ଦାଣ୍ଡପିଣ୍ଡାରେ ବସି ନବୀନର ପ୍ରତୀକ୍ଷା କରୁଛନ୍ତି । ନାସ୍ତି ସେ ବାହେଁ ନାଲି ଧାଇଁ କହିଲା, "ବାବୁ, ଯାହା ତ ହେବାର ହୋଇଗଲାଣି—ଦାଇବ ଲେଖନକୁ କିଏ ଆନ ଖଣ୍ଡାଇବ ? ସବୁବେଳେ ବସି ଭାବି ଭାବି ଦେହ ମୁଣ୍ଡି ଶୁଖି କଳାକାଠ ହୋଇଗଲାଣି । ଭାବିଲେ ଆଉ ଲାଭ କଣ ? ଏଣିକି ଜାବହିକୁ କମିଲା ହାତକୁ ଦଦାର କରିବାର ଯୋଗାଡ଼ କରନ୍ତୁ ।" କୈଳାସଚନ୍ଦ୍ର ଅନ୍ୟମନସ୍କ ଭାବରେ କହିଲେ, "ହଁ, ଦେଖି ଶୁଣି କରିବାକୁ ହେବ ।"

“ଦେଖିଲେ ବୃନ୍ଦେ ଆଜି କଣ ? ଏଇ ମହାତ୍ମାଙ୍କ ଦୂର ଦୃଷ୍ଟି ଠିକ୍ ହୋଇଛି ! ସେଦିନ ମୁଁ ତ ଗାଁରେ ନ ଥିଲି—ଦେଖି ପାରିଲି ନାହିଁ । ଏହା ନବ ବୋଲି ଜାଣେ··।” ଦୈତାରିଚନ୍ଦ୍ର ଝଙ୍କାର କରି ଉଠିଲେ—“ଏହା-ଧର ମହାତ୍ମା ପରେ ମୁଁ କଣ କହିବି ? ସେ କାଳକୂଟାକୁ କଣ ଭଲ ଅଛି ? ବାମନ ହୋଇ ଚନ୍ଦ୍ର ଧରିବାର ଆଶା କରୁଛ ! ଜାଣେନା ଏ ଦୈତାରି ସଂନ୍ୟାସୀଙ୍କ କଥା, କୈଳାସ ପର୍ବତ ଏ । ଏ କଣ ସହଜରେ ଟଳିବାର କଥା ? କେଉଁ ଗୁଣରେ କମ୍ ମୋର ବଂଶ ସେ—ନା ଧନରେ, ନା ମାନରେ, ନା ବଂଶ-ମର୍ଯ୍ୟାଦାରେ ? ସେ କରଣ ବୋଲାଉଛି ଏବେ ? ତାପରୁ କରଣ ଆଜିକାଲି ହେଉଛନ୍ତି ଅନେକ ! ସେ କରଣ ହୋଇଥିଲେ ସୁଦ୍ଧା ଝିଅଟାକୁ ପର ଘରେ ଧନ ଗୁଡ଼ ଦେବାକୁ ଦେଇଥାନ୍ତି ! ଲୋକମାନଙ୍କର ମହାତ୍ମା ଉପାଧି ଅଛି; ସେମାନେ କରଣ ହେବାକୁ ବସିଲେଣି । ଶୂଦ୍ରମାନେ ମଧ୍ୟ କରଣ ହୋଇଯାଉଛନ୍ତି । ସେ ଏବେ ତାଙ୍କଠାରୁ କିଏ ବଡ଼ ହେବ, ଏଇ ତ ! ମୋ ସଙ୍ଗରେ ତ ସମାନ ଆସନରେ ବସି ପାରିବ ନାହିଁ । କେଉଁ ଆଶାରେ ସେ ଏତେ ବଡ଼ ଜାମିଦାରରେ ହାତ ଦେବାକୁ ଯାଉଛି । ତାଠାରୁ ଢେର ସୁନ୍ଦରୀ କନ୍ୟା ମିଳିବେ ।” ନାସ୍ତ୍ରେ ଯେଉଁ ଉଦ୍ଦେଶ୍ୟରେ କଥାଟା ଆରମ୍ଭ କରିଥିଲେ, ତାହା ଉଦ୍ଦେଶ୍ୟ ସାଧିତ ହେଲା । ସେ ସଂନ୍ୟାସୀଙ୍କୁ ଆଉ କିଛି ଉତ୍ତେଜିତ କରିବା ଅଭିପ୍ରାୟରେ କିଛି ହସି ଦେଇ କହିଲେ, “ଏ କଣ ବାବୁ, ଲାଜଟାକୁ ତୁମେ କଥା କହୁଛ ? ଆଜି କାଲି ଏ ଗାଁ ଭିତରେ କିଏ ସେ ଅଛି ? ରୂପରେ ଯେମିତି, ଗୁଣରେ ବି ସେମିତି; ଇଂ-ରାଜୀ ପଢ଼ିଛି, ପାସ୍ କରିଛି । ତାର·········।”

“ହଁ ହଁ, ଇଂରାଜୀ ପଢ଼ିଛି, ପାସ୍ କରିଛି—ମୁଁ ଭଲକରି ଜାଣେ ! ପୁରୁଷମାନଙ୍କ ସାଙ୍ଗରେ ବସିବା ବୁଲିବା, ଏ ସବୁ ମଧ୍ୟ ଶିଖିଛି । ଯା, ଯା, ଆଉ ସେ ସବୁ କଥା ମୋ ପାଖରେ କହ ନା ।” ନାସ୍ତି ଆନନ୍ଦରେ ଫୁଲି ଉଠିଲା । କହିଲା, “ବାବୁ ! ନିଜ ଘରର କଥା କଣ କହୁଛ— ତୁମେ କହିବାକୁ ମୁଁ କହୁଛି । ସେ ଯେମିତି ହେଲେ ବି, ତା ବାପ ମା ତ ଗର୍ବ୍ବ କରନ୍ତି । ହେଲେ, ତୁମେ ଯିବା ଏମିତି କହୁଛ, ନହେଲେ ଏତା ଶ୍ୱଶୁର ହୋଇଯିବ ତା ପାଖରେ ଗଲେ । ତାକୁ କିଛି ଆଜ୍ଞା କରନ୍ତୁ । ନ ହେଲେ, ପରେ

ଶୁଣୁଥିବେ । ଅନ୍ଧକାର ଘୁଞ୍ଚ ହେଉଛି, କି ବାପ କି ପୁଅ ? ପୁଅମାନେ ଆଉ କଣ ବାପମାଙ୍କ କୋଳଭିତରେ ଅଛନ୍ତି ?" କିଏ ବନ୍ଧୁଘାକ ପୁଣି ଆରମ୍ଭ କଲା, "ଏବେ କଣ କିଛି ହିଁଥାଏ ହେଲାଣି ଯେ, ତାର କଣ କିଛି ବାପ୍-ମାଆ ଅଛି ? କଳି ଶୁଣିଲେ ଆସିଲେ ତାର ଜେବଶୋଷ ବନ୍ଦ ହୋଇଯାଏ । ଘରେ ମୁଠାଏ ଖାଏ ପିଏ, କୁଳ କରେ ଅଧି ଏଣେତେଣେ ଭ୍ରମନ୍ତ ଘରେ ।" କୈଳାସଚନ୍ଦ୍ର କହିଲେ—"ହଁ, ମୁଁ ସେ ସବୁ ଆଗରୁ ଶୁଣିଛି । ଗଙ୍ଗାଧର ନେବୁଆ ଝିଅଟା ଏହିସବୁ କାଣ୍ଡ କରୁଥାଇଛି । ସେ ଭାବୁଛି, ଏହିପରି କରି କଳିରୁ ଖାଇବାରେ ପଡ଼ିବାର ହେବ । ମୁଁ ସେ ଝୋଟାକୁ ଦେଖିଛି ଅଚ୍ଛା କରି । ତୁ କିଏ ଗଙ୍ଗାଧରଙ୍କୁ କହିଦେବୁଟି, ସେ ଭାଇ ସ୍ତ୍ରୀ ହେଉ । ନିହାରେ ତାଙ୍କର ଅପମାନ ଯାଉଛି । ମୋ ପାଖରେ ସେ ସବୁ କୈବେଇଅଛି ଚଳିବ ନାହିଁ ।" ନାକୁ ଅଉ କଣ କହିବାକୁ ଯାଉଛି, କୈଳାସଚନ୍ଦ୍ର ଉଠିପଡ଼ି କହିଲେ, "ତୁ ଯା, ମୋ ନିଦ୍ରାଟା ଲାଗିଲାଣି ।" "ହଉ, ଯାଉ କିଏ ଆସନ ଜଣିବେ" କହି ନାକୁ ଚାଲିଗଲା ।

ଅମାବାସ୍ୟା ରାତି, ଘୋର ଅନ୍ଧକାର । ଖୁବ୍ ବୃଷ୍ଟି ରାତିସାର ଆକାଶଟାକୁ ଛାଇ ପକାଇଛି । ଘୁର୍ ଘୁର୍, ଗର୍ଜନ, ଝିପ୍ ଝିପ୍ ଝର୍ଝର ଧାର । ଏହିକଣ ଭିତରେ ପ୍ରଦୀପଟି ଜାଳିଦେଇ ଗବାକ୍ଷ ପଥରେ ବର୍ଷା ଧାରକୁ ଶୁଣି ବସିଛି ଲଳିତା । ସେ ଦିନ ଘଟାପ୍ରଣ୍ଟାଏ ହୋଇ । ଗଙ୍ଗାଧର ଯାଇଛନ୍ତି ହାଟକୁ, ଫେରିଲାଣି ଶାଢ଼ୀ ଲୁଗା କିଣିବେ ବୋଲି । ଲଳିତା ତାଙ୍କର ପଥ ଚାହିଁ ବସିଛି, ନବବିବାହିତାର ପ୍ରଥମ ଲଭିତ ପଢ଼ ଶାଢ଼ୀ ଦେଖିବ ଫେରିବେ ଯେବେ ।

ରାତି ଅଠଟା ହେବ, ଗଙ୍ଗାଧର ଆସି ପହଞ୍ଚିଲେ । ନୂଆ ଲୁଗା ପିନ୍ଧିବ ବୋଲି ମୋର ଶୋଇବା ଭଲେ ଲାଗୁ ନାହିଁ । ସେ ଉଣ୍ଟିପାଟା ଆଗ ଫିଟାଇ ପକାଇ ତାର ଲୁଗା ଖଣ୍ଡି ଧରି ଦୌଡ଼ନ୍ତି ଆସି ଲଳିତାକୁ । କହିଲେ, "ଆସ ! ହେଲା ହେଉ, ମୋର ନୂଆ ଲୁଗା ।" "କହିଲ, ବାପା ଆସିଲେଣି କି ?" କହି ଲଳିତା ଏକ ନିଃଶ୍ୱାସରେ ତାହାଙ୍କ ପାଖରେ ଉପସ୍ଥିତ । ଗଙ୍ଗାଧର ଗଣ୍ଠିରୁ ଜିନିଷସବୁ ବାହାର କରି ଦେଖାଇଲେ—ଝାଲଗଣ, ମାଛ, ପାନଗୁଆ ଇତ୍ୟାଦି । ତାଙ୍କୁ ଘଣ୍ଟା ବହିବା ଦେଖିଲେ ଲଜ୍ଜା କରୁ

କହିଲେ, "ମୋତେ ଅସୁବିଧା ହେବାକୁ ଦେବନି। ଫେଣା ଏ ଯାତ୍ରୀ ହାତରେ ଦେଇଥିଲ । ବର୍ଷା ତ ଏପଟ, ଥାଉ କାଲି ଆଣିବା ।" ଲକ୍ଷ୍ମୀ ଆଉ ଠିଆ-ହୋଇ ପାରିଲା ନାହିଁ । ବ୍ୟଥିତ ଅନ୍ତଃସ୍ଥଳ ନେଇ ଶୂନ୍ୟହୃଦୟରେ ଫେରିଗଲା, ତାର ଦେହ ସିକ୍ତ, ପରିତୋଷ୍ଟ । ବର୍ଷାର ବିରାମ ନାହିଁ । ପବନ ସାଇଁ ସାଇଁ ଗର୍ଜୁଛି । ଘନଘନ ବିଦ୍ୟୁଲ୍ଲତାରେ ଆଖି ଝଲସି ଯାଉଛି—ବଜ୍ରର ସୁଗମ୍ଭୀର ସ୍ୱନ ହୁଙ୍କାରରେ ସବୁ ଥରିଉଠୁଛି । ଚତୁର୍ଦ୍ଦିଗରେ ବିଭୀଷିକାର ତାଣ୍ଡବ, ପ୍ରଳୟର ଭୀଷଣ ରୂପ ଦିଶିଲା । ଲକ୍ଷ୍ମୀ ମୁକ୍ତ ବାତାୟନ ପଥରେ ଚାହିଁ ରହିଛି, ଏକ ଦୃଷ୍ଟିରେ ପ୍ରକୃତିର ସେହି ବିଶୃଙ୍ଖଳା ଶକ୍ତି ଦୃଶ୍ୟକୁ । ଭୟ ନାହିଁ, ଭ୍ରାନ୍ତି ନାହିଁ—ଭ୍ରୂକ୍ଷେପ ମଧ୍ୟ ନାହିଁ । ତାର ହୃଦୟ ମଧ୍ୟରେ ଯେଉଁ ତାଣ୍ଡବ ଚାଲିଛି, ବ୍ୟଥା, ବେଦନା, ବୈଷମ୍ୟ, ସେଥିରେ ସେ ବାହ୍ୟ-ଜ୍ଞାନଶୂନ୍ୟ । ସେ ଭାବୁଛି, "ଆଜି ରବିବାର । ଏହି ରବିବାର ଦିନ ସେ ତ ଘର ଛାଡ଼ିଲେ । ହିଁ, ଆଜିକୁ ଠିକ୍ ଚଉଦ ଦିନ ହେଲା । ଖଣ୍ଡିଏ ସୁଦ୍ଧା ଚିଠି ନାହିଁ । ଏହାର କାରଣ କଣ ? ଏଥର ସେ ଗ୍ରାମକୁ ଆସିଥିଲେ, ମୁଁ ଲୁଣ୍ଠାଲୁଣ୍ଠି ମନ ଖୋଲି ପଦେ କଥା କହିପାରିଲି ନାହିଁ । 'କପର ଅଛ ?' ବୋଲି ପଚାରି ପାରିଲି ନାହିଁ । ସେଥିପାଇଁ କଣ ଅଭିମାନରେ ଚିଠି-ପତ୍ର ଦେଉନାହାନ୍ତି ? ମୁଁ ଏବେ କଣ କରିବି ? ମୁଁ କଣ ଲଜ୍ଜା କରି ତାଙ୍କୁ ଦେଖା କରି ନାହିଁ ? ସେ ତ ମୋତେ ଭୁଲ ବୁଝି ଫେରିଲେ ! ଦଶାହ ଦିନ ସେବା ଶୀତ ପରେ କୋଦାରାଧୁ ପାଳି ପାଳି ଦିନ ଗଲା । ଏକାଦଶରେ ବନ୍ଧୁବାନ୍ଧବ ଭୋଜି, ବ୍ରାହ୍ମଣ ଭୋଜନ ଇତ୍ୟାଦ ସଂସାରକୁ ବାନ୍ଧିଥିବା ବ୍ୟବସ୍ଥା ଖୁଣ୍ଟି ଖୁଣ୍ଟି ଶେଷ ଅଣ୍ଟିଲା ନାହିଁ । ସବୁ ଶେଷ ହେଲାପରେ ଗ୍ରାମସୀମା ପାର ହୋଇଗଲେ । ମୁଁ ଏ ଲାଜ ଭୟରେ କବାଟ ବା ତାଙ୍କ ପାଖକୁ ଯାଇଥାନ୍ତି ? ଆଜି ସବୁ ଥର ଗ୍ରାମକୁ ଆସନ୍ତି ଯେ, ଆମ ଘରକୁ ଆସି ଆଗ ମୋ ସାଙ୍ଗରେ ଦୁଇପଦ କଥା ନ କହିଲେ ଅନ୍ୟଠି ଛୁଟେ ନାହିଁ ତାଙ୍କୁ । ଏଥର ଆସିଲେ ଯେ, ଆମ ଦୁଆର ମୁହଁ ମାଡ଼ି ନାହାନ୍ତି । ମୋର ତ ଆଦୌ ଅଭିମାନ ଅଛି ନାହିଁ । ସେ ଗୁଣ୍ଡିଦିବା ପରେ ଯାହା କିଛିଏ ଖଣକ ପାଇଁ ଅଭିମାନ କରିଥିଲି ସିନା, ତେବେ ସେ ତାଙ୍କ ଅଭିମାନ କରିବେ ? ତାଙ୍କର ପ୍ରକୃତି ମୋତେ ବେଶ୍ ଜଣା । ମୁଁ ହେଲେ ଅଭିମାନରେ ଦିନେ

ପର୍ଯ୍ୟନ୍ତ ତାଙ୍କୁ କଥା ନ କହି ରହିପାରେ; କିନ୍ତୁ ସେ ତ ମୁହୂର୍ତ୍ତେ ମୁକା ରହିପାରନ୍ତି ନାହିଁ । ମୋତେ ଲଜ୍ଜା ଦେଖି ସେ ତେବେ ଅନୁନୟ ବିନୟ କରନ୍ତି, ମୋଠାରୁ କଥା ପଦେ ଶୁଣିବା ପାଇଁ । ସେ କଣ ଅଭି-ମାନରେ ଏତେ ଦିନ ନୀରବ ରହିପାରିବେ ? କଏ ଜାଣେ, ଆଉ କଣ ...। ତାଙ୍କର ଶରୀର ମୋ ଟଳା ମୁଣ୍ଡ ଘୂରିଥିବ ।" କି ଏକ ଅଜଣା ଆଶଙ୍କାରେ ତାର ମନ ଟଳମଳ ହୋଇଉଠିଲା । ଦୁଇ ହାତ ଯୋଡ଼ି ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ସେ ଶୂନ୍ୟରେ ପ୍ରଣାମ କଲା ।

ସୁଧିଆ ଦେଇ ହାତ ହୋଡ଼ା ପଣ୍ଡୁ ସଜାଡ଼ି ଭଣ୍ଟ୍ ଭଣ୍ଟ୍ କହୁଥିଲେ, "ଜଣା ତ ଯାଉନି ଏ ପର୍ଯ୍ୟନ୍ତ ଚିଠିପତ୍ର ଦେଲେ ନାହିଁ—ଆଜି କି ପନ୍ଦର ଦିନ ହେଲାଣି ସେ ଯିବାର ?" ଗଙ୍ଗାଧର କହିଲେ, "ହଁ, ପନ୍ଦର ଦିନ ହେବ ନାହିଁ କଣ । ବାହୁଡ଼ି ଚିଠିପତ୍ର ଦେବାକୁ ନାହିଁ କେଜାଣି ! ମୁଁ ମଧ୍ୟ ଯାଉଛୁ ଫେରିଲାବେଳେ ସେଇ କଥା ଭାବୁଥିଲି ।" କଦଳୀ ପେଣାଟି ଧରି ନାତ୍ନୀ ଆସି ସେଇ ସମୟରେ ପହଞ୍ଚିଗଲା । "ନେଇଯିବା ପାଇଛି କି ବଡ଼ବୋଉ ! ମୁଁ ପରା କହିଥିଲି ପରା ସେମିତି ଉଆଁରେ ପୋଷାକ ଦେଇ ଯାଉଛି ! ଲୁଚାଇ, ଅଜା । ତେବେ ଶଗଡ଼ରେ ସେ କଦଳୀ ପେଣାଏ ଆଣିଥିଲେ, ମୁଁ ଯାଇ କହିବି ଦେଇ ନ ଆସିବ, ବାଟରେ ଆଜି କଏ ଅଛି ଯେ, ଏ ବାଟରେ ଆସି ନେଇଯିବ ? ଖାଲି ବାହାଘର ଭାଇ ଭଲ ଖାଇବେ ?" ପଚାରିଥା ପିଣ୍ଡା ଉପରେ ଥୋଇଦେଇ କଦଳୀଟିଏ ସୁଧିଆ ଦେଇଙ୍କ ହାତକୁ ବଢ଼ାଇ ଦେଲା । ଗଙ୍ଗାଧର କହିଲେ, "ଏ ବରଷା ଅନ୍ଧାରରେ ମୁହଁକୁ ମୁହଁ ଦିଶୁ ନାହିଁ, ତୁ କାହିଁକି ଆସିଲୁ ? କଦଳୀ ନ ହେଲେ ଆଜି କଣ ଆମର ଚଳି-ଯାଇ ନ ଥାନ୍ତା ? ଭଲ, ଟିକିଏ ବସି ଯା—ପାଣି ଛାଡୁଅଛି ପଛାମୁଣ୍ଡାକୁ ଦୌଡ଼ ଦୌଡ଼ ଆସିଛୁ ।" ନାତ୍ନୀ କମ୍ବୁ ବସୁ କହିଲା, "ହଁ, ତେବେ ଖାଲି ବାଟଟା ତ ଏ ଜାଗା ସବୁଠା । ଡିଅ ଦୂରରେ ଥାଇବା କାହିଁ ବଡ଼ବୋଉ ! ତମ୍ଭୀ ତ ଏକୁଟିଆ ବସିଛି ।" "ଏକୁଟିଆ ତ ଏଇଟି ଥିଲା—ବୋଉ ବାସି ଯାଇ ।" ଏତେ ଦିନ ପରେ ନାତ୍ନୀ ଟିକିଏ ସୁଯୋଗ ପାଇଛି ଗଙ୍ଗାଧରଙ୍କ ଘରକୁ ଆସିବାକୁ । ସେ ଦିନ କୈଳାସବାବୁଙ୍କ କଥା ତାର ମନରେ ପଡ଼ି-ଗଲା । ସେ ତାର ଚଟକି ମନ୍ଦି ହେଲା—ବାପର ଉଦ୍‌ଗାର କରି ପକାଇବ

ବନ୍ଧୁହାନର ସେ ଅପରୂପାଦିତ କଥାଗୁଡ଼ା । କହୁଲ, "ନବ ଭଣ ଏବେ କାଠିପଡ଼ର ଦଣ୍ଡ ନାହିଁ କି ? ସେ ଗଛ ଏକଲୁ ତାହିଁ ମୁଁ ତ କାଠି ଆଣିବାର ଦେଖି ନାହିଁ ।" ରମାଧର କହିଲେ, "ନା, ମନ ତାଙ୍କୁ ଶରୀରକୁ କାଟି ଦେଲୁ ନାହିଁ ।" ସୁଯୋଗ ମିଳଲୁ ଭାବିଲୁ । ଆରମ୍ଭ କଲ—"ହଁ, ଆଉ ତାହାଙ୍କ ଦାବ କାଠ ପଡ଼ର । ସ୍ୱର-ସିନ୍ଧୁ ଭ ଗଲ ।" ସୁଧିରା ଦେଈ ଅତ୍ୟର୍ଥ୍ୟାନ୍ଵିତ ଭାବରେ ପ୍ରଶ୍ନ କଲେ, "ସ୍ୱର ସେହି ଗଛ କଣ ? କଣ ହେଲା କି ?" ତାଙ୍କ ମର୍ମାନ୍ତିକ ଦୁଃଖ ଅନୁଭବ କରୁଥିବାର ସ୍ୱର ଲକ୍ଷ୍ମୀ ସହଜାରେ କହିଲ, "କଣ କହୁଛ ସେ କଥା । ନବ ବାପ ପାଖରେ ବଡ଼ନ ଦୁଃଖ ସୁଣ ହେଉଛି ହେଉଛି ଭେଟେଅଛୁ କେତେ କଥା ହେଲ ।" ସେ ଦିନ କୈଳାସ-ଚନ୍ଦ୍ର ଲଳିତାର ବବାହ ପ୍ରସ୍ତାବ ନେଇ ଯାହା ଯାହା କହିଥିଲେ, ସେ ସମସ୍ତ ସାଳଙ୍କରେ ବର୍ଣ୍ଣନା କରିଗଲ । ରମାଧର, ସୁଧିରା ଦେଈ ଉଦ୍‌ବେଗ ଶୁଣି-ଗଲେ କେବଳ 'ହୁଁ' ବୋଲି ପଦେ ହେଲେ ତାହାଙ୍କ ମୁଖରୁ ବାହାରିଲ ନାହିଁ । ଭ୍ରବନୁଙ୍କର ଚିନ୍ତାସିନ୍ଧୁରେ କଥାଟା ବୁଡ଼ିଯାଇଛି ଦେଖି, ନାଲି ସଇଭାବର ହସଟାଏ ହସିଦେଇ ଗୁଞ୍ଜରିଲ ।

ପାଖ ଘରେ ବସିଥିଲ ଲଳିତା ସମସ୍ତ ଶୁଣୁଥିଲ । କଲ୍ୟାଣଶୋଭଙ୍କ ସ୍ନେହରେ ଏବେ ତ ମିଶୁଥାଣ, ତା ପରେ ତା ନାମରେ ଏଭଳି ଅଦମ୍ୟ କୁତ୍ସିତ ଦୋଷାରୋପ ଶୁଣି ଦୁଃଖରେ, କ୍ଷୋଭରେ, କ୍ରୋଧରେ, ଅଭି-ମାନରେ, ଅପମାନରେ ତାର ଭୁକୁ ଫାଟିଯିବାର ଉପକ୍ରମ ହେଲ । ଦେହରୁ ଯେପରି ସୁତୀକ୍ଷ୍ଣ କୌଶଳଭାବେ ତାର ମସ୍ତକ ଉପରେ ଶତବଜ୍ର, ଅଧାର କରିଦେଲ—ସବୁଙ୍କ ତାର ଥାଇଁ ଥାଇଁ ହୋଇଗଲ । ସେ ଅଚେତନ ଭାବରେ ପଡ଼ିଗଲ । ତାହାର କେଶ୍ବରେ କୌଣସି କଥା ସୁଝିବାର ଅବସର ରହିଲ ନାହିଁ ।

# ଏକାଦଶ ପରିଚ୍ଛେଦ

ଶରଧା ଦେଈଙ୍କ ଦଶାହ ଦିନ ନବକିଶୋର ଯେତେବେଳେ ଘରେ ଆସି ଗୋଡ଼ ଧୋଇଲେ, କୈଳାସଚନ୍ଦ୍ର ତାଙ୍କୁ ମଧ୍ୟେ ସଙ୍ଗେ କାଖରେ ଲଗାଇ ଦେଲେ । ଦୁଇ ଦିନ କାଳ ଏମନ୍ତି ସ୍ନେହରେ କାର୍ତ୍ତିକ ଲୁହ ତାଙ୍କ ଉପରେ ଲଦିଦେଲେ ଯେ, ସେ ସେପରି ମୁହୂର୍ତ୍ତେ ସୁଦ୍ଧା ଅନାଦର ନ ପାଇବେ । କୈଳାସଚନ୍ଦ୍ର ଭଲା ଭଳି ଏମନ୍ତି କାତରୋକ୍ତି ଅବଶ୍ୟ, କେବଳ ଲଳନା ସନ୍ଧ୍ୟା ପୂଜାର ସାଂସାରି ବାଧା ନ ହେବା ଉଦ୍ଦେଶ୍ୟରେ ।

ତୃତୀୟ ଦିନ ପିତାପୁତ୍ର ଉଭୟେ କଲିକତା ପ୍ରସ୍ଥାନ କଲେ । କଲିକତାରେ ପହଞ୍ଚିବାର ପରଦିନ କୈଳାସଚନ୍ଦ୍ର ପୁତ୍ରକୁ ପାର୍ଶ୍ୱରେ ବସାଇ ଗଦ୍‌ଗଦ କଣ୍ଠରେ କହିଲେ, "ବାବା ! ତୋର ହୋଇ ଶରଧାନ ଲାଗି ଶୋକ-ଜଳରେ ଆମକୁ ଭସାଇ ଦେଇ ଚାଲିଗଲା । ମୁଁ ପୁଅକୁ ତୋତେ କହୁଛ ଥୋଇଥିଲୁ । କିନ୍ତୁ ଭଗ ହେବ ? ତା ଭାଗ୍ୟରେ ନାହିଁ ତୁମ ମୁହଁ ଦେଖି ମରି-ବାକୁ ।" ଗୁରୁଜନଙ୍କ ବାର୍ତ୍ତା କାନ୍ଦ ହୋଇଆସିଲା । ସେ ନୀରବରେ ଅଶ୍ରୁମୋଚନ କରିବାକୁ ଲାଗିଲେ । ସେ ଦିନର ଘଟଣା—ଯେଉଁ ଦିନ ନବକିଶୋର ପ୍ରଥମ କଲିକତା ଆସୁଥିଲେ ମାଟ୍ରିକ୍ୟୁଲେସନ ପଢ଼ିବା । ଲାଗି, ନବକିଶୋରଙ୍କର ମନେ ପଡ଼ିଗଲା । ତୋହାଙ୍କର ଛଳଛଳ ଆଖି ଦୁଇଟି ତାଙ୍କର ଚକ୍ଷୁ ସମ୍ମୁଖରେ ଝଲସି ଉଠିଲା । ଶରଧା ଦେଈ କହୁଥିଲେ, "ମୋତେ ମାଙ୍କ ମୁହଁ ଦେଇ କୁ ଯେତେଣ ଭଲା ତେଣେ ଯା ।" ସେ ଆଉ ଧୈର୍ଯ୍ୟ ଧରି ପାରିଲେ ନାହିଁ । ତାଙ୍କର ମାତୃସ୍ନେହ, ମାତୃଭକ୍ତି ଉଦ୍ବେଳିତ ହୋଇ ସ୍ରୋତଧାରାରେ ବାହାରିବାକୁ ଲାଗିଲା । କୈଳାସଚନ୍ଦ୍ର ପ୍ରକୃତିସ୍ଥ ହୋଇ କହିଲେ, "ବର୍ତ୍ତମାନ ତୁ ମୋର ଏକମାତ୍ର ଆଶାଭରସା । ତୋତେ ଦେଖି ମୁଁ ସମସ୍ତ ଶୋକଦୁଃଖ ଭୁଲି ପାରିବି । ତୋର ଆଶ୍ୱାସନା, ଆଦର, ସେବା, ସବୁ ମୋର ଏ ଦଗ୍ଧ ପ୍ରାଣକୁ ଶୀତଳ କରିବ ନିଜା । କାନ୍ଦ ତୁ ବାପ ପଦ—।" କହି ଉଚ୍ଛୁଳିତ ହୋଇଗଲେ ଥିଲା ତେଣିକି ଯାହା କହିବାର, କଣ୍ଠ-ରୋଧ ଅତିକ୍ରମ କରିପାରିଲା ନାହିଁ । କୈଳାସଚନ୍ଦ୍ର 'ଶୁଁ' 'ଶୁଁ' ହୋଇ କାନ୍ଦିବାର ଛଳନା କଲେ । କଥାର ଅଭିପ୍ରାୟ କଣ ବୁଝି ନ ପାରି ଏବଂ

ବିଳମ୍ବ ଘଟିବାର ଦେଖି ନବକିଶୋରଙ୍କ ମନ ଚଞ୍ଚଳ ହୋଇଉଠିଲା । ସେ ଉଦ୍‌ବିଗ୍ନ ହୋଇ କହି ଉଠିଲେ, "କଣ କହନ୍ତୁ—ଖୋଲି କରି କହନ୍ତୁ ।" କୈଳାସଚନ୍ଦ୍ର ଅପ୍ରତିଭ ହୋଇଗଲେ । ତାପରେ ଗଳାଟା ସଫା କରିନେଇ ଦମ୍ଭ ଧରି ଆରମ୍ଭ କଲେ—"ପୁତ୍ର ଯଦି ପିତାର ଅବାଧ୍ୟ ହୁଏ—ଆଜିକାଲି ଯଥାର ଯେପରି ହେଉଛି—।" ଅସଲ କଥାଟା ଜାଣିବାକୁ ନବକିଶୋର ଅତ୍ୟନ୍ତ ଅଧୀର । ସେଥିରେ ପିତାଙ୍କର ଏ ସର୍ବ ମୁଖବନ୍ଧ ତାଙ୍କୁ ବଡ଼ ବିରକ୍ତିକର ବୋଧ ହେଲା । ସେ ଅସହିଷ୍ଣୁ ଭାବରେ କହିଲେ, "ଅସଲ କଥାଟା କଣ କହୁ ନାହାନ୍ତି; ମୁଁ ସେ କଥା ବୁଝିପାରୁ ନାହିଁ ।" କୈଳାସଚନ୍ଦ୍ର ମନେ ମନେ ବଡ଼ ଲଜ୍ଜିତ ହେଲେ; କିନ୍ତୁ ସେ ଭାବ ଗୋପନ କରି ପୁଣି ସାହସ ବାନ୍ଧି କହିଲେ, "ଭଗବାନଙ୍କୁ ମୁଁ ଧନ୍ୟବାଦ ଦେଉଛି, ମୋତେ ତ ଅବଶ୍ୟ ସେପରି ପୁତ୍ର ଦେଇ ନାହାନ୍ତି । ତୋ ବିଷୟରେ ମୁଁ ଏହି କଥା ନାହିଁ ସେ, ସଂସାର କଥାକୁ କହୁଛି । ତେବେ ମୋ ପାଖରେ ତୋତେ ଆଜି ଗୋଟାଏ ପ୍ରତିଜ୍ଞା କରିବାକୁ ହେବ ।" ଏତିକି କହିଦେଇ କୈଳାସଚନ୍ଦ୍ର ନବକିଶୋର ମୁହଁକୁ ଚାହିଁ ରହିଲେ । ନବକିଶୋର ନିର୍ବାକ୍ ବିସ୍ମୟରେ ପିତାଙ୍କ ମୁହଁକୁ ଏକ ଚାହିଁ ରହିଲେ କେତେ କ୍ଷଣ । ତାପରେ ଦୃଢ଼ସ୍ୱରରେ କହିଲେ—"ପିତାଙ୍କର ମଙ୍ଗଳ ବା ମନୋରଞ୍ଜନ କରିବା ଯଦି ଏ ପ୍ରାଣ ବିସର୍ଜନ ଦେବାକୁ ହୁଏ, ତହିଁରେ ନବ ଅଣୁମାତ୍ର କୁଣ୍ଠିତ ନୁହେଁ । ଆପଣଙ୍କର ପୁତ୍ର ମୂର୍ଖ, ଅଧମ ନୁହେଁ—ଏଣୁ ସେ ବିଷୟରେ ଭୁଲାଇବାର ଦରକାର ନାହିଁ । ଶୀଘ୍ର କହନ୍ତୁ, ମୋତେ କଣ କରିବାକୁ ହେବ । ଆପଣଙ୍କ ଚରଣକୁ ଛୁଇଁ ପ୍ରତିଜ୍ଞା କରୁଛି, ଆପଣଙ୍କର ଯାହା ଆଦେଶ ହେବ, ପ୍ରାଣପଣେ ପାଳିବାକୁ କୁଣ୍ଠିତ ହେବି ନାହିଁ ।" କୈଳାସଚନ୍ଦ୍ର ପୁତ୍ରକୁ କୋଳକୁ ଟାଣି ନେଇ ମସ୍ତକରେ ହାତ ବୁଲାଇଲେ । କହିଲେ, "ସେପରି କୌଣସି ଗୁରୁତର କାର୍ଯ୍ୟ କରିବାକୁ ହେବ ନାହିଁ ଅବଶ୍ୟ । କଣ କି, ଏ ଗଙ୍ଗାଧର ମହାନ୍ତିର ସ୍ୱରୂପ ଦେଖିଛୁ, ସେ ବର୍ତ୍ତମାନ ଆମ ସଙ୍ଗରେ ଚଳିବାକୁ ବସିଛି । ସେ କଣ ଚାହାନ୍ତି—ବିଧାତା ତା ଝିଅକୁ କିଛିଏ ରୂପ ଦେଇଛି ବୋଲି ତାର ଅହଙ୍କାର ବଢ଼ି ଯାଇଛି । ହେଲା ବା—ରୂପସୌନ୍ଦର୍ଯ୍ୟରେ କଣ ଜାତି, ଧର୍ମ, କୁଳ, ମାନରେ ଜଳାଞ୍ଜଳି ଦେବାକୁ ହେବ ତୋପରି ଯୋଗ୍ୟ ବର ?"

"କାହିଁକି, ଗଙ୍ଗାଧର ମହାନ୍ତି ଚରଣ କି ?"

"ହଁ, ଚରଣ ଯେ—ତୁ ଚିହ୍ନ ନୋହେ, ସେ ସବୁ ବୁଝି ନାହିଁ । ପୂର୍ବ ପୁରୁଷରୁ ଆମ ସଙ୍ଗରେ ତାଙ୍କର ବନ୍ଧୁତ୍ୱାତ୍ମକ ସମ୍ପର୍କ ନାହିଁ । ଆମ ଶ୍ରୀଚରଣଙ୍କ ଠାରୁ ସେ—।"

ପ୍ରକୃତରେ ନବକିଶୋର ଜାଣନ୍ତି ନାହିଁ, ଗଙ୍ଗାଧରଙ୍କର ତାଙ୍କର ପ୍ରଭେଦ କଣ । ସେ ଜାଣନ୍ତି ଉଭୟେ ଚରଣ—ଏକ ଜାତି । ସେ କଥା ସେହି କହିଲେ, "ଚରଣ ଓ କରଣ୍ଡ ଶ୍ରୀଚରଣ, ଅର୍ଦ୍ଧଚରଣ—ଏ ସବୁ ପୁଣି କାହିଁକି ?"

"ତୁ ଅତି ଇଂରେଜୀ ସଂସ୍କୃତ ପାଠ ପଢ଼ିଲୁ ବୋଲି କଣ ସେ ସବୁ ଉଠାଇଦେବୁ ? ଯାହା କାଳଅଣା ଯାଉ ପୁରୁଷରୁ ଚଳି ଆସିଛି ତ । ମନୁଷ୍ୟ କ'ଣ ସମସ୍ତେ ସମାନ—ବ୍ରାହ୍ମଣ, ଶୂଦ୍ର, ଚଣ୍ଡାଳ ଶୂଦ୍ର ଜାତିରେ ସବୁ ହୋଇଗଲେ କାହିଁକି ? ଯେ ସେ ଗୁଣ ଜାତିକୁ ସ୍ୱୀକାର କରେ, ଗୋଟିଏ ଜାତି ପୁଣି ଦାଶ ଭଗରେ ସମ୍ଭବ—ଏ କଥା କାହିଁକି ସ୍ୱୀକାର ନ କରିବ ? ତୁ ଯଦି ଏତେ ଧର୍ମସଂସ୍କାରକ ହୋଇଛୁ, କାଲି ଆସ ଉତ୍କଳ ସାହି ଘର ଖାଇ ଆସିବୁ । ତାହା ହେଲେ ତୋ କଥାକୁ ସମସ୍ତେ ଶିରୋଧାର୍ଯ୍ୟ କରିବେ । ଏ ସାହସ ଅଛି କି ? ଏ ସାହସ ଯଦି ନାହିଁ, ଗଙ୍ଗାଧର ସାଙ୍ଗରେ ବନ୍ଧୁ କରିବାକୁ କାହିଁକି ସାହସ ହେଉଛି ?"

"ମୁଁ ତ ସମାଜ-ସଂସ୍କାର କରିବା ଉଦ୍ଦେଶ୍ୟରେ, କି ଗଙ୍ଗାଧର ସଙ୍ଗରେ ବାନ୍ଧୁ ସମ୍ପର୍କ କରିବା ଉଦ୍ଦେଶ୍ୟରେ କହୁ ନାହିଁ । ଆପଣ ନ ବୁଝି ବୃଥାରେ ବିରକ୍ତ ହେଉଛନ୍ତି କାହିଁକି ? ମୋର କହିବାର ଉଦ୍ଦେଶ୍ୟ, ସେ ତ ଚରଣ, ଚରଣଙ୍କ ମଧ୍ୟରେ ପୁଣି ଶ୍ରେଣୀବିଭାଗ କଣ ? ଚରଣ ତ ଗୋଟାଏ ଜାତି ।"

ନବକିଶୋରଙ୍କ ମୁଖରେ ବୈଦ୍ୟଶୀତ ପ୍ରଶ୍ନ ଶୁଣି, ଏ କଥାର ଅର୍ଥ ସିଏ ନମ୍ରତା ଗଙ୍ଗାଧର ପକ୍ଷ ନେଇ ପ୍ରତିବାଦ କରୁଛି । ସେଥି-ପାଇଁ ତାଙ୍କର ସମସ୍ତ ବିରକ୍ତି, ଘୃଣା ନବକିଶୋରଙ୍କ ଉପରେ କେନ୍ଦ୍ରୀଭୂତ ହୋଇଯାଇଥିଲା । ବର୍ତ୍ତମାନ ସେ ଭ୍ରମ ସଂଶୋଧିତ ହେଲା । ସହଜ କଣ୍ଠରେ ସେ କହିଲେ, "ପ୍ରକୃତରେ ବୁଝିବାକୁଗଲେ, ଚରଣ ଗୋଟାଏ ଜାତି । ତେବେ ବିଦ୍ୱାନ୍ ଗୋଟାଏ ଚଳି ଆସିଛି ଯେ, ସେ ଆମ ଗୋଷ୍ଠୀରେ ବସନ୍ତି

ନାହିଁ । ସାଙ୍ଗଠାରୁ [ଅମର ସାନ୍ନିଧ୍ୟାଂକିତ ଏ] ଦେଖି । ତେବେ ଆଜିକାଲି ସଂସାରରେ କଣ ନ ଚଳୁଛି ? ଧନଲୋଭରେ ସମାଜ ରକ୍ଷକମାନେ ମନଇଚ୍ଛା ଦାଣ୍ଡି ଧରି ବୁଲିପାଉଛନ୍ତି । 'ଗୋଳ', 'ଶୁଦ୍ଧ' ଏମାନେ ବି କାରଣ ଦେଖାଇଲେଣି ! କାରଣ ସମାଜ ଧନକୁ ଧନ୍ଦି ଯେପରି ବନ୍ଧ ପାଉଛି, ବ୍ରାହ୍ମଣଙ୍କୁ ଯାହା ଶ୍ରେଷ୍ଠ ଆସନ ଦିଆଯାଉଥିଲା, ସେ କଣାଯାଏ କାରଣମାନେ ଏବେ— — ।"

"ସେସବୁ କଥାରୁ କଣ ମିଳିବ ? ଯାହା ହେବାର ହେଉଛି; ତେବେ ମୋତେ ବର୍ତ୍ତମାନ କଣ କରିବାକୁ ହେବ, କହନ୍ତୁ ।"

"ଯାହା କହୁଛି, ତୋର ମଙ୍ଗଳ ପାଇଁ ଅବଶ୍ୟ କହୁଛି । ବର୍ତ୍ତମାନ ତୁହି ନ ପାରିଲେ ପରେ ଧନେ ଅବଶ୍ୟ ବୁଝିବୁ, ପିତା କାହାର ମୁହଁର ମଙ୍ଗଳକାମୀ । ବୃଦ୍ଧ ପିତାର ଆଦେଶ ଏ—ରାମଚନ୍ଦ୍ର ପିତାଙ୍କର ଆଦେଶ ପାଳନ କରିବାକୁ ଯାଇ ରାଜସିଂହାସନ ଛାଡ଼ି ଘନଘୋର ଦେଶରେ ଚୌଦ ବର୍ଷକାଳ ବନବାସ କଷ୍ଟ ସହିଥିଲେ । ତୁ କଣ ଏ ସାମାନ୍ୟ କଥାଟା ପାରିବୁ ନାହିଁ ?" ପିତାଙ୍କର ଏପରି ଅସଂଲଗ୍ନ ଗର୍ବ ଭୂମିକା ଶୁଣି ଶୁଣି ନବକିଶୋର ନିତାନ୍ତ ଅଧୀର ହୋଇପଡ଼ିଲେ । କିଛି ଭାବ ଦମନ କରି ହିଁ ଏ କ୍ଷୀଣ ଗଳାରେ କହିଲେ—"କଣ କହନ୍ତୁ !"

"ତୋର ଭଲ୍ଲା, ତୁ ଆଜଠାରୁ ଆଉ ଲଳିତା ପାଖକୁ ଗତିପଥ ହେବ ନାହିଁ ବୋଲି ସେମାନେ ବାସ୍ତବରେ କହୁଛନ୍ତି ।"

ଉଃ, କି କଠୋର ଆଦେଶ ! ପିତାଙ୍କର ସେହି ପଦକ କଥାରେ କି ଅଶନିପାତର ଶକ୍ତି ନିହିତ ଥିଲା କେଜାଣି, ସେ ହୃଦୟରେ ସହସ୍ର ନାଗର ଦଂଶନ ଜ୍ୱାଳା ଅନୁଭବ କଲେ । ତତ୍‌କ୍ଷଣାତ୍ ତାଙ୍କର ମସ୍ତକ ଘୂରିବାକୁ ଲାଗିଲା । ଶରୀର ଥରି ଥରି ଘନ ନିଶ୍ୱାସରେ ହୃଦୟର ଯନ୍ତ୍ରଣା ସେ ଅନୁଭବ କରିବାକୁ ଲାଗିଲେ; ମାତ୍ର କେଉଁ ଆଡ଼କୁ ପଳାଇ ପାରିଲେ ନାହିଁ । ଅତ୍ୟଧିକ ଯନ୍ତ୍ରଣାରେ ସେ ଦଣ୍ଡାୟମାନ ଚେତନା ଶୂନ୍ୟ ହୋଇଗଲେ । ହାୟ ! ହାୟ ! ପିତା ପୁଣି ପୁତ୍ରପ୍ରତି ଏତେ ନିର୍ମମ ନିଷ୍ଠୁର ବ୍ୟବହାର କରିପାରେ ? ଏ ଆଦେଶ ଅନଳ, ନା, ଅନଳଠାରୁ ଅଧିକ ନିର୍ମମ, ବଜ୍ରଠାରୁ ଅଧିକ କଠୋର । ନବକିଶୋରଙ୍କ ହୃତ୍‌ପିଣ୍ଡ ସ୍ପନ୍ଦନରେ ଯେପରି ଶବ୍ଦ ଉଠୁ ଏ ଆଦେଶ

ପାଳନ କରିବାକୁ ? ସେ ମୃତ୍ୟୁକୁ ବରଣ କରିବାକୁ କୁଣ୍ଠିତ ନୁହନ୍ତି । ପର କଥା ଥିଲା ମୃତ୍ୟୁଠାରୁ ଅଧିକ କଠିନ ଦଣ୍ଡ ଦେବାକୁ—ରାମଚନ୍ଦ୍ରଙ୍କ ପରି ବନବାସୀ କରାଇଥାନ୍ତି , ନଳ ରାଜାଙ୍କ ପରି ଉଦର ଯନ୍ତ୍ରଣାରେ ଭୋଗାଇ ଥାନ୍ତି । ସେ ବରଂ ଶ୍ରେୟସ୍କର; ଏ ଯେ ଅତ୍ୟନ୍ତ ଅସହ୍ୟ, ହୃଦୟବିଦାରକ । ରାମଚନ୍ଦ୍ର ପିତୃଆଦେଶ ପାଳିଥିବାର ଉଦାହରଣ ଦେଉଥିଲ; କାହିଁ, ସେପରି ଆଦେଶ ତ ମିଳି ନାହିଁ ? ରାମଚନ୍ଦ୍ର ମାନବ ନୁହନ୍ତି; ମହାମାନବ ସେ । ମନୁଷ୍ୟମାନଙ୍କଠାରୁ ତାଙ୍କର ଶକ୍ତି ଅସୀମ, କ୍ଷମତା ଅଦ୍ଭୁତ, ସାହସ ଅଦମ୍ୟ, ଧୈର୍ଯ୍ୟ ଅତୁଳନୀୟ; ତଥାପି ସେ ସୀତାଙ୍କ ସଙ୍ଗରେ ଯୋଗ ବନବାସୀ ହୋଇଥିଲେ । ନବକିଶୋର ଜଣେ ସାମାନ୍ୟ ମନୁଷ୍ୟ; ଧୈର୍ଯ୍ୟହୀନ, ଶକ୍ତିଶୂନ୍ୟ । ତାଙ୍କ ପକ୍ଷେ ଏ ଆଦେଶ, କିପରି ସମ୍ଭବ ହେବ ?"

କେତେ କ୍ଷଣ ପରେ ନବକିଶୋରଙ୍କର ଚୈତନ୍ୟ ଫେରିଲା । ସେ ମନେ ମନେ କହିଲେ, "ପିତଃ, ଏ ଆଦେଶ ନୁହେଁ—ଅଭିଶାପ । ପୁତ୍ରର ମଙ୍ଗଳ ପାଇଁ ଏ ନୁହେଁ, ସର୍ବନାଶ ପାଇଁ । ପ୍ରାଣ ଦେବାକୁ ପ୍ରସ୍ତୁତ ହେଲି, ତଥାପି ତୁମର ଦୟା ହେଲା ନାହିଁ ! ଅଭିଶାପ ଦେବା ପୂର୍ବରୁ ଥରେ ଭାବିଲ ନାହିଁ ସେ କଥା ? କାହିଁକି ବୁଝିବ ପିତା, ତୁମେ ପୁତ୍ରର ଅନ୍ତର ବେଦନା ! ଯାବଜ୍ଜୀବନ ଅନାହାରରେ ରହିପାରେ, ଅନିଦ୍ରାରେ ରହିପାରେ; କିନ୍ତୁ ସେହି ହୃଦୟେଶ୍ୱରୀ ଲଳିତାର ମୂର୍ତ୍ତିମାନ ବିଚ୍ଛେଦ ମୋର କିପରି ସହ୍ୟ, କଅଣ ଜାଣିବ ତୁମେ ! ବିଚ୍ଛେଦ—ସମୁଦ୍ରରେ ସୁଦ୍ଧା ସ୍ନାୟୁଗଣ ତୁଲ୍ୟ ଦଗ୍ଧ ପ୍ରାଣର ଏକମାତ୍ର ସାନ୍ତ୍ୱନା ଥିଲା ସେହି ଶଶାଙ୍କୀ । ସେଥିରୁ ପୁଣି ବଞ୍ଚିତ ହେବାକୁ ହେବ ? ପିତା ! ଏହି ନିମେଷରେ ମସ୍ତକ ସ୍ୱହସ୍ତେ ଛେଦ କର, ହସି ହସି ବରଣ କରିବି, କିନ୍ତୁ ହାୟ...।" ଶଯ୍ୟାରେ ମୁଖ ଗୁଞ୍ଜି ଗଳାଇ ଯାଇ ତାଙ୍କର ଫାଟିବା ପରେ ବୁକୁଟା ଏ ହାଣି ନେଇ ସେ ବସିପଡ଼ିଲେ । ପିତାଙ୍କ ପାଖକୁ ଚାଲିଗଲେ 'ପିତା, ପିତାଙ୍କର ଆଦେଶ-ରୂପ ଅନ୍ଧକାରରୁ ଅବ୍ୟାହତି ପାଇବାର ଉପାୟ କେଉଁଠି ? ପୁଣି ଭାବିଲେ, "ପିତା, ସୁଖ ପାଇଁ ଭୀଷ୍ମ ଆଜୀବନ ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରିଥିଲେ । ସେପରି ଆଦେଶ ନ ଦେଇ କାହିଁକି ପିତା ? ଏକ ଖଣ୍ଡ ଦେବାପାଇଁ ତ ଏହି ଅନ୍ତରର ଆଶଙ୍କା ନ ଥିଲା । ଯଦି ଭୀଷ୍ମଙ୍କର ଇଚ୍ଛା ନୁହେଁ, ଜନନୀଙ୍କୁ ମୁଁ ପୂଜିବି

ଅଛି ନ ଥାନ୍ତା—ତାର ଘଟନ ଅବବାଞ୍ଛିତ ରହୁଥାନ୍ତା; କିନ୍ତୁ ପଇସାର ଲୁଭପଦ କଥାବାର୍ତ୍ତାରୁ ବଞ୍ଚିତ କରାଇ କି ଲାଭ ହୁଅନ୍ତା ପିତା ?” ସେ ଯେତେକ କହିବାକୁ ଲାଗିଲେ, ସେତିକି ପରିମାଣରେ ଅଧୀର ଅସ୍ଥିର ହୋଇ ଉଠିଲେ । ବହୁ ଆଲୋଚନା ବିବେଚନା ପରେ ସିଦ୍ଧାନ୍ତ କଲେ, ତାଙ୍କର ସମସ୍ତ ଦୁଃଖ ଲଜ୍ଜାକୁ ପିତାଙ୍କ ନିକଟରେ ପ୍ରକାଶ କରିବେ । ପରସ୍ପର ହୃଦୟର ବନାସ୍ତୁ ହୋଇଥିବା କଥା ଜାଣି ପାରିଲେ ବା ଶଠିପଣ ଦେବାକୁ କାରଣ କରନ୍ତେ ନାହିଁ । କିନ୍ତୁ କପରି କହିବେ ? ବଡ଼ ଲଜ୍ଜାର କଥା ! କହିଲେ ବା ଲାଭ କଣ ? ସେ ଇନ୍ଦ୍ରାଧରଙ୍କ ଉପରେ ଯେ ଅସନ୍ତୁଷ୍ଟ ହୋଇଛନ୍ତି, ତାଙ୍କର ସେଦିନ କେତେକ ଶବ୍ଦ କଥାରୁ ବେଶ ଜଣାଯାଉଛି । ଏ କଥା ଶୁଣିଲେ ତାଙ୍କର କ୍ରୋଧାଗ୍ନି ଘୃତାହୁତି ପାଇବ ପିତା ! ପୁଣି ଭାବିଲେ: “ନା, ମୁଁ ତ ବାଲ୍ୟକାଳରୁ ପିତାଙ୍କୁ ଦେଖିଅଛି—ସେ କେବେ ହେଲେ ମୋର ଆବଦାର ଅନାକୁ ପ୍ରତ୍ୟାଖ୍ୟାନ କରି ନାହାନ୍ତି । ଯାଉଛି, ଆଜି କହି ସେ ଦୋଷଟା ମାଗି ନେବି । ଲଜ୍ଜା ସହିତ ମୋର ଏ ଅବସ୍ଥା ଜାଣି ପାରିଲେ ସେ ଅବଶ୍ୟ ଶାନ୍ତ ହୋଇଯିବେ ।” ଏହିପରି ନାନା ଜଳ୍ପନା, କଳ୍ପନା ପରେ ହୃଦୟରେ ସାହସ ବାନ୍ଧି ନବକିଶୋର ପିତାଙ୍କ ନିକଟକୁ ଗଲେ । ମାତ୍ର ପିତାଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାଙ୍କର ଭାବାନ୍ତର ଉପସ୍ଥିତ ହେଲା । ସେ ପୁଣି ଭାବିଲେ, “ଛି, ମୁଁ କଣ କରିବାକୁ ଯାଉଛି ? ନିଜ ହସ୍ତରେ ନିଜର, ନିଜର ତ ନୁହେଁ, ପୁତ୍ରବଧୂର ଗଳା କାଟିବାକୁ ବସିଛି ? ଏତେ ଦୁର୍ବଳ, ଏତେ ଭୀରୁ, ଏତେ ସ୍ୱାର୍ଥପର ମୁଁ ? ଯେଉଁ ଦେଶରେ ସାବିତ୍ରୀ ଅବଳାର ଦୁର୍ବଳ ହୃଦୟରେ ଅସୀମ ବଳ ସଞ୍ଚୟ କରି ଯମରାଜଙ୍କୁ ପରାସ୍ତ କରିବାକୁ ସମର୍ଥ ହୋଇଥିଲେ, ସୀତା ଚଣ୍ଡା ରାବଣ କବଳରେ ଭୀତ ତ୍ରସ୍ତ ହୋଇ ନ ଥିଲେ, ରାଣୀ ଦୁର୍ଗାବତୀ ଶତ୍ରୁର ଶାଣିତ ଖଡ୍ଗ ତରବାରୀକୁ ନିଜର କୋମଳ ବକ୍ଷରେ ଲଗାଇ ଖଣ୍ଡ ବିଖଣ୍ଡ କରିବାରେ ଭୀରୁତା ପ୍ରକାଶ କରି ନ ଥିଲେ, ସେହି ଦେଶରେ ଜନ୍ମ ମୋର—ମୁଁ ପୁଣି ଧୃଷ୍ଟ ହୋଇ ଏହି ସାମାନ୍ୟ କଷ୍ଟ ସହି ପାରିବି ନାହିଁ ? ବିପଦରେ କାତର ହୋଇ ପିତାଙ୍କୁ ଅନୁରୋଧ କରିବାକୁ ଯିବି ? ସେ ଅବଶ୍ୟ ପ୍ରଦାନ କରିପାରନ୍ତି; କିନ୍ତୁ ମୋ ପକ୍ଷରେ ଏ ଯେ ମହାପାପ ! ପିତୃ ଚରଣଃ ଶୁଶ୍ରୂଷା ପ୍ରତ୍ୟେକ କରନ୍ତି, ଲଙ୍ଘନ କରିବ କପରି ? ସଂସାର ବା ସାଧସ୍ତୁତ, କାର୍ଯ୍ୟ ବା ସାଧସ୍ତୁତ ।”

ନବକିଶୋର ପୁସ୍ତକରେ ମନୋନିବେଶ କରି ଲଳିତାର ସ୍ମୃତିକୁ ଭୁଲି ଯିବାକୁ ଇଚ୍ଛା କଲେ । ପୁସ୍ତକ ଆଲମାରି ଖୋଲି ଦେଖନ୍ତି ତାଙ୍କର ନିଜର ଚମଡ଼ା ଖଣ୍ଡେ ଥିଲା ତାଙ୍କ ହାତରେ । ଖାତା ଖୋଲି ଦେଖିଲେ ତାଙ୍କରି ହାତ ଲେଖା । ପାଠ କଲେ, "ସ୍ନେହର ଲଳିତା !—" ସନ୍ଧ୍ୟା କୌଣସି ବିପଦ ଦେଖି ପ୍ରାଣୀ ଯେପରି ଭୟରେ ଶିହରି ଉଠେ, ସେ ସେହିପରି ଚମକି ଉଠିଲେ । ସେ ତାଙ୍କ ହାତରୁ ଅନ୍ୟଆଡ଼େ ଫିଙ୍ଗି ଫୋପାଡ଼ି ଦେଲେ । ହାୟ ! ଆଉ କି ଆଶା ଅଛି । ସବୁ ଆଶାଆକାଂକ୍ଷା, ସ୍ନେହପ୍ରୀତି, ମାୟାମମତା ଜଳାଞ୍ଜଳି ପାଇଛି ପିତାଙ୍କର ସେହି ଅକରୁଣ-କାର୍ଯ୍ୟରେ । ଆସିବା ସମୟରେ ଲଳିତା ସଙ୍ଗରେ ଦେଖା ହୋଇପାରି ନ ଥିଲା ବୋଲି, କଲିକତାରେ ପହଞ୍ଚିବା ମାତ୍ରେ ଚିଠି ଖଣ୍ଡେ ଲେଖିବାକୁ ଆରମ୍ଭ କରିଥିଲେ । କେତେ ଭାବୁକ ମିନତି, କେତେ ଅନୁନୟ ବିନୟର ଲେଖା, ହୃଦୟର କେତେ ଗୁପ୍ତ କାହାଣୀ ଅଛି ସେଥିରେ । 'ପ୍ରେମମୟୀ ଲଳିତେ' ପ୍ରେମିକର ପତ୍ର, ପ୍ରଣୟିନୀ ନିକଟକୁ ପ୍ରେରିତ ପତ୍ର—ପୁଣି ବିରହ ବେଦନା-ବୋଳା ବ୍ୟଥିତ ହୃଦୟର ଲେଖା ସେ । ଗୋଲାପ ଶିଶିରପାତରେ ପୁଷ୍ପ ସୌରଭ ବିତରଣ ପରି କେବେ ସୌରଭମୟ । ଯାହାର ପ୍ରତିବର୍ଣ୍ଣରେ ଲେଖା, ଯେ ସେ ଲେଖାର ସରଳତା ସରସତା ଉପଲବ୍ଧି କରନ୍ତା, ସେ ତ ସେଥିରୁ ବଞ୍ଚିତ । ନବକିଶୋର ଆଉ ପଢ଼ିବେ କଣ ? ଚିଠି ଖଣ୍ଡି ହାତରେ ଧରି କିଛିକ୍ଷଣ ନୀରବରେ ଅଶ୍ରୁମୋଚନ କଲେ । ତାପରେ ଉଠିପଡ଼ି କହିଲେ, "ନାଃ—ଅସହ୍ୟ, ଅସହ୍ୟ । ବୁକୁ ଯେ ଫାଟି ଯାଉଛି ।" ଚିଠି ଖଣ୍ଡି ଶତଧା ଛିନ୍ନ କରି ଫିଙ୍ଗି ଦେଲେ ।

## ଦ୍ୱାଦଶ ପରିଚ୍ଛେଦ

ଲଳିତା ପତ୍ର ଖଣ୍ଡେ ଦେଇ ଉତ୍ତର ଅପେକ୍ଷାରେ ବସି ରହିଛି । ଦିନ ଦିନ ଯାଉଥାଏ ଦିନ ଗଲା । ପୁଣି ସେହି ରବିବାର—ଡାକ ଖୋଲ ! କେବଳ ଚିଠି, ସତ୍ୟ ଦେଖନ୍ତି । ଡାକକୁ ସମସ୍ତେ ଘେରିଲେ । ସଭାଧର

ମଧ୍ୟ ଦେଖିଲେ; ମାତ୍ର ଚିଠିର ଦେଖା ନାହିଁ । ଲଳିତାର ଦୁଃଖ-ଦଗ୍ଧ ହୃଦୟରୁ ଲାଗିଲା ବର୍ଷାର ଫୁଲଝୁରି ଭଳି ଅଶ୍ରୁ ଖରସ୍ରୋତାଠାରୁ ପ୍ରଖରତର ହୋଇ । ସେହିଭଳି ସ୍ଥିତିରେ ସେ ଆଉ ଖଣ୍ଡେ ପତ୍ର ଲେଖିଲା ।

ଦିନ ପରେ ଦିନ ବିତିଯିବାକୁ ଲାଗିଲା । ଲଳିତା ଚିଠି ପରେ ଚିଠି ପଠାଇବାକୁ ଲାଗିଲା; କିନ୍ତୁ ନବକିଶୋରଙ୍କ କୌଣସି ସମ୍ବାଦ ମିଳୁ ନାହିଁ ।

ସେ ଚିନ୍ତିତ ହେଲା । ଯୁବତୀ-ହୃଦୟର ଭୁଲ କାହାକୁ ଜାଣିପାରୁ ନାହିଁ ।

ସେହିଭଳି ନାନାକଥା ସବୁ ତାର ମନେ ପଡ଼ିଲା । ସେ ସ୍ଥିର କଲା, କୈଳାସଚନ୍ଦ୍ର ନାକି ଗାଁରେ ବାପାଙ୍କୁ ଯୋଗଦଖଲରେ ଅପମାନିତ କରିଛନ୍ତି ଓ ମୋ ନାମରେ ସେହି ଅପବାଦ ରଟନା କରିଛନ୍ତି, ସେ ସମସ୍ତ କଥା ସେ ଶୁଣିଥିବେ । ସେଥିପାଇଁ ବୋଧହୁଏ ସେ ଚିଠିପତ୍ର ଦେଉ ନାହାନ୍ତି । ମୋ ପ୍ରତି ତାଙ୍କର କୌଣସି ଖରାପ ଧାରଣା ଜନ୍ମିଛି କିମ୍ବା । ତେବେ ମୁଁ କୁଆଡ଼େ ଏତେ ଦୂରରୁ ଦେଖିବି ନାହିଁକି ? ତାଙ୍କର ଭଳି ଏତେ ଅଶ୍ୱସ୍ତିକର ଅଭିଯୋଗ—ମୋର ସେ କଥା ନାହିଁ ? ତାଙ୍କ ମନରେ ମୋ ପ୍ରତି ଯେଉଁ ଅଯଥା ଭ୍ରମ ଜନ୍ମିଛି, ମୁଁ ଏପରି ଅଧୀର ହୋଇ କାହିଁକି ପତ୍ର ଦେବାକୁ ସେ ଭ୍ରମ ତାଙ୍କର ଦୂରୀଭୂତ ହେବ କି ନା ! ନା, ଆଉ ପତ୍ର ଦେବି ନାହିଁ; କିନ୍ତୁ ଏହାର ପ୍ରତିଶୋଧ ନେବାକୁ ହେବ । କିମ୍ବା ଯଦି କୈଳାସଚନ୍ଦ୍ରଙ୍କୁ ଏପରି ଶିକ୍ଷା ଦେବି, ଯଦ୍ଦ୍ୱାରା ସେ କାଳର ଏହି ଅଯଥା ପରନିନ୍ଦାରୂପ ମହାପାପର କଠୋର ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ ହେବେ । ଲଳିତା ଏତେକ୍ଷଣ ଯାଏ କଥା ଭାବିପାରୁ ନଥିଲା, କାର୍ଯ୍ୟରେ ପରିଣତ କରିପାରିଲା ନାହିଁ । ପର ମୁହୂର୍ତ୍ତରେ ପୁଣି ଅଧୀର ହୋଇଉଠିଲା ନବକିଶୋରଙ୍କର ସମ୍ବାଦ ପାଇବା ପାଇଁ । ନାନୀଠାରୁ କୈଳାସଚନ୍ଦ୍ରଙ୍କର ଧୂର୍ତ୍ତନୀତିବାକ୍ୟସବୁ ଶୁଣିଲା ଦିନରୁ ସେ କରିବାର ପ୍ରତିଜ୍ଞା କରିଥିଲା, ନବକିଶୋରଙ୍କୁ ଆଉ ପତ୍ର ଦେବ ନାହିଁ, କି ତାଙ୍କ ସମ୍ମୁଖରେ ବାହାର ହେଲେ ବାକ୍ୟ କହିବ ନାହିଁ । କିନ୍ତୁ ସେ ପ୍ରତିଜ୍ଞା ତାର ଜଳ-ରେଖା ପରି ସଙ୍ଗେ ସଙ୍ଗେ ଲିଭିଗଲା । ସେ ନବକିଶୋରଙ୍କୁ ଭଲପାଏ ଜାଣେ । ପୃଥିବୀ ସାରା ଯଦି ତାଙ୍କର ବିପକ୍ଷରେ ଠିଆ ହୁଅନ୍ତି, ତଥାପି ସେ ତାଙ୍କ ଭଲ ବୋଲି

କେତେବେଳେ କହନ୍ତେ, ତାହାଙ୍କୁ କେବେ ଦେଖିଲେ ନାହିଁ । ନବକିଶୋର ତାଙ୍କୁ ଭଲ ଭାବ ପାଇବେ, ଏହା ସେ ଥରେ ବି ବିଶ୍ୱାସ କରିପାରୁ ନାହିଁ । ଅନ୍ୟ କୌଣସି କାରଣରୁ ବୋଧହୁଏ ପତ୍ର ଦେଇପାରୁ ନାହାନ୍ତି । ଆଉ ଗୋଟିଏ କଥା ତାର ମନେପଡ଼ିଲା । ସେ ଭାବିଲା, "ଅପମାନ କି ଅନ୍ୟମାନଙ୍କରେ ମୋତେ ଚିଠି ପତ୍ର ଦେଇ ନାହାନ୍ତି, ତାଙ୍କ ଘରକୁ ତ ପତ୍ର ଦେଉଥିବେ । ଘର ଅଗାଡ଼ିରୁ ସମସ୍ତ ଖବର ଜଣାପଡ଼ିବ ।"

ଦ୍ୱାଦଶୀ ଚନ୍ଦ୍ର ବାତାୟନରୁ ଉପରେ ବସି ତାଙ୍କର ଶୋଭା-ଉପଭୋଗ ମେଳ ଦେଖୁଛନ୍ତି । ସେ ସୌନ୍ଦର୍ଯ୍ୟ, ସେ ଶୋଭା, ସେ ସୁଷମା ଧରଣୀବକ୍ଷକୁ ଉଜ୍ଜ୍ୱଳ କରି ଅଛି ଏବଂ ଅଲୌକିକ ଶୋଭାସୌନ୍ଦର୍ଯ୍ୟର ସୃଷ୍ଟି କରୁଛି । କେଡ଼େ ସୁନ୍ଦର, କେଡ଼େ ମନୋହର, କେଡ଼େ ମନୋମୁଗ୍ଧକାରୀ ସେ ଛବି । ଅଧାଳନ୍ତ-ଭାବ ସମସ୍ତେ ସେ ସୌନ୍ଦର୍ଯ୍ୟରେ ବିଭୋର—ସେ ନୟନ ମାଧୁରୀ ଉପଭୋଗରେ ଉନ୍ମତ୍ତ ପ୍ରାୟ । ଘର ଅଗଣାରେ ବସି ଏକ ମୂର୍ତ୍ତି ରେ ଦୃଷ୍ଟି ଦେଉଛି, ସେହି ସୌନ୍ଦର୍ଯ୍ୟଭଣ୍ଡାର ଚନ୍ଦ୍ରମଣ୍ଡଳକୁ । ଚନ୍ଦ୍ରଙ୍କର ହସ ହସ ବଦନକୁ ଦୃଷ୍ଟି ସେ କହୁଛି, "ପ୍ରଭୁ ! ତୁମର ସୃଷ୍ଟି କେଡ଼େ ବିଚିତ୍ର ! ଜଣକୁ ହସାଇ ଜଣକୁ କନ୍ଦାଇବାରେ ସିଦ୍ଧହସ୍ତ ତୁମେ । ସୁନ୍ଦର ପାଖରେ ଅସୁନ୍ଦର, ସୁଖ ପାଖରେ ଦୁଃଖ, ଆଲୋକ ପାଖରେ ଅନ୍ଧାରକୁ ରଖି ଉଭୟଙ୍କୁ ଏକ ସମୟରେ ଦେଖି-ବାକୁ ବଡ଼ ଭଲପାଅ ତୁମେ । କମଳିନୀ ଯେତେବେଳେ ଆନନ୍ଦରେ ମେଲି ଫୁଲ ଫୁଲ ହୁଏଥାଏ, କୁମୁଦିନୀ ସେତେବେଳେ ଦୁଃଖରେ ମିଳାଇଯାଏ; ପୁଣି କୁମୁଦିନୀ ଯେତେବେଳେ ହସି ଉଠେ, କମଳିନୀ ଦୁଃଖରେ ଆଖି ବୁଜିଦିଏ । ଏହି ତ ତୁମର ସୃଷ୍ଟି ? ମାନବର ଶକ୍ତି ନାହିଁ ତୁମର ଉଦ୍ଦେଶ୍ୟ ବୁଝିବାକୁ ! ତେବେ ତୁମେ ଯାହା କର, ପ୍ରାଣୀର ହିତ ପାଇଁ—ଏଥିରେ ସନ୍ଦେହ ସ୍ଥାନ ନ ମିଳେ ଏବେ ।" "ଅପା, ଶୋଇଛ କି ?" କହି ଲଳିତା ପିଠି ଦେଲାଗଲା । ସର ଜାଣି ପାରିଲା ନାହିଁ ; ସେ ହଠାତ୍ ଚମକିପଡ଼ି ଲଳିତା ପିଠି ଥାପୁଡ଼ାଇ କହିଲା, "କଥାଟା କଣ ଆରମ୍ଭ କରିବ ? ଘର ଅଗଣା ବୁଲି ଅଣ୍ଟା କରିବ କିମ୍ବା ତାହାଙ୍କ ପର ଅପମାନ ମନ କରେ ? କଣ କହିବ, ଆଉ କଣ କହିବ ?" ସର ବୁଝି ପାରିଲା । କହିଲା, "ଲଳିତା, କେତେବେଳେ ଆସିଲୁଣି ?" ଲଳିତା ଶୁଣିପାରିଲା ନାହିଁ । ସର ତାର ହାତ ଧରି ବସାଇ ଦେଇ ଦେଇ କହିଲା,

"କେତେବେଳେ ଆସିଲୁଣି ମ ?" ଲଳିତା ଟିକିଏ ଅପ୍ରତିଭ ହୋଇଗଲା । କହିଲା, "ତମେ ପଶ୍ଚିମ ଆକାଶକୁ ଚାହିଁଥିଲ, ମୁଁ ଡାକିଲି ଶୁଣିଲ ନାହିଁ । କଣ ଭାବି ଭାବୁଥିଲ କି ?" ସର ନିଜର ଭାବ ଗୋପନ ଲାଗି ଲଳିତାକୁ ଭୁଲାଇବାକୁ କହିଲା, "ମୋତେ ଚନ୍ଦ୍ର କିରଣଟି ଭଲ ଲାଗେ । ଦେଖିଲୁ କି ସୁନ୍ଦର, କି ଶୀତଳ ଲାଗୁଛି !" ଲଳିତାର ହୃଦୟ ଦୁଃଖାନଳରେ ଦଗ୍ଧ ହେଉଛି । ସେ ଚନ୍ଦ୍ର କିରଣର ଶୀତଳତା ବୁଝିବ କାହିଁ ? ସୌନ୍ଦର୍ଯ୍ୟ ଉପଲବ୍ଧି କରିବ କାହିଁ ? ଅନ୍ୟମନସ୍କ ଭାବରେ କହିଲା, "ହଁ ; ଅଧା ତମେ ଏକୁଟିଆରେ ଘରେ ବସି ବସି କଣ କରୁଛ ମ ? ଆମ ଘର ଆଡ଼େ ଏବେ ତ କାହିଁକି ଯାଉନା !" ସର ଏ ପ୍ରଶ୍ନର କି ଉତ୍ତର ଦେବ, ହଠାତ୍ ତାର ମନେ ପଡ଼ିଲା ନାହିଁ । ସେ ଭାବିବାକୁ ଲାଗିଲା, "ପ୍ରକୃତରେ ଘର ଛଡ଼ା କଣ ଉପାଧିଙ୍କ ଘରଥିବେ ଆଉ ଯାଇ ନାହିଁ । ତାହାର କାରଣ, ଶରଧା ଦେଈଙ୍କଠାରୁ ତଳି ସେ ଲଳିତାକୁ ଭଲ ପାଏ । ଶରଧା ଦେଈ ଯେତେବେଳେ ମୃତ୍ୟୁଶଯ୍ୟାରେ ତାଙ୍କର ମନକଥା ଖୋଲି ସମସ୍ତଙ୍କ ସମ୍ମୁଖରେ ସ୍ୱାମୀଙ୍କୁ କହିଲେ ଏବଂ ପୁତ୍ରବଧୂ ପଦରେ ଲଳିତାକୁ ଅଭିଷିକ୍ତ କରିଦେଇଗଲେ, ତାର ଆନନ୍ଦର ସୀମା ରହିଲା ନାହିଁ । ଅଥ ଅଳ୍ପବୟସରେ ତାର ସ୍ୱାମୀବିୟୋଗ, ତାପରେ ପୁଣି ମାତୃବିୟୋଗ—ତା ଉପରେ ଅସହନୀୟ ଦୁଃଖର ଭାରସବୁ ଲଦିଦେଲେ । ଏତେ ଦୁଃଖରେ ମଧ୍ୟ ତାର ମନ ମଧ୍ୟରେ ଟିକିଏ ଆନନ୍ଦ ଜାତ ହେଲା । ସେ ଭାବିଲା, "ଯାହା ହେଉ, ଲଳିତାକୁ ପାଇଲେ ମାତୃବିୟୋଗ ଦୁଃଖ ପାସୋରି ପାରିବ ।" କିନ୍ତୁ ବୈଶାଖରେ ଯେଉଁ ଦିନ ନାଲି ଅସରେ ଲଳିତାକୁ ଏବଂ ତାର ପିତାଙ୍କୁ ନିତାନ୍ତ ଅକଥ୍ୟ ଭାବରେ ଗାଳି ଦେଲେ, ଆଉ ମଧ୍ୟ ପ୍ରତିଜ୍ଞା କଲେ କସ୍ମିନ୍ କାଳେ ନତ ସହିତ ଲଳିତାର ବିବାହ ହୋଇପାରିବ ନାହିଁ, ସେହି ଦିନ ତାର ସମସ୍ତ ସୁଖସ୍ୱପ୍ନ ଆଶାଲତା ନିର୍ମୂଳ ହୋଇଗଲା । ଏବେ ତ ମାତୃଶୋକରେ ଅଧୀର ଥିଲା, ପିତାଙ୍କର ଏପରି ଅବିମୃଷ୍ୟକାରିତାରେ ସେ ଆହୁରି ଅଧୀର ହୋଇପଡ଼ିଲା । ତା ହୃଦୟରେ ବେଶି ଆଘାତ କଲା ତାର ଓ ଲଳିତା ଦୁହିଙ୍କର ହୃଦୟ-ବେଦନା । ଯଦି ତ ସେ ତାଙ୍କର ଅନ୍ତରର କଷ୍ଟ କାହାଣୀ ଜାଣେ ନାହିଁ, 'ବାଲ୍ୟକାଳରୁ ସେ ଦୁହିଙ୍କର କପଟ ମନ

ଯିଲେ, ତାହା ତାହାର ଅବଧାରଣ ନ ଥିଲା । ସେ ବାଡ଼ ବାନ୍ଧୁଥିବା ବେଳେ ସ୍ୱପନ, “ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ଯେ ଅବଗତ ହୋଇସାରିଛି, ସେ ଆଉ ଶରୀରର ବାହ୍ୟ ଯନ୍ତ୍ରଣା ସହ୍ୟ କରିପାରିବ ? କିନ୍ତୁ ଗୋଟାଏ କଥା ଶୋଚନୀୟ ଜାଣ ପଡ଼ିବ । ପିତା ଏ ଅନ୍ୟାୟାଚରଣ ଯୋଗୁଁ ନିଶ୍ଚୟ କନ୍ୟାହତ୍ୟାରୂପ ମହାପାତକ ସ୍ପୃଶିବାକୁ ବାଧ୍ୟ ହେବେ ।” ସେହି ଦିନଠୁ ସେ ଆଉ ଗଙ୍ଗାଧରଙ୍କ ଘରଆଡ଼େ ଯାଏ ନାହିଁ । ସିବାକୁ ଲଜ୍ଜା ହେଉ-ଥିଲେ ସୁଦ୍ଧା କହେକ ତାର ପଛରୁ ଯେପରି ଟାଣି ଧରେ । କହେ, “କି ଆଶାରେ ଆଉ ସେଠାକୁ ଯିବୁ ? ପିତା ତୋର ସ୍ୱହସ୍ତରେ କଣ୍ଟକ ପକାଇ ସେ ପଥ ରୁଦ୍ଧ କରିଛନ୍ତି ।”

ସରଳକୁ ଉଦ୍ବିଗ୍ନ ଦେଖି ଲଳିତା କହନ୍ତି, “ତୁମେ ରହିଲ ଯେ, ଅପା !” ବେଦନାକ୍ଲିଷ୍ଟ ଗର୍ଭ ନିଃଶ୍ୱାସଟିଏ ତ୍ୟାଗ କରି ସରଳ କହିଲେ, “ତୁମେ ନ ରହି ମୋର ଅଉ ଉପାୟ କଣ ଅଛି ? ପ୍ରକୃତରେ ଘରେ ସଦାସର୍ବଦା କାମ ନାହିଁ, ଅନେକ ସମୟ ଖାଲିଟାରେ ବସି ବସି ଭଲ ଲାଗୁନି । କିନ୍ତୁ ତମ ଘର ଆଡ଼େ ଯାଇ ନାହିଁ । କାହିଁକି ଯେ ଯାଇ ନାହିଁ, ତା ମୁଁ କହି ପାରିବି ନାହିଁ । ମୋର କାହିଁକି ଏଇ କେତେ ଦିନ ହେବ ମନଟା ବଡ଼ ଖରାପ ହୋଇଯାଉଛି—ମୁଣ୍ଡ ବି ବିଗିଡ଼ି ଗଲାଣି । କୌଣସି କଥା ଭଲ ଲାଗୁ ନାହିଁ ।”

“କାହିଁକି, ତମ ଦେହ କିଛି ଖରାପ ଅଛି କି ?”

“ସେ ଜ୍ଞାନ ମୋର ନାହିଁ ! ତାହା ହେଲେ ତ ମୁଁ ବୁଝି ପାରନ୍ତି । ଏ ପୋଡ଼ା ଜୀବନ କଣ କମ ଟାଣ କି ?”

ଏତେ ଦୁଃଖ, ଏତେ ଚିନ୍ତା, ଏତେ ମନସ୍ତାପରେ ଲଳିତା ଯେତେ ଦୂର ବିଚଳିତ ହୋଇ ନ ଥିଲେ, ସରଳର ଏ ଶେଷ କଥା ଦୁଇପଦ ତାଙ୍କୁ ଅତ୍ୟନ୍ତ ବିଚଳିତ କରି ପକାଇଲା । ସରଳ ଅନ୍ତରର ବ୍ୟଥାଟି ତାଙ୍କ ଅନ୍ତରତମ ପ୍ରଦେଶରେ ଆଘାତ କଲା । ସେ ଭାବିଲେ, “ଅହୋ ! ମୁଁ କାହିଁକି ଏଠାକୁ ଆସିଲି ? ଅଯଥା ଅପା ମନରେ କେତେ କଷ୍ଟ ଦେଲି ! ଜୀବନର ଆରମ୍ଭରେ ସ୍ୱାମୀବିୟୋଗ, ତା ପରେ ମାତୃବିୟୋଗ ; ବାସ୍ତବିକ ସବୁ ଅପାଟି ବଡ଼ ଦୁଃଖିନୀ ।”

ଲଳିତାକୁ ସମର୍ଥ ଦେଖି ସର ଅପ୍ରତିଭ ହୋଇପଡ଼ିଲେ । ସ୍ନେହସିକ୍ତ କଣ୍ଠରେ କହିଲେ, "ଠିଆ ହୋଇ ରହିଲୁ କାହିଁକି ? ବସୁ ନାହୁଁ ?" ଲଳିତା ବସିଲା । "ଦେଖ୍ ନାହିଁ ମୋର ଏ ଦୁଃଖ ଭରା ଜୀବନକୁ; ସେ ଟୋକାଟା ଏତେ ମାସ ହେଲା ଗଲାଣି ସେ, ଚିଠି ଖଣ୍ଡେ —।"

ଲଳିତା ଏତେବେଳେ ଯାଇ କୂଳକିନାରା ପାଇଲା । ରୋଗୀ ଅଭିଜ୍ଞ ଡାକ୍ତରଙ୍କଠାରୁ ତାର ଉଦ୍ଦିଷ୍ଟ ପଥ୍ୟର ବ୍ୟବସ୍ଥା ଶୁଣିଲେ ଯେପରି ରୋଗ ଯନ୍ତ୍ରଣା ଭୁଲି ଉତ୍ଫୁଲ୍ଲ ହୋଇଉଠେ, ଲଳିତା ସେହିପରି ତାର ସମସ୍ତ ଦୁଃଖ, ଦୈନ୍ୟ, ବିସ୍ମୃତ ହୋଇ ଆନନ୍ଦରେ, ଆବେଗରେ ଫୁଲିଉଠିଲା । ସରଳକୁ କଥା ଶେଷ କରିବାକୁ ଅବସର ନ ଦେଇ କହିଲା, "ଚିଠି ଆସିଛି ଆସିନି ନା ? କେବେ ଚିଠି ଦେଇନାହାନ୍ତି ?" ଲଳିତାର ଏ ପ୍ରକାର ଉତ୍କଣ୍ଠିତ ସ୍ୱରରେ ଅଯଥା ପ୍ରଶ୍ନ କରିବା ଶୁଣି, ତାର ମନୋଗତ ଭାବ ବୁଝିବାକୁ ସରଳ ବିଳମ୍ବ ହେଲା ନାହିଁ । କହିଲେ, "ବାଃ, ସେ କଣ ଏ ପର୍ଯ୍ୟନ୍ତ ଚିଠି ପତ୍ର ଦେଇଛନ୍ତି କି ? ସେଇ କଥା କହୁଛି ପରା ।" ଲଳିତା କେତେ ଆଶାଭରା ପ୍ରାଣରେ ଉଦ୍‌ଗ୍ରୀବ ଚକ୍ଷୁରେ ଚାହିଁ ରହିଥିଲା ସର ମୁହଁକୁ, କଦମ୍ବଶୋରଙ୍କର ଶୁଭସମ୍ବାଦ ପଦେ ଶୁଣିବ ବୋଲି । ତତ୍‌-ପରବର୍ତ୍ତୀରେ ଯାହା ଶୁଣିଲା, ତାର ଆଶା ଆକାଂକ୍ଷା ସମସ୍ତ କ୍ଷୁଦ୍ର ବାଲିବନ୍ଧ ପରି ଦୁରାଶା-ସାଗରରେ କେଉଁଠି ଲୀନ ହୋଇଗଲା । ସତେ ଯେପରି ସେ ହିମାଳୟର ଉଚ୍ଚତମ ଶିଖର ପ୍ରଦେଶରୁ ଭୂପୃଷ୍ଠରେ ଖସିପଡ଼ିଲା ! ହଠାତ୍ ତା'ର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । କିଛିକ୍ଷଣ ପରେ ଭଗ୍ନକଣ୍ଠରେ କହିଲା, "ଚିଠି ଦେଇ ନାହାନ୍ତି ! ତେବେ ତ ହେଲେ ଚିଠି ଖଣ୍ଡେ ଦେଇ-ନାହାନ୍ତି ଆଉ !"

"ମୋର ଏତେ ଦୂର ମନ ବ୍ୟସ୍ତ ହେବାର କାରଣ କଣ କି ? ଏଣେ କାହିଁକି, ଦୁଇଖଣ୍ଡ ଚିଠି ଦେଲିଣି—ତାର ଉତ୍ତର ନାହିଁ ।"

ଉଭୟେ ନୀରବ । ପ୍ରାୟ ଅର୍ଦ୍ଧଘଣ୍ଟା ପରେ ଲଳିତା ନୀରବତା ଭଙ୍ଗ କରି କହିଲା, "ସେ ପୂର୍ବ ବସାରେ ନାହାନ୍ତି କି ଭଉଣୀ ! ଯଦି ବୋର୍ଡ଼ିଂରେ ଥାନ୍ତି ? ତମେ ବାପାଙ୍କ ପାଖକୁ ପତ୍ର ଦିଅ !"

"ହଁ, ମୁଁ ସେଇ କଥା ଭାବୁଛି । କାଲି ବାପାଙ୍କ ପାଖକୁ ଖଣ୍ଡେ ଚିଠି ଦେବି, ଜଣାଯିବ ।"

× × ×

କଲିକତାରୁ ଚିଠି ଆସିଛି, ଜଗବନ୍ଧୁଙ୍କ ହାତ ଲେଖା 'କୁଟୀ'। କୈଳାସଚନ୍ଦ୍ର ଲେଖିଛନ୍ତି ସବୁ । ପରୀକ୍ଷା ସମ୍ବନ୍ଧରେ କେତେକ ଉପଦେଶ ଆଦେଶ ପୂର୍ଣ୍ଣ ଲେଖା । ଶେଷରେ ଲେଖା ଅଛି, "ମୁଁ ଏବେ ବର୍ଷକରେ ଖୁବ ବ୍ୟସ୍ତ ହେଉଛି ନାହିଁ । ସେ ଭଲ ଅଛନ୍ତି, ତାର ପଢ଼ା ପଢ଼ି ଭଲ ଥିବାରୁ ଚିଠି ପତ୍ର ଦେବାକୁ ଅବସର ପାଏ ନାହିଁ । ତାଙ୍କୁ ଚିଠି ପାଇବାକୁ ଆଶା କରିବୁ ନାହିଁ । ଏଣିକି ଝିଅକୁ ଯାହା ଦିନ ମୋତେ ଚିଠି ଦେଉଥିବୁ ।" ଅନ୍ୟାନ୍ୟ ଦିନ ପରି ଲଳିତା ସେଦିନ ସନ୍ଧ୍ୟାବେଳେ ତାର ସଙ୍ଗୀ ଅର୍ପା ପରିକୁ ଭୁଲିଗଲା । ସେ ଚିଠିଖଣ୍ଡି ତା ହାତକୁ ବଢ଼ାଇ ଦେଇ କହିଲା—"କଲିକତାରୁ ଆଜ ଚିଠି ଆସିଛି ।" ଲଳିତା ପାଠ କଲା । ପରେ ଅଭିମାନର ସ୍ୱରରେ କହିଲା "ପଢ଼ାପଢ଼ିର ଏତେ ଭିଡ଼ ଯେ, ଚିଠି ଖଣ୍ଡେ ଲେଖିବାକୁ ବେଳ ହେଉ ନାହିଁ ?" ଲଳିତା ସରଳ-ଅଭିନୟରେ ବେଦନାବିଦ୍ଧ ଗୋଟାଏ ଦୀର୍ଘ ନିଃଶ୍ୱାସ ତ୍ୟାଗ କରି କହିଲା, "ଅସମ୍ଭବ ନୁହେଁ ଯେ, ଉଭୟଙ୍କ ପାଠ ନିଆରା । ଜଣିଜଣିଆ ପାଠ, ସେଥିରେ ପୁଣି ବହି ଗୁଡ଼ା ଖୁବ୍ ବଡ଼ ବଡ଼—ସମୟ ଅଣ୍ଟୁ ଥିଲେ… ।"

"ଯାଃ, ଯାଃ, ଆଉ ତାଙ୍କୁ ସେକଥା କହିବୁ ନି, ସେ କଣ୍ଠୀସ୍ୱ-କରିବ । ମୋତେ କଣ ଏତେ ଛୁଆ କରି ପାଉଛୁ ? ଇଂରେଜି ଓ ଅଙ୍କ ପଢ଼ିବ ବୋଲି, ନା କଣ ?" ସବୁ ସାମାନ୍ୟ କଥାରେ ସ୍ନେହଯାଏ । ଚିଠି-ପାଇଲାବେଳକୁ ନବ ଅଲ୍ କାହା ଦୁହିଁଙ୍କ ଭିତରେ ତାର କୌତୁକପଣ ଭୂତ । ବର୍ତ୍ତମାନ ଲଳିତା ନବର ପକ୍ଷ ସମର୍ଥନ କରୁଥିବାର ଦେଖି, ସେ ହୃଦୟ-ଜିଣି ହସି ଲଳିତା ଉପରେ ପଡ଼ିଲା । କିନ୍ତୁ କଥାଟା ଅରମ୍ଭ କରିବା ସଙ୍ଗେ ସଙ୍ଗେ ତାର ମନେ ପଡ଼ିଗଲା, ଲଳିତା ମନରେ କଷ୍ଟ ହେବ ସତ୍ୟ । ମନରେ ସେ ସ୍ୱର ପରିବର୍ତ୍ତନ କରିବାକୁ ଯାଇ ଅର୍ଥାତ୍ ସହଜ ଗଳାରେ କଥାଟା କହିବାକୁ ଚେଷ୍ଟା କରି ଗୋଟାଏ କମ୍ପ ଭଙ୍ଗମାନାର ସ୍ୱର ବାହାରିଲା । ସେ ଅଶ୍ରୁଭରା ସ୍ୱର ଶ୍ରବଣରେ ଲଳିତା ନ ହସି ରହି ପାରିଲା ନାହିଁ । କହିଲା, "ସେ ଚିଠି ନ ଦେଲେ ନାହିଁ, ମା ମଙ୍ଗଳା ତାଙ୍କୁ ଭଲରେ ରଖିଥାନ୍ତୁ ।"

"ହଁ, ଅଉ କଏ କଣ ଶୋଧୁଛୁ କ ! କଷ୍ଟ ଦେଖୁଥିଲେ ତାଙ୍କ ସହ-ଯ୍ୟାର କେ କରିବେ ।" ଦରିଦ୍ର ବ୍ୟକ୍ତି ବହୁମୂଲ୍ୟ ରତ୍ନ ପ୍ରାପ୍ତ ହେଲେ ଯେପରି ଆନନ୍ଦିତ ହୋଇଉଠେ ଏବଂ ପର ମୁହୂର୍ତ୍ତରେ ସେଇ ଯନ୍ତ୍ରଣାରେ ରତ୍ନପ୍ରାପ୍ତିର ସେ ଆନନ୍ଦିତ ଦେଖି ଅତେ ମିଳାଇଯାଏ, ଲଳିତା ତତ୍କ୍ଷଣାତ ସେହିପରି ନବକିଶୋର ମୁଖ ଅକସ୍ମାତ ଶୁଣି ଆନନ୍ଦିତ ହୋଇ ଉଠିଲା; ପୁଣି ପରକ୍ଷଣରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଲା । "ତାର ପତ୍ନୀପତି ଏଡ଼ ଥିବାରୁ ପଇଁ ଦେବାକୁ ସେ ଅବସର ପାଏ ନାହିଁ । ତୁ ତାଠାରୁ ଆଉ କିଛି ପାଇବାର ଆଶା କରନୁ ନାହିଁ"—ଏହାର ଅର୍ଥ କଣ ? ତାର ମନଃପ୍ରାଣ କ୍ଷତବିକ୍ଷତ ହେବାକୁ ଲାଗିଲା । ସେ ବୁଝିଲା,—ଏଥିରେ ହୈମବତୀଙ୍କର ହାତ ଅଛି ନିଶ୍ଚୟ । ସେ ତାଙ୍କୁ ବାରଣ କରୁଛନ୍ତି କିମ୍ବା ଏପରି ସ୍ଥଳରେ କଷ୍ଟ ଦେଉଛନ୍ତି, ଯଦ୍ଦ୍ୱାରା ସେ ପଇଁ ଦେବାକୁ ଭୁଲିଛି । ତେବେ ତାଙ୍କଠାରୁ ଆଉ ପଇଁ ଆଶା କରିବା ବୃଥା । 'ଦୁଇ, ପଇଁ ନ ଦେଉନ୍ତୁ, ସୁଖରେ ଥାନ୍ତୁ ।" ସେ ଆଉ କିଛି ପାରିଲା ନାହିଁ । ଦୁଇହାତ ଯୋଡ଼ି ଦେବାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କଲା ।

---

## ତ୍ରୟୋଦଶ ପରିଚ୍ଛେଦ

ଦୁଃଖରେ, ଦୁର୍ଭାବନାରେ ଲଳିତାର ଦିନସବୁ ଶେଷ ହେବାକୁ ବସିଛି ନାହିଁ । କିପରି ସେ ଅସଲ ଦିନଗୁଡ଼ିକ କଟାଇବ, ତାର ଉପାୟ ଖୋଜିବାକୁ ଲାଗିଲା । ଘରେ କାମ ହେଲେ ଯୋଉଁଠାଏ କାର୍ଯ୍ୟ ଥାଆନ୍ତା । ସାରା ଦିନଟା ଧରି ବସିବ କେତେ ? ପଢ଼ିବା ବା, ବସୁଛି ସଂଖ୍ୟା ତ ଅଙ୍ଗୁଳି ଅଗରେ । ନବକିଶୋର ତ ନାହାନ୍ତି ଯେ ନୂଆକଥା ଆଣି ଯୋଗାଇବେ । ଖାଲିଠାରେ ବସି ରହିବାରୁ ନାନା ଚିନ୍ତା ଦୁଃଖ ଦିନା ମନକୁ ଅସ୍ଥିର କରୁଛନ୍ତି । କିନ୍ତୁ ନା କିଛୁ ଯୋଉଁଠାଏ କାର୍ଯ୍ୟରେ ନିଯୁକ୍ତ ହେଲେ ଅନେକଟା ଦୁଃଖର ଲାଘବ ହୁଅନ୍ତା । ବହୁ ଚିନ୍ତା ପରେ ସେ ସ୍ଥିର କଲା, ଦର୍ଜୀକୁ ତ ପ୍ରତି-ଦିନ ସକାଳେ ଘଣ୍ଟାଏ ଦୁଇଘଣ୍ଟାଏ ପଢ଼ାଇବ, ସେଥିନ୍ତୁ ସମୟଟାକୁ ଆଉ କିଛି ସର୍ବ କରିଦେବ । ଦିନସାରା ସମସ୍ତ ସମୟ ଅତିବାହିତ କରିବ ସେହି କାର୍ଯ୍ୟରେ । ତା ହେଲେ ମନର କିଛି ପରିବର୍ତ୍ତନ ଆସିବ ନିଶ୍ଚୟ । ଲଳିତା ତାର

ସ୍ୱପନାକୁ କାର୍ଯ୍ୟରେ ପରିଣତ କଲେ । ସେଥିରେ ସେ ଯେପରି ଆନନ୍ଦିତ, ରମାଧର ଓ ବୃନ୍ଦା ଦେବୀ ସେହିପରି ଆନନ୍ଦିତ । ସଧୁ ମଲ୍ଲିକ ହିଁ ଏ କାମର ଗଭୀର ସାଥୀ । ସେ ମଧ୍ୟ ଚର୍ମୀ ସଙ୍ଘରେ ପଢ଼ିବାକୁ ଅକ୍ଷମ ହେଲେ । ନୂତନ ଶିଷ୍ୟ ହୁଅନ୍ତି ଗାଁର ଲକ୍ଷ୍ମୀ ତାର କର୍ତ୍ତବ୍ୟରେ ହରିପଦଙ୍କ—ନନ୍ଦକିଶୋରଙ୍କର ମଧୁମୟ ସ୍ମୃତିକୁ ଘଞ୍ଚ କଲା ।

ସର୍ବ କଲ୍ୟାଣଙ୍କୁ ଏହିପରି ଗୋଟାଏ କାର୍ଯ୍ୟ କରିବାର ଇଚ୍ଛା କରୁଥିଲେ । ମାତ୍ର ସୁଯୋଗ ଓ ସୁବିଧା ନ ପାଇ କାର୍ଯ୍ୟରେ ପରିଣତ କରିପାରୁ ନାହିଁ । ତାର ଇଚ୍ଛାମତ କାର୍ଯ୍ୟଟି ଆଜ ଲକ୍ଷ୍ମୀ କରିପାରିଛି ଶୁଣି ଅସୀମ ଆନନ୍ଦ ଅନୁଭବ କଲେ ସେ । କହିଲେ, "ମୁଁ ଏଇ କଥା ଦିନେ ରଘୁକୁ କହୁଥିଲି, ସେ ବି କହିଥିଲା । ଝୋଟାକାଠା ବଡ଼ ଭଲ ଧନ୍ଦାଟା । ତାର ବି ଏ ଦଗରେ ଭଲ ମନ । ମୁଁ ଆଜି ଯାଇକି ତାକୁ କହିବ । ଦୁଆ ପିଲ ଟୋକାଙ୍କପାଇଁ ଖୁବ ଭଲ ସୁବିଧା ।"

"ତା ହେଲେ ତ ଭଲ ହୁଅନ୍ତା । ମୁଁ ଆଜ୍ଞା…।"

"ଅଚ୍ଛା, ବେଶି ପିଲ ହେଲେ ତ ଏ ଘରେ ଥାନ ହେବ ନାହିଁ ।"

"କାହିଁକି ? ତମ ଘରଟା ତ ଖାଲି ପଡ଼ିଛି । ସେଇଠି ସ୍କୁଲ ହେବ ।"

"ହଉ, ମୁଁ ଯାଉଛି ଏଇଲେ ରଘୁକୁ ଡାକି କହିବି ।"

ରଘୁ ମନମୋହନ ପଟ୍ଟନାୟକଙ୍କ ମଧ୍ୟମ ପୁତ୍ର । ସେ ଏମ୍. ଏ, ତାଙ୍କ ବାପ ଘରେ ବସିଛନ୍ତି ଚାରି ବର୍ଷ ହେବ । ଅବଶ୍ୟ ହୁଅନ୍ତି ଖୁବ ଘର ଜବର ବୁଦ୍ଧି । ସେ ଫୁଟ୍‌ବଲିଆ ହୋଇ ଜେଲ ଭୁଲି ବାଲ କାଟେ । ହେଲେ, ଝୋଟକାଠା ବଢ଼ ବୁଦ୍ଧିମାନ ଓ ସତ୍ୟବାଦୀ । ତାର ଆଉ ଗୋଟିଏ ଭଲ ଗୁଣ ଏଇ ଯେ, ଗ୍ରାମର ଲୋକମାନଙ୍କର ଦୁଃଖାନୁଭବରେ ସେ ଦନସ୍ତର ଲାଗି ଥାଏ । କୌଣସି ଗୋଟାଏ ନୂତନ କାର୍ଯ୍ୟ ହେଲେ ତ ତାର ଅଗ୍ରଣୀ ଓ ପିଆ । ସଂଗଠିନ ହେବ, ସେଥିପାଇଁ ସେ ଅଗ ଅଗ୍ରାଣୀ ବାହାରେ ପଡ଼ିବ । ମେଳାମହୋତ୍ସବ ହେବ, ଚାନ୍ଦା ଆଦାୟ କରିବା ଭାର ତାରି ଉପରେ ଥିବ ହେବ, ଯୋଗାସ ଖୋଲା ହେବ—ଏ ସବୁ ବିଷୟରେ ସେ ଅଗ୍ରଭାଗ । ସରଟାରୁ ସ୍କୁଲ କରିବା କଥା ଶୁଣି, ତାର ଖୋଜ ଭଲେ କଥା ନାହିଁ ।

ସ୍ୱାର୍ଥ ସ୍ୱାର୍ଥ ଲୋକ ସେ ସମସ୍ତଙ୍କୁ ବୁଝାଇବାକୁ ଲାଗିଲା ହିଁଅ, ଧନିଣୀମାନଙ୍କୁ ଶିଖାଇବା ଲାଗି । ଯେତେବେଳେ ତାର କଣ୍ଠତା ଶୁଣି ସଙ୍ଗେ ପ୍ରଧାନ ଡାକ୍ତର ସେତେବେଳେ ଶୁଣଙ୍ଗାସରେ କଥାଟାକୁ ଉଡ଼ାଇଦେଲେ । କେବଳ କେବଳ ଲଳିତା ନାମ ଶୁଣି ବର୍ଷନା କରିବାକୁ ଭୁଲିଲେ ନାହିଁ । ଯାହା ହେଉ, ତାର ଅଭିପ୍ରାୟ ହେବାର ଗାଣ ନାହିଁ । ସେ ହୃଦି ହୃଦି ସମସ୍ତ ଅପମାନ ସହିନା ସହ୍ୟ କରୁ, ସତର ଦିନ ଭାଲ ଆନ୍ଦୋଳନ ପରିଚୟରେ ପରିଣତ ଷୋଡ଼ଶୀ ଯୋଗାଡ଼ କଲା ।

ଗ୍ରାମରେ ସୃଷ୍ଟି ଏକ ନୂତନ ସମାଜସେବାର ସ୍ରୋତ ବହିବାକୁ ଲାଗିଲା । ଲଳିତା ସମସ୍ତଙ୍କର ତ ଶ୍ରଦ୍ଧେୟ । ସତ ଅନେକ ସ୍ରୋତର ଗତି ତାହାର ଅନୁକୂଳ ହେଲା ବେଶି । ନାରୀ କହି ବୁଲିଲା, "ଏ ଲଳିତାର ବୁଦ୍ଧି ଦେ, ପର ପାଇଁ ଏ ଯୁଗରେ କିଏ ଚିନ୍ତା କରେ କି ? କଥା ପଦେ ତ ସହାୟିକା, ବଡ଼ ନାଆଁରେ ବେଶଭୂଷା ଶୋଭିବ କିଏ ମ ? ଅନ୍ଧ ଦେଖାରେ କଣ ଡେଉଁ ଲୁଣ ନାହିଁ, ଏ ଗାଁ ଲୋକଙ୍କ ଆଖିରେ ଧୂଳି ଦେବାକୁ କହିଣ ? ନବା ତ ଆଜି ଗାଁ ମାଲୁ ନାହିଁ କ ଶାସିତର ଦଳ ନାହିଁ, ତା ବାପର ସଞ୍ଚି ଭୂଗ ବାପ ଦେଇ, ସେ ଧନ ମୋ ପିଲେଙ୍କୁ ପାଣି ହୋଇଗଲା ପରା ! ଯାହାପାଇଁ କଲେ କଲେ ବହିମାନ ହେଉଥିଲେ, ସେ ତ ଫେରୁଥିଲା ନାହିଁ, ସେଠାରୁ ବାହାରିନ ଲଳିତାର ବାହାନାରେ ରହିଥିବ ଗାଲରେ ଚଢ଼ାଇବାକୁ । ଏହା ତ ବେମୁରବଳ କଥା—ଚାପ ଛକି ଲୋ ଲୋ ହୋଇ ବୁଲୁଛ । ମାଉସୀ ତା କଥାରେ । ଲଳିତାର ଅର୍ଥ ଏଇଆ ।" ଶନା ମା କହୁଛି, "ଭଲ ଗୋ, ଏ ସହରୀ ଝାଅଟି ତ ଗାଁରେ ବାଲ ହେଲାଣି ? ସେ କଣ ଯୁବକ ମନ୍ତ୍ର ଜାଣିଛି କି ? ଏ ବି ଢାଲ ଘର ହୋଇଯିବ ଜଣା ଯାଉଛି !" ଇତ୍ୟାଦି ଇତ୍ୟାଦି । ଗାଁର ମୁଖିଆ ମୁଖିଆ ଲୋକମାନେ ସେଥିରେ ଏକମତ ହେଲେ ।

ପୁଳକ ବି ଶୁଣିଲା ଧନପାତ୍ର ଗାଆଁ ଦେଖିବାର ଗୋଟାଏ ରାସ୍ତା ହୋଇଛି । ସେ ଭାବନ୍ତି, "ଏ ଟୋକାଟା ମିଛରେ କାହିଁକି ଏଥିରେ ମାତିଲା ! ସମସ୍ତେ ତ ଆମକୁ ଅଶରଣ—କିଏ ସେତେ କଥା କହିବେ !" ହେଲେ, ଲଳିତା ମୁହଁ ଉପରେ କେହି କିଛି କହନ୍ତି ନାହିଁ । ଶରଧା ଦେଖିବାର ମୁହଁ

ଧନକୁ ସେ ଦେଖି ଆସୁଛନ୍ତି, ଲଳିତାର ଦଶଟା କପଡ଼. ମରିଯାଉଛି। ପୂର୍ବ ପରି ତାର ସେ ହସ ହସ ମୁହଁ ଆଉ ନାହିଁ। ତା ଉପରେ ନୈରାଶ-ଚେତ୍ବର ବ୍ୟବହାରରେ ସେ ଅତ୍ୟନ୍ତ ଶଙ୍କି ଯାଉଛି। ଏବେ ତ ତାର ମନକଷ୍ଟ, ତା ଉପରେ ପୁଣି କଷ୍ଟ ହେବ, ଏହି ଭୟରେ ସେ କିଛି କହି-ପାରନ୍ତି ନାହିଁ। କିନ୍ତୁ ଏ ସମାଲୋଚନା ସବୁ ଶୁଣି ତାଙ୍କର ଆଉ ଧୈର୍ଯ୍ୟ ଅଣ୍ଟିଲା ନାହିଁ। ସେ ସ୍ୱାମୀଙ୍କ ସହିତ ଝଗଡ଼ କଲେ, କାରଣ ଲଳିତା ସେ ସ୍କୁଲ କାର୍ଯ୍ୟରୁ ଶାନ୍ତ ହେବ। "ଗାଁ ପିଲାଏ ପଢ଼ିଲେ କେତେ, ନ ପଢ଼ିଲେ କେତେ? ଆମର କଣ ଅଛି? ଇଜ୍ଜତରେ ଥିବୁ ଖାଇ ତୋପା ଆଗରେ ଦେଖିବା କାହିଁକି? ସେଥିରେ ପୁଣି ଯାବତ ଲୋକ ଖେଳ ସବୁ ବଡ଼ ବଡ଼ କଥାମାନ କହୁଛନ୍ତି। ନା, ଆମର ସେଥିରେ ଦରକାର ନାହିଁ। ଯେଉଁଟା ହେଲା ସେତିକି।" ଯଶୋଧରଙ୍କର ପ୍ରସ୍ତାବ, ସେ ଯାହା ଭଲ ବିବେଚନା କରନ୍ତି, ତଥ ବାଧାଶୂନ୍ୟ ସତ୍ତ୍ୱେ ସମାଲୋଚନା ତାଙ୍କୁ ସେଥିରୁ ବିରତ କରିପାରେ ନାହିଁ। ସେ ସ୍ତ୍ରୀଙ୍କର କଥା ଶୁଣି ଟୋକାଏ ଅବଜ୍ଞାର ହସ ହସି କହିଲେ, "ବାଉ ଲୋକେ ବାଉ କଥା କହୁଛନ୍ତି, କହନ୍ତୁ। ଏ ତ ଆଜି ନୂଆ ନୁହେଁ। ଚିରଦିନରୁ କହି ଆସୁଛନ୍ତି। ଏତେ ଯେ ସହୁଥାଉ, ଏତକ କାହିଁକି ସହି ପାରିବା ନାହିଁ? ଲଳିତା ଯାହା କରୁଛି, ବଡ଼ ଭଲ କାର୍ଯ୍ୟ କରୁଛି। ମୁଁ ବୁଝୁଛି, କାରଣ ସେ କାର୍ଯ୍ୟଟିକୁ, ସେ ସ୍କୁଲକୁ ଅନ୍ତରରୁ ଦୁଃଖ କରିବାକୁ ହେବ। ମୁଁ କହି ଦେଉଛି, ଏ ବିଷୟରେ ଲଳିତାକୁ କୌଣସି କଥା କହିବ ନାହିଁ।"

ବୃଦ୍ଧା ଦେଖି ଜାଣିଲେ, ଯଶୋଧର ବଡ଼ ଏକଜିଦିଆ ଲୋକ। ସେ ଯାହା ଉଚିତ ମନେ କରନ୍ତି, ସ୍ୱୟଂ ଶଙ୍କର ହେଲେ ସୁଦ୍ଧା ତାଙ୍କୁ ସେଥିରୁ ଟଳାଇ ପାରିବେ ନାହିଁ। ସାରା ସଂସାରଟା ଯଦି ତାଙ୍କର ବିପକ୍ଷ ହୁଏ, ତଥାପି ସେ ଉଦ୍ଦେଶ୍ୟ ନହରି ନିଜର ଇଚ୍ଛାମତ କାର୍ଯ୍ୟ କରିଯାନ୍ତି। ବର୍ତ୍ତମାନ ତାଙ୍କ କଥା ସ୍ୱର ଶୁଣି ବୃଦ୍ଧା ଦେଖିଲେ ପ୍ରତିବାଦ କରିବାକୁ ସାହସ କଲେ ନାହିଁ। ମନେ ମନେ ଏତିକି କେବଳ କହିଲେ, "ଯାଅ, ଯାହା ତୁମକୁ ସୁହାଉ!"

ସେହି ଚାରିଟି ପିଲାଙ୍କୁ ନେଇ ସ୍କୁଲ କାର୍ଯ୍ୟ ଆରମ୍ଭ ହେଲା। କାରଣ ସ୍କୁଲର ଛାତ୍ରୀସଂଖ୍ୟା ବୃଦ୍ଧି ହେବ; ସେଥିପାଇଁ ରଘୁ ଯଥାସମ୍ଭବ ଚେଷ୍ଟା କରୁଥାଏ।

ସ୍କୁଲ ହେବାର ଶୁଦ୍ଧମାତ୍ର ସୂଚନା ନାହିଁ, କୈଳାସଚନ୍ଦ୍ର କଲିକତାରୁ ସରଳକୁ ଗୋଟିଏ ଚିଠି ଲେଖିଲେ—"ମୁଁ ଶୁଣୁଛି, ତମ ଗାଁ ପାଖରେ ଆଉ ସବୁ ଗାଁରେ ବି ଗୋଟାଏ ସ୍କୁଲ ଖୋଲୁଛି । ତମ ଗାଁଅର ଖବର ମୋତେ ଭଲରୂପେ ଜଣା—ପିଲାଙ୍କୁ ବାପ ମା'ଙ୍କ ଚିନ୍ତାରେ ସେ ଅସ୍ୱସ୍ଥ ଅଛନ୍ତି ଯାଉଛି । ଏଣୁ ଗାଁଲୋକମାନେ ତାର ଖର୍ଚ୍ଚ ପରିତ୍ୟାଗ କରନ୍ତୁ । ଯଦି ସେ ସ୍କୁଲ ଖୋଲିବ, ସେଥିପାଇଁ ମୋତେ ବି ଚନ୍ଦା ଦେବାର ନାହିଁ—ମୋର ଜମିଦାରୀ ଅଞ୍ଚଳରେ ମୋର ଏତେ ବଡ଼ ଗୋଟାଏ କାଣ୍ଡ ଘଟିଯିବା ଖୁବ୍ ଭଲ ଅନ୍ୟାୟ । ଫେରନ୍ତା ଡାକରେ ମୁଁ ଯେପରି ଶୁଣିବାକୁ ପାଏ, ତୁ ସେ ସ୍କୁଲ ସମ୍ପର୍କରେ ନାହୁଁ, ଓ ଆମଘରେ ସେ ସ୍କୁଲ ହେଉ ନାହିଁ ।" ଏହା ପାଠ କରି ସରଳ କିଂକର୍ତ୍ତବ୍ୟବିମୂଢ଼ା ହୋଇପଡ଼ିଲା । ତାକୁ ବଡ଼ ଆଶ୍ଚର୍ଯ୍ୟ ବୋଧ ହେଲା, ଏ ଖବର ବାପାଙ୍କ କାନକୁ କିଏ ଦେଲା । ବହୁତ ସମୟ ଚିନ୍ତା ସ୍ଥିର କଲା, "ଏ କିଛି ଆମର ଜମିଦାରଙ୍କର କାଣ୍ଡ । ସେଇମାନେ ସ୍କୁଲ କରିବା ପ୍ରସ୍ତାବ ଶୁଣି ଜାଣିଛନ୍ତି—ବୁଝିନ କରୁଥିଲେ ଓ ଲଳିତା ନାମରେ ଜାଣି ବୁଝି ଉଠିବା କରିବାକୁ କୁଣ୍ଠାବୋଧ କରୁ ନ ଥିଲେ, ସେହିମାନେ ତାଙ୍କର ଛିଦ୍ର ବାହାରୁ ରଖିବାକୁ ବାପାଙ୍କର ସାହାଯ୍ୟ ନେଉଛନ୍ତି । ହଉ, ବାପାଙ୍କର ଯେତେ-ବେଳେ ଇଚ୍ଛା ନୁହେଁ, କିନ୍ତୁ ସେଥିରୁ ବଞ୍ଚିତ ହେବାକୁ ହେବ ? ଭଲ ଲୋକଙ୍କୁ ଏସବୁ କଥା କହିବ କିପରି ? କଣ କରୁ ସ୍କୁଲରେ ଯୋଗ ଦେବ ନାହିଁ ?" ତାର ମନ ବଡ଼ ଅଧୀର ଅସ୍ଥିର ହୋଇ ଉଠିଲା । ଲଳିତା କଥାରୁ ଏହା ବାପାଙ୍କ ଉପରେ ତାର ବଡ଼ ଘୃଣା ହେଲା । ଅହା ! ଲଳିତା ସାଙ୍ଗରେ ଦେଖାହେବାମାତ୍ରେ ତା ନାମରେ ଏମନ୍ତ ଅପବାଦ—"ସେ ପିଲାମାନଙ୍କୁ ଖରାପ ବାଟରେ ନେଉଛି !" ଏ କଦର୍ଯ୍ୟ ଧାରଣା ପିତାଙ୍କର । ଗାଁ ଭିତରେ ପିଲାମାନଙ୍କୁ ଯଦି କେହି ଭଲ ବାଟରେ ନ ନିଅନ୍ତି, ତେବେ ଏଣେ ସେହି ଲଳିତା । ସେ ସନ୍ତୁଷ୍ଟରେ ଶୁଣିଲ, ତାଙ୍କ କପାଳରେ କଣ ଲେଖାଥିଲା ଭୁଲିଗଲା ? ତାର ଚକ୍ଷୁ ଲୋତକରେ ପୂର୍ଣ୍ଣ ଅଛି । ସେହି ସମୟରେ ପହଞ୍ଚ ଲଳିତା କହିଲା, "ଅପା ! କଣ ଭାବୁଛ ମ ବସି ? ମୁଁ ସଞ୍ଜ ହେଲା ଆସି ଠିଆ ହେଲଣି, ସେହିପରି ଏକ ଧ୍ୟାନରେ ବସି ରହିଛ ?" ସରଳ ଉଚ୍ଛ୍ୱସିତ ଲୋତକଧାରା ଆଉ ବାଧାବନ୍ଧ ମାନିଲା ନାହିଁ । ସେ ଫୁଲି

ସ୍କୁଲ ଛାଡ଼ିବାକୁ ଲାଗିଲେ ! ସହସା ସବୁ ଏପରି ଭାବରେ ଦେଖି ଲଳିତା ଆଶ୍ଚର୍ଯ୍ୟ ହୋଇଗଲେ । ଲଳିତା, ବୋଧ ହୁଏ ଅଜାଣତ ଅବସରର ପାଠଶାଳାକୁ ମନରେ ପକାଇ ବ୍ୟର୍ଥ ଆଗ୍ରହ ଅବକାଶର ସୁପ୍ତ ବେଦନାରାଶିକୁ ସହିଲେ, ସଜଳ ନେତ୍ର ଦେଖିଲୁ—ଅପା ସେଥିପାଇଁ ଏପରି ଅଧୀର ହୋଇ ପଡ଼ିଛନ୍ତି । ତାଙ୍କ ନାରୀ ହୃଦୟ ସମବେଦନାରେ ଭରିଗଲା । ସେ ମଧ୍ୟ ସେହି ସନ୍ତପ୍ତ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ ! କିଛିକ୍ଷଣ ପରେ ସବୁ କହିଲେ, "ଲଳିତା ! ବାପା ଚିଠି ଦେଇଛନ୍ତି—ଆମ ଘରେ ଆଜି ସ୍କୁଲ ହେବ ନାହିଁ । ମୁଁ ବଡ଼ ଆଶ୍ଚର୍ଯ୍ୟ ହେଉଛି, ସେ ଏ ଖବର ପାଇଲେ କିପରି ?" ଲଳିତା ଅବିଚଳିତ ସ୍ୱରରେ କହିଲେ, "ଏଥିରେ ଆଶ୍ଚର୍ଯ୍ୟର କଥା କଣ ଅଛି ! ସ୍କୁଲ ହେଲା ଦିନରୁ ମୁଁ ଅନୁମାନ କରିଥିଲି, ଦିନେ ଏହିପରି ଗୋଟାଏ କିଛି ଘଟିବ ବୋଲି । କିନ୍ତୁ, ସ୍କୁଲ ନ ହେଲେ ନାହିଁ । ତମେ କାନ୍ଦୁଛ ଏଥି ପାଇଁ !" ଗୋଟାଏ ତାଚ୍ଛଲ୍ୟବ୍ୟଞ୍ଜକ ହସ ସେ ହସିଲେ । ଏଥିରେ ତ ନୂଆ କଥା କିଛି ନାହିଁ । କିନ୍ତୁ ଯେଉଁମାନେ ଏତେ ବାଧା ଦେଉଛନ୍ତି, ସେମାନେ କଣ ବୁଝୁଛନ୍ତି, ଏପରି କରିବାଦ୍ୱାରା ଲଳିତା ତାର କର୍ତ୍ତବ୍ୟରୁ ବିଚ୍ୟୁତ ହେବ ? ଅସମ୍ଭବ । ପୂର୍ବରୁ ଯେପରି ଦୁଇଟି ପିଲାଙ୍କୁ ନେଇ ଆମର ସେ ଛୋଟ ଘରଟିରେ ସ୍କୁଲ ହେଉଥିଲା, ସେହିପରି ହେବ । ଆଉ କଣ ? ତଦ୍ୱାରା ଗ୍ରାମର ବା ସ୍ତ୍ରୀ ସମାଜର କିଛି ଉନ୍ନତି ହେଉ ନ ହେଉ, ମୋର ଆତ୍ମିକ ଉପକାର ହେବ ତ ! ଗୋଟାଏ ସାମାନ୍ୟ ରମଣୀର ବିରୁଦ୍ଧରେ ଗ୍ରାମ ଗୋଟାକ ଠିଆ ହୋଇ ଯଦି ତାକୁ ପଦଚ୍ୟୁତ କରିପାରିଲେ ନାହିଁ, ସେ ଶତ ବାଧାବିଘ୍ନ ସତ୍ତ୍ୱେ ନିଜର ଅଭୀଷ୍ଟ ସାଧନ କରିପାରିଲା—ଏହି ବିଜୟ ଗର୍ବରେ ମନକୁ ସାନ୍ତ୍ୱନା ଦେଇ ହାରିବ କି ? ତା ପରେ ସେହି ଦୁଇଟି ପିଲାଙ୍କଦ୍ୱାରା ଗ୍ରାମର ବା ସ୍ତ୍ରୀସମାଜର ଉନ୍ନତି ନ ହେବ କାହିଁକି ? ସେମାନେ ଶିକ୍ଷିତା ହେଲେ ଦିନେ ସେମାନଙ୍କ ମନରେ ଏହିପରି ସତ୍‌ଚିନ୍ତା କଣ ଉଦୟ ହୋଇପାରିବ ନା ? ତମେ ଅପା, ଦୁଃଖ କର ନା । ସ୍କୁଲ ଆରମ୍ଭ ଦିନ ଠାରୁ ଗ୍ରାମରେ ଯେପରି ସମାଲୋଚନାର ଝଡ଼ ବହୁଛି, ମୁଁ ଜାଣି ପାରୁଛି ତମେ ଦେଖିବେ ଚିନ୍ତିତ ହୋଇପଡ଼ିଛ । କିନ୍ତୁ ସେପରି ଅଧୀର ହୋଇ ପଡ଼ିବା ଉଚିତ ନୁହେଁ । ଦେଖୁନା, ମୋର ସମାଲୋଚନା, କୋଳାହଳ,

ଅପବାଦ, ଅପମାନ—ଏସବୁକୁ କଣ ଭୟ ଅଛି ? ପିଲାଦିନରୁ ଶୁଣି ଶୁଣି ସହି ସହି ଦେହ ମୋର ସହି ଗଲଣି । ସେ ସବୁ ମୋର ଭୂଷଣ ହୋଇଗଲେ ତଲେ । ଛାଡ଼, ସେ ସବୁରୁ ଆଉ କଣ ମିଳିବ ? ମୁଁ କାଲିଠାରୁ ପୂର୍ବ ପରି ଆମଘରେ ସ୍କୁଲ କରିବି । ତମେ ଦୁଆରରେ ବସି ସେସବୁ କାନରେ ଶୁଣ ନାହିଁ ।"

ଲଳିତା ଚୁପ୍ ରହିଲା । ସେ କଣ ଉତ୍ତର ଦେବ, କିଛି ସ୍ଥିର ନ ପାଇ ଘରଭିତରେ ପଶିଗଲା ।

---

## ଚତୁର୍ଦ୍ଦଶ ପରିଚ୍ଛେଦ

ଦିନଗୁଡ଼ାକ ଗଡ଼ୁଁ ଗଡ଼ୁଁ ଚାଲିଯାଉଛି ପରି ବିତି ଯାଉଅଛି । ଶରତ ଦେଇ ସରତର ଅନେକ ବର୍ଷ ହୋଇଗଲଣି । ସୁଦୀର୍ଘ ଅନେକ ବର୍ଷ ପରେ କୈଳାସଚନ୍ଦ୍ର ଗ୍ରାମରେ ପଦାର୍ପଣ କରିଛନ୍ତି । ଅମାବାସ୍ୟରେ ଚନ୍ଦ୍ର ଦେଖିଲା ପରି ସରତର ଆନନ୍ଦର ସୀମା ନାହିଁ । ପିତାଙ୍କର ପଦ-ପ୍ରକ୍ଷାଳନ ଲାଗି ପାଣି ଦେଇ ଦେଇ କହିଲା, "ନବ ଆସିନି ବାପା, ବାଟରେ କେଉଁଠି ଅଛି, ନା କଲିକତାରୁ ଆସି ନାହିଁ ?" କୈଳାସଚନ୍ଦ୍ରଙ୍କର କଲିକତାରୁ ଗ୍ରାମକୁ ଆସିବା ଏଥର ନୂତନ ନୁହେଁ । ସେ ସେତିକି ଥରେ ଗାଁକୁ ଆସନ୍ତି, ଝିଅର ବୈଧବ୍ୟଦୁଃଖ ତାଙ୍କର ହୃଦୟକୁ ମର୍ମନ୍ତୁଦ କରି ପକାଏ, ଯନ୍ତ୍ରଣାରେ ତାଙ୍କର ହୃଦୟ ଭାଙ୍ଗିଯାଏ, ସଙ୍ଗେ ସଙ୍ଗେ ଆଖି ଦୁଇଟି ମଧ୍ୟ ଅଶ୍ରୁ ହୋଇଉଠେ । ଏଥର କିନ୍ତୁ ସରତକୁ ଦେଖି ତାଙ୍କର ଉପରେ ଗୋଟାଏ ହାସ୍ୟର ଭାବ ଦେଖାଗଲା । ସେ ପ୍ରଥମେ ସରତକୁ କୁଶଳ ପ୍ରଶ୍ନ କରିବା ଓ ଉତ୍ତର ପାଇବା ପରେ ପ୍ରଶ୍ନର ଉତ୍ତରରେ ସର୍ବ ସ୍ୱଭାବର ମୃଦୁ ସ୍ୱରରେ କହିଲେ, "କାହିଁକି ? ତା ଲାଗି ଏଠାରେ କେଉଁ କାମ ବାକି ପଡ଼ିଛି କି ?" ସରତ ଆଶ୍ଚର୍ଯ୍ୟ ହୋଇଗଲା । ମନେ ମନେ ଭାବିଲା, ତେଣୁ ବାପା ବୋଧହୁଏ ଭଲ ବୋଧ କରୁ ନାହାନ୍ତି ।

ଯଥାସମୟରେ ଅଳ୍ପଦିନ ରହି କୈଳାସଚନ୍ଦ୍ର କଲିକତାଯାତ୍ରୀ ହେଲେ । କନ୍ୟାକୁ ଏକାକିନୀ ଛାଡ଼ିବାର କଥା କିଛି ଶୁଣା ନାହିଁ ।

ଶାନ୍ତିଦେବୀଙ୍କର ଶାନ୍ତ ଶୀତଳ କାନ୍ତକୋମଳ ପରଶ ନ ଲଭିଲେ ସେ କାହାରିକୁ ତାଙ୍କର ସୁଶୀତଳ ଅଙ୍କରେ ସ୍ଥାନ ଦିଅନ୍ତି ନାହିଁ । କୈଳାସ ଚନ୍ଦ୍ରଙ୍କୁ ଶାନ୍ତିଦେବୀ ଅନୁକୂଳ ନ ହେବାରୁ ନିଦ୍ରା ଦେବୀ ମଧ୍ୟ ଅଙ୍କ ଆଖିରେ ଛୁଇଁଲେ ନାହିଁ । ସେ ବିଛଣାରେ ପଡ଼ି ଭାବିବାକୁ ଲାଗିଲେ, "କି ଶକ୍ତ ମହା-ପାପ ଯାହା କହିଲେ, ସେ କଥା କୌଣସିମତେ ଅବିଶ୍ୱାସ କରାଯାଇ ପାରେ ନା । ସେ ସୁବେଶ୍ୱର—ବୃଦ୍ଧ ବ୍ରାହ୍ମଣ, ମିଛ ବା କହନ୍ତେ କାହିଁକି ? ରଙ୍କାଧର କଷ୍ଟରୁ ସେଥିରୁ ଆଶାରେ ଡେଇଁଅଛି ଏ ପର୍ଯ୍ୟନ୍ତ ବଳରେ ରହିଛି । ସେ ଯେପରି ସତ୍ୟନିଷ୍ଠ ଜଳପ୍ରକୃତିର ଲୋକ, ଧନେ ସେ କୌଶଳରେ ତାର ଅନ୍ତିମ ସିଦ୍ଧ କରିପାରିବ, ଏଥିରେ ସନ୍ଦେହ କଣ ? ମୁଁ କେତେ ବାର ଲକ୍ଷ୍ୟ କରିଛି , ଧନୀକୁ ପ୍ରସଙ୍ଗ ଅନ୍ତଃକରଣ କରିବାକୁ ନିଜର ମୁହଁ ଶୁଖିଯାଏ— ସେ କପଟ ଚମକ ଉଠେ । କହେ, "ସେ କଥା କହିବାର କାହିଁକି ? ବାହୁଡ଼ ସମସ୍ତ ଅଛି ।" ଏହାର କାରଣ କଣ ? ପୁରୋହିତଙ୍କର ଅନୁମାନ ଠିକ । ମୁଁ ଜାଣିପାରୁଛି, ତାଙ୍କଠାରେ କୌଣସି ଅଛି; ତା ନ ହେଲେ ସାମାନ୍ୟ କଥା ଶୁଣି କମ୍ପ କରନ୍ତି । ଯାହା ହେଉ, କୌଣସି ଉପାୟରେ ସେ ଟୋକା ଏକମୁଷ ଜବଦ୍ ହେବ । ଏ କଥା ଶଶୀଭାଇର ଶିଖାଦ ଉ କମ୍ ନୁହେଁ—ଏବେ ଏକ ନୂତନ ଉପାୟରେ ବିଧାତା ସବୁ ହାତ କରିବାକୁ ବସିଛି । ଅଜ ଏଣେ ତେଣେ ଲୋକ ଦେଖାଇଲେ ସେ, ସୁଲଭ ଘରେ ବାଳକାମାନଙ୍କୁ ଗାଈଙ୍କର ପଢ଼ାଇ ଦେଇ ଦେଶୀୟ ଶିକ୍ଷା ଦେଇ ପଢ଼ାଇବେ । ବାପହିଁଅ ଦୁହେଁ ମିଳି ଦେଶଟାକୁ ସ୍ୱର୍ଗକୁ ଟେକି ଦେବେ ପରା ! ଦେଖିଲେ ଗାଈ ଅଛି ସ୍ୱାମୀର ପ୍ରାଣ ବାହାରିଗଲା, ଆଉକୁ ଶୋଇଥିଲେ କାହିଁକି ? ନାହିଁ ନାହିଁ, ତମର ସେ ସେଥାନରେ କୈଳାସ ଆହାର ନ ଭୁଲନ୍ତି ବାବା ! କପଟସନ୍ନ୍ୟାସୀ ବେଶ ଛାଡ଼ିଦିଅ । ସତ୍ୟ ହେବାକୁ ଯାଇ ବେଶିଗୁଡ଼ାଏ ମଧୁରା ବୋଲି ହେଉଛ କାହିଁକି ?" ଚିନ୍ତା କରି ପୁଣି ଭାବିଲେ, "ସନ୍ତାନକୁ ଦେଖିଲେ ମୋର ଦ.ତ ଜଳିଯାଉଛି । ଏବେ କେତେ-ଦିନ ହେବ ଯଦି ସେ ସ୍କୁଲରେ ଯୋଗଦେଇ ନାହିଁ; ତଥାପି ତାର ସାଙ୍ଗ ଛାଡ଼ି ନାହିଁ । ତାକୁ କଟେ ନ ଦେଖିଲେ ସୁହାସ ଅସ୍ୱାଭାବିକସ୍ତ ସ୍ତ୍ରୀ ଅଖିରେ । ସେ ଶ କଣ କରୁଛି କି ?" କୈଳାସଚନ୍ଦ୍ର, ସୁବଜା—ସିନ୍ଧୁର

ଲେଖାଗୁଡ଼ିକୁ ପଢ଼ିଲେ—ମନ୍ଦିର ବାହାର କରୁଛେ କଣ ତାର ଲକ୍ଷରେ ଅଛି । କିନ୍ତୁ ସେ ତ ଅତଳସ୍ପର୍ଶୀ ବିଶ୍ୱଜ୍ଞାନ ମହାସିନ୍ଧୁ ! ଯେଉଁଠି ଯେଉଁଠି ଅକ୍ଷରକୁ ପଢ଼ିବାକୁ ଲାଗିଲେ, ସେଠିକ ସେଇଠି ବାଧା ପାଇବାକୁ ଲାଗିଲେ । ପରମହଂସର ଲେଖାଗୁଡ଼ିକ ତୀକ୍ଷ୍ଣ.ଶର ତାଙ୍କ ବକ୍ଷ ବିଦ୍ଧ କରି ଚାଲିଥିଲେ । କିଛିକ୍ଷଣପରେ ଉନ୍ମତ୍ତବତ୍ ଚିଲ୍ଲାଇ କହିବାକୁ ଲାଗିଲେ—"ପରମହଂସ!—ପରମହଂସ!—ପରମହଂସ!"

କୈଳାସଚନ୍ଦ୍ର ଜଳଯୋଗରେ ବେଳେବେଳେ ଜିଜ୍ଞାସୁପ୍ରାଣ, ଘର ସେଇ ସମୟରେ କହୁଛି, "ବାପା ! କବରୁ ଆଣିଲ ନାହିଁ ଖାଇବ !" କୈଳାସଚନ୍ଦ୍ର ଉତ୍କୃଷ୍ଟ ଜଳ ଅସାଧାରଣଭାବ ସ୍ୱରରେ କହିଲେ, "ସେ ଅସିଲେ କେଉଁଠେ, ନ ଅସିଲେ କେଉଁଠେ ? ସେ ତ ଆଉ ମୋ ବୋଲରେ ନାହିଁ । ବାପ ବୋଲି ଡାକିଲୁ ମାତ୍ରକେ ଲାଗିଲ ଯେ । ଏ ତ କଳକାଳ, ଯେଉଁ ହାତରେ ଦେଇଥିଲି ଜଳଦ ଶ । ଅଭଗାର ସୋଭାଏ କଣ ଜାଣନ୍ତି ପୁଣ୍ୟଜନ ମାନେ ଛନ୍ତି ! ଯାହା ମନକୁ ଯାହା ପାଇବ, ସେ କହୁଥାଉ ।" ପିତାଙ୍କର ଏ ସର୍ବ ଭୂମିକାରେ ଘର ବୋଝ ଜାଣଗଲେ । ସମ୍ପଦାୟୁ ଶୁଣିବାକୁ ତାର ଅଉ ଧୈର୍ଯ୍ୟ ଅସିଲା ନାହିଁ । ସେ ଉତ୍କଣ୍ଠିତ ହୋଇ ପଚାରିଲା "ବାବୁଜି, କଣ କଲ ବା ସେ ?" କୈଳାସଚନ୍ଦ୍ର ଉତ୍ତର ଦେଲେ ନାହିଁ । ଜଳଯୋଗରେ ଅଧିକତର ମନୋଯୋଗୀ ହେଲେ । ଯେପରି ସେ ବିଷୟରେ ସେ କହିବାକୁ ଚାହୁଁନ୍ତି, ପ୍ରକାଶ କରିବାକୁ ନିତାନ୍ତ ଅନିଚ୍ଛୁକ, ଏହିପରି ଭାବ ପ୍ରକାଶ କରିବାକୁ ଲାଗିଲେ । ଶଙ୍କର ଦୁଃଖ ଓ ଘୃଣାରେ ଅଧୀରମ୍ଭଳ ଅଙ୍କୁରିତ୍ ହେଲେ ତାଙ୍କର ! ଏକ୍ଷଣ ଦୃଷ୍ଟିରେ ସେ ଅଧିକତର ସ୍ଥିର ହୋଇ ପିତାଙ୍କ ମୁହଁ ଅଣ୍ଟୋଶିକରେ ଅତୃପ୍ତ କଣ୍ଠରେ କହିଲା, "କଣ ବାପା ?"

"କଣ ଅଉ ? ସେ ମୋଟାଏ ବଙ୍ଗାଳୀ ଘରେ ବାହା ହେଲ ସେ, ମୋତେ ପଚେ ହେଲେ ପଚାରିଲ ନାହିଁ । ଭୂ ଭଣ୍ଡାଳ ବାହା ହେଲ—"

"କୁ ଜାଣ ସେ ବଙ୍ଗାଳୁଣୀ ?"

"ସେ କଣ ଜାଣ ଯୋଜରେ ଅଛ ଯେ, କୁ ଜାଣ ?"

"ଜାଣେନେ ନାହିଁ, ପେର......।"

"ଯେଉଁ ଅଭି କଣ ? ସେ କଣ ଆସି ଅଭି କାଳରେ ମିଶିବ ? ବଙ୍ଗାଳୀ ଝିଅ କଣ ଓଡ଼ିଆ ହୋଇଛନ୍ତି ? ଆଉ ବି: ଏ: ପାସ୍‌କରି ଝିଅଟି ଓଡ଼ିଶା ଦେଶକୁ ଆଦରିବ ? ତାର ବୋହୂପଣିଆ ତା ମନକୁ ପାଇବ ? ସେ ତ ଅମରେଶ ମାଲିପଙ୍କ ଘରକଣରେ ଲୁଚି ରହିବାକୁ ଚାହିଁବେ, ତାକୁ ଯାହା କହିବ, ସେ ମାନିବ । ସେ ତ ଆଜିକାଲି ଫେସନ ବାଲି, ମନକଲେ ଏ ଟୋକାକୁ ଦରଜ ପଢ଼େଇବ ସେ ।"

"ସେ ଚାରିସ୍ତ୍ରୀଙ୍କ ଅଣ୍ଠାକୁ ଦାହା ହେଲା, ଉମେ……।"

"ତୁ ଥିଲୁ ଭଲ କହିଲା ମୋତେ । ବାପ ବୋଲି ମାନୁଛି କିଏ ? ମାନିଲେ ଠାକୁର, ନ ମାନିଲେ କୁକୁର । ସେ ଅମାନିଆ ହେଲା, ତାକୁ ତ ଦେବତା ଦରକାର ।"

ସବୁ ଅଭି ଶୁଣିପାରନ୍ତି ନାହିଁ । ତାର ମସ୍ତକରେ ବଜ୍ରପାତ ହେଲା । ନା, ମାତ୍ର 'ମ' କହେ ନା । କି ସୁନ୍ଦର ବୁଦ୍ଧିମାନ ପିଲାଟା । ସେ ଅଭି କଲିକତା ଯିବାରେ ଯାଇ ଏତେ ବଡ଼ ଦାଣ୍ଡଠାଏ କଣ କରିବ । ସବୁ ତାକୁ ପୁଅଠାରୁ ବଳି ବେଳେ ଆଦରରେ ବଢ଼ାଇ ନାହିଁ । ପିଲାଟି ଧନକୁ ବେଳେ ଅର୍ଜନ ସ୍ନେହ ନାହିଁ ତାର । ସେ ଆଜ ପାଠ ପଢି ଶିକ୍ଷିତ ହୋଇ ଏଇଥି ଲାଗି ? ଏପାକୁ ଟିକିଏ ସନ୍ତୁଷ୍ଟ ନାହିଁ ? ଲଳିତାର ସୌମ୍ୟ ମୂର୍ତ୍ତି ସବୁ ଆଖିରେ ନାଚୁଥାଏ । ଆହା । କି ସୁନ୍ଦର କଲ୍ୟାଣ ଭଗ କରୁଥିଲା ସେ । ବାପା ତାର ସେଦିନ ଯେଉଁ ନମ୍ରୁର ପ୍ରଶ୍ନ କଲେ—"ନବକୁ ଉଚ୍ଚ ଶିକ୍ଷା ସଙ୍ଗରେ ବଡ଼ାଇ ଦେବା ନାହିଁ," ସେଥିରେ ସେ ହତୋତ୍ସାହ ହୋଇ-ଥିଲେ ସତ । ତଥାପି ତାର ହୃଦୟର କୋଣିଏ କଣରେ ଶୁଦ୍ଧ ଆଶାଟି ଅନ୍ଧକାରରେ ମଣି ସଦୃଶ ଏ ପର୍ଯ୍ୟନ୍ତ ଜଳୁଥିଲା । ବୋଧ ସମୟବେଳେ ସମସ୍ତ ହୋଇଯାଇଛନ୍ତି । ବାପା ଘରମୁଣ୍ଡରେ ପିଲା ଏମନ୍ତ ଦୁଃଖ ପ୍ରତିଷ୍ଠାଏ କରିବସିଲେ; ସତେ କଣ ବୋଲିବ ଶେଷ କଥାଟି ରଖି-ନ'ଥାନ୍ତେ ? ଜନ୍ମ, ଧାତ୍ରୁ ଦୁର୍ବୋଧ । ଏ କଣ ହେଲା ? ଲଳିତା ବେଳେ ଭୁଲିଯାଏ ନବକୁ । ସେ ଏ କଥା ଶୁଣିଲେ କଣ ହେବ ? ତାର ଦୁଃଖ ପାଇପିବ କିଏ । ଲଳିତାର ଭବି–ଦୁର୍ଦ୍ଦଶାରେ ତାର ହୃଦୟ ଥର ଥରେଇ ନମ୍ରଭାବ ଅଗ୍ର ହୋଇଆସିଲା । ସେ ଚୁପ୍ ହୋଇ ବସିଗଲା । କଥାଟା

ସବୁ କ୍ଷେତ୍ରରେ ବିଫଳ ଦେଖି କୈଳାସଚନ୍ଦ୍ର ମନେ ମନେ ଗୋଟାଏ ପେଶାଦାର ଦଳ ଗଢ଼ି ମୁଦ୍ରା ଲୁଣ୍ଠାଇ ଦେଲେ; ତଥାପି ସୁଯୋଗ ବଢ଼ାଇବା ପାଇଁ ଆହୁରି କେତେ କଣ କରିଗଲେ । କିନ୍ତୁ ସେଥିରୁ ଗୋଟିଏ ବାର୍ତ୍ତା ସୁଖ ସହର କର୍ତ୍ତୃପକ୍ଷରେ ପହଞ୍ଚି ପାରିଲା ନାହିଁ ।

କୈଳାସଚନ୍ଦ୍ରଙ୍କ ଦେଖା କରିବାକୁ ଗାଁରୁ ବହୁତ ଲୋକ ଆସି ଜୁଟିଗଲେ । କଲିକତାର ଖବର ପତ୍ରମାନେ ସେ ଅଦେଶ ନବାବ ବଙ୍ଗାଳୁଣୀ ବିବାହ ବିଷୟ ବାହାରିଥିଲେ । ତାଙ୍କ ସଙ୍ଗରେ ମୁକ୍ତକୁ ନାନା ଅଶ୍ଳୀଳ ଭାଷାରେ ଗାଳିଦେବାକୁ ଛାଡ଼ିଲେ ନାହିଁ । ତଥାପି ଏବେ ଯୁଦ୍ଧଧର୍ମ ସୃଷ୍ଟି ହୋଇଗଲା । ସେ ଶୁଣିଲା, ସେ କଥାକୁ ଛୁ ଛୁ ମାର ମାର କଲା । ନବ ବଙ୍ଗରେ ନାନା ସମାଲୋଚନା ମଧ୍ୟ ଚଳିଲା । ସେ ସମସ୍ତ ଲେଖି ପୁସ୍ତକର କଳେବର ବୃଦ୍ଧି କରିବା ଅପେକ୍ଷା ପାଠକମାନେ ଅନୁମାନ କରିନେବା ଭଲ ।

ଲଳିତା ସ୍ୱପ୍ନ—ବିଚିତ୍ର ସ୍ୱପ୍ନ । ତାର ଉତ୍ତରର ଅନ୍ତ ନାହିଁ, ଆଦି ନାହିଁ, ଯଶ ନାହିଁ, ଲକ୍ଷ୍ୟ ନାହିଁ— ସିନ୍ଧୁ ପରି ବିସ୍ତୃତ ଗମ୍ଭୀର, ଶୂନ୍ୟ ପରି ଅସୀମ, ଅନନ୍ତ । ନବକିଶୋର ବନ୍ଧ ହୋଇଥିବା ମୂର୍ତ୍ତିରାଶି ତାର ମନେ ହେଉଛି, ଯେପରି ସେ କେଉଁ ପାଟଳିପୁତ୍ରର ପଲ୍ଲବରେ ଅଙ୍କିତ ଏକ ସ୍ୱପ୍ନମୂର୍ତ୍ତି ଗତ ହୋଇଛି । ଦାବାଗ୍ନିର ଲେଲିହାନ ଶିଖା ଭିତରେ, ବା ପାତାଳର ବାସୁକି ଗହ୍ୱରରେ, ବା ଉତ୍ତାଳ ତରଙ୍ଗମାଳ-ବିକ୍ଷୋଭିତ ମହାସିନ୍ଧୁର ବିସ୍ତୃତ ବକ୍ଷ ଭିତରେ, କେଉଁଠାରେ ସେ କିଛି ଠିକଣା ପାଉନାହିଁ । ସ୍ୱପ୍ନ-ମୁଗ୍ଧା ହୋଇ ସେ କେତେ ଦିନ ଗଡ଼ାଇଦେଲା । ଯେତେବେଳେ ତାର ସ୍ୱପ୍ନଭଙ୍ଗ ହେଲା, ସେ ଶୁଣିଲା—"କଣ ! ସେ ଗୋଟାଏ ବଙ୍ଗାଳୁଣୀକୁ ବିବାହ କରିଛନ୍ତି ? ଗ୍ରାମକୁ ଆଉ ଆସିବେ ନାହିଁ !" ମର୍ମାନ୍ତିକ ବେଦନା ଅନୁଭବ କରୁଥିଲେ ମଧ୍ୟ ତାର ଶୀର୍ଣ୍ଣ ଅଧର ପ୍ରାନ୍ତରେ କ୍ଷୀଣ ହାସ୍ୟରେଖା ଫୁଟି ଉଠିଲା । "ଏ କଣ ସମ୍ଭବ ହୋଇପାରେ ? ସେ ପୁଣି ବିବାହିତ ? ପୁଣି ଗୋଟାଏ ଜାତି ହେଲେ କଣ ? କେତେ କେତେ ଏପରି ବାଲ୍ୟ ବିଧବା ? ସେଦିନ ସତ୍ୟ ମୋ ସଙ୍ଗରେ ତାଙ୍କର ବିବାହ ହୋଇସାରିଛି । ଶରୀରର ବିବାହ ହୋଇ ନାହିଁ ସିନା, ଆତ୍ମାର ତ ବିବାହ ହୋଇସାରିଛି । ଶରୀରର ବିବାହକୁ

କଣ କହୁଥିବେ କହନ୍ତି ? ନା, ତାଙ୍କ ପକ୍ଷରେ ଆଉ କହିବା ଯେ ଅସମ୍ଭବ । କିନ୍ତୁ କୈଳାସଚନ୍ଦ୍ର ଏ କଣ କହୁଛନ୍ତି ? ସେ ଆଉ ଶୁଣି ପାରିଲେ ନାହିଁ । ମୂର୍ଚ୍ଛିତ ହୋଇ ପଡ଼ିଲେ । ଅକସ୍ମାତରେ ସ୍ୱପ୍ନସୁଖଗୁଡ଼ିକ କେବଳ ସେତିକିରେ [illegible] ଲାଗିଲା । ତାର ଛୁଆଟି ଭିତରେ ସେଇଁ ଚନ୍ଦ୍ର-କିରଣ ପ୍ରଭାବରେ, ଯାହାଁକୁ [illegible] କେବଳ ଦୂରରେ ପଡ଼ାକୁ [illegible] ସେ ଅନନ୍ତ ସମୁଦ୍ରର ଅନ୍ତ ପାଇଲା ପରା ! ।

---

## ପଞ୍ଚଦଶ ପରିଚ୍ଛେଦ

ଆଜିକୁ ଅନେକ ବର୍ଷ ହୋଇଗଲା, କାଳୀଚରଣଙ୍କ ସହିତ ସାକ୍ଷାତ ହୋଇ ନାହିଁ । ଅନେକ ବର୍ଷ ହେଲେ ସେ ପିତାଙ୍କ ନିକଟରେ ପ୍ରତିଶ୍ରୁତ ହୋଇଥିଲେ, ଲଳିତାଙ୍କୁ ଆଉ ମୁହଁ ଦେଖାଇବେ ନାହିଁ ବୋଲି । ତାପରେ କଣ ହେଲେ, ଆସନ୍ତୁ ପ୍ରିୟ ପାଠକ ପାଠିକାଗଣ, ଦେଖି ଆସିବା ।

ସୂର୍ଯ୍ୟ ଦେବ ଦିନସାରା ଭ୍ରମଣର କ୍ଳାନ୍ତି ଦୂର କରିବା ଲାଗି ପଶ୍ଚିମ ଦିଗ୍‌ବଳୟ କୋଣରେ ଗଙ୍ଗାସ୍ନାନକୁ ବାହାରିଛନ୍ତି । ସେଥିପାଇଁ ଆକାଶ ପଟୁଆରର ଆୟୋଜନ କରିଛି । ସୁବିସ୍ତୃତ ଗଙ୍ଗାବକ୍ଷରେ ଆକାଶ ଚୁମ୍ବି ତୋରଣ ସଜା ହୋଇଛି—ରକ୍ତ ରଙ୍ଗ ଅସଂଖ୍ୟ ମେଘମାଳାରେ; ଆଉ ତହିଁରେ ବହୁ ବର୍ଣ୍ଣରଞ୍ଜିତ ସୁଦୃଶ୍ୟ ପତାକାମାନ ଫର ଫର ଉଡ଼ୁଛି । ଧାଡ଼ିର [illegible] ସାରଙ୍ଗମାନଙ୍କରେ ସୁନାର [illegible] ଶାଳକୁ [illegible] ନଦୀ ଗର୍ଭକୁ ଲାଗି । ସୂର୍ଯ୍ୟ ସେହି ବାଟରେ ଅବତରଣ କରିବେ ପରା । ଗଙ୍ଗାଦେବୀ ନିଜେ ଯୌବନ ଅପୂର୍ବ ସାଜରେ ସୁସଜ୍ଜିତ ହୋଇ ତାଙ୍କର ପ୍ରତୀକ୍ଷା କରୁଛନ୍ତି ବୃକ୍ଷଶାଖାର ଶ୍ୟାମଳ ପକ୍ଷିଶ୍ରେଣୀର ମନୋହର ଫୁଲ ଧାର୍ଯ୍ୟ କରି ।

ନେଇ [illegible] ଶିଖର ଦେଖି [illegible] ତାଙ୍କର ବହୁମୂଲ୍ୟ ରତ୍ନଖଚିତ ବସନାଞ୍ଚଳ ଅଗ୍ରଭାଗ [illegible] ପବନ ସ୍ପର୍ଶରେ । କି ସୁନ୍ଦର, କି ମନୋହର, କି ଅପୂର୍ବ ଦୃଶ୍ୟ ସେ । ନଦୀକୂଳରେ ଅସଂଖ୍ୟ

ନରନାରୀ ଏକତ୍ରିତ । ସମସ୍ତଙ୍କର ପିପାସିତ ଦୃଷ୍ଟି ସେହି ଦୃଶ୍ୟରେ କେନ୍ଦ୍ରୀଭୂତ । ଦୁଃଖ ନାହିଁ, ଚିନ୍ତା ନାହିଁ, ଗ୍ଲାନି ନାହିଁ—ଆନନ୍ଦମଦିରାର ମାଦକତାରେ ସମସ୍ତେ ମଜ୍ଜିଅଛନ୍ତି । ମାନବର କର୍ମକ୍ଳାନ୍ତ ଦୁଃଖମୟ ଜୀବନରେ ଏହି ଗୋଟିଏ ସୁଖ ମୁହୂର୍ତ୍ତ—ମାହେନ୍ଦ୍ର ଯୋଗ । ସେଥିରେ ଦୁଃଖ ଭୁଲି ଆନନ୍ଦ ଅନୁଭବ ନ କରିବ କିଏ ? ମର୍ତ୍ତ୍ୟଶୋଭା-ସମ୍ପଦର ସେହି ଅନ୍ତରାଳୁ ଚେଷ୍ଟା । ଦୁଃଖୀର ଦୁଃଖ ହରେ, ରୋଗୀର ରୋଗଯନ୍ତ୍ରଣା ନାଶକରେ, ଶୋକୀକୁ ସାନ୍ତ୍ୱନା ଦିଏ ଏବଂ 'କିଙ୍କରକୁ ଧନାଢ୍ୟର କଷ୍ଟରୁ ବଞ୍ଚିତ କରେ । ଦୁଃଖୀ ନବକିଶୋର ପ୍ରକୃତିର ସେହି ପବିତ୍ର ପ୍ରାଣମୟ ଦୃଶ୍ୟ ଅବଲୋକନରେ ଅଜ୍ଞାତ ଆନନ୍ଦ ଅନୁଭବ କରୁଥିଲେ । ସେ ବଡ଼ ପ୍ରକୃତିପ୍ରିୟ । ଶୈଶବ-ଯୌବନରେ ସେ ଟିକି ଏହି ଦୃଶ୍ୟ ବହୁବାର ଦେଖିଅଛନ୍ତି । କିନ୍ତୁ ହାୟ, ବର୍ତ୍ତମାନ ସେ ଯେ ଏକା । କାହିଁ ତାଙ୍କର ସେହି ପ୍ରାଣାଧିକା ଲଳିତା ! ଶୁଭଦିନରେ ଛାଡ଼ି-ଯାଇଥିଲେ ସୁଦ୍ଧା ଯାହାର ମନ ତୃପ୍ତ ହୁଏ ନାହିଁ, 'ରାତିପଣ ତେତାରେ ବାହ ହେଉଛି କରୁଛ' ବୋଲି କହେ, ସେ ଯାଇ ଦୁଇମାସ ଧରି ପତ୍ର ନ ପାଇ କି ବେଦନା ଅନୁଭବ କରୁ ନ ଥିବ ! ହାୟ......ନା, ପିତୃ ଆଦେଶ ଶିରୋଧାର୍ଯ୍ୟ ।......"କିନ୍ତୁ ଲଳିତା, ତୋର ଜୀବାତ୍ମାକୁ ଏତେ ଦୂର ନିର୍ମମ ହେଲି କିପରି ?......" ନା ମୁଁ ଭ୍ରାନ୍ତ । ତାଙ୍କର ପୁଣି ସମ୍ବେଦନା ଉଠିବା ତ ଅସମ୍ଭବ ନୁହେଁ । ତାଙ୍କୁ ଅବଶ୍ୟ ଦେବାକୁ କିଏ ଅଛି ? ଲଳିତାକୁ ପତ୍ର ଦେବା ନିଷିଦ୍ଧ । ଅତଏବ ଗଙ୍ଗାଦାଦାଙ୍କ ପାଖକୁ ଖଣ୍ଡେ ପତ୍ର ଦେଲେ ଅବଶ୍ୟ ପ୍ରକୃତ ତଥ୍ୟ ଜଣାପଡ଼ନ୍ତା । ନା, ତାହାର କୌଣସି ଜବାବ ନ ଲେଖିବା ବରଂ ଶ୍ରେୟଃ ... ... ।

ପଥରେ ଗୋଟିଏ ରମଣୀମୂର୍ତ୍ତି ନବକିଶୋରଙ୍କର ଦୃଷ୍ଟି ଆକର୍ଷଣ କଲା । ରମଣୀଟି ଯୁବତୀ; ବୟସ ୧୮ କିମ୍ବା ୨୦ ଭିତରେ । ମୁଖଶ୍ରୀ ଖୁବ୍ ସୁନ୍ଦର । ପରିଧାନ ବସ୍ତ୍ର ଶୁଭ୍ର ଜଳାଫେଣି ବାଲିକ୍ ଶାଢ଼ୀ, ନାଲିରଙ୍ଗର ଧଡ଼ିଟି ଫୁଲ ଝାଙ୍କାଡ଼ ମଧ୍ୟରେ ନବୀ ବାହୁବଲ୍ଲୀ ପରି ସେହି ମହିରୁ ଦୁଇଲକ୍ଷ କରୁଛି । ଚମ୍ପକ ସୁବର୍ଣ୍ଣ କାନ୍ତି ସୁଶୋଭିତ । ତାହାରୁ ଝଲକି ତାହା-ରଙ୍ଗର ଯାଉଛନ୍ତି ଟକ୍ ଟକ୍ ହୋଇ କହିଲ ସୌନ୍ଦର୍ଯ୍ୟକୁ ଅଧିକ ବଢ଼ାଇ

ଦେଉଛନ୍ତି । ଅବଗୁଣ୍ଠିତ ମସ୍ତକର କୁଞ୍ଚିତ କେଶଦାମ ସନ୍ଧ୍ୟାକାଶର ନୀଳା-ମ୍ବରକୁ ଉପହାସ କରି ବାୟୁଲହରୀରେ ନାଚି ଉଠୁଛି । ସୁବର୍ଣ୍ଣ ଦର୍ପଣ ପରି କପାଳ, ଶ୍ୟାମୋଜ୍ଜ୍ୱଳ ଦୀର୍ଘ ନୟନଯୁଗଳ ଅପୂର୍ବ ଶୋଭା, ଗଣ୍ଡଯୁଗଳ ବାଳସୂର୍ଯ୍ୟଙ୍କ ସ୍ୱର୍ଣ୍ଣଅଙ୍କେ ବନ୍ଧୁ ହୋଇ ରମଣୀର ରମଣୀୟ ମୁଖମଣ୍ଡଳର ଶୋଭାକୁ ଶତଗୁଣ ବଢ଼ାଇଦେଉଛି । ବୈଦ୍ୟୁତିକ ଅଲୋକରେ ଝଲକ ଦିଶିବା ରୂପସୀର ବିମ୍ବୋଷ୍ଠ-ପୁଷ୍ପ-ଅଧରରେ ସୁନେଇ ଉଷାର ଅମୃତବୋଳା ହସଟି ! ନବକିଶୋର ଠିଆ ହୋଇଗଲେ । ତାଙ୍କର ଆଖି ସ୍ଥିର ହୋଇଗଲା । ଏ ଯେ ସୌଦାମିନୀ ! ବନ୍ଧୁଙ୍କର ପତ୍ନୀ ସୌଦା-ମିନୀ ! ନବକିଶୋର ସୌଦାମିନୀଙ୍କୁ ତ ବହୁବାର ଦେଖିଛନ୍ତି, ଆଳାପ କରିଛନ୍ତି; କିନ୍ତୁ ଅପରୂପ ତ ସେ କେବେ ଦେଖି ନାହାନ୍ତି । ଏତେ-ସୁନ୍ଦରୀ ସେ ଥିଲେ କାହିଁକି ? ଏ ପରିବର୍ତ୍ତନ କିପରି ହେଲା ଆଜି ? ସୌଦାମିନୀଙ୍କୁ ସେ ଆଖି ପୂରାଇ କେବେ ଦେଖି ନାହାନ୍ତି । ସେ କୌଣସି ସ୍ତ୍ରୀକୁ ମନୋ-ଯୋଗ ଦେଇ ଦେଖନ୍ତି ନାହିଁ । ସେଥିପାଇଁ ସେ ଅନୁତାପୀ ଓ ନିଜର ଦୁର୍ବଳତା ମନେ କରନ୍ତି । ଯଦିଓ ସୌଦାମିନୀ ତାଙ୍କର ବନ୍ଧୁଙ୍କର ପତ୍ନୀ, ଅନେକ ଥର ସେ ତା ସହିତ ଆଳାପ କରିଛନ୍ତି କେତେଥର ପରିହାସ କଥା କହି, ତଥାପି ତାର ମୁହଁକୁ କିନ୍ତୁ କେବେ ହେଲେ ମନୋଯୋଗ ସହକାରେ ଚାହିଁ ନାହାନ୍ତି ।

ନବକିଶୋର ଏତେ ଦିନ ପରେ ସୌଦାମିନୀଙ୍କୁ ପୂର୍ଣ୍ଣଦୃଷ୍ଟିରେ ଦେଖିବାର ସୁଯୋଗ ପାଇଲେ । ଦେଖିଲେ, ଲଜ୍ଜାର ଅଧର ପରି ଅଙ୍ଗୁଳି ଗୋଟିଏ ସୁନ୍ଦର ଅଧର ମଧ୍ୟ କମ୍ପିତରେ ଅଛି । ସୌଦାମିନୀ ହସ୍ତରେ ସୌଦାମିନୀର ରୂପ ମୋହିନୀ ଅଛି । ବାଃ, କି ସୁନ୍ଦର ଦେଖାଯାଉଛି ! ଲାବଣ୍ୟରେ ଢଳଢଳ ହୋଇଛି ସେ । ଆଖି ଫେରାଇ ଦେଖିଲେ । କିନ୍ତୁ ସୁନ୍ଦରୀ; କିନ୍ତୁ ସହସା କି ଏକ ଆଶଙ୍କାରେ ତାଙ୍କର ହୃଦୟ ଥରି ଉଠିଲା । ଆଖି ଲେଉଟି ଆସିବାକୁ ଚାହୁଁ ନାହିଁ; ସ୍ଥିର ଭାବରେ ଠିଆ ହୋଇ ରହିବାକୁ ହୃଦୟରେ ବଳ ନାହିଁ । ସେ ଚଞ୍ଚଳ ପଦକ୍ଷେପରେ ଚେଷ୍ଟାରେ ଅବଶ ଶରୀରଟାକୁ ଟାଣିନେଇ ଅପରାଧୀ ପରି ଅତି ଶୀଘ୍ର ପଳାଇଗଲେ ।

ସୌଦାମିନୀ ଅତୁଲ ବାବୁଙ୍କର ସାଙ୍ଗ ପ୍ରମଥ ବାବୁଙ୍କର ଝିଅ । ସେ ମେଡ଼ିକାଲରେ ପଢ଼ନ୍ତି । ବର୍ତ୍ତମାନ ସେ ଫୋର୍ଥଇୟର (Fouth year)ର ଛାତ୍ରୀ; ଆଉ ଛ ମାସ ପରେ ଫାଇନାଲ୍ ଦେବେ । ନବକିଶୋର ମେଡ଼ିକାଲରେ ଭର୍ତ୍ତି ହେଲା ବେଳେ ସେ ସେକେଣ୍ଡ ଇୟର (2nd. year)ର ଛାତ୍ରୀ ଥିଲେ, ଫାଷ୍ଟ ଇୟର ଛାତ୍ରଙ୍କୁ କିଏ ଚିହ୍ନେ, କିଏ ବା ତାଙ୍କର ଖବର ରଖେ ? ସୌଦାମିନୀ ନବକିଶୋରଙ୍କୁ ଚିହ୍ନିଲେ, ଅତୁଲ ବାବୁଙ୍କର ପୁଅ ବୋଲି ପରିଚୟ ପାଇଲେ—ସେ ଯେତେବେଳେ ସେକେଣ୍ଡ ଇୟରରେ ପ୍ରଥମ ସ୍ଥାନ ଅଧିକାର କଲେ ।

ସୌଦାମିନୀର ଯେଉଁ ଦିନ ନବକିଶୋରଙ୍କ ସହିତ ପ୍ରଥମ ସାକ୍ଷାତ ହେଲା, ସେଦିନ ସୁନ୍ଦରୀ ତାଙ୍କର ବା ଚୋଖରେ ପଡ଼ିଥିଲା କେଜାଣି, ଆଖି ଦୁଇଟା ଆଉ ନବକିଶୋରଙ୍କ ଉପରୁ ଫେରିବାକୁ ଚାହିଁଲେ ନାହିଁ । ମନ-ମୀନଟା ପୁଣି ତାଙ୍କର ରୂପ-ସାଗରର କେଉଁ ଅତଳ ଗର୍ଭରେ ବୁଡ଼ି ରହିଗଲା । ଏତେ ରୂପ ? ପୁରୁଷର ପୁଣି ଏତେ ରୂପ ? ପୁରାଣ-ବର୍ଣ୍ଣିତ କନ୍ଦର୍ପ କଣ ଅଭିଶାପ ବେଶ ମର୍ତ୍ତ୍ୟରେ ଆସି ଅବଶ୍ୟ ଜନ୍ମ ହେଲେ କି ? ଏହି ନବବାବୁ କ୍ଲାସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ! ହିଁ, କହିବାର କଥା ଏହା । ରୂପକୁ ପୁଣି ନ ଥିଲେ ସେ କଣ ମନୁଷ୍ୟରେ ଲେଖା ? ସୌଦାମିନୀର ଛାତିଟା ଧଡ଼୍‌ଧଡ଼୍ ହୋଇଗଲା । ସେହି ଦିନ୍ ତାଙ୍କର ଜୀବନ ନୋଟାଏ ପରିବର୍ତ୍ତନ ଘଟିଗଲା । ସେ ନିଜେ ମଧ୍ୟ ତାହା ଲକ୍ଷ୍ୟ କରି ପାରିଲେ; କିନ୍ତୁ କାରଣଟା ବୁଝି ପାରିଲେ ନାହିଁ । ବୁଝିବାକୁ ବହୁତ ଚେଷ୍ଟା କଲେ—ବହୁତ ଭାବିଲେ ସେ ବିଷୟରେ; କିନ୍ତୁ ସେ ଧରାଟା ଜଣାଣ ଅନ୍ଧାର—ଜନ୍ମାଷ୍ଟମୀର ଘନ ଜଳଦ-ଢ଼କା ଅନ୍ଧାରରୁ ଅଧିକ ଅନ୍ଧାର ।

ସୌଦାମିନୀ ନବକିଶୋରଙ୍କୁ ଯେତେ ଦେଖିଲେ, ତାଙ୍କର ଦେଖିବା ସେତିକି ବଢ଼ିବାକୁ ଲାଗିଲା । ଥରେ ଆଖି ପୂରାଇ ମନବୋଧ କରି ଦେଖି ନେଲେ ତାଙ୍କର ପିପାସାଟା ମେଣ୍ଟି ଯାଆନ୍ତା ପରା । କିନ୍ତୁ ମନ ସେ ଆଦୌ ତୃପ୍ତ ହେଉ ନାହିଁ । ମନ କହୁଛି; ଅଲ୍ପ ଦେଖିବାର ଅଛି, ଏଥିକରେ ତ ତୃପ୍ତି ଆସିବ ନାହିଁ । ସେ ଦେଖୁଛନ୍ତି, ପ୍ରତିଦିନ ଦେଖୁଛନ୍ତି—ଦିନରେ ଦଶ

ବାଗ ଦେଖାଉଛନ୍ତି; କିନ୍ତୁ କାହିଁ ? ତୃପ୍ତ ହେଉ ନାହିଁ ତ ମନ । 'କବିଙ୍କ' ବାଣୀର ଶସ୍ତ୍ର ସାର୍ଥକତା ଅଛି—

"ସୁନ୍ଦରେ ତୃପ୍ତିର ଅବସାଦ ନାହିଁ
ଯେତେ ଦେଖିଲେ ହେଁ ନୂଆ ଦିଶୁଥାଏ ।"

ସୌଦାମିନୀ କେତେ ଆଶାରେ କେତେ ଚେଷ୍ଟା କରିଛନ୍ତି, ସ୍ତ୍ରୀ ଭକ୍ତିର ମିଳନ ହେଲେ, ସ୍ୱାଭାବିକ କଥା ତାଙ୍କ ମୁହଁରୁ ଶୁଣିଲେ, ତୃପ୍ତି ଅଧିକ ହବ । ସୁନ୍ଦର ହୋଇଛନ୍ତି ସେଥିପାଇଁ; କିନ୍ତୁ ତାଙ୍କର ମନୋରଥ ପୂର୍ଣ୍ଣ ହୋଇଛି କି ? ସେଦିନ ନବକିଶୋର ଆନାଟୋମିର (anatomy) ଗୋଟାଏ ବଡ଼ ବହି କିଣିବା ଲାଗି ସୁରେନ୍‌କୁ ପାଖକୁ ଯାଇଥିଲେ । ସୁରେନ ଭଲ ଭାବେ ବୁଝାଇ ପାରିଲେ ନାହିଁ । ସୌଦାମିନୀ ମନକୁ ଆସି ବୁଝାଇ ଦେଲେ । କିନ୍ତୁ କିମନ୍ତେ ଗାଇଲେ ଭଣ ! ନବକିଶୋର ସେତିକି ପରି ଭଲକୁ ମୁହଁ ମୋଡ଼ି ଶରୀରରେ ସବୁ ଶୁଣିଗଲେ—ତାଙ୍କ ମୁହଁକୁ ଥରେ ସୁଦ୍ଧା ଚାହିଁଲେ ନାହିଁ, କି ହସିକରି ସ୍ନେହପୂର୍ବକ ପଦେ କଥା ବି କହିଲେ ନାହିଁ । ପୁରୁଷ ଜାତି । କଣ ଏତେ ଅହଂକାର ! ଏତେ ଦୁର୍ବଳ ସେ ? ଗୋଟାଏ ନାରୀର ମୁହଁକୁ ଚାହିଁବାର ସାହସ ସୁଦ୍ଧା ନାହିଁ ! ସୌଦାମିନୀ ସେଥିରେ ନିରାଶ ନ ହୋଇ ଆଜି ଦିନେ ସୁରେନ, ନିର୍ମଳ, ଅଶ୍ୱିନୀ ଓ ନବକିଶୋର ପ୍ରଭୃତି ସ୍ତ୍ରୀଶିକ୍ଷା ବିଷୟରେ ତର୍କ କରୁଥିବା ବେଳେ ମନକୁ ଆସି ତାଙ୍କ ପକ୍ଷରେ ଯୋଗ ଦେଇଛନ୍ତି । ଏଣୁ ଭାବି ନବକିଶୋରଙ୍କ ସମସ୍ତ କଥାରେ ସମର୍ଥନ କରିଛନ୍ତି ମଧ୍ୟ । କିନ୍ତୁ ନବକିଶୋର ଗୁଣବନ୍ତ ତାଙ୍କ ଆଡ଼କୁ ଦୃଷ୍ଟି ଫେରାଇଲେ ନାହିଁ ସୁଦ୍ଧା । ଏତେ ଉପେକ୍ଷା । ଏତେ ଅପମାନ ! ଏତେ ଅହଂକାର ! ସୌଦାମିନୀଙ୍କର ବଡ଼ ଅସହ୍ୟ ହେଲା । ସେ ଭାବିଲେ—"ଛି, ଏ କି ହୃଦୟହୀନ ମନୁଷ୍ୟ । ମୁଁ କ'ଣ ଜାଣି ହେଲେ ବଡ଼ ଅପମାନ ଦେଇଛି !" ଏମିତି ସେ କେତେ ଭାବୁଛନ୍ତି; କିନ୍ତୁ ସେ ଭାବନାରେ ତାଙ୍କର ମନ ମାନେ ନାହିଁ । ପରକ୍ଷଣରେ ପୁଣି କେତେ ଦୋଷ ମାଗି ତାଙ୍କୁ ନୋଟବହିରେ ଲେଖିବାକୁ ଦେଉଛନ୍ତି; ପୁଣି ଭାବୁଛନ୍ତି—"ନବକିଶୋର ହୃଦୟହୀନ, ଶଠ, ଅହଂକାରୀ—କିଏ କହେ ଏ କଥା ! ନା, ସେ ମହାନ୍, ଉଦାର, ହୃଦୟବାନ—ଦେବତା ସେ । ଭାଗ୍ୟ ମନ୍ଦ ବୋଲି ଦେବତା ଅପ୍ରସନ୍ନ

ହେଲେ, ସେଥିପାଇଁ କଣ ଦେବତାଙ୍କର ନିନ୍ଦା କରିବାକୁ ହେବ ? ସେ ଯେ ନନ୍ଦନର ପାରିଜାତ—ମାନବକୁ ଭୁଲ୍‌ବୁ ନାହିଁ କି ?" ସୌଦାମିନୀ ଦେବେ ସ୍ୱେଦ ଗୁହାଣିରେ ଢଳ ଢଳ ବିନ୍ଦୁ ଦେଖିଥିଲେ—ପ୍ରକୃତରେ ନବକିଶୋର ଦେବତା । ମନୁଷ୍ୟଠାରୁ ତାଙ୍କର ପ୍ରଭେଦ ବହୁତ । ସେ ତାଙ୍କ ଜୀବନରେ ବହୁତ ମନୁଷ୍ୟ ଦେଖିଥିଲେ—ବିଭିନ୍ନ ଜାତିର, ବିଭିନ୍ନ ଧର୍ମର, ବିଭିନ୍ନ ରକମର; କିନ୍ତୁ ସେମାନେ, ଆଉ ନବକିଶୋର—ଆକାଶ ଅବନୀ ପ୍ରଭେଦ, ସ୍ୱର୍ଗ ନରକର ବ୍ୟବଧାନ ।

ତିନିବର୍ଷ ପରେ ସୌଦାମିନୀଙ୍କର କାମନା ଆଜି ପୂର୍ଣ୍ଣ ହୋଇଛି—ଶୁଭଦୃଷ୍ଟିର ମିଳନ ହୋଇଛି । କିନ୍ତୁ ଆଜି ଗୋଟାଏ ଅଭାବ ରହିଗଲା—କଥା ପଦେ ଶୁଣିପାରିଲେ ନାହିଁ ।

ସେଦିନ ନିମନ୍ତ୍ରଣ ରକ୍ଷା କରିବାକୁ ସନ୍ଧ୍ୟା ସମୟରୁ ଅତୁଳ ବାବୁ ଯାଇଥିଲେ ସୁରେଶ ବାବୁଙ୍କ ଘରକୁ । ତାଙ୍କର ଫେରିବାକୁ ରାତି ଏଗାରଟାରୁ କମ ନୁହେଁ । ନବକିଶୋର ହସ୍ତପଦ ଧୌତ କରି ପଢ଼ିବାକୁ ବସିଲେ; କିନ୍ତୁ ପାଠପଢ଼ା ଅଦୌ ହେଲା ନାହିଁ । ବହିର ଅକ୍ଷରସବୁ ଉପରେ ଢଳ ଢଳ ଦିଶିଲା ସୌଦାମିନୀର ମୂର୍ତ୍ତି । ଆହା କି ସୁନ୍ଦର ମୂର୍ତ୍ତି ସେଇ ତାର ! ଏପରି ସୁନ୍ଦର ମୂର୍ତ୍ତିକୁ ନବକିଶୋର ଲଜ୍ଜା ଭୟ ଦୁଇବର୍ଷ କାଳ ଭୁଲି ନାହାନ୍ତି ? ବହୁକ୍ଷଣ ଭାବୁଥିଲେ ସେ । ସେଦିନର ଗୋଟିଏ ମୂର୍ତ୍ତିର ଅଦର୍ଶନରେ କେତେ ଅସହ ଦହନ ଅଶ୍ରୁ-ତର୍ପଣରେ ସେ କଟାଇ ନାହାନ୍ତି ? ଆଜି ଗୋଟିଏ ପଦ୍ମ ଉପରେ—ଅତି ପରିଚିତ ମୂର୍ତ୍ତି ଦିଶିଗଲା । ନବକିଶୋର ଦୁଇଟି ସୁନ୍ଦର ମୂର୍ତ୍ତି ଏକ ସ୍ଥାନରେ ଦେଖିବାକୁ ପାଇଲେ । କେଉଁଟି ଅଧିକ ସୁନ୍ଦର ? ମନେ ମନେ ତୁଳନା କଲେ । ଛି, କାହା ସହିତ କାହାର ତୁଳନା ? ପଦ୍ମ ସଙ୍ଗେ ଗୋଲାପଫୁଲର ତୁଳନା ? ଚନ୍ଦ୍ର ସହିତ କୁମୁଦିନୀର ତୁଳନା ? ସିନ୍ଧୁ ସହିତ ସରୋବରର ତୁଳନା ? ବଡ଼ ଲଜ୍ଜା ହେଲା ତାଙ୍କର । ଲଳିତା ସହିତ ସୌଦାମିନୀର ତୁଳନା ! ଛି, ନିତାନ୍ତ ଅସଙ୍ଗତ । ନିଜ ଉପରେ ତାଙ୍କର ବଡ଼ ଅଭିମାନ ଜାତ ହେଲା । ଏପରି ଦୁର୍ବଳ ଅଧମ ଅଧମ ସେ । ଲଳିତା ସହିତ ସୌଦାମିନୀକୁ ଏକାସନରେ ବସାଇଛନ୍ତି ? ଲଳିତା ସୁଶୀତଳ ଜ୍ୟୋତ୍ସ୍ନାମୟୀ ଶରଦର ପୂର୍ଣ୍ଣଶଶୀ—ଆଉ ସୌଦାମିନୀ ? ସେ

ଈର୍ଷାର ଜ୍ୱାଳାମୟୀ ଜ୍ୱଳନ୍ତ ଲୌହ-ଖଣ୍ଡେ । ଲଳିତା ସୁହାସିନୀ, ସୁଭାଷିଣୀ, ସ୍ୱଚ୍ଛ ହୃଦା ପ୍ରେମମୟ—ସେ ମ୍ଳାନମୁଖୀ ଶଙ୍କାକୁଳା ସନ୍ଦେହିତା ଅପରାଧିତା । ଲଳିତା ସରଳ, ସେ ଗରଳ—ଲଳିତା ଦେବୀ, ସୌଦାମିନୀ ମାନବୀ । ତେବେ ଅନ୍ୟାୟ କ'ଣ କରିଛନ୍ତି ସେ ! ଦେବୀ ପାଖରେ ମାନବୀର ସ୍ଥାନ କାହିଁ ?

"କି ନବବାବୁ ! ଆପଣ ଭାବନା-ରାଜ୍ୟ ଗଣ୍ଡି ଏକାବେଳକେ ପାର ହୋଇଗଲେଣି ଯେ । ଅଳ୍ପଦିନ ପରେ ଡାକ୍ତରୀର ଛାଡ଼ପତ୍ର ମିଳିବାର ଥିଲା ମିଳିବ ନିଶ୍ଚୟ" କହି, ଭଙ୍ଗାଧର ପ୍ରାନ୍ତରେ ଦାମିନୀସୁଲଭ ଚଞ୍ଚଳାହସେଦେଇ ସୌଦାମିନୀ ପଶି ଆସିଲେ । ନବକିଶୋର ଚମକି ଉଠିଲେ । ଏ କଣ ? ସୌଦାମିନୀ ଯେ ଆସି ହାଜର ! ଏ କଥାକୁ ଜାଣିଲେ ସେ କଣ ଶୋଇଏ ଶୁଣୁଛନ୍ତି ବୋଲି ? ଶେଷ ଭାଗରେ ଭୁଲିଥିଲେ ବୋଲି କଣ ଲଜ୍ୟା କରୁଥିଲେ କି ? ବଡ଼ ଅଶୁଭ ତ ! ନବକିଶୋର ନିଜକୁ ସମ୍ଭାଳି ନେଇଗଲେ, କିନ୍ତୁ ସେ ଭାବ ଗୋପନ କରି କହିଲେ, "ଆସନ୍ତୁ—ଆସନ୍ତୁ । ଅତୁଲ ବାବୁ କମଳେଶ ବାବୁଙ୍କୁ ଭେଟିବାକୁ ରମେଶ ବାବୁଙ୍କ ଘରକୁ ଯାଇଛନ୍ତି । ଏକୁଟିଆ ପଢ଼ିବାକୁ ମନ ଲାଗିଲା ନାହିଁ ଯେ ... ... ।" କଥାଟାକୁ ବଦଳାଇ ଦେଇ ଅନ୍ୟମନସ୍କ ସୌଦାମିନୀ କହିଲେ, "ସେ କଣ ଫିଜିଓଲଜି ( Physiology ) ପଢ଼ୁଛନ୍ତି ?" ନବକିଶୋର କହିଲେ 'ହଁ' ।

"ଏଥର ସର୍ଜରୀ ମେଡ଼ାଲଟା ( Surgery Medel ) କିନ୍ତୁ ଆପଣଙ୍କର ।"

ଆତ୍ମପ୍ରଶଂସା ଶୁଣି ନବକିଶୋର କିଛିଏ କୁଣ୍ଠିତ ହୋଇ କହିଲେ, "ସେ ଧାରଣା ଆପଣଙ୍କର ...।" ସୌଦାମିନୀ ହସି ହସି କହିଲେ, "ଆପଣ ଲୁଚାଇବାକୁ ଚେଷ୍ଟା କରୁଛନ୍ତି କାହିଁକି ? ଆପଣ ବିରକ୍ତ ହୋଇ ପାରନ୍ତି; କିନ୍ତୁ ସତ୍ୟଟାକୁ ମୁଁ ଗୋପନ ରଖିପାରେ ନା ! କଟେଲ ବାବୁ ଆମ କ୍ଳାସରେ ଯେତେବେଳେ ସର୍ଜରୀ ପଢ଼ାଇବାକୁ ଆରମ୍ଭ କରନ୍ତି, ଅର୍ଦ୍ଧେକ ସମୟ ତାଙ୍କର ଆପଣଙ୍କ ପ୍ରଶଂସା ଗାନରେ କଟିଯାଏ । ସେ ସବୁଦିନେ ତ କହନ୍ତି, ସର୍ଜରୀ ମେଡ଼ାଲଟା ଆପଣଙ୍କର ଥୁଆ ! ଆମର ଫୋର୍ଥ ଇୟର ଷ୍ଟୁଡେଣ୍ଟ ପ୍ରାୟ ସମସ୍ତେ ଆପଣଙ୍କୁ ଡର କରି ପାନ୍ତି । ମୁଁ ସ୍ପଷ୍ଟ କରି କହୁଛି, ଆପଣଙ୍କ ପରି ସୁଶୀଳ ମେଧାବୀ ଛାତ୍ର

ଦମ୍ ଦେଖାଯାନ୍ତି । ଅମୀୟ ବାବୁ ତ ସବୁବାର ଆମ କ୍ଳାସରେ କହୁଛନ୍ତି, ତାଙ୍କର ସୁଦୀର୍ଘ 'ପନ୍ଦର ବର୍ଷ' ଶିକ୍ଷକତା ଭିତରେ ସେ ଆପଣଙ୍କ ପରି ଷ୍ଟୁଡେଣ୍ଟ ଆଉ ଜଣେ ଦେଖି ନାହାନ୍ତି । କାଲି ଆପଣଙ୍କ କଥା ବାପାଙ୍କୁ କହୁଥିଲି । ସେ ଆପଣଙ୍କୁ ଦେଖିବାଲାଗି ବଡ଼ ଆଗ୍ରହ ପ୍ରକାଶ କରୁଛନ୍ତି ।" "ଏଁ — ଏ କଣ ସବୁ ସତ୍ୟ ? ଇଡେନ ବାବୁ ମୋର ଏତେ ପ୍ରଶଂସା କରନ୍ତି ? ମୋରିଥ ଲଅର ପିଲମାନେ ମୋତେ ଭଲପାନ୍ତି ? ଅମୀୟ ବାବୁ ବୁଢ଼ା ହେଲେଣି, ପୁଣି ଜାତିଅ ବାହାର ଖ୍ରୀଷ୍ଟ ଲୋକ ସେ—ତାଙ୍କ ମୁହଁରେ ମୋର ପ୍ରଶଂସା ! ବଡ଼ ଆଶ୍ଚର୍ଯ୍ୟ କଥା । ସୌଦାମିନୀ କଣ ମୋତେ ଭଲପାଏ ? ହଁ, ଭଲ ପାଏ ବୋଲି ସିନା ତା' ବାପାଙ୍କ ପାଖରେ ମୋ' କଥା କହୁଥିଲା । ତାର ବାପା ବି ବଡ଼ ଭଲ ଲୋକ ଦେଖୁଛି । କନ୍ୟାଠାରୁ କଣ ଏପରି ଶୁଣିଲେଣି ତାଙ୍କର ମୋଠାରେ ଶ୍ରଦ୍ଧା ହୋଇଗଲା—ଦେଖିବା ପାଇଁ ଅଗ୍ରହାନ୍ୱିତ ହୋଇ ପଡ଼ିଲେ । ଦେଖିଲେ କେତେ ଆଦର ନ କରିବେ ! ପ୍ରକୃତରେ ସୌଦାମିନୀ ବଡ଼ ବୁଦ୍ଧିମତୀ, ସୁନ୍ଦରୀ । ଏପରି ଲୋକ ସଙ୍ଗତ ମୁଁ ବନ୍ଧୁତା ସ୍ଥାପନ କରିପାରି ନାହିଁ ଅଛଯାଏ ?" ନବ-କିଶୋର ଏହିପରି କେତେ କଣ ଭାବୁଥିବା ବେଳେ ସୌଦାମିନୀ ସ୍ମିତ ହାସ୍ୟରେ ପ୍ରତୋଷ୍ଣୁ ଭଙ୍ଗୀକ ଭଦ କହିଲେ—"ଆପଣ ଦୁଃଖିତ ହେଲେ କି ? କ୍ଷମା କରିବେ । ସତ କଥାଟା ମୋ ପେଟରେ ରହେ ନାହିଁ, ଅଣଙ୍କୁ କଷ୍ଟ ଦେଉଛି ପରା ।" ନବକିଶୋର ଈଷତ୍ ହାସ୍ୟ କରି କଣ କହିବାକୁ ଉଦ୍ୟତ ହେଉଥିଲେ, ସେ ପୁଣି କହିଲେ— "ଆଜି କହିବାର ଅଛି ଅବ-କାଶ ନାହିଁ—ଶୀଘ୍ର ପ୍ରସ୍ତୁତ ହୁଅନ୍ତୁ । ବାବା ଡେଙ୍ଗେଣ ଗୃହେ ବସିଛନ୍ତି— ଆଜ ସନ୍ଧ୍ୟାରେ ଆପଣଙ୍କର ନିମନ୍ତ୍ରଣ । ବାପାଙ୍କଠାରୁ ଏ କାର୍ଯ୍ୟର ଭାର ବାବା ମୋ ଉପରେ ଦେଇଛନ୍ତି । ପାଞ୍ଚଟା ବେଳେ ଆପଣଙ୍କୁ ଖୋଜିଲି, ମିଳିଲେ ନାହିଁ; ଶୁଣିଲି, ଗଙ୍ଗାଆଡ଼େ ବୁଲି ଯାଇଛନ୍ତି । ଗଙ୍ଗା କୂଳରେ ମଧ୍ୟ ବହୁତ ଖୋଜିଲି । ସେଠାରୁ ବଙ୍କିମ ପାର୍କକୁ ଗଲି । ସେଠାରେ ନ ପାଇ ପୁଣି ଗଙ୍ଗାଆଡ଼େ ଯାଉଛି, ଆପଣ ଫେରୁଥିବାର ଦେଖିଲି । ସେତେବେଳେ ଆପଣ କଅଣ ଚିନ୍ତାରେ ଥିଲେ ପରା ଜଣା ଯାଉଥିଲା; ସେଥିପାଇଁ କିଛି କହି ପାରିଲି ନାହିଁ । ନିମନ୍ତ୍ରଣ କଥା ଏ ପର୍ଯ୍ୟନ୍ତ ଆପଣଙ୍କୁ ଜଣାଇ ନାହିଁ —

ବାବା ଶୁଣିଲେ ଖରାପ ହେବେ ବୋଲି, ତାଙ୍କୁ ଲୁଚି ଲୁଚି ପଳାଇ ଆସିଛୁ । ଏମା ବାବୁ ମୋ ସଙ୍ଗରେ ବର୍ତ୍ତମାନ ଆସନ୍ତୁ । କଣ କହନ୍ତି ? ଏ ଅପରାଧଟା ମାର୍ଜ୍ଜନା କରିବେ ।"

ନବକିଶୋର ସୌଦାମିନୀର ମୁହଁକୁ ଚାହିଁ ରହିଲେ । ତାଙ୍କୁ ଏ ସମସ୍ତ ସ୍ୱପ୍ନ ପରି ବୋଧ ହେଲା । "ଦେଖା ନାହିଁ, ସାକ୍ଷାତ ନାହିଁ, ଶୁଣା କଥା ଉପରେ ନିମନ୍ତ୍ରଣ । କି ମହତ୍ତ୍ୱ ! କି ଉଦାର ! ଧନ୍ୟ ସୌଦାମିନୀର ପିତା ! ଧନ୍ୟ ସୌଦାମିନୀ ! ଏମା ଦୋଷରେ କେତେ କେତେ ଦୋଷୀ ହୋଇ ବାରମ୍ବାର କ୍ଷମାପ୍ରାର୍ଥନା କରିବା ତ ଅଳ୍ପ ଗୁଣଗରିମାର ପରିଚୟକ ନୁହେଁ । କି ଲଳିତ ମିଷ୍ଟ ବାକ୍ୟ ! ସତେ ଯେପରି କେତେ କେତେ ଯୁଗ ଧରି ଆଶାର ଲୋକ ଏ । ସ୍ତ୍ରୀଜାତିର ଅଳଙ୍କାର ସିନା ଏଗୁଣମାନେ । ଏଗୁଣମାନେ ତ ଦେବୀ । ନାରୀକୁଳର ଚରମ ପରିଣତି ସ୍ୱର୍ଗର ଠାକୁର ସିନା ! ଏପରି ସ୍ତ୍ରୀର କେଉଁ ଚରଣ-ରେଣୁକୁ ସ୍ପର୍ଶ ଯୋଗ୍ୟ ଅଛି ?" ନବକିଶୋର ଆଉ ସ୍ଥିର ପାରିଲେ ନାହିଁ । ତାଙ୍କର ମୁଣ୍ଡ ଉପରଟା କପୋଳ ଗୋଲମାଳିଆ ଧରିଗଲା ; ସେ.ଟା ଏ ଅଜଣା ପ୍ରକାଣ୍ଡ ସତ ତୋଫାନ ପରି ।

"ଆଉ ତୁମେ ବାହାରିବ ? କଣ ହୋଇ ଅଛି ଅଛୁ ?"

"ହଁ, ବସ୍ତୁତ ଅଛି ଅଛୁ ।" କଥା ସଙ୍ଗେ ସଙ୍ଗେ ଲଜ୍ଜାବନତା ହୋଇ ସୌଦାମିନୀ ମୁହଁଟା ଲୁଚି ଗଲେ । ଉତ୍ତରରେ ମୃଦୁ ହସଟିଏ ହସି ଦେଲେ କେବଳ ।

---

## ଷୋଡଶ ପରିଚ୍ଛେଦ

ନବକିଶୋର ଆଉ ସୌଦାମିନୀଠାରୁ ଦୂରରେ ଦୂରରେ ନାହାନ୍ତି । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବେଶ ଜମିଗଲାଣି । ସୌଦାମିନୀର ବାବା ପ୍ରମଥବାବୁଙ୍କ ସହିତ ନବକିଶୋରଙ୍କର ମଧ୍ୟ ଘନିଷ୍ଠ ପରିଚୟ ହୋଇ ଗଲାଣି । ପ୍ରମଥ ବାବୁ ନବକିଶୋରଙ୍କୁ ବଡ଼ ସ୍ନେହ-ଚକ୍ଷୁରେ ଦେଖନ୍ତି । ସେ ବାତ୍ସଲ୍ୟପୂର୍ଣ୍ଣ କଥା, ନମ୍ର ବ୍ୟବହାର ତାଙ୍କର । ବଡ଼ ଅମାୟିକ ଲୋକ ସେ ।

ନବକିଶୋର ତାଙ୍କୁ ଯେପରି ସ୍ନେହ ଓ ଯତ୍ନ କରନ୍ତି,ସେହିପରି ମଧ୍ୟ ମନେ-ପ୍ରାଣରେ ବଡ଼ ବାଧ୍ୟ ହୋଇ ଚଳନ୍ତି । ତାଙ୍କର କୌଣସି କଥାରେ ପ୍ରତି-ବାଦ କରିପାରନ୍ତି ନାହିଁ ; ବରଂ ଦେବାଦେଶ ପରି ତାଙ୍କର କଥା ସବୁ ଶିରୋଧାର୍ଯ୍ୟ କରି ନିଅନ୍ତି ।

ନବକିଶୋର ବଡ଼ ଆଶା କରିଥିଲେ, ପୂଜାଛୁଟିରେ ଘରକୁ ଯିବେ । ସ୍ୱର୍ଣ୍ଣ ଦେବୀ ଯଦି ଚିଠିପତ୍ର ଦେଇ ନାହାନ୍ତି, କି କୌଣସି ଖବର କରି ନାହାନ୍ତି, ସେଥିପାଇଁ ଲଳିତାଠାରୁ କ୍ଷମା ମାଗିନେବେ । ସେ କଣ କ୍ଷମା ଦେବେ ନାହିଁ ? ପିତାଦେଶ ପାଳନ କରି ଯଦିଓ ହୃଦୟକୁ ପାଷାଣଠାରୁ ଅଧିକ କଠିନ କରିପାରିଛନ୍ତି, ମର୍ମନ୍ତୁଦ ବେଦନାକୁ ମରମରେ ଚାପି ରଖି କର୍ତ୍ତବ୍ୟ ସାଧନ କରି ପାରୁଛନ୍ତି, କେତେ ଭୀଷଣ ଅଗ୍ନି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପାରୁଛନ୍ତି, ଲଳିତା ଶୁଣିଲେ ବରଂ ଖୁସି ହେବ—କେତେ ପ୍ରଶଂସା କରିବ । କିନ୍ତୁ ହାୟ, ନବକିଶୋରଙ୍କର ସେ ସୁଖସ୍ୱପ୍ନ ସବୁ ଭାଙ୍ଗିଗଲା ପିତାଙ୍କର ପଦେ କଥାରେ । "ଏ ପୂଜା ଛୁଟିରେ ଘରକୁ ଯାଇ ଅକାରଣ ପଇସାକଡ଼ି ନଷ୍ଟ କରିବାକୁ ଚାହିଁବ ? ଏଠାରେ ରହ୍, ଅତୁଲ ବାବୁଙ୍କ ସଙ୍ଗରେ ହୋମିଓପାଥି ପଢ଼ ।" ପିତାଙ୍କର ଏହି ଗୁରୂପଦେଶକୁ ଉପେକ୍ଷା କରା-ଯାଇନଥିଲା । ନବକିଶୋର ଆଉ ପ୍ରତିବାଦ କଲେ ନାହିଁ । ଯା'ହେଉ, ସେ ଛୁଟିଟା କଟାନ୍ତୁ ଅଶାନ୍ତିରେ କିମ୍ବା ଦୁଃଖରେ କଟି ନାହିଁ ତାଙ୍କର ସୌଦାମିନୀ ଲାଗି । ସୌଦାମିନୀଙ୍କର ଅକପଟ କରୁଣା, ସରଳ ମିଷ୍ଟ ବ୍ୟବ-ହାରରେ ସେ ଲଳିତାର ବିଚ୍ଛେଦ-ବେଦନାକୁ ଲାଘବ କରି ନାହାନ୍ତି ।

ପୂଜାର ଧୂମଧାମ ଲାଗିଗଲା । କର୍ତ୍ତବ୍ୟରେ ଲାଗିପଡ଼ିଲେ ସମସ୍ତେ ପୁଣି ନୂତନ ତେଜ ନୂତନ ଉତ୍ସାହରେ । ସମସ୍ତଙ୍କ ମଧ୍ୟରେ ନବକିଶୋର ମଧ୍ୟ କାଳକୁ ଭୁଲାଇ ରଖି ଗନ୍ତବ୍ୟ ପଥରେ ଧାଇଁଲେ । ଶୁଷ୍କ ଶୁଷ୍କ ବୃକ୍ଷଲତା ଫଳ ଫୁଲରେ ସବୁ ଝଡ଼ାଇ କରି ଧାଇଁ ଆସିଲା ଗ୍ରୀଷ୍ମ-ଋତୁ, ଗୋଟାଏ ଝଡ଼ର ଲହଡ଼ିରେ ସବୁ ଅଟେ ଭୁଲିଭ ଭୁଲିଭ । ପ୍ରକୃତିରାଣୀର ସୌନ୍ଦର୍ଯ୍ୟପ୍ରଭା ହୋଇଗଲା । ସୌନ୍ଦର୍ଯ୍ୟପ୍ରିୟ ଯେଉଁମାନେ ଏତେବେଳଯାଏ ବସି ସୌନ୍ଦର୍ଯ୍ୟର ଉପାସନା କରୁଥିଲେ, ସେମାନେ ସମସ୍ତେ ଛାଡ଼ିଦେଲେ । ଜଗତର ଶିରୀ ଲୁଟିଗଲା । ସମସ୍ତ ବାଗାନ ବିଶୃଙ୍ଖଳ ବିପର୍ଯ୍ୟସ୍ତ ହୋଇପଡ଼ିଲା । ଶୀତ-

ଶୁଣିଥିବେ ପ୍ରଳୟ ଅଗ୍ନିର ତାଣ୍ଡବ ଲୀଳା ଦେଖିବାକୁ । ସମସ୍ତେ ଆଗ୍ରହଶୀଳ ଜଗିବାକୁ ତତ୍ପର ହୋଇ ଉଠିଲେ । କର୍ମକ୍ଷେତ୍ରରୁ ଅବସର ମିଳିଲା । ନବକିଶୋର ପ୍ରତୀକ୍ଷା କରୁଥାନ୍ତି, ଆଜି କୌଣସି ଛୁଟିରେ ଘରକୁ ଯିବେ ନାହିଁ । ପୂଜାଛୁଟିରେ ତ ବାପା ଅନୁମତି ଦେଲେ ନାହିଁ; ଗ୍ରୀଷ୍ମଛୁଟିରେ କଅଣ ଅନୁମତି ଦେବେ ? ତାଙ୍କର ଇଚ୍ଛା ବିରୁଦ୍ଧରେ ତାଙ୍କ ମନରେ କଷ୍ଟ ଦେବା ନାହିଁକି ସେ ଆଉ ଗ୍ରାମକୁ ଯିବେ ? କଏ ଅଛି ଗ୍ରାମରେ ତାଙ୍କର ? ସ୍ନେହମୟୀ ଜନନୀ, ପିତାର ପ୍ରତ୍ୟେକ ରକ୍ତବିନ୍ଦୁରେ ତାଙ୍କର ଶରୀର ଗଠିତ, ସେ ତ ନାହାନ୍ତି—ଆଉ କଏ ଅଛି ! ସତ ଅଟ, ଆଉ ଲଳିତା ଏବଂ କୁଳକଣଙ୍କ ପାଇଁ ତାଙ୍କର ଗ୍ରାମକୁ ଯିବାର ଇଚ୍ଛା ତ ? ଲଳିତା ପାଇଁ ତ ଏତେ ବାଗ୍ର ; ବାପ୍ପ ସବୁ ଆଶା । ସେ ନିଜର ପିତାଙ୍କୁ ଶିରଧାନପାଇଁ ଭୂମି ଘଟୁଥାନ୍ତି, ସେ କଣ ଏକ କେତେଥର ବର୍ଷ ଅଗାକୁ ଭୁଲି ପାରିବେ ନାହିଁ ? ନା, ସେ ଗ୍ରାମକୁ ଯିବେ ନାହିଁ । ପିତାଙ୍କର ମନରେ କଷ୍ଟ ଦେବେ ନାହିଁ କି ?

ଅଶାନ୍ତ ଶାନ୍ତିର ମଧ୍ୟଦେଇ ଗ୍ରୀଷ୍ମଛୁଟି କଟିଗଲା । ସୌଦାମିନୀ ବର୍ତ୍ତମାନ ନବକିଶୋରଙ୍କର ବଡ଼ ଆପଣାର, ବଡ଼ ଆଦରର, ବଡ଼ ପ୍ରିୟ । ଦୁହେଁ ଦୁହିଙ୍କର ସ୍ନେହ-ଧନରେ ଧନୀ । ଘନିଷ୍ଠ ବଢ଼ିଛି ସ୍ତରର ବ୍ୟବଧାନ ପରି ବୋଧ ହେଉଛି । ସୌଦାମିନୀ ବର୍ତ୍ତମାନ ଛାତ୍ରୀ ନୁହନ୍ତି—ତାଙ୍କର ପାସ୍ କରି ଘରେ ବସିଛନ୍ତି । ଏବେଶ ପଣ୍ଡିତ ତାଙ୍କର ଛୁଟି । ସେ ପ୍ରାୟ ଅଧି-କାଂଶ ସମୟ ନବକିଶୋରଙ୍କ ପାଖରେ କଟାଉଛନ୍ତି । ସେ ଦୁହିଙ୍କର ଛାୟା ଆସ୍ୱା ସ୍ଥିର କରୁଥିଲେ ତଳେ । ତଥାପି ତା ଭିତରେ କୋଉଠାଏ ଅତି ସାମାନ୍ୟ ଛନ୍ଦିକ ଆନ୍ତରିକ ମନ୍ଦାଦିଶାର ଉଗ୍ର ବ୍ୟବଧାନରେ ଅଛି ଥୋଇ ଦେଉଛି । ନବକିଶୋରଙ୍କ ହୃଦୟର ଅନ୍ତରତମ ପ୍ରଦେଶରେ ଲୁକ୍କାୟିତ ରହିଛି ନିତାନ୍ତ ଅଜାଣତ ଅବାସ୍ତବ ଆବରଣରେ, କୋଉଠାଏ ‘ସ୍ମୃତି-ଗୃହାଣୀ ।’ ଏତେ ସୌନ୍ଦର୍ଯ୍ୟ, ଏତେ ଧନସ୍ପୃହା, ଏତେ ମିଳାମିଶା, ଏତେ ଦେଶାନୁଭୂତି—ତଥାପି କିଏ ଆଉ ଜଣଙ୍କର ଅଲକ୍ଷ୍ୟରେ ସ୍ମୃତି ଗୃହାଣିରେ ଶୁଣିବାକୁ ବଡ଼ ଲାଳାୟିତ, ବଡ଼ ଉଚ୍ଛ୍ୱସିତ, ବଡ଼ ଅଧୀର ! ନବକିଶୋର ସୌଦାମିନୀଙ୍କ ଯେତେ ସ୍ମୃତି ଗୃହାଣିରେ ଶୁଣିଲେ ସ୍ପୃହା ତୃପ୍ତ ନ ହୋଇ ସଦାସର୍ବଦା ସେମାନେ ସ୍ୱପ୍ନରେ ସ୍ମୃତିର ସ୍ମୃତିର

ବୁଝିବାକୁ ଇଚ୍ଛା କରନ୍ତି । ଇଚ୍ଛା କରନ୍ତି କଣ, ସ୍ୱତଃ ତାଙ୍କର ଆଖିଟା ଚାଲିଯାଏ ସେଇ ଆଡ଼କୁ । ତାହାର ଅର୍ଥ କଣ ? ତାହାର ଅର୍ଥ ବଡ଼ କଠିନ, ବଡ଼ ଦୁର୍ବୋଧ । ନବକିଶୋର ଶତଚେଷ୍ଟା କରି ମଧ୍ୟ ତାହାର ଅର୍ଥ ଆବିଷ୍କାର କରିପାରି ନାହାନ୍ତି । ନିଜର ଦୁର୍ବଳତା ସେ ବୁଝିପାରୁଛନ୍ତି । ସେଥିପାଇଁ ସେ ବଡ଼ ଅନୁତପ୍ତ, ବଡ଼ ଦୁଃଖିତ ଓ ଲଜ୍ଜିତ । ନିଜକୁ ନିଜେ ମଧ୍ୟ କେତେ ଧିକ୍କାର ଦିଅନ୍ତି ସେଥିପାଇଁ । ବୟସ ଅଗତ ପ୍ରାୟ । ନବକିଶୋର କିଛିଦିନରେ ପଚାଶ ଛୁଇଁବେ, "ପିତା ଯାହା କହୁଥିଲେ, ସେ କଣ ସତ୍ୟ ?"

ଲଳିତା ଦୁଶ୍ଚରିତା, କଳଙ୍କିନୀ—ଈଶ୍ୱର ପାପପୁଣ୍ୟରେ ନାସ୍ତିକରୁ ବଳି ଦେଇଛି । ସମାଜକୁ ଧର୍ମକୁ ଅଗ୍ରାହ୍ୟ କରିଛି !" ତାଙ୍କର ମନ ପୁଣି ବିଦ୍ରୋହୀ ହୋଇ ଉଠିଲା । କିଏ କହୁଛି—ଲଳିତା ଦୁଶ୍ଚରିତା ? କିଏ କହୁଛି, ଲଳିତା କଳଙ୍କିନୀ ? ଅସମ୍ଭବ—ଅସମ୍ଭବ । ଲଳିତା ଅକଳଙ୍କ—ଶୁଦ୍ଧ, ଅଟଳ ପବିତ୍ର, କୌମୁଦୀ ପରି ବିମଳ । ଆଲୋକରେ ପୁଣି କଳଙ୍କ ଆସିବ କାହିଁ ? ତେବେ ? ଏ ପିତାଙ୍କର ଦୁରଭିସନ୍ଧି ନିଶ୍ଚୟ । ସେ ତା ଉପରେ ଅସନ୍ତୁଷ୍ଟ । ସେଦିନ ପ୍ରଶ୍ନ କରୁଥିବାରୁ ନବକିଶୋର କଣ ତାହାର ପ୍ରମାଣ ପାଇ ନାହାନ୍ତି ? ଦୁର୍ଗାପୂଜାରେ ଘରକୁ ଯିବାପାଇଁ ଅନୁମତି ମିଳିଲା ନାହିଁ କାହିଁକି ? ସେଥିରୁ କଣ ସେ ବୁଝିପାରି ନାହାନ୍ତି ? ଏ ଭାବରେ ସେଠାଏ ନୂତନ ପ୍ରକାରର ଷଡ଼୍‌ଯନ୍ତ୍ର ନିଶ୍ଚୟ । ପିତାଙ୍କ ଉପରେ ତାଙ୍କର କ୍ରୋଧାନଳ ଧୂ ଧୂ ହୋଇ ଜଳିଉଠିଲା । ମନ ହେଲା ବର୍ତ୍ତମାନ ସେ କୈଳାସଚନ୍ଦ୍ରଙ୍କ ଦେଖାଯାନ୍ତେ ସାମ୍ନାରେ—କହନ୍ତେ, କାହିଁ ଦେଖାଇ ଦିଅ ମୋତେ ଲଳିତା କେଉଁଠି ଦୂଷିତା ହୋଇଛି । କିନ୍ତୁ ପିତା ସେ ; କଣ କହିବେ ? ମେରୁଦଣ୍ଡ ଭଗ୍ନ ଅଜଗର ପରି ସେହି କ୍ଷଣରେ ପଡ଼ି ସେ ଗର୍ଜିବାକୁ ଲାଗିଲେ । ଲଳିତାର ନିଷ୍କଳଙ୍କ ନିଷ୍ପାପ ମୂର୍ତ୍ତିଟି ତାଙ୍କର ଆଖି ଆଗରେ ଭାସିଉଠିଲା । ସେ ଆଉ ସହି ପାରିଲେ ନାହିଁ । ଗୁଲିତପ୍ତ 'ତପ୍ତ ଅଶ୍ରୁଧାର' ନେତ୍ରରୁ ବହିଯିବାକୁ ଲାଗିଲା ।

× × × ×

ଦିନ ଦଶଟା ହେବ । ନବକିଶୋର ସ୍କୁଲକୁ ବାହାରିଲେ । ଭାମିନିଟା ମିଞ୍ଜି ମିଞ୍ଜି ବାପାଙ୍କର ଗଛ ଉପରେ ଚଢ଼ିଥିବା ଗୋଟାଏ

ଖୋସଖତଟି ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଅପରିଚିତ ହସ୍ତାକ୍ଷର । ସେ କୌତୂହଳୀ ହୋଇ ଚିଠିଖଣ୍ଡି ପଢ଼ିବାକୁ ଆରମ୍ଭ କଲେ । ପ୍ରଥମରେ "ଅସ୍ପୃଶ୍ୟାର" ଲେଖା ଦେଖି ତାଙ୍କର ହୃଦୟ ଭିତରଟା କମ୍ପି କମ୍ପି ଉଠିଲା । ହୁଏତ ଖବର କିଛି ଜାଣି ପାରିବେ ସେ । ଆବେଗରେ ପାଠ କରିବାକୁ ଲାଗିଲେ । ଏ କଣ ? ଚମକି ଉଠି ଚିଠିଟାକୁ ସଜୋରେ ଦୂରକୁ ଫିଙ୍ଗିଦେଲେ । ପଦାଘାତରେ ନାଗ ସାପଟାଏ ଯେମିତିକି ଫେଣ୍ଟ ଏତେ ସ୍ୱତ ହେବ ନାହିଁ ବୋଧହୁଏ ! ସେ ନିଜର ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । ଆଖି ଦୁଇଟାକୁ ଖୁବ ଭଲକରି ରୁମାଲରେ ପୋଛି ଦେଇ ଚିଠିଖଣ୍ଡ ଉଠାଇ ଆଉ ଥରେ ପଢ଼ି ଦେଖିଲେ । ଅବିକଳ ସେଇ ଲେଖା । ଶେଷରେ ଅଛି—"ଆପଣଙ୍କର, ଧନମଣି ।" ଏ ତ ଧନମଣି ଚନ୍ଦ୍ରନାୟକଙ୍କର ଲେଖା । ସେତ ମିଛ ଲେଖିବେ କାହିଁକି ? ତେବେ କଣ ଏ ସତ ? ଲଳିତାର ବିବାହ ହୋଇ ସାରିଛି ? "ଆଜିକାଲି ପିଲେ ସବୁ କଥା ଲୁଚାଇ ରଖି ଲୁଲୁଟା ଲଳିତାକୁ କଲ୍ୟାଣପୁରରେ ବାହା କରି ଦେଇଛନ୍ତି ।" ବାପା ଯାହା କହୁଥିଲେ, ସେ ନିଶ୍ଚୟ ସତ୍ୟ କଥା; ମୁଁ ବୃଥାରେ ତାଙ୍କ ଉପରେ ଦୋଷାରୋପ କରୁଥିଲି । ଲଳିତା କଣ ହୋଇଛି ? କଲ୍ୟାଣପୁରରେ କଣ ହୋଇଛି ?" ତାଙ୍କର ମୁଣ୍ଡ ଠିକ୍ ହେଉ ନାହିଁ । ସେ ଛାତିକୁ ଦବାଇ ଧରି କରି ତାଙ୍କ କୋଠରୀରେ ଶୋଇ ପଡ଼ିଲେ । ସେହି ଲଳିତା—ଯାହାକୁ ସେ ହୃଦୟ ଉଜାଡ଼ି କରି ସମସ୍ତ ପ୍ରେମ, ପ୍ରୀତି ଢାଳି ଦେଇଛନ୍ତି, ସେ ଆଜି କଲ୍ୟାଣପୁରରେ ବନ୍ଦୀ ହେଉଛି ପୁଣି ବନ୍ଧୁର ପାପ ପ୍ରଣୟରେ ପଡ଼ି ନାରୀତ୍ୱର ଅବମାନନା କରି କଳଙ୍କିନୀ, କଳୁଷିତ ହୋଇ ? "ନାରୀ ସ୍ୱେଚ୍ଛାଚାରିଣୀ, ପ୍ରେତନୀ, ପିଶାଚୀ । ତାହାର ସରଳ ହାସ୍ୟରେ ଏପରି ପ୍ରାଣଧ୍ୱଂସୀ ଗରଳ ପୁଣି ଲୁକ୍କାୟିତ ଥାଏ, ନିର୍ବୋଧ ପୁରୁଷ ତାହା ବୁଝିପାରେ ନାହିଁ । ନାରୀର ସରଳ କଟାକ୍ଷରେ ଏପରି ଶାଣିତାଗ୍ର ଶର ଲୁଚି ରହିଥାଏ, ଅନ୍ଧ ପୁରୁଷ ତାହା ଦେଖିପାରେ ନା । ନାରୀକୁ ଅବଳା କହନ୍ତି । ଅବଳା ପୁଣି ଏପରି ଦୁଃସାଧ୍ୟ ସାଧନ କରିପାରେ, ଯାହା ପୁରୁଷ କଳ୍ପନାରେ ଛୁଇଁ ପାରେ ନା । ସେ ରାକ୍ଷସୀ, ଦାନବୀ ନଟ । ଭିତରେ ଗରଳ ରଖି ଉପରେ ସୁଧା ସିକ୍ତ ନରକୁ ମୁଗ୍ଧ କରି

ତାର ସଙ୍ଗ ସୁଖ ଅନୁମାନ କରିପାରେ ନାହିଁ—ତାର କୁହୁକରେ ଭୁଲିଯାଏ। ଉଃ, ମୁଁ କି ଭୁଲ କରିଥିଲି ! ସେ ମାୟାବୀର କୁହୁକଜାଲ କି କୁହୁକରେ ଚହଟିଥିଲି ଏତେ ଦିନ ଯାଏ। ମୋର ମୋହ ଆଜି ଘୁଞ୍ଚିଛି, ଚକ୍ଷୁ ଆଜି ଫିଟିଛି। ଧାରଣା ଥିଲି, ତାଙ୍କ ସରଳ—ନିଷ୍କପଟ ଛଳନାରେ ତାଙ୍କୁ ଦେବତା ଜ୍ଞାନ କରୁଥିଲି। କିନ୍ତୁ ନା, ଆଉ ନା।" ତାଙ୍କର ହୃଦୟ ହୁତାଶନରେ ଜୁଳିବାକୁ ଲାଗିଲା। ମସ୍ତକରେ ଶତ ବୃଶ୍ଚିକର ଏକାଠି ଦଂଶନ ଜ୍ୱାଳା ଅନୁଭବ କରି ସେ ଉଠି ପଳାଇଗଲେ।

× × × ×

ଗୋଧୂଳି ଅଗତପ୍ରାୟ। ଗଗନେ ଲାଲ ନାଲି ବାଦଲ ସମୁଦାୟ ଆକାଶଟାକୁ ଢାଙ୍କି ପକାଇଛି। କେଉଁଠି ବଣା ମେଘର ଟିକିଏ ଜହ୍ନ ଅଙ୍କେଇ ଅଛି ଜମା ମେଘର ତୀର ଚୁମ୍ବନ କରୁଛି। ବଣା ଯାଉଛନ୍ତି- ସନ୍ଧ୍ୟା ଦେବୀଙ୍କ ଘରକୁ। ଗୋଲାପ ଗନ୍ଧ ବାହି ଅଳସ ବାୟୁ ଫେରିବା ବାଟ ଦେଇ କେତେବେଳେ ସୌଦାମିନୀଙ୍କର ଚୂର୍ଣ୍ଣ-କୁନ୍ତଳ-ଦାମକୁ ଦୋହଲି ଦେଇ ପଳାଇ ଯାଉଛି। ଲୁଚକାଳି ଖେଳୁଛି ବୋଧ ହୁଏ ତାଙ୍କ ସଙ୍ଗରେ। ହାରମୋନିୟମର ସ୍ୱର ଲହରୀ, ଆଉ ସୁଲୁସୁଲିଆ ମୃଦୁ ବାୟୁର ମଧୁର ସମ୍ମିଳନରେ ସୌଦାମିନୀ ତନ୍ମୟ। ସେ ହାରମୋନିୟମରେ ସ୍ୱର ମିଳାଇ ଗାଉଛନ୍ତି—

କହୁନେ ମୁଁ କି କହିବି କଥା ଫିଟାଇ ହୃଦୟ ଦ୍ୱାର ଗୋ
ଅନ୍ଧ କୋଣାରେ ଦେଖିଛି ଲୁଚି ବସି ସେ ରୂପର ସାର ଗୋ।୦।
ଜନମ ଜନମ ଧ୍ୟାନ
କି ଅବା ଭୁଲ ଗଢ଼ିବି
ସକଳ ଦେଉଛି ସେ ରୂପେ ମଜ୍ଜି ଯେତେ ମୋ ପରାଣ ହାର ଗୋ।
ଭୁଲିଛି ନିଜକୁ ସ୍ନେହରେ
କି ମନ୍ତ୍ରେ ମୁଁ ଗୋ ପଶିଲେ
ପ୍ରେମିକର ହୃଏ ସେ ଅଭିଳାଷ ସନ୍ଧାନ ନେବ କେବା ତାର ଗୋ।

ସଙ୍ଗୀତର ତାଳେ ତାଳେ ସୁଧା ଝରିଯାଉଛି, ପ୍ରତି ଅକ୍ଷରେ ଅକ୍ଷରେ ହୃଦୟର ଅବ୍ୟକ୍ତ ଫୁଟି ଉଠୁଛି। ନଟବରଙ୍କ ବସି ଶୁଣୁଥିଲେ—

ଅନ୍ୟମନସ୍କ ହୋଇ ଶୁଣୁଥିଲେ । ସଙ୍ଗୀତ ଶେଷ ହେଲା । ସୌଦାମିନୀ ହାର୍-ମୋନିୟମଟା ଭୂଇଁକୁ ଠେଲି ଦେଇ ପିଆନୋ ପାଖେ ବସିଲେଣି , ନବକିଶୋରଙ୍କ ଜଣା ନାହିଁ । ତାଙ୍କ କାନରେ ବାଜୁଛି—"ନସୁବେ ମୁଁ କ କହୁଛ କଥା ... ---।" ସେ ଭାବୁଛନ୍ତି, ବିମୋହିତ ! କି ସୁନ୍ଦର କଣ୍ଠ ମିଷ୍ଟ ସ୍ୱର । ଏହି ତାଙ୍କର ସୌଦାମିନୀ କଣ୍ଠରେ ସଙ୍ଗୀତ ଶୁଣିବା ପ୍ରଥମ । ଗାନର କି ଚମତ୍କାର ଭାବ ! ସ୍ୱର ସଙ୍ଗତ ସ୍ୱରଲହରୀ ଭଙ୍ଗୀର ଦେଉଛି ଦେହରେ କିଟାଣୁ ଅନୁ ସଂଶୋଧ ଏ । ବାସ୍ତବିକ ନାରୀ ପକ୍ଷରେ ଏତେଟା ସମ୍ଭବ କିନା ! ନାରୀଙ୍କି ଏତେ ବଡ଼ ତ୍ୟାଗ ସ୍ୱୀକାର କରିପାରେ । ଅଥବା, ନାରୀ କି ସବଳ ! ତାର ସମସ୍ତ ଶରୀରଟା ସବଳଭାବରେ ଗଢ଼ା ଏକା ; ଆଜି ଗୋଟିଏ ନାରୀମୂର୍ତ୍ତି ନବକିଶୋରଙ୍କର ମାନସ-ପଟରେ ଛବି ଫୁଟିଲା । କେତାଶ୍ରୁ ସତ କଥା । ଲଳିତାଙ୍କୁ ବାଲ୍ୟକାଳରୁ ସେ ଦେଖି ଆସୁଛନ୍ତି—ସମସ୍ତ ବାଲ୍ୟ ସ୍ମୃତି ତାଙ୍କର ଗୋଟିଏ ଗୋଟି ହୋଇ ମନରେ ପଡ଼ୁଛି । ଲଳିତାର ଏହିପରି ସରଳତାରେ ପରେ ସେ ବିମୋହିତ ହୋଇ-ଥିଲେ,ସେଥିପାଇଁ ତାଙ୍କର ହୃଦୟ-ସର୍ବସ୍ୱ ଅର୍ପଣ କରିଛନ୍ତି କିନା ! କିନ୍ତୁ ହାୟ, ଆଜି ସେହି ଲଳିତା ବିଶ୍ୱାସଘାତିନୀ,ତାଙ୍କର ଗଳାରେ ଛୁରି ଦେଇଛି । କପଟ ସେ ଆଜି ପୁଣି ବିଶ୍ୱାସ କରିବେ ନାରୀ ସରଳା ବୋଲି ? ନାରୀ ଶ୍ରେଷ୍ଠ ଗୁଣରେ ତାଙ୍କର ମୁଖ ବିକୃତ ହୋଇଗଲା । ଛି, ସେ କେତେ ବଡ଼ ଭୁଲ କରୁଛନ୍ତି! ନାରୀ ସର୍ବନାଶୀ ପିଶାଚୀ । ଈଶ୍ୱରଙ୍କର ଘୃଣ୍ୟତମ ସୃଷ୍ଟି ହେଉଛି ନାରୀ । ସୌଦାମିନୀର ସୁନ୍ଦର ରୂପ ତାଙ୍କ ଆଖିରେ କେତାଣ୍ଡି ବ୍ୟଞ୍ଜିତ କଦାକାର ଦିଶିଲା ! ଘୃଣାରେ ତାଙ୍କର ମୁହଁଟା ସ୍ୱତଃ ଅନ୍ୟଆଡ଼େ ବୁଲିଗଲା । "କି ନବବାବୁ, ଗାନଟା ପସନ୍ଦ ହେଲା ନାହିଁ ବୋଧ ହୁଏ ?" କହି ସୁମଧୁର ହାସ୍ୟଚ୍ଛଟାରେ ସୌଦାମିନୀ ଘର ଉଜ୍ଜ୍ୱଳ କରିଦେଲେ । ନବକିଶୋରଙ୍କ କଣ୍ଠରୁ ନିଃଶବ୍ଦ ନାହିଁ । କଣ କହିବେ ଭାବୁଛନ୍ତି, ସୌଦାମିନୀ ହସି ହସି କହିଲେ, "ଅସନ୍ତୁ ଆଜି ଉତ୍ତେଜନ ପାର୍ଟିକ ପିବା ।" ସେ ପ୍ରତିବାଦ କରି-ପାରିଲେ ନାହିଁ । କପଟ ବା ପ୍ରତିବାଦ କରନ୍ତେ ? କି ସୌନ୍ଦର୍ଯ୍ୟପୂର୍ଣ୍ଣ ଲଳିତ ସ୍ୱର ! ତାହା ଶ୍ରବଣରେ ଜଡ଼ ପଦାର୍ଥ ସୁଦ୍ଧା ସ୍ପନ୍ଦିତ ହୋଇ ଉଠିବ ପରି—ସେ ତ ମନୁଷ୍ୟ, ରକ୍ତମାଂସର ଶରୀର ତାଙ୍କର—ଯୁବକର ହୃଦୟ

ସ୍ମୃତି ବାସ୍ନ ସବୁ ଉଠିଲା, ବସ୍ତ୍ରର ଘନ ପ୍ରକାର । କେଉଁ ହୃଦୟ ଦେଇ ସେ ଏବେ ବିସ୍ମୃତ ହୋଇଯାଇବେ କପରି ?

ଧୂପର ବାସ୍ନା ଯାଇ ଦେଇ ଝିଲମିଲ ତୋରଣ ଧାଡ଼ି ବାନ୍ଧି ଅଛନ୍ତି । ଉପବନଟି ସତେ ଯେପରି ଧଳା ପିନ୍ଧି ଶାଢ଼ୀ ଖଣ୍ଡେ ପିନ୍ଧିଛି । ନାନାଜାତି ଫୁଲଗଛରୁ ଶୀତଳ ପବନ ଦଶ ମହକାଇ ଅଳ୍ପ ଅଳ୍ପ ବହି ଯାଉଛି କେଉଁ ଦୂରଦେଶକୁ । ଅଳସ ଦେହକୁ ସେହି ବାୟୁ ପ୍ରବାହରେ ବିଛାଇ ଦେଇ ପଥର-ବେଦୀଟି ଉପରେ ବସିଛନ୍ତି ସୌଦାମିନୀ ଆଉ ନବକିଶୋର । କେତେକ୍ଷଣ ନୀରବରେ ଅତିବାହିତ ହୋଇଗଲା ପରେ ସୌଦାମିନୀ କହିଲେ, "ଆଚ୍ଛା ନବବାବୁ, ସତ କହନ୍ତୁ ଆପଣ ରାତ୍ରିମାନ କଣ ଚିନ୍ତା କରୁଛନ୍ତି ?" ବଡ଼ ମୁସ୍କିଲ କଥାଟାଏ । କେଉଁ ଚିନ୍ତାରେ ଆଉ କଣବର ଯାଏ ଉତ୍ତର ଦେବେ ? "ସତ କହନ୍ତୁ" ମାନେ କଣ ? ସେଇଟା ଯଦି ଅପ୍ରକାଶ୍ୟ ହୋଇଥାଏ ? ଏ ପ୍ରଶ୍ନଟା ତ ଠିକ୍ ହେଲା ନାହିଁ । ନବକିଶୋର କି ଉତ୍ତର ଦେବେ ? ସତ କଥାଟା କହିବାକୁ ଇଚ୍ଛା ହେଉ ନାହିଁ ; ମିଛ କହିଛନ୍ତି କପରି ?

"କିଛି ଆପତ୍ତି ଅଛି କହିବାରେ ? ଯଦି ସେପରି କିଛି... ।"

ନବକିଶୋର ବାଧା ଦେଇ କହିଲେ "ନା, ଆପତ୍ତି ଯଦିଓ ନାହିଁ, ଆପଣଙ୍କର ଶୁଣି ଲାଭ ନାହିଁ ବୋଲି ମୋର ମନେ ହୁଏ ।"

"ଲାଭ ଯେଉଁଠି ନାହିଁ, କ୍ଷତି ହେବାର ତ ସମ୍ଭାବନା ନାହିଁ ?"

"ହଁ, କ୍ଷତି ନାହିଁ ସତ୍ୟ କଥା...... ।" ନବକିଶୋର ଟିକିଏ ହସି ଦେଇ କହିଲେ, "ତେବେ ଶୁଣନ୍ତୁ । ମୁଁ ଭାବୁଛି ନାଗାସାକି ବିଷୟରେ ।..."

ସୌଦାମିନୀଙ୍କର ଅନ୍ତର ଅନ୍ଧାରରେ ନାଚ ଉଠିଲା । ସେ କୌତୂହଳାକ୍ରାନ୍ତ ହୋଇ ପଚାରିଲେ, "କଣ ନାଗାସାକି ବିଷୟରେ ଭାବୁଛନ୍ତି ?"

"ପରମେଶ୍ୱର ନାଗାସାକିର ସୃଷ୍ଟି କରିଛନ୍ତି ଯେ, ଜଗତର ମଙ୍ଗଳ ପାଇଁ ନା ଅମଙ୍ଗଳ ପାଇଁ ?"

"ହୁଁ ।"

ନବକିଶୋର ବହୁତେ ଚାହିଁବେ ହୋଇ ଆଉ କିଛି କହିପାରିଲେ ନାହିଁ । ତାଙ୍କର ଗଳା ପାଖରେ ସବୁ କଥା ଯେମିତି ଅଟକି ଗଲା ଯେମିତି ।

"ଚୁପ ରହିଲେ ଯେ ?"

ନବକିଶୋର ଉତ୍ତେଜିତ ହୋଇ ଆରମ୍ଭିଲେ—"ମୁଁ ଦେଖୁଛି, ନାରୀ ସବୁ ଅନର୍ଥର ମୂଳ, ଅନିଷ୍ଟର ଆକର, ଧୂମକେତୁ ସଦୃଶ । ନାରୀ ସୃଷ୍ଟିଟା ନ ଥିଲେ ସଂସାର ଏତେ ବେଦନା ଯାତନା ଶୋକ ଦୁଃଖ ନିର୍ଯ୍ୟାତନରେ ପୂର୍ଣ୍ଣ ହୋଇ ନ ଥାନ୍ତା । ନାରୀହିଁ କେବଳ ଦୁଃଖର କାରଣ । ସେ ସ୍ୱତନ୍ତ୍ରୀ ସର୍ବଗ୍ରାସୀ ଶକ୍ତିବଳରେ ସୁଖର ଅସ୍ତିତ୍ୱ ଲୋପ କରିବାକୁ ସର୍ବଦା ଚେଷ୍ଟିତ । ମୁଁ ମନେ କରେ, ନାରୀ କେବଳ ସବୁ ଜାତିର, ସମାଜର, ଦେଶର ଅଧଃପତନର ମୂଳଭିତ୍ତି । ନାରୀ ଯୋଗୁଁ...... ।"

ସୌଦାମିନୀଙ୍କର ମୁହଁଟା ପିଙ୍ଗୁଳା ପଡ଼ିଗଲା । ଅସ୍ପଷ୍ଟ ଜ୍ୟୋତ୍ସ୍ନାରେ ନବକିଶୋର ତାହା ଲକ୍ଷ୍ୟ କରିପାରିଲେ ନାହିଁ । ସେ ବାଧା ଦେଇ କହିଲେ, "ଆପଣ ଭୁଲ ବୁଝିଛନ୍ତି ନବ ବାବୁ, ଭୁଲ ବୁଝିଛନ୍ତି । ନାରୀ ସୃଷ୍ଟି ନ ଥିଲେ ସଂସାରଟା ନ ଥାନ୍ତା ବୋଧହୁଏ । ଯେଉଁ ଦିନ ଧରଣୀରୁ ନାରୀ ସୃଷ୍ଟି ଲୋପ ହେବ, ସେହି ସେହି ମୁହୂର୍ତ୍ତରେ ଧରଣୀ ନିଶ୍ଚୟ ପାତାଳଗାମୀ ହେବ । ନାରୀ ସକଳ ଜାତିର, ସମାଜର, ଦେଶର ପ୍ରାଣ—ପ୍ରତିଷ୍ଠାର ଆଧାର । ନାରୀଠାରେ ନାରୀତ୍ୱ, ମାତୃତ୍ୱ ବୋଲି ଯେଉଁ ଦୁଇଟି ଶବ୍ଦ ଅଛି, ଜାଣନ୍ତି ତାହା କଣ ? ମାତୃତ୍ୱର ଆଦର୍ଶରେ ପୁରୁଷର ପ୍ରାଣ ଗଠିତ ହୁଏ କି ? ମାତୃ ଶବ୍ଦ ନ ଥିଲେ ପୁରୁଷ ସୃଷ୍ଟି ଜଗତରେ ସମ୍ଭବ ହୋଇଥାନ୍ତା କି ? ଯେ ନାରୀର ଅପମାନନା କରେ, ସେ ମାତୃତ୍ୱର ଅପମାନନା କରେ । ଯେ ମାତୃତ୍ୱର ଅପମାନନା କରେ, ସେ କୃତଘ୍ନ ପଶୁ, ଅଧମ ନୁହେଁ କି ? ଜାଣନ୍ତି ନାହିଁ, ନାରୀତ୍ୱର ମହିମା ଦେଖାଇ ଯାଇଛନ୍ତି ସାବିତ୍ରୀ, ବେହୁଲା ପ୍ରଭୃତି ରମଣୀମାନେ, ଯାହାଙ୍କର ନାମ ଆଜି ପୁରୁଷସମାଜର ପ୍ରାତଃସ୍ମରଣୀୟ । ନାରୀର ନାରୀତ୍ୱ ନିକଟରେ ପୁରୁଷର ସମସ୍ତ ବଳବୀର୍ଯ୍ୟ ଗର୍ବଅହଙ୍କାର ବୁଦ୍‌ବୁଦ୍ ପରି ମିଳାଇ ଯାଏ—ପୁରୁଷ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୁଏ । ଆଉ ମାତୃତ୍ୱ ନିକଟରେ ସ୍ୱତଃ ତାର ମସ୍ତକ ନଇଁପଡ଼େ । ସ୍ନେହ, ଶ୍ରଦ୍ଧା, ପ୍ରୀତି,ପବିତ୍ରତାର ପୁଣ୍ୟମୟ ପ୍ରାଣମୟ ରୂପରେ ପୁରୁଷ ନିଜକୁ ସମ୍ପୂର୍ଣ୍ଣ ଭାବରେ ମାତୃକୋଳରେ ଆଶ୍ରୟ ଗ୍ରହଣ କରି ଆତ୍ମରକ୍ଷା କରେ । ସତ୍ୟ ନୁହେଁ କି ଏ କଥା ନବ ବାବୁ ?"

ନବକିଶୋରଙ୍କର ଯୁକ୍ତିର ଉତ୍ତର ଦେବାକୁ ସାହସ କୁଳାଉ ନାହିଁ । ଏତେ ବଡ଼ ସତ୍ୟଟାକୁ ମିଥ୍ୟାର ଆବରଣରେ ଲୁଚାଇବେ କିପରି ? ତଥାପି ସେ ଶଙ୍କିତ ହୃଦୟରେ ସାହସ ବାନ୍ଧି କହିଲେ, "ହଁ, ସତ୍ୟ ବୋଲି ସ୍ୱୀକାର କରୁଛି କିନ୍ତୁ ସେଥିପାଇଁ ନାରୀ ନରକର ଦ୍ୱାର, ସର୍ବନାଶିନୀ—ଏ କଥା ମଧ୍ୟ ଆପଣ ସ୍ୱୀକାର କରିବେ । ଉଦାହରଣ ସ୍ୱରୂପ—"

"ଉଦାହରଣ ଦେବାର ଦରକାର ନାହିଁ, 'ମୁଁ ଆପଣଙ୍କର ମନୋଗତ ଭାବ ବୁଝିପାରୁଛି । ଦେଖନ୍ତୁ ଆଲୋକ ଅନ୍ଧାର, ଧନଗୃଦ୍ଧ, ପାପପୁଣ୍ୟ, ସୁଖଦୁଃଖ—ଏସବୁ ପରସ୍ପର ଲଗାଲଗି ହୋଇ ରହିଛନ୍ତି । ଭଲ ପାଖରେ ମନ୍ଦ ନ ଥିଲେ ଭଲର ମାହାତ୍ମ୍ୟ କେହି ବୁଝନ୍ତେ ନାହିଁ, ମନ୍ଦର କୁତ୍ସିତତା ଉପଲବ୍ଧି କରନ୍ତେ ନାହିଁ । ସେହିପରି ଦେଖା ଯାଏ ଯୋଉଁଠି ଅତି ନିକଟ ସମ୍ପର୍କରେ ଆବଦ୍ଧ । ନାରୀଠାରେ ନାରୀତ୍ୱ ଅଛି, ମାତୃତ୍ୱ ଅଛି—ଦେବୀତ୍ୱ, ରାକ୍ଷସୀତ୍ୱ ମଧ୍ୟ ଅଛି । କିନ୍ତୁ—"

"ଯେଉଁଠି ଦେଖନ୍ତୁ, ନାରୀର ରାକ୍ଷସୀତ୍ୱରୁ ସକଳ ଅନିଷ୍ଟର ସୂତ୍ରପାତ, ଅଧଃପତନର ଆରମ୍ଭ ।"

"ବେଶ୍, ମୁଁ ତାହା ସ୍ୱୀକାର କରୁଛି; କିନ୍ତୁ ସେ କାହାପାଇଁ ? ସେ କଣ ନାରୀର ଦୋଷ ? ପୁରୁଷ ସେ ତାର ପଥପ୍ରଦର୍ଶକ । ଜାତି କହନ୍ତୁ, ସମାଜ କହନ୍ତୁ, ଦେଶ କହନ୍ତୁ, ଏ ସବୁର ନିୟାମକ କିଏ ? କର୍ଣ୍ଣଧାର କିଏ ? ପୁରୁଷ ସେ ସବୁର ହର୍ତ୍ତାକର୍ତ୍ତା ଦଣ୍ଡ ବିଧାତା । ସେ ରାଜ୍ୟରେ ତାର ଏକାଧିପତ୍ୟ ବ୍ୟବସ୍ଥା । ନାରୀର ସ୍ଥାନ ନାହିଁ ସେଠାରେ; ନାରୀ ସେଠାରେ ମୂକ, ବଧିର ଏବଂ ଅନ୍ଧ । ସତ, ନିୟମ ଗଢିବା, ଭାଙ୍ଗିବା—ପୁଣି ଗଢି ପୁଣି ଭାଙ୍ଗିବା ଏ ସମସ୍ତ ପୁରୁଷ ହାତରେ । ନାରୀର ଶକ୍ତିଟାକୁ ପ୍ରକୃତ କଲ୍ୟାଣପଥ କଣ ଦେଖାଉଛି ପୁରୁଷ । ନାରୀ... ।" ପ୍ରଶ୍ନରୁ ନବକିଶୋରଙ୍କ ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ସୌଦାମିନୀ ଏ କଥା ସବୁ କେଉଁଠୁ ପଢିଥିଲେ ନ ଥିଲେ । ସେ ଗୃହସ୍ଥ ଥିଲେ, ଜୀବନ ସାଥୀ । କହିଲେ "ମୁଁ କିନ୍ତୁ ନାରୀ ଜାତିକୁ ବଡ଼ ଘୃଣା କରେ ।"

ସୌଦାମିନୀ କ୍ରୋଧରେ ଜଳି ଉଠିଲେ । କହିଲେ, "ପ୍ରତ୍ୟେକ ଲୋକର ରୁଚି ଅଲଗା । ସେ ବ୍ୟକ୍ତିଗତ ବିଷୟରେ ମୋର କହିବାର କିଛି ନାହିଁ ।

କିନ୍ତୁ ଆପଣ ଧୀରସ୍ଥିର ଚିତ୍ତରେ ଭାବି ଦେଖିବେ, ନାରୀର ସରଳ ଅନ୍ତଃକରଣରେ କର୍ମନ ଶଲଲାଳ ପ୍ରବୃତ୍ତି ଜଗାଇ ଦେଉଛନ୍ତି କିଏ ? ପୁରୁଷ ନାରୀର ସର୍ବନାଶ କରୁଛି । ସେ ନାରୀକୁ ସ୍ୱୈରିଣୀ ପିଶାଚୀ ପ୍ରେତିନୀ କରି ପକାଉଛି ! ପୁରୁଷ ଯୋଗୁଁ ନାରୀ ଆଜି ଜଗତ ଚକ୍ଷୁରେ ଘୃଣ୍ୟ, ନୀଚ ।"

ଅର୍ଦ୍ଧରଜନୀ । ଜଗତ ସୁଷୁପ୍ତିରେ ମଗ୍ନ । ନବକିଶୋରଙ୍କର ସେ ପର୍ଯ୍ୟନ୍ତ ପଲକ ପଡ଼ି ନାହିଁ । ତାଙ୍କର ଅନ୍ତରରେ ଶାଣ ବାଜି ଉଠୁଛି ସୌଦାମିନୀଙ୍କର ସେହି ଶେଷ କଥାଟି—"ନାରୀକୁ ସ୍ୱୈରିଣୀ ପିଶାଚୀ କରି ପକାଉଛି ପୁରୁଷ ।" ସୌଦାମିନୀ ଯାହା କହିଲେ, ବାସ୍ତବିକ ତ; ଗୋଟିଏ ବର୍ଣ୍ଣ ମିଛା ଭୁଲ ନାହିଁ । ଲଳିତା, କେତେ ସୁନ୍ଦର ସରଳ ନ ଥିଲା ସେ ! ବର୍ତ୍ତମାନ କିନ୍ତୁ ବିଶ୍ୱାସଘାତିନୀ—କାହାପାଇଁ ? ମୁଁ ଯଦି ତାଙ୍କୁ ପୂର୍ବ ପରି ପଥ ଦେଖି-ଥାନ୍ତି, ମୋ ହୃଦୟରେ ତାର ସ୍ୱର୍ଣ୍ଣ ସିଂହାସନ ସ୍ଥାପିତ ବୋଲି ସତର୍କ କରାଇ ଦେଉଥାନ୍ତି, ତେବେ...... । ବାପା ଯଦି ମୋତେ ପରଦେଶକୁ ବିଦ୍ୟା ଗ୍ରାମକୁ ଯିବାକୁ ନିଷେଧ କରି ନ ଥାନ୍ତେ...... । ଏ କାହାର ପୁରୁଷର ଦୋଷ—— । ନାରୀ ନ ଥିଲେ ସଂସାର ନ ଥାନ୍ତା—ଏ କଣ ସତ୍ୟ କଥା ? ସୌଦାମିନୀ ! ସୌଦାମିନୀ ! ତମେ କଣ ସେହି ନାରୀ, ଯାହାର ଅଭାବରେ ଧରଣୀ ପାତାଳଗାମୀ ହେବ ? ଯାହାର ଅବର୍ତ୍ତମାନରେ ପ୍ରେମ, ପ୍ରୀତି, ସ୍ନେହ, ଶ୍ରଦ୍ଧା ହୃଦୟରୁ ଅନ୍ତର୍ହିତ ହୋଇଯାଏ, ତମେ କଣ ସେହି ଦେବୀ ?

---

## ସପ୍ତଦଶ ପରିଚ୍ଛେଦ

ଅବଶ୍ୟ ବର୍ଷା ହୋଇ ଯାଇଛି । ଆକାଶ ଏ ପର୍ଯ୍ୟନ୍ତ ମେଘାଚ୍ଛନ୍ନ । ବାୟୁ ସ୍ଥିର ହୋଇ କମ୍ପନ ଥିବାରୁ ନିକଟରେ ବର୍ଷାର ସମ୍ଭାବନା ନାହିଁ । ଯେଉଁପରି ଆଗ୍ନେୟଗିରିରୁ ଅଗ୍ନିଉଦ୍‌ଗିରଣ ହେବା ପୂର୍ବରୁ ତାହାର ମନ୍ଦ୍ର ନିନାଦ ଯେପରି ଲୋକମାନଙ୍କୁ ଅଗ୍ନ୍ୟୁଦ୍‌ଗିରଣର ସୂଚନା ଦିଏ, ମେଘର ଘଡ଼ ଘଡ଼ ଶବ୍ଦ ସେହିପରି ଅଦ୍ଭୁତ ଭବିଷ୍ୟତରେ ପ୍ରବଳ ବର୍ଷା ହେବ ବୋଲି ଜଣାଇ ଦେଉଛି । ବେଳ ଦୁଇ ପ୍ରହରକୁ ବାଜୁଛି; କିନ୍ତୁ କଳାବାଦଲର ପ୍ରଥମ

ଷଡ଼ଯନ୍ତ୍ରଟାକୁ ଧର ଭଲ ଜଣାନ୍ତି ସୁଅବାସ୍ତବକୁ ଆସିପାରୁ ନ ଥିବାରୁ ସଙ୍ଖ୍ୟା ହେଲା ପରି ଜଣାଯାଉଛି ।

ପର ଦେଶ କଲେବର-ଲୀଳା ଅକାଶକୁ ସୃଷ୍ଟି ବାହାର କୁଠୀରଟିରେ ଶୋଇବାରେ ବସିଛି । ତା ହୃଦୟ-ଆକାଶଟି ଯେପରି ଘନ କୁହୁଡ଼ିରେ ଭରା । ତାର ବାଲ୍ୟ କାଳର ସମସ୍ତ ଯନ୍ତ୍ରଣା ଏକ ଏକ ହୋଇ ମନରେ ଜାଗିଉଠୁଛି । ଜୀବନ ତାହାର ଲୁଣ୍ଠ-ଲୋଭ ଅଲ୍ପ ଜଣେ ଅପରିଚିତ ଲୋକର ଭାଗ୍ୟ ସହିତ ଛନ୍ଦାହେଲା—ସେ ଯାଇ ତାର ଘର କବାଟରେ ଲଗିଗଲା । ଜୀବନ ସୃଷ୍ଟି ତାର ଭାଗ୍ୟ-ପରିବର୍ତ୍ତନ ଘଟିଲା—ପିଞ୍ଜରାକୁ ଛାଡ଼ି ଫେରି ଆସିଲା । ନବକିଶୋର ହେଉ ଜେଉ ନାଁଟା ଲେଖି ଫିଙ୍ଗିଦିଏ । ସେ ମା ପରି ତାର ଯାବତୀୟ ଅର୍ଜନ ସବୁ ଉଣ୍ଡୁ ଖାଣ୍ଟି ଫେଟାଇ ତାକୁ ମନୁଷ୍ୟ କରିଛି । କେତେ ସବୁ ନାହିଁ ଭାବୁ ସେ । ନବକିଶୋର ଲାଗି ସେ କି ସ୍ୱାର୍ଥତ୍ୟାଗ କରି-ନାହିଁ । କିନ୍ତୁ ସେ ବର୍ତ୍ତମାନ କଣ କଲା ? ଏହି କଣ ତାର ପ୍ରତିଦାନ ? ଶେଷ-ରେ କେଉଁ ଦୂରଦେଶରେ ନିଜର କ୍ଷୁଦ୍ର ସ୍ୱାର୍ଥଟି ନେଇ ଆନନ୍ଦରେ ରହିଲା—ପଛ କଥା ଥରେ ଭାବିଲା ନାହିଁ । ଏତେ ସ୍ୱାର୍ଥପର ସଂସାରଟା । ଏତେ ଅକୃତଜ୍ଞ ମନୁଷ୍ୟଗୁଡ଼ା । ଆଜି ମୁଖ ନବକିଶୋର ଚିନ୍ତାରେ ତା ଆଖିରେ ପଲକ ପଡ଼ୁ ନାହିଁ, କିନ୍ତୁ ସେ ମହା ଆନନ୍ଦରେ କାଳ ଯାପନ କରୁଛି । ଥରେ ହେଲେ ଲେଖୁ ନାହିଁ କେଉଁଠି କେଉଁ ତାର ଆପଣାର ଲୋକ କେଉଁ ଦୂର ଦେଶରେ ପଡ଼ିଛି ବୋଲି । ସେ ମଲା କି ରହିଲା, ତାର ଖବର ବୁଝା କେଲା ନାହିଁ । ନିଜର ପୁଅ ହୋଇଥିଲେ କଣ ଏହିପରି ବ୍ୟବହାର କରିଥାନ୍ତା ? ତାର ସ୍ନେହମୟୀ ଜନନୀଙ୍କର କଥା ମନେ ପଡ଼ିଲା । ନବକିଶୋର ମାଙ୍କ ପାଇଁ ବା କଣ କରିଛି ? ସେ ନିଜେ ବା କଣ କରିପାରିଲା ? ଶତଧା ଦେଖି ତାକୁ ଲଜ୍ଜା ଲାଗିଲା—କେତେ କଷ୍ଟ ଭୋଗି ଭୋଗି ମାଆ ନାହାନ୍ତି ସେ । ସବୁ କଣ କରିଛି ସେଥିପାଇଁ ? ସେ ତାର ସ୍ୱାର୍ଥଟି ନେଇ ବ୍ୟସ୍ତ ନାହିଁ କି ? ସେ ନିଜେ ଯେତ ମାଙ୍କ ସଙ୍ଗରେ ନିଜର ଦେହକୁ ମାଟିରେ ମିଶାଇ ଦେଇଥାନ୍ତା, ତଥାପି ତାଙ୍କ ଦାନର ଉପଯୁକ୍ତ ପ୍ରତିଦାନ ହୋଇଥାନ୍ତା କି ? ନା, ସେଥିରେ ତାଙ୍କର ବେଦନା ଯାତନାର କଣ ଲାଘବ ହୋଇଥାନ୍ତା ? ତେବେ ଏ ସଂସାରର ନିୟମ ଏହିପରି—କେହି କାହାରି ଦାନର ପ୍ରତିଦାନ କରିପାରେ ନାହିଁ ।

ଥିଲା । ମା ତାର ମରିବା ପୂର୍ବରୁ ନବକୁ କେତେ ଖୋଜି ନାହାନ୍ତି ? ଅର୍ଦ୍ଧ ଚେତନ ଅବସ୍ଥାରେ ନବ ନବ କେତେ ଚିତ୍କାର କରି ନାହାନ୍ତି । ତାଙ୍କ ମନେ ପଡ଼ିଲା—ମରିବା ପୂର୍ବରୁ ବୋଉ ତାର ଲଳିତାକୁ ଉପର ପିତାଙ୍କ ହସ୍ତରେ ଅର୍ପଣ କରି ଦେଇଥିଲେ । ତାଙ୍କର ଗୋଟାଏ ବାସନା ଅପୂର୍ଣ୍ଣ ରହିଯାଇଥିଲା ବୋଲି ସେ ବାସନା ପୂର୍ଣ୍ଣ କରିବାର ଭାର ପିତାଙ୍କୁ ଦେଇ ଯାଇଥିଲେ । କିନ୍ତୁ ନବ କଣ କରି ବସିଲା ? ମାତାଙ୍କର ଅନ୍ତିମ ଆଦେଶକୁ ପଦରେ ଠେଲିଦେଲା ? ଦୁଃଖରେ ତା'ର ହୃଦୟ ଫାଟିଯିବାକୁ ଲାଗିଲା । ସଙ୍ଗେ ସଙ୍ଗେ ଆଉ ଗୋଟିଏ ମୂର୍ତ୍ତି ତା'ର ନୟନାଗ୍ରେ ହେଲା । ଲଳିତା—ଆହା କେଡ଼େ ସରଳମତି ! ବୋଉ ତାକୁ ପ୍ରାଣଠାରୁ ବଳି ଭଲ ପାଉଥିଲେ । ସାକ୍ଷାତ୍ ଲକ୍ଷ୍ମୀଙ୍କ ଅବତାର ସେ । ତା ହୃଦୟ କି ଅପୂର୍ବ କୃପାଧାରରେ ଭରା ! ସେ ନବକୁ କେତେ ଭଲ ପାଏ । ଏ ହତଭାଗା ଏତେ ମୂର୍ଖ ! ସେପରି ଦେବୀକୁ ଚିହ୍ନିଲା ନାହିଁ । ଅହା, ବର୍ତ୍ତମାନ ତା'ର କେଡ଼େ ଦୁଃଖ ନ ହେବ ! ସମବେଦନାରେ ତା'ର ଚକ୍ଷୁ ଛଳଛଳ; ସେ ଆଉ ସହି ପାରିଲା ନାହିଁ ।

"କଣ କରୁଛ କି ଅପା !" କହି ଲଳିତା ଠିଆ ହୋଇଗଲା । ନବ ମୁହଁରେ କଥା ନାହିଁ । ଲଳିତା ନିରାଶ ହୋଇ କହିଲା, "ଏକୁଟିଆ ରହି ଭଲ ଲାଗୁ ନାହିଁ ନା କଣ ? ଏ କଣ ? କାନ୍ଦୁଛ ଅପା ? ତମର ସବୁଦିନେ ଏହି କଥା ଶୁଣ ନାହିଁ । ସେ ତ ବିଦେଶରେ ଚାକିରି କଲେ, ବାରମାସ ଯାକ ଘରେ ରହିବେ କିପରି ? ମଝିରେ ମଝିରେ ତ ଆସୁଛନ୍ତି, ସ୍ୱାମୀଙ୍କୁ ଲୁହୁଛନ୍ତି—ଯେବେ ନ ଆସନ୍ତେ କି, ତେବେ ଚିନ୍ତା କରନ୍ତୁ, ଦୁଃଖ କରନ୍ତୁ । କାଲି ସେ ଘର ଛାଡି ଗଲେ କି ନାହିଁ, ଅଇ ତମର କାନ୍ଦଣା ! ଛି, ଏମିତି ହେଲେ ଚଳିବ କିପରି ! ସବୁ ଅଭ୍ୟାସ ଲାଗିବା ଦରକାର ।" ଲଳିତା ପଣତ କାନିରେ ନବର ଆଖି ପୋଛିବାକୁ ଲାଗିଲା । ନବ ଏତେବେଳ ଯାଏ ଶାନ୍ତ ଥିଲା । ଆଉ ସମ୍ଭାଳି ପାରିଲା ନାହିଁ । ଲଳିତାକୁ କୋଳେଇ ଟାଣି-ନେଇ ଫିକ ଫିକ ଲୋତକଧାରରେ ଗଳା ଭିଜାଇ ବାଷ୍ପରୁଦ୍ଧ କଣ୍ଠରେ କହିଲା, "ବାପା ଗଲେ, ମୁଁ ଦୁଃଖ କରୁ ନାହିଁ । ତୋର ଦୁଃଖ ମୋ କଳିଜା ଫଟାଇ ଦେଉଛି । ମୁଁ କଣ ଜାଣିଥିଲି, ସେ ଚୋରଟା ଏମିତି ଭୁଲରେ ଭୁଲି ଦେବ

ବୋଲି !" ଆଉ କହି ପାରିଲା ନାହିଁ । ଲଳିତାର ମଧ ଶୁଣିବା ଧୈର୍ଯ୍ୟ ନ ଥିଲା । ସେତିକି କଥାରୁ ସେ ସମୁଦାୟ ଘଟଣାଟି ବୁଝିନେଲା । ଯେଉଁ ପ୍ରଶ୍ନର ସଦୁତ୍ତର ପାଇବା ଲାଗି ସେ ଅପା କବିତାକୁ ଅଟକିଥିଲା, ସେ ନ ପଚାରୁଣୁ ତାର ଉତ୍ତର ମିଳିଗଲା । ସତେ ନବକିଶୋର ଆଜି ଲଳିତାର ନ ହେଲା ? ଯାତନା ଭିତରେ ତାର ହୃଦୟ ଖଣ୍ଡ ଖଣ୍ଡ ହୋଇ ଫାଟିବାକୁ ଲାଗିଲା । ସେ ସରଳର ଅଶ୍ରୁସିକ୍ତ ମୁହଁକୁ ଗୁହଁ କାତର-କଣ୍ଠରେ କହିଲା—"ଅପା !" ତେଣିକି ଆଉ କହିପାରିଲା ନାହିଁ; ଘର-କୋଣରେ ମୁହଁ ଲୁଚାଇ ଫୁଲି ଫୁଲି କାନ୍ଦିବାକୁ ଲାଗିଲା । ଉଭୟେ ମର୍ମନ୍ତୁଦ ବେଦନା ଅନୁଭବ କରୁଥାନ୍ତି; କିନ୍ତୁ ପ୍ରକାଶ କରିପାରୁ ନାହାନ୍ତି, କି କେହି କାହାରିକୁ ସାନ୍ତ୍ୱନା ଦେବାକୁ ସମର୍ଥ ହୋଇପାରୁ ନାହାନ୍ତି ।

"ହୃଦୟେଶ୍ୱର ! ତମେ ବିବାହ କରିଛ ? ବିବାହ କର—ଅଛି କଣ ? ପୁରୁଷର ଯେ ସ୍ୱାଧୀନତା ତ ଯୁଗ ଯୁଗ ଧରି ଚାଲିଆସୁଛି । ତମର ବା ଦୋଷ କଣ ? କିନ୍ତୁ ଏ ଅଭାଗିନୀକୁ ପଦେ କହିବା ପଚାରିଲ ନାହିଁ ? ଭୁଲି ଯାଇଁ ହୋଇଗଲ, ଖଣ୍ଡେ ପତ୍ର ଲେଖା ଦେଲ ନାହିଁ ? ଏ ହତଭାଗିନୀର ସ୍ମୃତିକି କଣ ଚିରଦିନ ଲାଗି ହୃଦୟରୁ ପୋଛିଦେଲ ?" ଆଜି ଲଳିତାର ହୃଦୟ ଆଉ ଲଜ୍ଜାସଙ୍କୋଚ ମାନିଲା ନାହିଁ । ସ୍ୱତଃ ହୃଦୟର ଅବରୁଦ୍ଧ ଦ୍ୱାର ଉନ୍ମୁକ୍ତ ହୋଇଗଲା । ସେ ସରଳାକୁ ଲକ୍ଷ୍ୟ କରି କହିଲା, "ମୋ ପରି ପୋଡ଼ା-କପାଳୀ ଏ ପୃଥିବୀରେ ଆଉ କିଏ ଅଛି ?" ସରଳା କି ଉତ୍ତର ଦେବ ? ମସ୍ତକ ଅବନତ କଲା । ଲଳିତା ଅଶ୍ରୁମୋଚନ କରି କହିଲା, "ଖାଲି ଦୁଃଖ ସହିବାକୁ ଯେପରି ମୋର ଜନ୍ମ !" ସରଳା ତାକୁ ଆହୁରି ବକ୍ଷକୁ ଟାଣିନେଇ କହିଲା, "ତୋର ଏ ଦୁଃଖ କଣ ବେଶି ? ମୋର ଦୁଃଖ କି ଜାଣୁ ? ମୋତେ ଯେତେବେଳେ ପନ୍ଦରବର୍ଷ, ମୁଁ ସେତେବେଳେ ସ୍ୱାମୀ... !" ଟିକିଏ ପରେ ନିଜକୁ ସମ୍ଭାଳି ନେଇ ପୁଣି କହିଲା, "ତୋର ଏକା ନୁହେଁ—ସ୍ତ୍ରୀ ଜନ୍ମଟା ଦୁଃଖମୟ । ସ୍ତ୍ରୀମାନଙ୍କର ଜନ୍ମ କେବଳ ଦୁଃଖକଷ୍ଟ ଭୋଗ କରିବାକୁ !"

"ଏତେ ଦୁଃଖ କଷ୍ଟ ସହି ବଞ୍ଚି ରହିବାଠାରୁ ମରଣ ଶତଗୁଣେ ଭଲ ଅପା ! ଏ ଜୀବନରେ ଆଉ କି ସୁଖ ?"

ତାର ମୁଣ୍ଡରେ ହାତ ବୁଲାଇ ବୁଝାଇ ସେ କହିଲା, "ଛି, ସେ ଗୋଟାଏ କଣ ? ଯେଉଁ ଦିନ ମୋ ହାତରୁ ଶଙ୍ଖ, ହାତ ଓଟାରିନେଲେ, ମୁଣ୍ଡରୁ ସିନ୍ଦୂର ପୋଛି ପକାଇଲେ, ସେଦିନ ମୁଁ ଟିକେ ଏହିପରି କାନ୍ଦିଥିଲି । ଲଜ୍ଜା କରୁଥିଲା ମଣି ପାରୁଥାନ୍ତି । ସେପରି ଦୁଃଖ ମଧ୍ୟ ଯଥେଷ୍ଟ ଥିଲା । କାହା ଦେବାକୁ କେହି ନ ଥିଲେ; କିନ୍ତୁ ଗୋଟାଏ କଥା ବୁଝି ମନ୍ଦପାରୁଛ ନାହିଁ । ମୁଁ ମୂର୍ଖ ହୋଇଲି ମୋ କଥାଟାକୁ ଉଡ଼ାଇ ଦେଲା । ଟିକିଏ ଲୁହ ଦେଖିଲୁ, ମୁଁ ଯାହା କହୁଛି, ତାହା ଠିକ୍ କି ଭୁଲ । ଅପର ଏଇ ଯେଉଁ ଦେହଟି—ଦେହ ଭିତରେ ପୁଣି ସାଇତଟି, ଏହାର ସୃଷ୍ଟିକର୍ତ୍ତା କିଏ ? ଭଗବାନ ସୃଷ୍ଟି କରିଛନ୍ତି କି ? ଅପର ସୃଷ୍ଟି କରିବାରେ ତାଙ୍କର କିଛି ନା କିଛି ଗୋଟାଏ ଉଦ୍ଦେଶ୍ୟ ଅଛି ନିଶ୍ଚୟ । ସେଇ ପ୍ରଭୁ ସୃଷ୍ଟି କରୁଛନ୍ତି, ସେଇ ପ୍ରଭୁ ନଷ୍ଟ କରୁଛନ୍ତି—ସେଇ ଜନ୍ମଦାତା, ସେଇ ମରଣଦାତା । ଜନ୍ମ ଦେବାରେ ଯେପରି ତାଙ୍କର କିଛି ନା କିଛି ଉଦ୍ଦେଶ୍ୟ ଅଛି, ମାରିବାରେ ମଧ୍ୟ ସେହିପରି କିଛି ଉଦ୍ଦେଶ୍ୟ ଅଛି । ମନୁଷ୍ୟ ଇଚ୍ଛାରେ କିଛି ହୋଇ ପାରେ ନା । ସୁଖ-ଦୁଃଖ ଜନ୍ମମୃତ୍ୟୁ ସବୁ ତାଙ୍କର ହାତରେ । ତାଙ୍କର ସୃଷ୍ଟି-କୌଶଳ ବୁଝିବାର କ୍ଷମତା ମନୁଷ୍ୟର ନାହିଁ । ତେବେ ଜାଣିଶୁଣି ତାଙ୍କର ଇଚ୍ଛା ବିରୁଦ୍ଧରେ ଆମେ ଗୋଟାଏ କାମ କରିବାକୁ ଯିବା ? କୌଣସି କାର୍ଯ୍ୟ କରି ବସିଲେ ସୁଦ୍ଧା ଯଦି ତାଙ୍କର ସେ କାର୍ଯ୍ୟରେ ଅନିଚ୍ଛା ଥାଏ, ତେବେ ସଫଳକାମ ହୋଇପାରିବା କି ? ସବୁ ସେହି ପରମ ପିତାଙ୍କର ଇଚ୍ଛାରେ ନିର୍ଭର । ତୋର କଷ୍ଟ ସହିବା ଯଦି ତାଙ୍କର ଅଭିପ୍ରେତ ହୁଏ, ତୁ ସହସ୍ର ଚେଷ୍ଟା କଲେ ସୁଦ୍ଧା ଅନ୍ୟଥା କରି ପାରିବୁ କି ? ସେମିତି ଭୁଡ଼ାଏ ଭଳ ନା । ସେହି ଭଗବାନଙ୍କ ଠାରେ ଲକ୍ଷ୍ୟ ରଖ, ତାଙ୍କୁହିଁ କେବଳ ଧ୍ୟାନ କର । ସେ ନିଶ୍ଚୟ ଶରଣର ଡାକ ଶୁଣିବେ, ଦୁଃଖୀର ଦୁଃଖ ମୋଚନ କରିବେ ।"

ନଳିନୀ କହୁଛି ଶୁଣିଲ—ଧନଞ୍ଜୟ ବସି ଶୁଣୁଛ । ମନ୍ଦାକିନୀର ଦୁଃଖ-ପ୍ରକାଶ କଲା; କିନ୍ତୁ ମନ ପାରିଲା ନାହିଁ । ମରିଗଲେ କଣ ତାର ବାସନା ପୂର୍ଣ୍ଣ ହେବ ? ଯାହା ଲାଗି ସେ ମରିବାକୁ ବସିଛି, ତାହା କଣ ହସ୍ତଗତ ହେବ ତାର ? ମରିଗଲେ ଯଦି ସେ ତାର ଇପ୍ସିତ ଧନ ଲାଭ କରନ୍ତା,-

ତେବେ ସେ କଷ୍ଟରେ ଏତେ ଭୁଗିବାକୁ ପଡ଼ନ୍ତା ନାହିଁ । ମଣିଷଙ୍କ ବାସନା ନ ପୂର୍ଣ୍ଣ ହେବ ନାହିଁ ; ବଞ୍ଚିଥିଲେ ତେବେ ହେଲେ ତାର ପୂର୍ଣ୍ଣ ହେବାର ଆଶା ଅଛି । ଆଶା ବୈତରଣୀ, ତାର ଶେଷ ନାହିଁ ? ସେ ସେହି ଆଶାରେ ଆଶାୟୀ ହୋଇ ମୃତ୍ୟୁ ସଂକଳ୍ପରୁ ବିରତ ହେଲା । କହିଲା, "ସେ ଭଲ ହେଲେ, ଥାଆନ୍ତୁ; କିନ୍ତୁ ସୁଖୀ ହୋଇ ଥିବେ କି ! ସେ ଯଦି ସୁଖରେ ରହନ୍ତି, ତେବେ ମୋର ଆଉ ଦୁଃଖ କଣ ? ନାରୀର କର୍ତ୍ତବ୍ୟ, ସ୍ୱାମୀଙ୍କୁ ସୁଖୀ କରିବା, ସ୍ୱାମୀଙ୍କର ସୁଖୋତ୍ପାଦନ ନିମିତ୍ତ ସର୍ବଦା ଚେଷ୍ଟିତ ହେବା । ସ୍ତ୍ରୀର ଜୀବନ ସମର୍ପଣରେ ଯଦି ଚେଷ୍ଟାରେ ତ୍ରୁଟି ଯଦି ଘଟିଥାଏ, ସ୍ୱାମୀ ଯଦି ସୁଖୀ ହୋଇଥାନ୍ତି, ତେବେ ସ୍ତ୍ରୀର ଆଉ ଭାବିବାର କାରଣ ତ କିଛି ନାହିଁ । ନା, ଆଉ ସେ କଷ୍ଟରେ ପଡ଼ିବ ନାହିଁ । ପରମେଶ୍ୱର ତାଙ୍କୁ ଚିରଦିନ ସୁଖରେ ରଖିଥାନ୍ତୁ ।"

## ଅଷ୍ଟାଦଶ ପରିଚ୍ଛେଦ

ସେଦିନ ବୃଦ୍ଧା ବେଳେ ମଧ୍ୟାହ୍ନ ଭୋଜନ ପରେ ପିଣ୍ଡାରେ ବସି ଗାଉ-ଥାନ୍ତି, ପଞ୍ଚୁ ସାଙ୍ଗ ହୋଇ ସାବୀ ଝିଅ ଧନ ଛୁଟି ଆସିଲା । ତା ପଛରେ ପ୍ରୌଢ଼ା, ଯୁବତୀ, ବାଳିକା ଆଉ ଛ ସାତ ଜଣ ଚାଲି ଆସିଲେ । ସେ ବୃଦ୍ଧା ବେଶିକ ଗୋଡ଼ ଦୁଲଇ ଧରି ଗାଇବାକୁ ଆରମ୍ଭ କଲା—

"ସାତ ସମୁଦ୍ର ବହିଅ ପାରି ଲୋ ମାଉସୀ ମୋର
ସେଇଠାରୁ ଚେଷ୍ଟ ନ ଆସେ ଫେରି ଲୋ ମାଉସୀ ମୋର ।
ଏବେ ପିତା ଗଲା ଝିଅ କୁମର ଲୋ ମାଉସୀ ମୋର
କାହିଁକି ନିଷ୍ଠୁର ହେଲା ଏଥର ଲୋ ମାଉସୀ ମୋର ।

* * *

ସାବୀର ବାହାଘର ଆଉ ଦଶ ଦିନ ଅଛି । ଦେଶଚଳିତ ପ୍ରଥାନୁଯାୟୀ ସେ ସାଙ୍ଗ ସାଥୀ ମାଉସୀ, ପିଉସୀ, ସଖୀ ସଙ୍ଗାତମାନଙ୍କଠାରୁ ମେଲାଣି ନେଉଛି । ତାର କରୁଣ ଗୀତରେ ବୃଦ୍ଧା ବେଶିକର ଆଖି ଓଦା ହୋଇ-

ଗଲା । କିଛିକ୍ଷଣରେ ସେ ଭାବ-ଜ୍ଞାନକାଣ୍ଡର ଦୃଶ୍ୟମୁଖ୍ୟ କରି ବଦାନ୍ୟ କଲେ। ତା ସଙ୍ଗରେ ସାଦ୍ଧୀର ଅନ୍ୟାନ୍ୟ ସ୍ତ୍ରୀମାନେ ମଧ୍ୟ କମ୍ପ୍ରାନ୍ତ ହୋଇଗଲେ । ସୁଧୀରା ଦେଈ ଚୂଙ୍ଗ ଘର ଏକୁଂଆ ପିଣ୍ଡା ଉପରେ ବସି ରହିଲେ । ଲଳିତାର ଚିନ୍ତା ତାଙ୍କର ହୃଦୟକୁ ଅଧିକାର କଲା । କେତେ ବଡ଼ ଆଶା ତାଙ୍କର ନିଷ୍ଫଳ କରି ନବକିଶୋର କଳିକତାରେ ରହିଲେ ! ଆଜି ତ ଆଶା ନାହିଁ; ତେବେ ସେଇଠି ହେଲେ ସେତେ ଶୀଘ୍ର ଫେରନ୍ତି, ଉପାୟ ଦେବେ କଣ। ସୁନାର ଝିଅ—ଆଜି କେତେ କାଳ ପର ଜଣରେ କାହିଁ ଯିବେ ? ସେହି ସମୟରେ ଗଙ୍ଗାଧର ବାବୁ ଅଖି ମଳି ମଳି ଅଳି ଭୁଆରେ ଠିଆ ହୋଇ ଅଳସତାଏ ଭାଙ୍ଗିଲେ । ସୁଧୀରା ଦେଈ ଅନୁଯୋଗ ସ୍ୱରରେ କହିଲେ "ତମେ କଣ ଘରର ଖବର ଆଜି କିଛି ବୁଝିବ ନାହିଁ ?" ଗଙ୍ଗାଧର ବିସ୍ମୟ-ବିସ୍ଫାରିତ ନୟନରେ ପତ୍ନୀଙ୍କୁ ଚାହିଁଲେ । ସୁଧୀରା ଦେଈ ଦେହସର ସ୍ୱରରେ ପୁଣି କହିଲେ,"ଝିଅଟିକୁ ଆଉ କେତେ ଦିନ ଦେହରେ ବାନ୍ଧିବ,କହିଲ ?" ଗଙ୍ଗାଧର ଉଦ୍‌ବେଗଶୂନ୍ୟ ଦୃଷ୍ଟି ଚାହିଁଲେ । ଦୀର୍ଘ ଶ୍ୱାସଟାଏ ଛାଡ଼ି ଦେଇ କହିଲେ, "କଣ ଜାଣିଥିବି......।"

ସୁଧୀରା ଦେଈ ବାଧା ଦେଇ କହିଲେ, "ସେ ସବୁ ମନରେ ପକାଇ ଲାଭ କଣ ? ଯୋଗ୍ୟ ଗଲା ତ ଆଶାର ଆଉ କ ସୁଯୋଗ ? ଗଲା କଥା ଗଲାଣି—ଏଣିକି ତ ଅନ୍ୟ ବାଟ ଦେଖିବା ଦରକାର ।"

ଗଙ୍ଗାଧର ସ୍ଥିର ହୋଇ ଦାଣ୍ଡେ ଭାଳି ବସିଗଲେ । ତାପରେ କହିଲେ, "ତମେ ଭାବିବ, କଣ ମୁଁ ନିଶ୍ଚିନ୍ତରେ ବସିଛି ! କଣ କରିବାଯାଏ ସେ ତାହାର ସ୍ୱାମୀର କଥା ଭୁଲିବି । କପାଳ ଦେଇ ସବୁ ।"

"କପାଳ ଦେଇ ସବୁ ସେ—ତେବେ ତ ଉଦ୍‌ଯୋଗ କରିବା ଦରକାର । ଘର ଭିତରେ ଚୁପଚାପ ହୋଇ କପାଳ ଆଢ଼କୁ ବସି ରହିଲେ, କଏ କଣ ଆସି ଥାଳିରେ ଥୁଆଇ ଦେଇଯିବ ?"

"ମୋ କହିବା ଉଦ୍ଦେଶ୍ୟ ତମେ ବୁଝିପାରୁ ନା, ଆସଲ ହେଉଛି ଟଙ୍କା । ଆଜିକାଲି ତ ବ୍ରାହ୍ମଣ କୁଳର ଧର୍ମ ଦେଖୁଛ, ଘରେ ଯଦି କାଣି କୌଡ଼ି ଦାନା ନ ଥାଉ, ବାହାରେ ଗୃହର ଅଭିମାନର ସୀମା ନାହିଁ । ଭିତରେ ଯାହା ଥାଉ, ବାହାରଟା ସଫା ରଖିବାକୁ ହେବ । ସେଇଥିପାଇଁ ତ ବ୍ରାହ୍ମଣ କୁଳର ମର୍ଯ୍ୟାଦା । କିନ୍ତୁ ଦମରେ ଟଙ୍କା ଯାଇଣ ନ ହେଲେ ତ ନ ହୁଏ ।"

"ଆମର ସେ ଭୂମିକୁ କିଏ ମିଳିବ ? ଯାହାର ଯାହା ଶକ୍ତି ସେ ତାହା କରିବ ନା !"

"କିନ୍ତୁ ଦାଣ୍ଡମେଳେ କଣ କହିବେ ?"

"ଆଉ ଲୁଚନା ଲୁଚନା ସେ କଥା । ଦାଣ୍ଡମେଳେ ! ଦାଣ୍ଡମେଳେ ତ ଥିଲେ ସାତବର୍ଷ ହେଲା ଭଙ୍ଗି ଯାଇଛି । ବୁଝିଲୁ, ସେମାନେ କଣ ଦେବେ ନା ନେବେ ? ଖାଲି କଥାରେ ଯାଏ ଆସେ, ଅସେ ହେଉଛି !"

ଗଙ୍ଗାଧର ଟିକିଏ ଶାନ୍ତ ହେଲେ । କହିଲେ, "ହଉ, ଆପଣଙ୍କ ପାର୍ଶ୍ୱ-ଘରେ ସେ କୌଣସିମତେ ଉଠାଇ ଦେବ, ହେଲା ?" ଶାଗବାଡ଼ିରେ ବୁଲି କରି ସେ ସ୍ଥାନ ତ୍ୟାଗ କଲେ ।

ଲଳିତା ବଗିଚାରେ ବସି ବେଢ଼େ କଣ ଭାବୁଥିଲାବେଳେ ହଠାତ୍ ତାର କର୍ଣ୍ଣଗୋଚରେ ବୃଦ୍ଧଙ୍କ ଶାଗର କରୁଣ ସ୍ୱର ବାଜି ଉଠିଲା । ସେ ଯାହାର ବନ୍ଧନର କାରଣ ମଧ୍ୟ ବୁଝିପାରିଲା । ମନେ ପଡ଼ିଲା ତାର ଅତୀତର କଥା । ତାକୁ ମଧ୍ୟ ଦିନେ ଏହି ଦଶା ଭୋଗ କରିବାକୁ ହେବ । କିନ୍ତୁ...... ଠିକ୍ ସେତିକିବେଳେ ଗଙ୍ଗାଧର ଆଉ ବୃଦ୍ଧା ଦେଇଙ୍କର କଥାବାର୍ତ୍ତା ତାର କାନରେ ପଡ଼ିଲା । ସେ ଉତ୍କର୍ଣ୍ଣ ହୋଇ ସମସ୍ତ ଶୁଣିଲା । ପିତାଙ୍କର ଶେଷ କଥାଟିରେ ତାର ଦେହଟା କମ୍ପି ଅବଶ ହୋଇଥିଲା । କୌଣସି ଶାସ୍ତ୍ର ବନରେ ପ୍ରାଣୀ ଯେପରି ସଙ୍କଟ ମୂର୍ଚ୍ଛିତ ହୋଇପଡ଼େ, ସେ ସେହିପରି ଚୈତନ୍ୟ ହରାଇ ପଡ଼ିରହିଲା ।

ଲଳିତା ଚିନ୍ତିତ ହୃଦୟ ଠିକ୍ କଲା, ସେ ବିବାହ କରି ପାରିବ ନାହିଁ । ବୋଉଙ୍କୁ ସମସ୍ତ କଥା ଖୋଲି କହିବ, ସେ ନିଶ୍ଚୟ ତାର କଥା ଶୁଣିବେ । କଲ୍ୟାଣୀ ହୋଇ କନ୍ୟାର ଦୁଃଖ ବୁଝିବେ ନାହିଁ ତ ଆଉ କିଏ ବୁଝିବ ? କିନ୍ତୁ କହି ପାରିଲା ନାହିଁ । ତାର ଭୟ ହେଲା, ଯଦି ସେ ଏ କଥାକୁ ସାମାନ୍ୟ ଭାବି ଉପହାସରେ ଉଡ଼ାଇ ଦିଅନ୍ତି । "ଅବିବାହିତା କନ୍ୟାର ସ୍ୱେଚ୍ଛାଧିକାର ନାହିଁ" ଏହି ଯୁକ୍ତି ବଳରେ ଯଦି ତାଙ୍କର ଉଦ୍ଦେଶ୍ୟ ସାଧନରେ ତତ୍ପର ହୁଅନ୍ତି, ତେବେ ଉପାୟ କଣ ? କଣ ସାଥୀରେ ତାକୁ ପର ହାତରେ ଦେବ କି ନା । ନା, ଏ ଉପାୟରେ ଅସ୍ୱସ୍ଥ ହୋଇ ସାଧିବ ନାହିଁ । ଏକମାତ୍ର ଉପାୟ, ଯାହାଙ୍କ ପାଖରେ ଆତ୍ମସମର୍ପଣ କରିଛି,

ତାଙ୍କର ପଦପ୍ରାନ୍ତରେ ତଥ ତାଙ୍କର ତୃପ୍ତି ଅର୍ପଣ କରିବା । ତାଙ୍କୁ ଅନୁକମ୍ପା ବିନା ଅସ୍ତ୍ରରକ୍ଷାର ଅନ୍ୟ ଉପାୟ ନାହିଁ ।

ବୃଷ୍ଟିମୟ ବର୍ଷାର୍ତ୍ତୁ ଲଗ୍ନ ପାରେଇ ଆସିଲା । ଆଜି ଦୁଇଦଶ ମାଘ ବାରେ । ଲମ୍ବୋଧର ଆୟୋଜନରେ ଲାଗିପଡ଼ିଲେ । ଶରଧାଦେଈଙ୍କର 'ଗୋଡ଼ ତଳେ ଲଗୁ ନାହିଁ । ଏତେ ଦିନ ପରେ ତାଙ୍କର ବାସନା ସଫଳ ହେବ । ଯେଉଁମାନେ ଲଳିତା ନାମରେ ଅଜସ୍ର ଦୁର୍ନାମ ଗାଇ ବୁଲୁଥିଲେ, ଆଜ ତାଙ୍କର ଆଖି ଉପରେ ସଗର୍ବରେ ନାଗରା ବଜାଇ ସେହି ଲଳିତା ସାଧ୍ୱୀ ସତୀ ସତ୍ୟବାନଙ୍କୁ ବରଣ କରିବ । ସେହି କନ୍ୟାକୁ ଗ୍ରାମ୍ୟଲୋକମାନଙ୍କର ମୁହଁ ବାନ୍ଧ ପଡ଼ିଯିବ । କନ୍ୟାର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ତାଙ୍କର ଷଠ ମୁଖ ଲୁଟୁଛି । ଶବ୍ଦାତ ଦିବସ ଯେତେକ ଅଗେଇ ଆସୁଛି, ତାଙ୍କର ଆନନ୍ଦ ସେହି-ପରିମାଣରେ ବୃଦ୍ଧି ହେଉଛି । କିନ୍ତୁ ଲଳିତାର ବୃଦ୍ଧି ହେଉଛି କିମ୍ବା କଣରେ ଲୁଷ୍ଟ ବେଦନାଧାରା ।

ସୁଧୂକା ଦେଈ ଘରେ କାର୍ଯ୍ୟବ୍ୟସ୍ତ । ତମି ତାଙ୍କୁ ସାହାଯ୍ୟ କରିବାରେ ଲାଗିଛନ୍ତି । ଗୋଟିଏ ଯୋଗୀ ଆସି ଦୁଆରେ ବେଦନା ବଜାଇ କିଛି ଭିକ୍ଷା ପ୍ରାର୍ଥନା କଲା ସେହି ସମୟରେ । ସୁଧିକା ଦେଈ ଜାଣନ୍ତି ଲଳିତା ତାର ଘରଟିରେ ଶୋଇଛି । ସେ ଲଳିତାକୁ ଉଦ୍ଦେଶ୍ୟ କରି କହିଲେ, "ମାଆ ଯା, ମୁଁ ଯାଇ ପାରୁନ ନାହିଁ, ଗଣ୍ଡେ ଭିକ ଦେଇ ଆସିଲୁ ।" କିନ୍ତୁ ପ୍ରତ୍ୟୁତ୍ତରରେ ଲଳିତାର ସ୍ୱର ଶୁଣିବାକୁ ପାଇଲେ ନାହିଁ । ଆଜି ଥରେ କହିଲେ; କିନ୍ତୁ ଉତ୍ତର ନାହିଁ । ନିଜେ ଯାଇ ଭିକ ଦେଇଗଲେ । ଦେଖିଲେ ଲଳିତା ନାହିଁ । ହୁଏତ ବୁଲିଯାଇଥିବ ଅବା କୈଳାସଚନ୍ଦ୍ରଙ୍କ ଘର ଆଡ଼େ । ସନ୍ଧ୍ୟା ହୋଇ ଆସିଲା । ଲଳିତାର ଦେଖା ମିଳିଲା ନାହିଁ । ତମି ଗଲା ତାର ଅପାକୁ ଖୋଜିବାକୁ । ସନ୍ଧ୍ୟା ହେଲା । ତମୀର ଦେଖା ନାହିଁ, କି ଲଳିତାର ମଧ୍ୟ ଦେଖା ନାହିଁ । ସୁଧୂକା ଦେଈ ମନେ ମନେ ଚିନ୍ତିତ ହୋଇ ସ୍ୱାମୀଙ୍କୁ ଜଣାଇଲେ ।

ଲମ୍ବୋଧର ବାବୁ ବାହାରକୁ ଗଲେ—ଉଦ୍ଦେଶ୍ୟ ଲଳିତାକୁ ଖୋଜିବା । କିନ୍ତୁ କେତେକ ସମାଲୋଚନାରୁ ରକ୍ଷା ପାଇବାକୁ ତମୀକୁ ଖୋଜୁଥିବାର ପ୍ରକାଶ କଲେ । ତମୀକୁ ପାଇଲେ । ତାହାଠାରୁ ବୁଝିଲେ, ସେ ଗାଁସାରା

କଟଣର ଭୂଲଗ୍ନି, ଅପାକୁ ପାଇ ନାହିଁ । ଗଙ୍ଗାଧରଙ୍କ ମୁଣ୍ଡ ବୁଲାଇ ଦେଲା । ସେ ହଠାତ୍ ଠିଆ ହୋଇଗଲେ । ତାପରେ ଦୌଡ଼ି ଯାଇ ତାର ଗାଡ଼ିଅରେ ଯାଇ ଝୁରି ଭାବେ ତନ୍ନତନ୍ନ କଲେ । ସ୍ୱାମୀଙ୍କର ହଠାତ୍ ଏପରି ଗାଡ଼ିଅ ଖୋଜା ଦେଖି ଓ ତଣୀଠାରୁ ଲକଭାର କଲ୍ଲୁବେଣ ଖବର ଶୁଣି ସୁଧାମୀ ଦେଇ ବୋହାଙ୍କ ପଛ ବସିପଡ଼ିଲେ—ତାଙ୍କ ପ୍ରାଣକୁ କଥା ବାହାରିଲା ନାହିଁ ।

ଗ୍ରାମଭିତରେ ସମସ୍ତ ସନ୍ଦେହ ସ୍ଥାନମାନ ଖୋଜିସାରି ଗଙ୍ଗାଧର ସେହ ସ୍ୱଭାବତ ତାଙ୍କର ଶ୍ୱଶୁରାଳୟକୁ ଦୌଡ଼ିଲେ । ସେଠାରୁ ବାସଭଳ-ମନୋରଥ ହୋଇ ତାଙ୍କର ଜଣେ ଦୂର ସେତେ ସେଇଁଠି ବନ୍ଧୁବାନ୍ଧବ-ଙ୍କର ଘର, ସମସ୍ତ ଖୋଜିଲେ—କେଉଁଠି ପାଇଲେ ନାହିଁ । ତୃତୀୟ ଦିନ ଘରକୁ ଫେରିଆସିଲେ । ସେତେବେଳକୁ ଦିନ ଦୁଇଟା ହେବ ଭୁଲ ଦିନ ଧରି ଉପବାସ । ସେଥିରେ ପୁଣି ପଥଶ୍ରାନ୍ତ—ବଡ଼ କ୍ଲାନ୍ତ ବୋଧ ହେଲା । ସେ ଅଲଗ୍ନିଟିକୁ ଲୁଗାଖଣ୍ଡେ ଟାଣିନେଇ ଶୋଇପଡ଼ିଲେ । ସହସା ଲୁଗା କାନରେ ଖୋଷା ଏ ବଡ଼ ଖଣ୍ଡେ ତାଙ୍କର ଦୃଷ୍ଟି ଆକର୍ଷଣ କଲା । ଟିକିଏ ଦେଖିଲେ, ଦୁଇ ଖଣ୍ଡ କାଗଜ—ଖଣ୍ଡେ ଲଫାପାରେ ବନ୍ଦ ଅଛି, ଅନ୍ୟ ଖଣ୍ଡେ ଖୋଲା ଖୋଲା କାଗଜ । ଲଫାପା ଉପରେ ଲେଖା ଅଛି, "ସ୍ୱାମୀଙ୍କ କରକମଳେଷୁ ପଞ୍ଚକାସ୍ତୁଭ ।" ହସ୍ତାକ୍ଷର ଦେଖି ଚମକି ଉଠିଲେ । ଏ ଯେ ଲଳିତାର ହସ୍ତାକ୍ଷର ! ଖୋଲା ଚିଠି ଖଣ୍ଡ ପଢ଼ିବାକୁ ଆରମ୍ଭ କଲେ—

"ପୂଜ୍ୟପାଦ ପିତୃଦେବ ମହୋଦୟ,

ଶ୍ରୀଚରଣେ ପ୍ରଣତେଷୁ

ପିତଃ—

ଆପଣଙ୍କର ଅଭାଗିନୀ କନ୍ୟା ଅଭାଗାକୁ ଚିର ମାତୃ ସ୍ନେହବଞ୍ଚିତ କରି ଜନ୍ମଭୂମି ପରିତ୍ୟାଗ କରୁଛି । ସେଥିପାଇଁ ଆପଣ ଚିନ୍ତିତ ହେବେ ନାହିଁ । ବୋଉ ବଡ଼ ଅଧୀର ହୋଇପଡ଼ିବେ । ଆପଣ ତାଙ୍କୁ ସାନ୍ତ୍ୱନା ଦେବେ । ଏ ଅଭାଗିନୀକୁ ଭୁଲିଯିବେ ।

ଏଣେ ଜନ୍ମଦେଇଛନ୍ତି ସତ, କର୍ମଦାତା ନୁହନ୍ତି । ମୁଁ ମୋର କର୍ମ-ଫଳ ଭୋଗ କରିବ । ସେଥିଲାଗି ଦୁଃଖିତ ହେବା ଆପଣଙ୍କର ଉଚିତ ନୁହେଁ ।

ମୁଁ ଯେ କ ସ୍ୱଦେଶୀୟରେ ଯାଉଛୁ ଓ କେଉଁଠାକୁ ଯାଉଛୁ, ତା ଜାଣିପାରୁନାହିଁ। ତେବେ ଏତିକି ଜାଣିଥାନ୍ତୁ, ଆପଣ ଏ ପତ୍ର ପାଠ କଲାବେଳେ ମୁଁ କେଉଁ କୌଣସି ଦୂର ଦେଶରେ ଥିବି। ମୋତେ ଆଉ ଖୋଜିବେ ନାହିଁ।

ମୋର କପାଳ ସୌଭାଗ୍ୟ କିମ୍ବା ପୁଣ୍ୟବଳ କିଛି ନାହିଁ। ଅଭାଗାକୁଳା କନ୍ୟା ପିତାମାତାଙ୍କ ପାପପୁଣ୍ୟର ସମଭାଗିନୀ, ଏହା ପୁରାଣ-ପ୍ରସିଦ୍ଧ। ଆପଣଙ୍କର ଯେଉଁ ପୁଣ୍ୟବଳରେ କେଉଁ ଦିନ ଯେବେ ଆସି ଚରଣ ବନ୍ଦନା କରିବି, ତାହା ଦୟାମୟ ଭଗବାନଙ୍କୁ ଗୋଚର। ଏଥି ସଙ୍ଗେ ଥିବା ପତ୍ରଖଣ୍ଡି ଯେପରି ଅଛି, ସେହିପରି ଯତ୍ନରେ ରଖିଥିବେ। ଆପଣଙ୍କର ସ୍ୱାମୀ ଯେବେ ଖୋଜି ଆସିବେ, ତାଙ୍କୁ ଦେବେ। ମୋର ଏହି ଶେଷ ନିବେଦନଟି ଭୁଲିବେ ନାହିଁ, କି ଅନ୍ୟଥା କରିବେ ନାହିଁ। ଇତି।

ଆପଣଙ୍କର ସ୍ନେହପାଳିତା କନ୍ୟା
ଅଭାଗିନୀ ଲଳିତା"

ରଙ୍ଗାଧର ବଡ଼ ଚଞ୍ଚଳ ହେଲେ। ସମସ୍ତ ଘଟଣା ଆନୁପୂର୍ବିକ ହୃଦୟଙ୍ଗମ କରି ନେଇ ପତ୍ନୀଙ୍କୁ ସାନ୍ତ୍ୱନା ଦେଲେ। ସଧବା ଦେଈ ହିଏ ଅଶ୍ରୁପ୍ଳା ବୁଅଟନ୍ତି, ରଙ୍ଗାଧର ସଙ୍ଗେ ସଙ୍ଗେ ବର ଘରକୁ ଖବର ଦେବାକୁ ଦୌଡ଼ିଲେ।

## ଊନବିଂଶ ପରିଚ୍ଛେଦ

ନବକିଶୋର, ବନ୍ଧୁ ଅତୁଲ ବାବୁଙ୍କ ସହିତ କଥୋପକଥନ କରୁ କରୁ ଖେଦାଇପୁର ମାର୍କେଟରୁ ଆସି ପ୍ରମଥ ବାବୁଙ୍କ ଗୃହ ନିକଟରେ ପହଞ୍ଚି ଗଲେଣି, ତାଙ୍କୁ ଜଣା ନାହିଁ। ବାଦ୍ୟାଲାପ ଭେଦ କରି ଗୋଟିଏ ସ୍ତ୍ରୀକଣ୍ଠର ମଧୁର ସଙ୍ଗୀତଲହରୀ ସେମାନଙ୍କର ଶ୍ରୁତିଗୋଚର ହେଲା। ନବକିଶୋର କହିଲେ, "ଏ ତ ସୌଦାମିନୀଙ୍କର ସ୍ୱର ପରି ଶୁଭୁଛି।" ଅତୁଲ ବାବୁ ଥରେ ଚତୁର୍ଦ୍ଦିଗକୁ ଦୃଷ୍ଟିପାତ କରି କହିଲେ, "ଆମେ ଯେ ତାଙ୍କର ଦୁଆରେ ଆସି ପହଞ୍ଚିଗଲେଣି। ଆସନ୍ତୁ, ଗୋଟିଏ ଗାନ ଶୁଣିବା।" ନବକିଶୋର ଅନିଚ୍ଛା ପ୍ରକାଶପୂର୍ବକ କହିଲେ, "ବାଈମାନଙ୍କ ପ୍ରତିଷ୍ଠ ଜଣ ପାଷୋର ହୋଇଗଲ!

ପୂର୍ବ ମୁହୂର୍ତ୍ତରେ ଦୃଢ଼ପ୍ରତିଜ୍ଞ କରୁଥିଲେ, ଅନ୍ଧକାର ଭ୍ରମଣ ଏଇଠାରେ ଶେଷ କରି ନିର୍ମଳ ପନ୍ଥା ଧରିବାକୁ ହେବ । ପୁଣି ଏ ଦଣ୍ଡ ବାଛିନେବ କାହିଁକି ? ଯନ୍ତ୍ରଣା ସେ ମୁଣ୍ଡ ଉପରେ । ଆଜି......"

"ଅଚ୍ଛା, ତୋହର ଗାନ ଶୁଣିବାରେ ବେଶି ସମୟ ନଷ୍ଟ ହେବ ନାହିଁ ତ ।"

"ବେଶ୍, ଏଇଠାରେ ଶୁଣିବା । ସେଠାକୁ ଗଲେ ନିଶ୍ଚୟ ବିଳମ୍ବ ହେବ ।"

ଦୁଇବନ୍ଧୁ ରାସ୍ତା ଉପରେ ଠିଆ ହୋଇ ରହିଲେ । ଶୁଣାଗଲା—

"ସେହିପରି ମୁଁ ତୋ ଏହି ଗବାକ୍ଷରେ ନୀରବେ ରହିଛି ବସି
କେତେ ଥର ଗୁଞ୍ଜ ଗୁଞ୍ଜରଣ ଆସି ପ୍ରାଣଭରି ହସ ହସି ।
କେତେ ମଧୁ କଣି ଗନ୍ଧ ସିଞ୍ଚି ଯାଇ
ଗଲା ପିଇ—ବନ୍ଧୁ କେତେ ଗୀତ ଗାଇ
କେତେ ପ୍ରଣୟର ମୃଦୁଳ କିରଣ ଚୁମ୍ବି ଜାଣି ଧରି ଆସି ।
ପ୍ରାଣ ମନେ ଭୁଲି ଭୁଲି ମଧୁକର
ଚୁମ୍ବିଗଲା କେତେ ଫୁଲର ଅଧର
କଣ୍ଠର ପ୍ରଣୟ ତୃଷିତ ତ ନାହିଁ ମୋ ହୃଦ ବେଦନାରାଶି ।"

ଦୁଇ ବନ୍ଧୁ ସେଇଠାରେ ଭ୍ରମଣ ଶେଷ କରି, ଗୃହାଭିମୁଖରେ ଫେରିଲେ । ଏଥିମଧ୍ୟରେ ଅନ୍ତର୍ବର୍ତ୍ତୀ ଯନ୍ତ୍ରଣା ଓ ସହାନୁଭୂତି ବିଷୟରେ କେତେକ କଥାବାର୍ତ୍ତା ହେଲା ; କିନ୍ତୁ ନବକିଶୋର ପୂର୍ବ ପରି ସେ କଥାରେ ମନୋନିବେଶ କରିପାରିଲେ ନାହିଁ । ତାଙ୍କର କାନରେ ରହି ରହି ବାଜୁଥିଲା ସୌଦାମିନୀର ସେହି କାତର କଣ୍ଠର ଗାନଟି—"ସେହିପରି ମୁଁ ତୋ ଏହି ଗବାକ୍ଷରେ ନୀରବେ ରହିଛି ବସି ।"

× × × ×

ଅତୁଲ ବାବୁ ଦେଖିଲେ, ସେ ଯଦିଓ ତାଙ୍କ ସହିତ କଥାବାର୍ତ୍ତାରେ ଯୋଗ ଦେଉଛନ୍ତି, କିନ୍ତୁ ଅନ୍ୟମନସ୍କ ଭାବରେ—ଅନିଚ୍ଛାରେ । ତାଙ୍କର କୌଣସି କଥା ଖାପ ଖାଉ ନାହିଁ । ବନ୍ଧୁଙ୍କର ଅବସ୍ଥା ଏପରି ପରିବର୍ତ୍ତନ ଦେଖି ଅତୁଲ ବାବୁ କହିଲେ, "କି ନବବାବୁ, ଆଜି ଆପଣଙ୍କୁ କଣହେଲା କହ

ଅନ୍ୟମନସ୍କ ଦେଖୁଛି । କିଛି ଅସୁଖ ବୋଧ ହେଉଛି କି ?" ନବକିଶୋର ଅପ୍ରତିଭ ହୋଇପାଇ କହିଲେ, "ନା !"

"କିନ୍ତୁ ଆପଣଙ୍କ...... ।"

"ମୁଣ୍ଡଟା କେମିତି ଭାର ଭାର ଲାଗୁଛି ।"

"ଲଳିତା ସୁନ୍ଦରୀ ମନରେ ପଡ଼ିଗଲେ ପରା । ଯାଃ—ଆପଣ ବଡ଼ ଅବ୍ୟବସ୍ଥିତ ଲୋକ, ମୁଁ ଦେଖୁଛି । ସେ ଗତ କଥାର ପୁଣି ଆଲୋଚନା କାହିଁକି ? ଯାହା ଗଲାଣି, ତାହା ଗଲା । ଆପଣଙ୍କର ଶୈଶବ ଅତିକ୍ରମ ହୋଇ ଯାଇଛନ୍ତି ବର୍ତ୍ତମାନ ଭାବିଲେ, ଚିନ୍ତା କଲେ ଆଉ ଦିନ ଫେରି ପାଇବେ ? ତେବେ ବୃଥାରେ ସେ ଗତ ବିଷୟ ଲାଗି ଅନୁଶୋଚନା କାହିଁକି ? ମନୁଷ୍ୟ ଜୀବନରେ କେତେ କେତେ ଘଟଣା ଘଟି ଯାଉଛି, ତାର ଇୟତ୍ତା ନାହିଁ । ଗୋଟାଏ ସାମାନ୍ୟ କଥା ନେଇ ସର୍ବଦା ନିଜକୁ ଯନ୍ତ୍ରଣା ଦେବା ଅଦୂରଦର୍ଶିତାର କାର୍ଯ୍ୟ ନୁହେଁ କି ?"

ଅତୁଲ ବାବୁ କେତେ କଣ କହିଗଲେ । ପ୍ରତିବାଦ କରିବାକୁ ନବକିଶୋର ସାହସ କଲେ ନାହିଁ । ସେ ଲଳିତା ବିଷୟରେ କିଛି ଜାଣନ୍ତି, ଏହି ସତ୍ୟ କଥାଟା କହିପାରିଲେ ନାହିଁ । କଅଣ କହନ୍ତେ ? ଯଦି ପ୍ରଶ୍ନ ହୁଏ, 'ଲଳିତା ବିଷୟ କିଛି ନାହିଁ ତ ଆଉ ତାହାର ବିଷୟ ନେଇ ଚିନ୍ତା' ତେବେ ସେ କି ଉତ୍ତର ଦେବେ ?

ସେଦିନ ରାତିରେ ନବକିଶୋର ଯେତେବେଳେ ଶଯ୍ୟା ଆଶ୍ରୟ କଲେ, କିଏ ତାଙ୍କ କାନ ପାଖରେ ବଂଶୀ ବାଇବାକୁ ଲାଗିଲା—'ସେହିପରି ମୁଁ ତୋ ଏହି ସଂସାରରେ ନିରୋଳେ ରହିଛି ବସି...।' ଗୀତଟା ବାସ୍ତବିକ ବଡ଼ ହୃଦୟସ୍ପର୍ଶୀ । ଅନ୍ତରର ନିଭୃତତମ ପ୍ରଦେଶରେ ଲୁକ୍କାୟିତ ନିତାନ୍ତ ସତ କଥାଟା ହୃଦୟର ଆବେଗରେ, ଭାବର ଉଚ୍ଛ୍ୱାସରେ ଗୀତଛନ୍ଦରେ ପଦାକୁ ବାହାରି ପଡ଼ିଛି । ସତ୍ୟ କଥାଟାକୁ କପଟାଚ୍ଛାଦନରେ ଘୋଡ଼ାଇ ରଖିବା ବାସ୍ତବିକ ମନୁଷ୍ୟର ସାଧ୍ୟାତୀତ । ସୌଦାମିନୀ ଗୀତ ଛନ୍ଦରେ ଜଗତକୁ ତାର ହୃଦୟ ଖୋଲି ଦେଖାଇ ଦେଇଛି; କିନ୍ତୁ ତାହା ଶୁଣୁଛି କିଏ—ବୁଝୁଛି ବା କିଏ ? ନିଷ୍ଠୁର ହୃଦୟ ତାର ହୃଦୟର ଦୁଃଖରାଶି ବୁଝୁ ନାହିଁ, ସେ ଠିକ୍ ଅନୁଭବ କରୁଛନ୍ତି । ସୌଦାମିନୀ ! ତୁମେ ତାହାର ଅପେକ୍ଷା

କରୁଛ ? କାଠ ଗବାକ୍ଷ ପଥରେ ଶୂନ୍ୟ ବସିଛ ? କେତେ ଋତୁ ବର୍ଷା ଶୀତ ସହୁ ସହୁ ଏକଧ୍ୟାନରେ ତାହାର ଆଶାରେ ଧୀରସ୍ଥିର ରହୁଛ ? ଏତେ ଦିନ ପରେ ନବକିଶୋର ତୁମ ହୃଦୟର ଗଭୀର ଦୁଃଖ ବୁଝି ପାରୁଛ । ଏତେ ଦିନଯାଏ ଯାହା ଅନୁମାନ କରୁଥିଲା, ଆଜି ତାହା ହୃଦୟଙ୍ଗମ କରି ପାରୁଛି । ତୁମେ ଦୁଃଖୀ, ତୁମର ଅଭାବ ଅଛି—ସେ ଅଭାବ ପୂରଣ ଲାଗି ତୁମେ ସର୍ବଦା ଅସ୍ଥିର; ଏହା କେଣ ବୁଝି ପାରୁଛି । କିନ୍ତୁ ସେ ଅଭାବ କଣ ? ତାହା କଣ ନବକିଶୋରଦ୍ୱାରା ପୂରଣ ହୋଇପାରେ ? ଯଦି ତାହା ହୁଏ, ତେବେ ନବକିଶୋର ପ୍ରାଣ ସମର୍ପଣ କରିବାକୁ ଲେଶମାତ୍ର ଦ୍ୱିଧା କରିବ ନାହିଁ । ଦୁଃଖିନୀ କଣ, ଅଭାଗିନୀ କଣ, ଖୋଲି କହିବ କି ?

ନବକିଶୋର ଆଜି ମେଡିକେଲ ସ୍କୁଲର ଛାତ୍ର ନବକିଶୋର ନୁହନ୍ତି, ବର୍ତ୍ତମାନ ତାଙ୍କ ନାମ ପୂର୍ବରେ ଡାକ୍ତର ଅକ୍ଷରଦ୍ୱୟ ଯୁକ୍ତ ହେଲାଣି । ଅତୁଳ ବାବୁ ମଧ୍ୟ ସେଥିରୁ ବଞ୍ଚିତ ନୁହନ୍ତି ।

ପାସ୍ କରିବାର ଅଳ୍ପଦିନ ମଧ୍ୟରେ ନବକିଶୋର କେମ୍ପବେଲ ମେଡିକେଲ ସ୍କୁଲରେ ଡେମନଷ୍ଟ୍ରେଟର ( Demonstrator ) ଚାକିରି ପାଇଲେ ।

ଅତୁଳ ବାବୁଙ୍କୁ ଚାକିରି ମିଳିଥିଲେହେଁ ସେ ସ୍ୱତନ୍ତ୍ର ଏକ ଡାକ୍ତର ଖାନା ଖୋଲିବା ଉଦ୍ଦେଶ୍ୟରେ ତାହା ପ୍ରତ୍ୟାଖ୍ୟାନ କଲେ; ସୌଦାମିନୀ ତ ବହୁ ଆଗରୁ ପାସ୍ କରି ଘରେ ବସିଥିଲେ । ତାଙ୍କର ଚାକିରି କରିବାର ପ୍ରୟୋଜନ ମଧ୍ୟ ନ ଥିଲା । କିନ୍ତୁ ସେ ପିତାମାତାଙ୍କର ଅନିଚ୍ଛାସତ୍ତ୍ୱେ ନବକିଶୋର ଚାକିରି ପାଇବାର ଏକ ସପ୍ତାହ ପରେ ସେହି କେମ୍ପବେଲରେ ଚାକିରି ଗ୍ରହଣ କଲେ ।

ପୁତ୍ରର ଉଜ୍ଜ୍ୱଳ ସୌଭାଗ୍ୟ ଦେଖି କୈଳାସଚନ୍ଦ୍ରଙ୍କର ଆନନ୍ଦ ହୃଦୟରେ ଧରୁ ନାହିଁ । ନବକିଶୋର କିନ୍ତୁ ମନ୍ତ୍ରମୁଗ୍ଧବତ୍ କାର୍ଯ୍ୟ କରିଯାଉଛନ୍ତି—ତାଙ୍କ ମନରେ ଆନନ୍ଦ ନାହିଁ, ଉତ୍ସାହ ନାହିଁ, ସ୍ଫୂର୍ତ୍ତି ନାହିଁ, ଶାନ୍ତି ନାହିଁ । ଛାତ୍ର ଜୀବନଠାରୁ ଶିକ୍ଷକ ଜୀବନ ତାଙ୍କୁ ବଡ଼ ଦୁର୍ବହ ଦୁଃଖମୟ ବୋଧ ହେଉଛି । ସର୍ବଦା ତାଙ୍କର ଯେପରି କଣ ଗୋଟାଏ ବଡ଼ ଅଭାବ ଅନୁଭୂତ ହେଉଛି । ଅପୂର୍ଣ୍ଣ ବାସନା ଗୋଟାଏ ତାଙ୍କର

ପଛେ ପଛେ ଯାହା କରୁଛନ୍ତି ? ସେ ସେହି ଅଶାନ୍ତିର ପ୍ରେତର ଜ୍ୱାଳାରେ ଦହ ଦହ ଯାଉଛନ୍ତି ।

ଘୋର ସନ୍ଧ୍ୟା ହେବ, ପ୍ରମଥ ବାବୁ ଲେଖ ଟେବୁଲରେ ବସିଛନ୍ତି । ପାଖରେ ଅନ୍ୟ ଗୋଟିଏ ଚୌକିରେ ନବକିଶୋର ବସି ଖବରକାଗଜ ପାଠରେ ମନୋନିବେଶ କରିଛନ୍ତି । କାରଣ ସେ ଦୂରରୁ ଆଖି ଟେବୁଲ ଉପରେ ଥୋଇଦେଲେ । ପ୍ରମଥ ବାବୁ ଗୋଟିଏ ବହି ଉଠାଇ ନେଇ କହିଲେ, "ଏ ନିଅ ନବକିଶୋର ।" ନବକିଶୋର ବଡ଼ ଆଗ୍ରହରେ ସେ ବହି ଉଠାଇ ନେଲେ । ସେ ଧ୍ୟାନ ଶେଷ ହେଲା—କାରଣ ଶୂନ୍ୟ ବହି ଖୁବ୍ ବେଶି ଦୃଢ଼ତା । ନବକିଶୋର ରୁମାଲରେ ମୁହଁଟା ପୋଛି ନେଇ ପୁନଶ୍ଚ ସମ୍ବାଦପତ୍ର ପାଠରେ ମନ ଦେଲେ । ପ୍ରମଥ ବାବୁ ଗଳାଟା ସଫା କରି କହିଲେ, "ନବକିଶୋର, ବହୁଦିନ ହେଲା ଗୋଟାଏ କଥା କହିବାକୁ ମନସ୍ଥ କରିଛି କିନ୍ତୁ କହିପାରୁ ନାହିଁ ।" ନବକିଶୋର କାଗଜ ଉପରୁ ମୁହଁ ଉଠାଇ କହିଲେ, "ମୁଁ ପାଖରେ ପିତାଙ୍କର ଏତେ ସଙ୍କୋଚ କାହିଁକି ? କଣ କହନ୍ତୁ ।" ପ୍ରମଥ ବାବୁ ହସି ହସି କହିଲେ, "ସଙ୍କୋଚ ନୁହେଁ ଯେ, ସୁଯୋଗ ପାଉ ନ ଥିଲି । କଣ କି—ମୁଁ ମନେ କରେ ସୌଦାମିନୀ ସହିତ ତୁମର ବିବାହ ହେଲେ ଉଭୟଙ୍କର ଜୀବନ ନିଶ୍ଚୟ ସୁଖମୟ ହୁଅନ୍ତା ।" ନବକିଶୋର ଆଶ୍ଚର୍ଯ୍ୟ ହୋଇଗଲେ । ଏ କଣ ? ସ୍ୱପ୍ନ ନା ସତ୍ୟ ? ସୌଦାମିନୀ ସହିତ ନବକିଶୋରଙ୍କର ବିବାହ ? ଯେଉଁ କଥା ଭାବିବାକୁ ସୁଦ୍ଧା ରସନା କୁଣ୍ଠିତ ହୁଏ ! ଆଜି ପ୍ରଭୁ ଭଗବାନଙ୍କର କଣ ଏତେ ଦୟା ? ଈଶ୍ୱର କଣ ଏତେ ଶୀଘ୍ର ପ୍ରସନ୍ନ ହୁଅନ୍ତି ? ଦୁର୍ଦ୍ଦିନର ଏତେ ତଥାପି ପୁଣି ଭାଗ୍ୟ ପରିବର୍ତ୍ତିତ ହୁଏ ? ନବକିଶୋର ନିଜର କାନ ଦୁଇଟାକୁ ବିଶ୍ୱାସ କରିପାରିଲେ ନାହିଁ । ସେ ଭାବିଲେ, ପ୍ରମଥ ବାବୁ ଅବା କଣ କହୁଥିବେ, ତାଙ୍କର ଶୁଣିବାରେ ଭୁଲ ହୋଇଛି ବୋଧହୁଏ ; କିନ୍ତୁ ସେତିକିବେଳେ ପ୍ରମଥ ବାବୁ ଅତି ମୃଦୁକଣ୍ଠରେ କହିଲେ "ଚିନ୍ତା କରିବାର କିଛି କାରଣ ନାହିଁ ବାବା ! ସଂସାର-ସମସ୍ୟା ବଡ଼ ଜଟିଳ ସମସ୍ୟା । ତୁମ ଜୀବନ ତୁମକୁ ଯାହା ସହିତ କଟାଇବାକୁ ହେବ, ଯାହାର ଜୀବନ ସଙ୍ଗ ତୁମକୁ ଉପଭୋଗ କରିବାକୁ ହେବ, ସେଥିରେ ତୁମର ସ୍ୱାଧୀନ ଚିନ୍ତା ମତ ଆବଶ୍ୟକ ।

ତାହାର କ୍ରୋଧ ଅନୁରୋଧରେ ପଡ଼ି ନିଜର ଜୀବନକୁ ଅଶାନ୍ତିମୟ କରିବା ଉଚିତ ନୁହେଁ । କଣ ବୁଝିଲ ମୋ କଥା, ନବକିଶୋର ? ଏ କ୍ଷେତ୍ରରେ ଲୋକାପବାଦକୁ ଉପେକ୍ଷା କରି ପ୍ରକୃତ ସତ୍ୟ ଉପରେ ଗୁରୁତ୍ୱ ଦେବାକୁ ହେବ !”

ନବକିଶୋର ଶୁଣିଲେ ଗୂଢ଼ ଭାବରେ ପାଇଲେ । ତାଙ୍କର ଶୁଷ୍କ ଶୀର୍ଣ୍ଣ ହୃଦୟ ସରସ ସତେଜ ହୋଇଉଠିଲା । ସେ ଯଥାସାଧ୍ୟ ଅନ୍ତରର ସେହି ଆନନ୍ଦକୁ ଗୋପନ ରଖି କହିଲେ, “ମୋ ବିବେଚନାରେ ଆପଣ ଏ ସମ୍ବନ୍ଧରେ ବାପାଙ୍କ ସହିତ ପରାମର୍ଶ କଲେ ଭଲ ହୁଅନ୍ତା । କାରଣ ସେ...” “ଚିରଞ୍ଜୀବୀ ହୁଅ ବାବା ! ଉପଯୁକ୍ତ ଉତ୍ତର । ବୃଦ୍ଧଜନଙ୍କର ଅଭିମତରେ ଯେଉଁ କାର୍ଯ୍ୟଟି ସମ୍ପନ୍ନ ହୁଏ, ତାହା ତାଙ୍କର କଲ୍ୟାଣରେ ବର-ସ୍ୱରୂପ ହୁଏ । ଅଚ୍ଛା, ସେ କଥା ମୁଁ ବୁଝିବି ।” ତା ପରେ ଆଉ କେତେକ କଥା-ବାର୍ତ୍ତା ପରେ ନବକିଶୋର ଗୃହକୁ ଗଲେ । ସେ ଦିନ ରାତିରେ ତାଙ୍କର ନିଦ୍ରାଦେବୀଙ୍କ ସହିତ ସାକ୍ଷାତ୍ ହେଲା ନାହିଁ । ପ୍ରମଥ ବାବୁଙ୍କର ସେହି ନୂତନ ପ୍ରସ୍ତାବରେ ଭବିଷ୍ୟତର କେତେ ରଙ୍ଗିନ୍ କଳ୍ପନା କରୁ କରୁ ରାତି ପ୍ରଭାତ ହୋଇଗଲା ।

ଗବାକ୍ଷ ପଥଦେଇ ବାଳସୂର୍ଯ୍ୟର କୋମଳ ଲୋହିତ କିରଣ ଯେତେବେଳେ ଅର୍ଦ୍ଧାବୃତ ମସ୍ତକର ସୁନୀଳ କୁନ୍ତଳଦାମରେ ଲୁଚକାଳି ଖେଳ ଖେଳିବାକୁ ଆରମ୍ଭ କଲା, ସୌଦାମିନୀଙ୍କର ସେତେବେଳେ ତନ୍ଦ୍ରା ଭଙ୍ଗ ହେଲା । ସେ ଉଠି ଦେଖିଲେ, ନିକଟରେ ମାୟା ଦଣ୍ଡାୟମାନା । ମାୟା ତାଙ୍କ ଘରର ଦାସୀ, ସୌଦାମିନୀଙ୍କର ପ୍ରିୟସଙ୍ଗିନୀ । ସେ ହସି ହସି କହିଲା, “ଆଜି ରାଜମାଧବୀଙ୍କର ସୁପ୍ରଭାତ । ମାୟାପୁରର ରାଜପୁତ୍ରଙ୍କ ସନ୍ଦେଶ ନେଇ ସ୍ୱୟଂ ମାୟା ଉପସ୍ଥିତ । ରାଜପୁତ୍ର ଏହି......”

ସୌଦାମିନୀ ସ୍ନେହ-କଷାୟିତ ନେତ୍ରଭଙ୍ଗୀ ସହକାରେ ଗମ୍ଭୀର କଣ୍ଠରେ କହିଲେ, “ମାୟା !” ମାୟା ତାର କୌଣସି ପ୍ରତ୍ୟୁତ୍ତର ନ ଦେଇ, ଏକ ନିଃଶ୍ୱାସରେ କହିଯିବାକୁ ଲାଗିଲା—“କାଲି ରାତିରେ କୈଳାସଚନ୍ଦ୍ରଙ୍କ ସହିତ ବାବୁଙ୍କର ବହୁତ କଥା ହୋଇଲା, ବହୁତ ଯୁକ୍ତିତର୍କ ଚାଲିଲା । ମାଆଙ୍କ-ବେଳକୁ ଛୁଇଁଥା ବାଜଯାଉଛ ପକ୍ଷ ! ଶେଷରେ ସ୍ଥିର ହେଲା ଯେ, ପ୍ରିୟ

ହେବ , ଯୁଗଳ ମିଳନ ସ୍ଥିର ହେଲା—ରାଧାକୃଷ୍ଣଙ୍କ ବେଶ ସ୍ଥିର ହେଲା ।" ସୌଦାମିନୀ କପଟ କୋପରେ ଫୁଲି ଉଠି, ଉପାଧାନ ଶଯ୍ୟାରୁ ବାହୁଖଣ୍ଡ ଆଣି ସ୍ୱାମୀକୁ ଆଘାତ କରିବାକୁ ଉଦ୍ୟତ ହେଉଥିଲେ, ସ୍ୱାମୀ ସେଥିପ୍ରତି ଭ୍ରୂକ୍ଷେପ ନ କରି, "ଆଜି ଦିନ ସାର୍ଥକ ରହିଲା ବାହାଘର । ନବବନ-ଭୋଜନରେ ସୌଦାମିନୀଙ୍କର ସ୍ଫୁରଣ ହେବ—ଥାଉ ସପ୍ତାହବାସ ପରେ । ଏବେ ବଡ଼ ସୁଖ ସମ୍ବାଦଟା ଦେଉଛି,—ଏ ବାହୁଖଣ୍ଡ ଉପହାର କେଉଁ ? ନା, ନା; ଏ ଶରବକୁ ଦେ ସମ୍ବାଦଟା ଭାଇଙ୍କି କୁହୁମ ହେଉ—" କହୁ କୌତୁକ ପଲା-ଇଲା ! ସୌଦାମିନୀ ସେହିଠାରେ ଠିଆ ହୋଇ ଶୁଣିଲେ, "ସତେ ! ବିବାହ ସ୍ଥିର ହୋଇଗଲା । ନବ ବାବୁ ଖୁସି ହେଲେ ତା ହେଲେ !"

---

# ବିଂଶ ପରିଚ୍ଛେଦ

କୈଳାସଚନ୍ଦ୍ରଙ୍କ ପାଖରେ ପ୍ରମଥ ବାବୁ ଯେତେବେଳେ ନବ-କିଶୋରଙ୍କ ସହିତ ସୌଦାମିନୀଙ୍କର ବିବାହ ବିଷୟ ବାର୍ତ୍ତା ଭୂମିକା ଧରି ଆରମ୍ଭ କଲେ; କୈଳାସଚନ୍ଦ୍ର କି ଉତ୍ତର ଦେବେ, ପ୍ରଥମେ ସ୍ଥିର କରିପାରିଲେ ନାହିଁ । କିଛିଏ ଇତସ୍ତତଃ କରି କହିଲେ, "ମୋତେ ବର୍ତ୍ତମାନ ଭାବିବାକୁ କିଛିଏ ସମୟ ଦିଅନ୍ତୁ—ପରେ ଏହାର ସଦୁତ୍ତର ଦେବି ।" ପ୍ରମଥ ବାବୁ ପୂର୍ବରୁ ସୌଦାମିନୀ ଓ ନବକିଶୋର ଉଭୟଙ୍କର ମତ ଜାଣନ୍ତି । ସେ କୈଳାସଚନ୍ଦ୍ରଙ୍କୁ ଭାବିବାକୁ ଅବସର ନ ଦେଇ କହିଲେ, "ଆପଣ ତ ଜାଣନ୍ତି, ମୋର ପୁତ୍ର ସନ୍ତାନ ନାହିଁ । ଏକମାତ୍ର ସୌଦାମିନୀ—ସେହି ପୁତ୍ର, ସେହି କନ୍ୟା । ମୋର ବା ଆଉ ଉତ୍ତରାଧିକାରୀ କିଏ ଅଛି ? ମୋ ଅନ୍ତେ ଏ ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିର ଅଧିକାରୀ ହେବେ । ନବକିଶୋର ବୋଧ ହୁଏ ଏ ପ୍ରସ୍ତାବ ଅଗ୍ରାହ୍ୟ କରିବେ ନାହିଁ । କେବଳ ଆପଣ ସମ୍ମତି ପ୍ରଦାନ କଲେ ହେଲା ।"

ପ୍ରମଥ ବାବୁ ଆହୁରି ଅନେକ କଥା କହିଲେ । ସେ ସମସ୍ତ କଥା କିନ୍ତୁ କୈଳାସଚନ୍ଦ୍ରଙ୍କର କର୍ଣ୍ଣସୀମା ସ୍ପର୍ଶ କରିପାରି ନାହିଁ । ସେ ଯେତେବେଳେ ଶୁଣିଲେ—ମୋ ଅନ୍ତେ ଏ ସମସ୍ତ ସ୍ଥାବରାସ୍ଥାବର ସମ୍ପତ୍ତିର ଅଧିକାରୀ ହେବେ,

ଅନ୍ୟ କୌଣସି କଥା ଶୁଣିବା ତାଙ୍କର ଦରକାର ନ ଥିଲା । ପ୍ରମଥ ବାବୁଙ୍କର ସମ୍ପତ୍ତି ତ କମ୍ ନୁହେଁ—ବାଇଶି ଅଯୁ ପାଞ୍ଚ ହଜାର ଟଙ୍କା । କାହାକୁ ମିଳେ ? କୈଳାସବାବୁ ଜୀବନରେ ଏପରି ସୁଯୋଗ ପାଇବେ, ପୂର୍ବରୁ କେଉଁ ସ୍ୱପ୍ନ ସେ କଳ୍ପନା ତାଙ୍କ ହୃଦୟରେ ସ୍ଥାନ ପାଇ ନ ଥିଲା । "ଏ ସୁଯୋଗ କ ଛାଡ଼ିବାର ? ପିତୃପିତାମହଙ୍କ କଲ୍ୟାଣ ଆଜି ପୂର୍ବଜନ୍ମର ସଞ୍ଚିତ ପୁଣ୍ୟବଳରୁ ହୁବେଦ—ଅନୁଷ୍ଠ ବିନା ଆଜି ପାଦତଳେ ! ଏ କଳିକତା ସହରରେ କେତେ କେତେ ବଡ଼ ଲୋକ ନାହାନ୍ତି—ନବକିଶୋରଠାରୁ ଶିକ୍ଷିତ ଉପଯୁକ୍ତ ବ୍ୟକ୍ତି କେତେ ନାହାନ୍ତି—ବିଲାତ ଫେରନ୍ତା ବଡ଼ ବଡ଼ ସିଭିଲିଆନ୍ କେତେ ନାହାନ୍ତି; ତଥାପି ନବକିଶୋରଠାରେ ପ୍ରମଥ ବାବୁଙ୍କର ଏତେ ଶ୍ରଦ୍ଧା କାହିଁକି ! ଏ ତ ଶ୍ରଦ୍ଧା ନୁହେଁ—ଦେବତାଙ୍କର ଅନୁଗ୍ରହ ବୋଲିବାକୁ ହେବ । ହେଲେ ... ... ...ଧନବୈଭବରେ ଭାଗ ବସାଇବାକୁ ହେବ ବିନା ! ଯାଉ କଣ ? ଜାତି ଧର୍ମ, ଜାତି ସ୍ୱର୍ଗ, ଉପରକ ବସି ହେଉଥିଲେ ବା କ୍ଷତି କଣ ? ଯେଉଁମାନେ ଜାତି ଜାତି ସଦା ସର୍ବଦା ଚିତ୍କାର କରି ନିଜକୁ ବଡ଼ ପ୍ରମାଣିତ କରୁଛନ୍ତି, ସେମାନଙ୍କର କଣ ଅଧିକ ହେଉଛି ? ମୁଁ ଯଦି ଆଜି ସେହି ଜାତି ଧରି ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରେ, କେହି ମୋର ସେ ସାଧୁ କର୍ମ ଲାଗି ପୁରସ୍କାରସ୍ୱରୂପ କିଛି ଦେଇ ଯାଇବ କି ? ନା, ଯାଉ ଜାତି—ପ୍ରମଥ ବାବୁଙ୍କର ସମ୍ପତ୍ତି ନିକଟରେ ଜାତିର ମୂଲ୍ୟ ନିତାନ୍ତ କମ୍ ।

"କରଣ, କାୟସ୍ଥ ମଧ୍ୟରେ ପ୍ରଭେଦ କଣ ? ଏକ ଜାତି କହିଲେ ଚଳେ । କେବଳ ପାର୍ଥକ୍ୟ ଏତିକି କରଣ ଓଡ଼ିଆ, କାୟସ୍ଥ ବଙ୍ଗାଳୀ । ଆମର ଜନ୍ମ ଓଡ଼ିଶାରେ—ତାଙ୍କର ଜନ୍ମ ବଙ୍ଗରେ । ହେଲେ, ଏହି ଭାରତ-ବର୍ଷରେ ଜନ୍ମଗ୍ରହଣ କଲୁ ତ ? ଭାରତବାସୀ ମାତ୍ରେ ଏକ ମାତାର ସନ୍ତାନ; ତଥାପି ଦେଶାଚାର ଗୋଟିଏ ଅଛି ତ—କେତେ ଲୋକ କେତେ ପ୍ରକାର କହିବେ । କହିଲେ କହନ୍ତୁ । ସମସ୍ତେ ହସନ୍ତୁ, ମୁଣ୍ଡ ଦେବ କିଏ ? ଏତେଗୁଡ଼ା ସମ୍ପତ୍ତି ଛାଡ଼ିଦେବା କୌଣସିମତେ ଉଚିତ ନୁହେଁ । ଏହାରେ ଆଉ କିଏ ଅଛି ? ସବୁଠି ତ ବର୍ଷେ ହେଲା ସଂସାର ଚଳୁଛି । ତାପରେ ସମ୍ପତ୍ତି ବୋଲି ଘରବାଡ଼ି ମିଶି ଟଙ୍କା ପାଞ୍ଚଶହର ହେବ । ସେତିକ କଟିବ କଞ୍ଚେଇବ । ଆଉ ଗ୍ରାମକୁ ନ ଗଲେ ହେଲା । ସେଠାକୁ ଗଲେ ବିନା କିଏ

କହିବ, କୈଳାସଚନ୍ଦ୍ର ଅନୁନାସିକ ଧନକୁବେରରେ ଶେଷଭାଗକୁ ଜାତ ହରିଲ କହିଲ। ଗ୍ରାମର ସମ୍ବନ୍ଧ ଆଜଠାରୁ ଛାଡ଼ି ଦେବାକୁ ହେବ।"

କୈଳାସଚନ୍ଦ୍ରଙ୍କର କନ୍ୟାଦାନର ଗୋଟାଏ ପୁରୁଣା କଥା ମନରେ ପଡ଼ିଲା। ଦିନେ ଶରଧା ଦେଇ ଲଜ୍ଜା ସହିତ କହିଲ ବିବାହ ଦେବେ ବୋଲି ପ୍ରସ୍ତାବ କରିଥିଲେ। ସେଦିନ କୈଳାସଚନ୍ଦ୍ର ମନେ ମନେ କେତେ କଥା ଭାବିଥିଲେ। ପୁଣି ବିବାହର ବି ସ୍ୱପ୍ନର କଳ୍ପନାସବୁ କରିଥିଲେ ମଧ୍ୟ। ଆଜ ତାହା କାର୍ଯ୍ୟରେ ପରିଣତ ହେବାକୁ ବସିଛି—ଯାହା କଳ୍ପନା କରି-ଥିଲେ, ତହିଁରୁ ବି ସହସ୍ର ଗୁଣ ବର୍ଦ୍ଧିତ ହୋଇ। ତାଙ୍କର ହୃଦୟ ଆନନ୍ଦରେ ନାଚି ଉଠିଲା। ସେ କାଳ ବିଳମ୍ବ ନ କରି ପ୍ରମଥ ବାବୁଙ୍କର ପ୍ରସ୍ତାବକୁ ମହାପ୍ରସାଦ ତୁଲ୍ୟ ଗ୍ରହଣ କରିନେଲେ।

ନବକିଶୋର ଯେତେବେଳେ ଶୁଣିଲେ ଚିରଦିନ ଲାଗି ତାଙ୍କୁ ଜନ୍ମଭୂମିର ମାୟା ତ୍ୟାଗ କରିବାକୁ ହେବ, ତାଙ୍କର ମନ ଚଞ୍ଚଳ ହୋଇଉଠିଲା। ଅନ୍ତରର ପ୍ରତିଧ୍ୱନି କାନରେ ବାଜିଲା, "ସକଳ ଦେଶେର ସେରା ସେ ଯେ ଆମାର ଜନ୍ମଭୂମି।" ପୋଡେଇ ପୋଖରୀର ମନୋହର ଦୃଶ୍ୟସବୁ ତାଙ୍କର ଚକ୍ଷୁ ସମ୍ମୁଖରେ ନାଚିଗଲା। ଗ୍ରାମର ପ୍ରତ୍ୟେକ ଗଳି, ରାସ୍ତା, ଘାଟ, ବଣ, ଗଛପତ୍ର ସବୁ ସୁନ୍ଦର—ସବୁ ନୂତନ ପରି ପ୍ରତୀୟମାନ ହେଲା। ଗ୍ରାମର ପ୍ରତ୍ୟେକ ଅଣୁପରମାଣୁରେ ଯେପରି ତାଙ୍କର କେତେ ମଧୁମୟ ସ୍ମୃତି ଜଡ଼ିତ ଅଛି। କପରି ସେ ଚିରସୁନ୍ଦର ସ୍ମୃତିସବୁକୁ ଚିରଦିନ ଲାଗି ଭୁଲି-ଯିବେ? ବଡ଼ ଅଧୀର ହୋଇ ଉଠିଲା ମନ ତାଙ୍କର। ଭାବିଲେ—"ପିତାଙ୍କଠାରୁ ଅନୁମତି ନେଇ ବିବାହ ପୂର୍ବରୁ ଥରେ ଗ୍ରାମକୁ ବୁଲି ଆସିବେ। ଜନତା ଯଦି ଜାଣିପାରେ—ଦେଖା ହେବ ତ, ଦୁଇପଦ କଥା କହି-ପାରିବେ ତ—କୈଶୋରକାଳରୁ ଯେଉଁ ଶୁଣି ପାରିବେ ତ? ତାପରେ ଭଉଣୀ, ଦାଦା, ବୁଢ଼ୀ—ସେମାନଙ୍କର ସ୍ନେହ ଆଦର କି ସହଜରେ ଭୁଲିବାର? ତାଙ୍କର ସେ କରୁଣ ସ୍ନେହାଦର ଜୀବନସାରା ଏ ବା। ଭଣ ଦେଇ ପାରିବେ କି? କେବଳ ଶେଷ ଥର ପାଇଁ ସେମାନଙ୍କୁ ଥରେ ଦେଖି ଆସିବେ ନାହିଁ, ପରେ କିଛି ହେବ ନାହିଁ? ଏପରି ଅନୁଚିନ୍ତା ନବକିଶୋର।

ନବକିଶୋର ଗ୍ରାମକୁ ଫିରିବାର ସଙ୍କଳ୍ପ କରି ପିତାଙ୍କୁ ଜଣାଇଲେ । କୈଳାସଚନ୍ଦ୍ରଙ୍କୁ କଳକତାର ନିରୁଦ୍ଦେଶ ଖବର ଅବଗତ ନ ଥିଲା । ସେ ଏଥିରୁ ଅଧିକ କିଛି ଆଉ ପଚାରିଲେ ନାହିଁ । ନବକିଶୋର ଦୁଇ ଦିନ ଛୁଟି ନେଇ ଜନ୍ମଭୂମି ଅଭିମୁଖରେ ଯାତ୍ରା କଲେ ।

ସନ୍ଧ୍ୟା ହେବାକୁ ଅଳ୍ପ ସମୟ ଅଛି । ମେଘ ଟିପି ଟିପି ବୁନ୍ଦା ଝାଡ଼ୁଛି । ବୃଦ୍ଧା ଦେଈ ପିଣ୍ଡା ଉପରେ ବସିଛନ୍ତି—ସତେ ଯେପରି ବରଷାର ଧାର ଗଣିବାରେ ନିବିଷ୍ଟମନା । ଡମ୍ଫୀ ପଧାନସାହିକୁ ଖେଳିବାକୁ ଯାଇଥିଲା । ଦୌଡ଼ି ଆସି କହିଲା, "ବୋଉ, ନବ ଭାଇ...।" ବୃଦ୍ଧା ଦେଈ ଚମକି ଉଠିଲେ । ନବକିଶୋର ବ୍ୟାଗଟି ପିଣ୍ଡା ଉପରେ ଥୋଇ ଦେଇ ତଳେ ମୁଣ୍ଡ ଲଗାଇ ପ୍ରଣାମ କଲେ । ବୃଦ୍ଧା ଦେଈ ତାଙ୍କର ବାମ ହସ୍ତଟିକୁ ନିଜର ଦୁଇ ହସ୍ତରେ ଦୃଢ଼ଭାବେ ଧରି କାନ୍ଦିବାକୁ ଲାଗିଲେ । ନବକିଶୋର ବଡ଼ ଆଶ୍ଚର୍ଯ୍ୟ ବୋଧକଲେ । ସେ ଖୁଡ଼ୀଙ୍କ କ୍ରନ୍ଦନର କାରଣ ବୁଝି ନ ପାରି ମନେ ମନେ ଶଙ୍କିତ ହେଉଥିଲେ ହେଁ ସାହସ କରି ପଚାରି ପାରିଲେ ନାହିଁ । ଗଙ୍ଗାଧର ଘର ଭିତରୁ ଆସି ଦେଖିଲେ, ନବକିଶୋର ଓ ବୃଦ୍ଧା ଦେଈ ଉଭୟଙ୍କ ଚକ୍ଷୁରେ ପାଣି । ସେ ବୃଦ୍ଧା ଦେଈଙ୍କୁ ସାନ୍ତ୍ୱନା ଦେଇ ସ୍ଥାନାନ୍ତରକୁ ନେଇଗଲେ ।

ଜଳଯୋଗର ବ୍ୟବସ୍ଥା ପରେ ନବକିଶୋର ସ୍ଥିର ହୋଇ ବସନ୍ତେ ଗଙ୍ଗାଧର ତାଙ୍କୁ ସମସ୍ତ ଦୁଃଖକାହାଣୀ କହିବସିଲେ । ସେ ଯେତେବେଳେ ଶୁଣିଲେ, ସୁକମାରି ହେଉଛି କଳକତା ସ୍ତ୍ରୀ-ବଜାରରେ ଗୁପ୍ତଭାବ କରୁଛି । ସେ ବର୍ତ୍ତମାନ ନିରୁଦ୍ଦେଶ—ତାର କୌଣସି ଖବର ଜଣା ନାହିଁ, ତାଙ୍କର ମୁଣ୍ଡ ବୁଲିବା ହେଲା । ସେ ଦୁଇ ବର୍ଷ ତଳେ ସନନ୍ଦଣୀ ଚେନାସୁଦଙ୍କର ଯେଉଁ ପତ୍ର ଦେଖିଥିଲେ, ସେଥିରେ ଲେଖା ଥିଲା-'ଗ୍ରାମବାସୀମାନେ ସମସ୍ତ କଥା ଗୋପନ ରଖି ଦୁଇଟା ଲକଟାକୁ କଲ୍ୟାଣସ୍ୱରୂପେ ବିଦାୟ ଦେଇଛନ୍ତି, ସେ ତେବେ ମିଥ୍ୟା କଥା ? ଏପରି ମିଥ୍ୟା-ପତ୍ର ଦେବାର ଅର୍ଥ କଣ ?

ଏହି ଶୁଣିଲେ, ସେ କଳକତାରେ ମୋହାଏ ବଙ୍ଗାଳୁଣୀକୁ ବିବାହ କରିଥିବା କଥା ଶୁଣିଥିଲେ, ତାହା ଏବେ ଗଙ୍ଗାଧରଙ୍କୁ ଆଉ କାହିଁ ତଳୁଛ

ହୋଇ ନାହାନ୍ତି । ନାନାପ୍ରକାର ଉପହାସ କରୁଛନ୍ତି । ସୁଧିବା ଦେଈଙ୍କ କଥା ଶୁଣ—ସେ ଉପହାସ ହୃଦୟରେ ଶୂଳ ବର୍ଷଣ ହେଲଣି ଦାଶ୍ରୁଙ୍କୁଆର ମାତ୍ର ନାହାନ୍ତି । ନବକିଶୋର ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ପିତା ତାଙ୍କର ଏ କଥା ପୁଣି କହିବା କରୁଛନ୍ତି—ଏହାର ଅର୍ଥ କଣ ? ଉଦ୍ଦେଶ୍ୟ କଣ ? ସେ କିଛି ବୁଝିପାରିଲେ ନାହିଁ । ପତ୍ନୀସଞ୍ଚିତ ଲକ୍ଷଟାର ସେହି ପଞ୍ଚଖଣ୍ଡି ନୋଟ୍ ଗଣ୍ଡିରୁ ବାହାର କରି ଗଙ୍ଗାଧର ନବକିଶୋରଙ୍କ ହାତକୁ ବଢ଼ାଇ ଦେଲେ । କହିଲେ, "ଲକ୍ଷଟା ଶୁଦ୍ଧ ଭୋଗ କରିବା ପରେ ଏ ପଞ୍ଚଖଣ୍ଡି ପାଇଛୁ ।" ନବକିଶୋର ପଞ୍ଚଖଣ୍ଡି ହାତରେ ଧରି କଲ୍ପନାତୀତ ସୁଖ ଅନୁଭବ କଲେ । ଲକ୍ଷଟାର ଫଳ—ସ୍ନେହମୟୀ ଲକ୍ଷଟାର ଫଳ । ଦୀର୍ଘ ତିନି ବର୍ଷ ପରେ ଆଜି ଲକ୍ଷଟାର ଫଳ ଜଣେ ନବକିଶୋର ପ୍ରାପ୍ତ ହେଲେ । ସେ ନୋଟ୍‌ଗୁଡ଼ିକୁ ଥରେ ଦୃଷ୍ଟିପାତ କଲେ, କିନ୍ତୁ ତହିଁରେ ଆଉ କେହି ଛନ୍ଦ କ ନାହିଁ । ଗଙ୍ଗାଧର ସେତେବେଳକୁ ସେ ସ୍ଥାନ ତ୍ୟାଗ କରିଥିଲେ । ନବ—କିଶୋର ପତ୍ରକୁ ନେଇ ପ୍ରଥମେ ଓଷ୍ଠ ସ୍ପର୍ଶ କଲେ । ତା ପରେ ହୃଦୟରେ ଟିକିଏ ରଖିଥରି କମ୍ପିତକରେଣ ଉନ୍ମୋଚନପୂର୍ବକ ପାଠ କରିବାକୁ ଆରମ୍ଭ କଲେ ।

"ଜୀବନେଶ !

ଅଭାଗିନୀର ସାଷ୍ଟାଙ୍ଗ ପ୍ରଣିପାତ ଗ୍ରହଣ କରିବେ !

ବାଲ୍ୟକାଳରୁ ମୁଁ ତୁମକୁ ସ୍ନେହଦୃଷ୍ଟିରେ ଦେଖି ଆସୁଥିଲି ଏବଂ ତୁମକୁ ଆଦର୍ଶ କରି ମୋର ଜୀବନଟି ଗଢ଼ିବାର ବାସନା ଥିଲା ; କିନ୍ତୁ ଜାଣି ନ ଥିଲି, ଦିନେ ତୁମେ ମୋର ପ୍ରାଣର ଅଧୀଶ୍ୱରରୂପେ ପୂଜିତ ହେବ । କେବଳ ଜାଣିଥିଲି, ତୁମେ ପ୍ରଭୁ—ମୁଁ ଦାସୀ । ଏହି ପ୍ରଭେଦ ଭିନ୍ନ ତୁମର ମୋର ଆଉ କି ପ୍ରଭେଦ, ତାହା ମୋର ଜ୍ଞାନ ନ ଥିଲା । ତଥାପି ତୁମକୁ ମୁଁ ଦିନେ ହୃଦୟେଶ୍ୱରରୂପେ ପୂଜା କରିବି, ଏ ଭାବନାକୁ କ୍ଷଣକ ପାଇଁ ହୃଦୟରେ ସ୍ଥାନ ଦେଇ ନ ଥିଲି । ଯେଉଁ ଦିନ ମୁଁ ତୁମକୁ ପୁରସ୍କାର ପ୍ରାର୍ଥନା କରିବାକୁ ଯାଇଥିଲି, ସେ ଦିନ ମଧ୍ୟ ମୋର ମନରେ ସେପରି କୌଣସି ଭାବନା ନ ଥିଲା; କିନ୍ତୁ ତୁମେ ଯେତେବେଳେ ମୋ କଥାର ଅନ୍ୟାର୍ଥ କରି ଅଯାଚିତ ଭାବରେ ମୋତେ ତୁମର ହୃଦୟ ଦାନ କଲ, ସେହି ଦିନଠୁ,

ସେହି ମୁହୂର୍ତ୍ତରୁ ମୁଁ ଜାଣିଲି, ତୁମେ ମୋର ହୃଦୟ-ରାଜ୍ୟର ଏକମାତ୍ର ଅଧୀଶ୍ୱର । ସେହି ଅବଧି ମୁଁ ତୁମକୁ ପ୍ରାଣପତିରୂପେ ପୂଜା କରି ଆସୁଛି ।

ଅତି ବାଲ୍ୟକାଳରୁ ତୁମ ପ୍ରତି ମୋର ସ୍ନେହମମତା ଥିଲା ସତ୍ୟ; ମାତ୍ର ଯେ ପର୍ଯ୍ୟନ୍ତ ଦେବତାରୂପେ ହୃଦୟରେ ସ୍ଥାନ ଦେଇ ନ ଥିଲି, ସେ ପର୍ଯ୍ୟନ୍ତ ତୁମର ବିଚ୍ଛେଦ ବେଦନା ସୁଖେ ଦୁଃଖେ ସହ୍ୟ କରି ଯାଉଥିଲି; କିନ୍ତୁ ଯେଉଁ ଦିନ ମୋର ଏ ଜୀବନକୁ ତୁମର ଚରଣ ତଳେ ବିକ୍ରୟ କରିଦେଲି, ସେହି ଦିନଠାରୁ ମୋ ଉପରେ ମୋର କୌଣସି ଅଧିକାର ରହିଲା ନାହିଁ । ନିଜକୁ ମୁଁ ଅସ୍ୱସ୍ତିରେ ରଖି ପାରିଲି ନାହିଁ । ତୁମ ବିନା ସଂସାରର ଆଉ କୌଣସି ପଦାର୍ଥ ମୋର ଦୃଷ୍ଟିଗୋଚର ହେଉ ନାହିଁ । ତୁମ ବିରହରେ ମୁଁ ଯେ କି କଷ୍ଟ ଅନୁଭବ କରେ, ତାହା ପ୍ରକାଶ କରିବାକୁ ମୋର ଶକ୍ତି ନାହିଁ । ତୁମେ ଗ୍ରାମ ଛାଡ଼ିବାର ଆଜକୁ ତିନି ବର୍ଷ ହୋଇଗଲାଣି । ଏତେ-ଦିନଯାଏ ମୁଁ କିପରି ଭାବରେ ଦିନ କଟାଉଛି, ତାହା ସର୍ବାନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ବ୍ୟତୀତ ଆଉ କେହି ଜାଣନ୍ତି ନାହିଁ ବୋଧହୁଏ । ଆଉ ଏଣିକି ମୁଁ ସହ୍ୟ କରି ପାରୁ ନାହିଁ । ମୋର ବିଶେଷ ଦୁଃଖ, ଅଦ୍ୟାବଧି ତୁମର କୌଣସି ଖବର ବୁଝି ପାରିଲି ନାହିଁ । ସେଥିପାଇଁ ତୁମକୁ ମୁଁ ଦୋଷ ଦେଉ ନାହିଁ । ଯାହା ଘଟିବାର ଥିଲା ଘଟିଯାଉଛି ।

ବହୁ ଚିନ୍ତା ପରେ ଆଜି ମୁଁ ଦୃଢ଼ସଂକଳ୍ପ ହୋଇ ତୁମ ଉଦ୍ଦେଶ୍ୟରେ ଜନ୍ମଭୂମି ତ୍ୟାଗ କରୁଛି । ତୁମେ ମୋତେ ଭୁଲିଯାଅ—ନ ପୁନଃସ୍ମରଣ ନ କର; କିନ୍ତୁ ମୁଁ ତୁମ ବ୍ୟତୀତ ଆଉ କାହାରିକୁ ଜାଣେ ନାହିଁ । ମୋର ଏହି ସଂକଳ୍ପ ଯଦି ଦୟାମୟ ପରମେଶ୍ୱର ସଫଳ କରନ୍ତି, ତେବେ ଏ ପତ୍ରର ଆଉ ଆବଶ୍ୟକ ହେବ ନାହିଁ କି ତୁମେ ଏ ପତ୍ର ଦେଖିବାକୁ ପାଇବ ନାହିଁ । ଯଦି ଈଶ୍ୱରଙ୍କର ଇଚ୍ଛା ଅନ୍ୟ ପ୍ରକାର ଥାଏ, ତେବେ ଏ ପତ୍ରଖଣ୍ଡିକରୁ ସମସ୍ତ ବିଷୟ ଅବଗତ ହେବ । ଯଦି ଏ ପତ୍ର ମୋର ଶେଷ ପତ୍ର ହୁଏ, ତେବେ ତୁମେ ଦୁଃଖିତ ହେବ ନାହିଁ । ମୋର କର୍ମାନୁସାରେ ମୁଁ ଫଳ ଭୋଗ କରିବି । ତୁମେ ମୋ ପାଇଁ ଚିନ୍ତିତ ହୋଇ ତୁମର ସୁନାର ସଂସାରକୁ ଧୂଳା କରିବ ନାହିଁ । ତୁମେ ସୁଖୀ ହେଲେ ମୁଁ ତୁମର ସେହି ସୁଖର କିଞ୍ଚିତ୍ ସମଭାଗିନୀ ହେବି । ମୋର ଏହି ଶେଷ ଅନୁରୋଧ, ଯଦି ତୁମର ମୋଠାରେ

'ମାୟା, ମମତା, ସ୍ନେହ ଆଦି, ତେବେ ତୁମେ ତୁମର ଜୀବନକୁ କଦାପି ଦୁଃଖମୟ କରିବ ନାହିଁ । ଅଭାଗିନୀ ଲଳିତାର ଶେଷ ନିବେଦନ ବ୍ୟର୍ଥ ହେବ ନାହିଁ । ତୁମେ ସୁଖୀ ହେଲେ, ପରଲୋକ ହୋଇ ମୁଁ ଏପରି ଦେଖିବି; କିନ୍ତୁ ପରସ୍ପର ପ୍ରତି ମୋର ହୃଦୟ–ବେଦନା ଜାଣନ୍ତୁ । ଦିବାନିଶି ମୁଁ ସେହି ପ୍ରଭୁଙ୍କର ଚରଣ ତଳେ ପ୍ରାର୍ଥନା କରୁଛି—ମୋର ହୃଦୟେଶ୍ୱର ସେ ବିବାହରେ ଯେପରି ସୁଖୀ ହେବେ, ତାହାର ଉପାୟ ବିଧାନ କରନ୍ତୁ ପ୍ରଭୁ ! ତୁମେ ବିବାହ କରିଛ ବୋଲି ମୁଁ କଦାପି ଦୁଃଖିତା ନୁହେଁ, ଏହା ଧ୍ରୁବ ସତ୍ୟ ଜାଣିବ ଇତି ।

ତୁମର ପ୍ରଣୟାଭିଳାଷିଣୀ ଅଭାଗିନୀ
ଲଳିତା"

ନବକିଶୋର ଏକ ନିଃଶ୍ୱାସରେ ସେ ପତ୍ରଖଣ୍ଡି ପାଠକଲେ । ମନ ତୃପ୍ତ ହେଲ ନାହିଁ । ଆଉ ଥରେ ପାଠକଲେ—ବାରମ୍ବାର ପାଠକଲେ; ତଥାପି ମନ ତୃପ୍ତ ହେବାକୁ ଚାହେଁ ନାହିଁ । ଲଳିତା କେବଳ ତାଙ୍କର ଭବିଷ୍ୟତରେ ଶୁଭ ଧ୍ୟାନ କରିଛନ୍ତି। ପତ୍ର ଉପରେ ଦୃଷ୍ଟି ରଖି ଭାବିବାକୁ ଲାଗିଲେ । ରମା କେତେବେଳେ ତାଙ୍କ ପାଖରେ ଆସି ବସିଲେଣି, ସେ ଜାଣି ପାରି ନାହାନ୍ତି । ସେ ଲଳିତା ବିଷୟରେ ଭାବୁଛନ୍ତି, ଏହା ଅନୁମାନ କରି ରମା କହିଲେ, "ତମେ ତ ଅଛିଲ ନାହିଁ, ଗଣ୍ଠିଖଣ୍ଡେ କି ଦେଇ ନାହିଁ ! ଅପା ତମ ପାଖକୁ ଯେତେ ଚିଠି ଲେଖିଛି ।" ନବକିଶୋର ଚମକି ଉଠିଲେ । ଲଳିତା କଣ ତାଙ୍କ ପାଖକୁ ଚିଠି ଦେଇଥିଲେ ? ସେ ତାର ଖଣ୍ଡିଏ ବି ଚିଠି ପାଇ ନାହାନ୍ତି । ରମା ଅଭିମାନ ସ୍ୱରରେ କହିଲେ, "ଅପା କଣ ଖଣ୍ଡେ ଚିଠି ଲେଖିଛି ? ଦଶ କି ବାର ଖଣ୍ଡ ଚିଠି ଦେଇଥିବ । ପ୍ରତି ହାଟପାଳି ଦିନ ଗୋଟିଏ ସେ ସେ ଚିଠି ଲେଖେ !" ଏ ସମସ୍ତ କଥା ନବକିଶୋରଙ୍କୁ ଅଦ୍ଭୁ-ତାଳି ପରି ବୋଧ ହେଲା । ସେ ଏହାର ରହସ୍ୟ ଭେଦ କରି ନ ପାରି କିଛି ବ୍ୟସ୍ତ ହୋଇଉଠିଲେ । ଭାବିଲେ, "ବାପାଙ୍କର ଏତେଗୁଡ଼ାଏ ମିଥ୍ୟା କଥା କହିବାର ପ୍ରୟୋଜନ କଣ ? ଦିନମଣି ପଟ୍ଟନାୟକ ସେହି ପତ୍ର ଲେଖିଥିଲେ, ସେ ନିଶ୍ଚୟ ବାପାଙ୍କର କୌଶଳ । ଏହାର ଅର୍ଥ କଣ ? ଲଳିତାକୁ ମୋଠାରୁ ଦୂରରେ ରଖିବା ଅଭିପ୍ରାୟରେ ଏ ସମସ୍ତ ଷଡ଼ଯନ୍ତ୍ରର ସୃଷ୍ଟି ହୋଇଅଛି ।

କାଟିବ, ପରିବାର ବନ୍ଧୁବାନ୍ଧବମାନେ ବ ହୋଇଥାନ୍ତେ, "ଲଳିତା ସହିତ ତୋର ବିବାହ ହୋଇ ପାରିବ ନାହିଁ କିବା! ତୋର ତା ସହିତ ଥିବା କୌଣସି ସମ୍ପର୍କ ରଖିବା ଉଚିତ ନୁହେଁ।" ତାହା କ'ଣ ଏତେ 'ଦୂର ଶୋଚନୀୟ ଭାବରେ ଘଟାଇବାର କି ଅବଶ୍ୟକତା ଥିଲା? ପିତାଙ୍କ ପ୍ରତି ତାଙ୍କର ଘୃଣା ଜାତ ହେଲା। ସେ କ୍ଷଣରେ ପଣ-ଲୋତକ ଜଳରେ ଭାସିବାକୁ ଲାଗିଲେ।

ପ୍ରଭାତ ହେଲା, ନବକିଶୋର ଯେତେବେଳେ କଲିକତା ଫେରି- ଯିବାକୁ ପ୍ରସ୍ତୁତ ହେଲେ, ରମାଧର ଗୃହିଣୀ ଦେଇ ହୃଦୟ ସମ୍ଭାଳି ପାରିଲେ ନାହିଁ। ନବକିଶୋରଙ୍କର ହାତ ଧରି ଗୃହିଣୀ ଦେଇ ଅଶ୍ରୁ- ସ୍ୱରରେ କାନ୍ଦିବାକୁ ଲାଗିଲେ। ନବକିଶୋର କହିଲେ, "ଖୁଡ଼ୀ, ତମେ ବ୍ୟସ୍ତ ହୁଅନା, ଲଳିତା ନିଶ୍ଚୟ ଜୀବନରେ ଅଛି। ମୁଁ କଲିକତା ଯାଉ ନାହିଁ; ଯାଉଛି ତାକୁ ଖୋଜିବାକୁ। ତାକୁ ସଙ୍ଗରେ ନେଇ ଫେରିବି। ନ ହେଲେ ମୋର ଏହି ଶେଷ ଦେଖା!"

ଦିନ ବାରଟା ହେବ। କୈଳାସଚନ୍ଦ୍ର ବିଶ୍ରାମ କରୁଥିଲେ। ନବକିଶୋର ବସାରେ ପହଞ୍ଚି ଦେଖିଲେ ପିତାଙ୍କର ଶଯ୍ୟାପାର୍ଶ୍ୱରେ ତାଙ୍କର ହାତ ବାକ୍ସଟି ଖୋଲା ହୋଇ ପଡ଼ିଛି। ବାକ୍ସଟିର ଗୋଟାଏ ନୀଳ ରଙ୍ଗର ଲଫାପା ଉପରେ ତାଙ୍କର ଦୃଷ୍ଟି ପଡ଼ିଲା। ଉପରେ ତାଙ୍କର ନାମ ଲେଖା। ସେ ଆଶ୍ଚର୍ଯ୍ୟ ହୋଇଗଲେ, ଏ ଯେ ଲଳିତାର ହସ୍ତାକ୍ଷର!

ଖୋଲି ପାଠକଲେ—

"ହୃଦୟେଶ୍ୱର!

ଅଭାଗିନୀର ପ୍ରଣାମ ଗ୍ରହଣ କରିବ। ତୁମର ହୃଦୟ ଏପରି କଠିନ ହୋଇପାରେ, ମୁଁ ସ୍ୱପ୍ନରେ କେବେ ଭାବି ନ ଥିଲି। ଦଶ ଖଣ୍ଡ ପତ୍ର ଦେଲିଣି, ଖଣ୍ଡେ ମାତ୍ର ପ୍ରତ୍ୟୁତ୍ତର ନାହିଁ। ... --- ; ନବକିଶୋର ଆଉ ପଢ଼ି ପାରିଲେ ନାହିଁ। ତାଙ୍କର ମସ୍ତକରେ ସତେ ଯେପରି ହିମାଳୟର ଉଚ୍ଚତମ ଶୃଙ୍ଗ- ଟାକୁ ଆଣି ଲଦି ଦେଲା ଭଳି। ସେ ଅଳ୍ପ ମାତ୍ର କିଛିକ୍ଷଣ ସ୍ଥିର ହୋଇଗଲେ। ତାପରେ ତାଙ୍କର ଲୋଲୁପ ଦୃଷ୍ଟି ପୁଣି ସେହି ବାକ୍ସ ଉପରକୁ ଧାଇଁଲା। ସଜା ହୋଇ ଅଛି ବହୁତଗୁଡ଼ାଏ ଚିଠି ରହିଛି। ଉଠାଇ ଦେଖିଲେ, ଏସବୁ ସମସ୍ତ ଲଳିତାର ହାତ-ଲେଖା। ପତ୍ରସବୁ ଗୋଟାଇ ଧରି ତାଙ୍କର

କୋଠରୀ ଆଡ଼କୁ ଗଲେ । କସ୍ତୁରୀର ଅନ୍ତଃସର ହୋଇ ଭଣ ଝୁରିଲେ ବେଢ଼ାଣୀ ସ୍ତମ୍ଭିତ ଓ ନଗ୍ନ ଶରୀର ବୋଝ ପଦ୍ମପତ୍ରରେ ଲୁଚି କାହିଁ ଗୁଡ଼ି ଉଦ୍‌ବେଗରେ କାହାରିକୁ ପଳାଇଗଲି ।

---

## ଏକବିଂଶ ପରିଚ୍ଛେଦ

ଲଳିତା ସେ ଦିନ ରାଣୀ ଓ ମହାରାଜଙ୍କ ଲୁଚି ଘରୁ ପଳାଇ ଆସି ସେତେବେଳେ ପଟ୍ଟମହାଦେଇରେ ପହଞ୍ଚିଲା, ସେତେବେଳକୁ ସୂର୍ଯ୍ୟ ବୁଡ଼ି-ଗଲାଣି । ପଟ୍ଟମହାଦେଇରୁ ଜଗତ୍‌ପୁର ଯାତାୟାତ କରୁଥିବା ମୋଟର ଯାତ୍ରୀ ସଂଗ୍ରହ କରୁଥିଲା । ତାର ମନୋରଥ ପୂର୍ଣ୍ଣ ହେଲା । ସେ ସେହି ମୋଟରରେ ବସି ଗ୍ରାମର ପ୍ରିୟ ନୂତନଲତାମାନଙ୍କୁ ଛାଡ଼ି ଜଗତ୍‌ପୁର ଅଭିମୁଖରେ ଗଲା ।

ହାବଡ଼ା ଷ୍ଟେସନରୁ ପାଖ ଅର୍ଦ୍ଧମାଇଲ ଦୂରରେ କଡ଼ିରାସ୍ତାକୁ ଲାଗି ଖିଲି ପାନର ଦୋକାନଟିଏ । ଷୋଳଶ ବର୍ଷର ଗୋଟିଏ ରମଣୀ ଦୋକାନରେ ବସି ଖିଲି ମୋଡ଼ୁଛି । ଅର୍ଦ୍ଧଘଣ୍ଟା ପୂର୍ବରୁ ପୁରୀ ପାସେଞ୍ଜର ଆସି ଷ୍ଟେସନରେ ପହଞ୍ଚିଛି । କଲିକତା ସହରର ଭିଡ଼ ଅଳ୍ପେ ଟିକେ କମିଯାଉଛି । ରାସ୍ତାରେ ଟ୍ରାମ୍, ବସ୍, ଟାକ୍ସି, କାର୍, ଘୋଡ଼ା, ରିକ୍ସା ପ୍ରଭୃତି ଯାନମାନ କାଳ ଅବିରାମ ପ୍ରବାହ ଧାବିତ । ଫୁଟପାଥ୍ ମଧ ଜନ୍ ଜନାକୀର୍ଣ୍ଣ ନୁହେଁ । ପାନବାଲୀ ରାସ୍ତାର ଦୃଶ୍ୟକୁ ଅନ୍ୟମନସ୍କ ଭାବରେ ଚାହିଁଲା, ସହସା ଜଣେ ସନ୍ନ୍ୟାସିନୀ ଉପରେ ତାର ନଜର ପଡ଼ିଲା । ସନ୍ନ୍ୟାସିନୀଟି ବାସ୍ତବରେ ଅପୂର୍ବ । ବୟସ ତିରିଶ ପଚିଶରୁ ବେଶି ନୁହେଁ । ସର୍ବାଙ୍ଗରେ ଉଦ୍ଦାମ ଯୌବନର ନଗ୍ନ ମାଧୁରୀ ପ୍ରସ୍ଫୁଟିତ । ଚିତ୍ତାକର୍ଷକ ସୌନ୍ଦର୍ଯ୍ୟ । ଆଖି ତାର ଚାହାଁଣିରେ ସତେ ଯେପରି ସ୍ୱର୍ଗୀୟ ସୁଷମା ଢାଳା । ପାନବାଲୀ ଦୃଷ୍ଟି ସନ୍ଦେହପୂର୍ଣ୍ଣ ସନ୍ନ୍ୟାସିନୀକୁ ଚାହିଁଲା । ସେ ମଧ ନିଜ କାର୍ଯ୍ୟବ୍ୟସ୍ତରେ ତା ନିକଟରେ ପହଞ୍ଚିଲା ଏବଂ ଅନୁରୋଧର ଅପେକ୍ଷା ନ କରି ଦୋକାନରୁ ଗୋଟିଏ ଆସ୍ଥାନରେ ବସି ଘର୍ମ ମୋଚନ କରିବାରେ ଲାଗିଲା । ପ୍ରାୟ ଏକ ଘଣ୍ଟା ଧରି ଉଭୟଙ୍କ ମଧ୍ୟରେ କେ

ବସ୍ତୁ କଥୋପକଥନ ଶୁଣିଲା, ତାର ସାରମର୍ମ ହେଉଛି, ଜାହ୍ନବୀ ଲକ୍ଷ୍ମୀକର ପରିଣତା ହେଲେ।

ଗାନବାଳୀର ଘର ଦୁର୍ଗ କଟକରେ। ତାର ସ୍ୱାମୀ ଜଣେ ପୋଲିସ ସାହେବଙ୍କ ନିକଟରେ ମଟର ଡ୍ରାଇଭର କାମ କରୁଥିବାବେଳେ ସେ ସ୍ୱାମୀ ସହିତ କଲିକତାରେ ବାସ କରୁଥିଲା। କିନ୍ତୁ ଦୁଇ ବର୍ଷ ହେବ ସ୍ୱାମୀ ତାର ଇହଧାମ ପରିତ୍ୟାଗ କରିଛି। ବର୍ତ୍ତମାନ ଦ୍ୱାଦଶ ବର୍ଷୀୟ ଏକମାତ୍ର ପୁଅ ବିଷ୍ଣୁ ଛଡ଼ା ତାର ଆପଣାର ଆଉ କେହି ନାହାନ୍ତି। ବିଷ୍ଣୁ ଗୋଟିଏ କମ୍ପାନୀରେ ଚାକିରି କରେ। ଦୁଇ ଚାରି ଘରରେ ବାସନ ମାଜିବା ତାର କାମ। ସେ ତାର ଶିଳ୍ପ ଗାନ ଦ୍ୱାରା ନିଜ ଚଳି ବସିଥାଏ।

ସନ୍ନ୍ୟାସିଙ୍କର ପରିଚୟ ପାଠକମାନଙ୍କୁ ବୋଧ ହୁଏ ଅବିଦିତ ନ ଥିବ। ସେ ଆମମାନଙ୍କର ପରିଚିତା ଲଳିତା ଭିନ୍ନ ଆଉ କେହି ନୁହେଁ।

କଲିକତାରେ ଏହିପରି ସ୍ଥାନ ପ୍ରାପ୍ତ ହେଲା। ଗାନବାଳୀ ଲଳିତାକୁ ପାଇ ବଡ଼ ଆନନ୍ଦିତ ହୋଇ ଉଠିଲା। ଲଳିତା ଯେ ତାହାର ଅଦୃଷ୍ଟ ଦୁଃଖଶ୍ରେଣୀ ମଧ୍ୟରେ ଟିକିଏ ଆନନ୍ଦ ଅନୁଭବ ନ କଲା, ସେ କଥା କହିହେବ ନାହିଁ। ସେ ସୁଦୂର କଲିକତା ସହରକୁ ଆସି ଏପରି ଅପ୍ରତ୍ୟାଶିତ ଭାବରେ ସହସା ଜଣେ ଉତ୍କଳୀୟ ରମଣୀର ସାକ୍ଷାତ୍ ଲାଭ କରିବ, ତାହା ସେ ସ୍ୱପ୍ନରେ ମଧ୍ୟ ଭାବି ନ ଥିଲା। ସେ ଗାନବାଳୀର ନିଷ୍ଠ ବ୍ୟବହାରରେ ସେଠାରେ ରହିବାକୁ ଦ୍ୱିଧା କଲା ନାହିଁ।

ସର୍ବଦା ଧର୍ମ ମାନସିକ ଅଶାନ୍ତିରେ ଲଳିତା ନବକିଶୋରଙ୍କର ଚିନ୍ତା-ଶକ୍ତି ଭୁଲିଯାଇଛି। ବିସ୍ତୃତ କଲିକତା ନଗରୀ ମଧ୍ୟରେ ନବକିଶୋରଙ୍କୁ ଖୋଜି ବାହାର କରିବା କେତେ ଦୁରୂହ ବ୍ୟାପାର, ତାହା ସେ ପ୍ରାଣେ ପ୍ରାଣେ ଅନୁଭବ କଲା। କିନ୍ତୁ ଗାନବାଳୀ ନବକିଶୋରଙ୍କର ଅନୁସନ୍ଧାନ ନିମନ୍ତେ ତାର ପୁଅକୁ ନିଯୁକ୍ତ କରିବାକୁ ଲଳିତାକୁ ସେ ବିଷୟରେ ବିଶେଷ ଭାବିବାକୁ ଦେଲା ନାହିଁ।

ଦିନ ପରେ ଦିନ, ମାସ ପରେ ମାସ କଟେ କେତେ ଗଲା। କିନ୍ତୁ ନବକିଶୋରଙ୍କର କୌଣସି ଖବର ମିଳିଲା ନାହିଁ। ଲଳିତାର ପ୍ରାଣ ପୁଣି ଅଧୀର ହୋଇ ଉଠିଲା। ଗାନବାଳୀର ଶତ ସାନ୍ତ୍ୱନା ତାର ସେ ଅଧୀରତା

ନିବାରଣ କରି ପାରିଲା ନାହିଁ । ସେ ମନେ ମନେ ସ୍ଥିର କଲା, ନିଜେ ଅଣ୍ଡା ନ ଖୋଜିଲେ କାର୍ଯ୍ୟୋଦ୍ଧାର ଅସମ୍ଭବ ।

ନବୀନା ସନ୍ନ୍ୟାସିନୀ ଲଳିତା ଉଦ୍ଦେଶ୍ୟରେ ଦ୍ୱାରେ ଦ୍ୱାରେ ବୁଲି ବୁଲି କେତେକ ବୃଦ୍ଧାଠାରୁ ଶୁଣିଲା—"ସେ ବଜାରରେ ଜଣେ ଓଡ଼ିଆ ବ୍ରାହ୍ମଣ ଥିଲେ । ସେ ନିକଟସ୍ଥ ଗୋଟିଏ ମୁଦି ଦୋକାନରେ କାମ କରୁଥିଲେ । ତାଙ୍କର ଗୋଟିଏ ପୁଅ ମଧ୍ୟ ତାଙ୍କ ପାଖରେ ରହି ପଢୁଥିଲେ । ଅଳ୍ପଦିନ ହେବ ସେ ଡାକ୍ତରୀ ପାଶ୍ କରିଛନ୍ତି । କିନ୍ତୁ ପିତାଙ୍କର ମୃତ୍ୟୁ ହେବାରୁ ସେ କେଉଁଆଡ଼େ ଚାଲିଗଲେଣି ।

ଲଳିତା ଜାଣିପାରିଲା, କୈଳାସଚନ୍ଦ୍ରଙ୍କର ଏଠାରେ ମୃତ୍ୟୁ ହୋଇଛି ଏବଂ ନବକିଶୋର ଡାକ୍ତରୀ ପାଶ୍ କରିଛନ୍ତି । ନବକିଶୋର କୌଣସି ଡାକ୍ତରଖାନାରେ ଚାକିରି କରୁଥିବା ଶୁଣି ସେ ଡାକ୍ତରଖାନାକୁ ଯାଇ ଅନୁସନ୍ଧାନ କରିବା ନିମିତ୍ତ ମନେ ମନେ ସ୍ଥିର କଲା ।

ବଳବତୀ ଇଚ୍ଛା ନିଶ୍ଚୟ ଫଳବତୀ ହୁଏ । ଲଳିତା ବୁଲି ବୁଲି ଦିନେ ଦେଖିଲା ଗୋଟିଏ ମୁମୂର୍ଷୁ ରାସ୍ତା ଉପରେ ପଡ଼ି ଛଟପଟ ହେଉଛି । ସେ ରାସ୍ତାରେ ଅସଂଖ୍ୟ ଲୋକ ଯାତାୟାତ କରୁଥିଲେ ମଧ୍ୟ କେହି ତାହାର ଦୁଃଖରେ ସମବେଦନା ପ୍ରକାଶ କରିବାକୁ ମୁହୂର୍ତ୍ତେ ମାତ୍ର ଅବସର ପାଉ ନାହାନ୍ତି । ଲଳିତାର ନାରୀ-ହୃଦୟ ସେ ମୁମୂର୍ଷୁର କାତର ଚିତ୍କାରକୁ ଉପେକ୍ଷା କରି ପାରିଲା ନାହିଁ । ସେ ପାଖକୁ ଯାଇ ଦେଖିଲା, ତାର ମସ୍ତକରେ ଆଘାତ ଲାଗି ଅଜସ୍ର ଧାରରେ ରକ୍ତପାତ ହେଉଅଛି । ଦୁଇ ଅଣ୍ଟ, ମଧ୍ୟ ଭାଙ୍ଗି ଯାଇଛି । ବୋଧହୁଏ କୌଣସି ବେଗଗାମୀ ଯାନର ସଂଘର୍ଷରେ ବୃଦ୍ଧର ଏ ଦୁରବସ୍ଥା । ଯାହା ହେଉ, ଲଳିତା ସେ କଷ୍ଟସ୍ଥରେ ଅଧିକ ନ ଭାବି ରୋଗୀର ଶୁଶ୍ରୂଷା କରିବାରେ ଲାଗିଲା । ନିଜ ପଣତରୁ ବସ୍ତ୍ରାଂଶ ଛିନ୍ନ କରି ମସ୍ତକରେ ବାନ୍ଧିବାକୁ ଯାଉଛି, ସହସା ପୋଲିସ୍ ଆସି ଉପସ୍ଥିତ ହୋଇ ରୋଗୀକୁ ଡାକ୍ତରଖାନା ନେଇଯିବାର ବନ୍ଦୋବସ୍ତ କଲେ । ଲଳିତା ସେ ସୁବର୍ଣ୍ଣ ସୁଯୋଗ ଛାଡ଼ି ପାରିଲା ନାହିଁ । ବୋଲିବା ବାହୁଲ୍ୟ ମାତ୍ର, ସେ ସେହି ରୋଗୀ ସାଙ୍ଗରେ ଯାଇ କ୍ୟାମ୍ବେଲ ହସ୍ପିଟାଲରେ ଉପସ୍ଥିତ ହେଲା ।

ଡାକ୍ତରଙ୍କର ସୁଚିକିତ୍ସା ଓ ଲଳିତାର ନିର୍ବିବାଦ ଶୁଶ୍ରୂଷାରେ ସେ ବୃଦ୍ଧ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ ଲାଭ କରି ଉଭୟଙ୍କୁ ଧନ୍ୟବାଦ ଦେଇ ଚାଲିଗଲେ; ମାତ୍ର ଲଳିତା ସେ ସ୍ଥାନ ପରିତ୍ୟାଗ କଲା ନାହିଁ । ପୂର୍ବ ପରି ଅନ୍ୟାନ୍ୟ ରୋଗୀମାନଙ୍କର ଶୁଶ୍ରୂଷା କରିବାକୁ ଲାଗିଲା ।

ସେ ଅପରିଚିତ ସ୍ଥାନରେ ପରିଚର୍ଯ୍ୟା କରୁଥିବାର ଦେଖି କେମ୍ବ୍ରିଜ୍ ହସ୍ପିଟାଲର ଅଧ୍ୟକ୍ଷ ସାହେବ ପରମ ପ୍ରୀତ ହେଲେ । କିନ୍ତୁ ତାର ସନ୍ନ୍ୟାସିନୀ ବେଶ ଦେଖି ତାଙ୍କ ମନରେ ବଡ଼ କୌତୂହଳ ଜାତ ହେଲା । ସେ ସେହି କୌତୂହଳ ନିବାରଣାର୍ଥେ ସନ୍ନ୍ୟାସିନୀଙ୍କୁ ନିକଟକୁ ଡାକି ପଚାରିଲେ— "ତୁମର ଘର କେଉଁଠି ?"

ଲଳିତା ଉତ୍ତର ଦେଲା—"ଓଡ଼ିଶାରେ ।"

ଅଧ୍ୟକ୍ଷ—"କଲିକତା ଆସିବାର ଉଦ୍ଦେଶ୍ୟ କଣ ?"

ଲଳିତା—"ସେପରି କିଛି ବିଶେଷ ଉଦ୍ଦେଶ୍ୟ ନାହିଁ ।"

ଅ—"ଏଠାରେ ରହି ରୋଗୀମାନଙ୍କର ପରିଚର୍ଯ୍ୟା କରୁଛ କାହିଁକି ?"

ଲ—"ଅସହାୟମାନଙ୍କୁ ସାହାଯ୍ୟ କରିବା ମନୁଷ୍ୟର କର୍ତ୍ତବ୍ୟ ନୁହେ କି ?"

ଅ—"ହଁ, କର୍ତ୍ତବ୍ୟ ସତ୍ୟ କିନ୍ତୁ ତୁମର ବନ୍ଧୁବାନ୍ଧବ ତ କେହି ନାହାନ୍ତି ?"

ଲ—"ସଂସାରସ୍ଥ ପ୍ରତ୍ୟେକ ପ୍ରାଣୀ ମୋର ବନ୍ଧୁ । ଏହି ରୋଗୀମାନେ ମୋର ବନ୍ଧୁ, ଆପଣ ମଧ୍ୟ ମୋର ବନ୍ଧୁ ।"

ଲଳିତାର ଏତାଦୃଶ ପ୍ରବୃତ୍ତିରେ ଅଧ୍ୟକ୍ଷ ସାହେବ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲେ । ପଚାରିଲେ, "ତୁମେ ସନ୍ନ୍ୟାସିନୀ ?"

ଲ—"ହଁ ।"

ଅ—"ତୁମର ନିଜ ଇଚ୍ଛାରେ ଆସି ଏଠାରେ ରୋଗୀମାନଙ୍କର ଶୁଶ୍ରୂଷା କରୁଛ ?"

ଲ—"ହଁ, ମୋର ନିଜ ଇଚ୍ଛାରେ ମୁଁ ଆସିଅଛି ।"

ଅ—"ସନ୍ନ୍ୟାସିନୀ, ମୁଁ ତୁମର ବ୍ୟବହାରରେ ଅତ୍ୟନ୍ତ ପ୍ରୀତ ହୋଇଅଛି । ତୁମକୁ ଶୁଶ୍ରୂଷାକାରିଣୀ କାର୍ଯ୍ୟରେ ରଖିବାକୁ ଇଚ୍ଛା କରେଁ ।"

ଲ—"ଆପଣ କହିବା ପୂର୍ବରୁ ମୁଁ ତ ସେହି କାର୍ଯ୍ୟ କରୁଛି ।"

ଅ—"ନା, ମୁଁ ସେପରି ଶୁଣେଁ ନାହିଁ । ତୁମେ ଯଦି ଇଚ୍ଛା କର, ମୁଁ ତୁମ୍ଭଙ୍କୁ ଅଭିଳାଷାନୁଯାୟୀ ନିଯୁକ୍ତ କରିପାରିବ । ବର୍ତ୍ତମାନେ ତୁମେ ରୋଗୀମାନଙ୍କର ଶୁଶ୍ରୂଷା କରୁଅଛ ସତ୍ୟ; କିନ୍ତୁ ଏପର୍ଯ୍ୟନ୍ତ ତୁମର ଉପଯୁକ୍ତ ଶିକ୍ଷା ହୋଇ ନାହିଁ । ପ୍ରଥମେ ତୁମ୍ଭଙ୍କୁ ସେହି କାର୍ଯ୍ୟ ଶିକ୍ଷା କରିବାକୁ ହେବ ।"

ଲ—"ଆପଣଙ୍କର ଯଦି ଦୟା ହୁଏ, ମୁଁ ଶିକ୍ଷା କରିବାକୁ ପ୍ରସ୍ତୁତ ଅଛି । ଲଳିତାର ସଦିଚ୍ଛା ବୁଝିପାରି ଅଧ୍ୟକ୍ଷ ସାହେବ ଅତ୍ୟନ୍ତ ଆନନ୍ଦ ପ୍ରକାଶପୂର୍ବକ ସେହି ଦିନଠାରୁ ତାଙ୍କୁ ହାସ୍ପିଟାଲର ଶିକ୍ଷାନବିସ୍ ଶୁଶ୍ରୂଷାକାରିଣୀ ପଦରେ ନିଯୁକ୍ତ କଲେ । ଲଳିତାର ଆନନ୍ଦର ସୀମା ନାହିଁ । ସେ ଦୟାମୟ ପରମେଶ୍ୱରଙ୍କୁ ଶତ ଶତ ଧନ୍ୟବାଦ ସହ ପ୍ରଣାମ କରିବାକୁ ଲାଗିଲେ ।"

---

## ଦ୍ୱାବିଂଶ ପରିଚ୍ଛେଦ

ତିନି ଦିନ ଗତ ହୋଇଗଲା, ନବକିଶୋର ଗୃହକୁ ଫେରିଲେ ନାହିଁ ଦେଖି କୈଳାସଚନ୍ଦ୍ରଙ୍କର ମନ ଚଞ୍ଚଳ ହୋଇ ଉଠିଲା । ଚତୁର୍ଥ ଦିନକୁ ଅପେକ୍ଷା କରି ରହିଲେ । ସନ୍ଧ୍ୟା ହେଲା, ରାତ୍ରି ହେଲା, ନବକିଶୋର ଫେରିଲେ ନାହିଁ । ଦେଖୁଁ ଦେଖୁଁ ଆଉରି ଗୋଟାଏ ଦିନ ମଧ୍ୟ ବିତିଗଲା । ଇତି ମଧ୍ୟରେ କୈଳାସଚନ୍ଦ୍ର ଗ୍ରାମ ଠିକଣାରେ ନବକିଶୋରଙ୍କ ପାଖକୁ ଟେଲିଗ୍ରାମ ପରେ ଟେଲିଗ୍ରାମ କଲେ ମୁଦ୍ଧା ପ୍ରତ୍ୟୁତ୍ତର ପାଇଲେ ନାହିଁ ।

ବିବାହ ତିନି ଦିନ ଥାଇ ବାକି । ସେ ଆଉ ସ୍ଥିର ରହିଲେ ନାହିଁ । ନିଜେ ଯାଇ ନବକିଶୋରଙ୍କୁ ସାଙ୍ଗରେ ନେଇ ଆସିବାର ମନସ୍ଥ କରି ଯିବାର ଉଦ୍ଯୋଗ କରୁଛନ୍ତି, ଏ ସମୟରେ ଅତୁଳ ବାବୁ ଥାନାରୁ ଆସି ପହୁଞ୍ଚିଲେ । ସେ ପ୍ରଥମେ କୈଳାସଚନ୍ଦ୍ରଙ୍କ ସହିତ ଦେଖା କରି ଥାନାରେ ନବକିଶୋରଙ୍କ ସନ୍ଧାନ ବାହାର ହୋଇଥିବା କଥା କହିଲେ । ଅଧିକନ୍ତୁ ମଧ୍ୟ ଜଣାଇ ଦେଲେ, ନବକିଶୋର ବର୍ତ୍ତମାନ ଫେରିବେ ନାହିଁ ବା ସୌଦାମିନୀକୁ ବିବାହ କରି ପାରିବେ ନାହିଁ ।

କୈଳାସଚନ୍ଦ୍ର ନବକିଶୋରଙ୍କର ଶାଳୁକେଷଣର କାରଣ ସେତେ-ବେଳେ ବୁଝି ପାରିଲେ, ତାଙ୍କୁ ଦଶ ଦିଗ ଅନ୍ଧାର ଦିଶିଲା । ତାଙ୍କର ଏତେ କୌଶଳ ଓ ଏତେ ଷଡ଼୍‌ଯନ୍ତ୍ର ସମସ୍ତ ବିଫଳ ହେଲା । ସେହି ଗଙ୍ଗାଧର ଝିଅ ଲଲିତା ଲାଗି ନବକିଶୋର ପାଗଳ ହୋଇଛନ୍ତି ଜାଣି ତାଙ୍କ ପ୍ରାଣରେ ବଡ଼ ଆଘାତ ଲାଗିଲା । ଯଦି କେହି ଛୁରୀର ସାହାଯ୍ୟରେ ତାଙ୍କର ସମସ୍ତ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇଥାନ୍ତା, ସେ ବୋଧହୁଏ ସେତେବେଳର ଯନ୍ତ୍ରଣା ଅନୁଭବ କରି ନ ଥାନ୍ତେ । ବିଶେଷ ଦୁଃଖ ତାଙ୍କର, ଏତେ ସୁନ୍ଦର ସମ୍ପତ୍ତି ହାତଛଡ଼ା ହୋଇ ଯାଉଛି । କିଂକର୍ତ୍ତବ୍ୟବିମୂଢ଼ ହୋଇ ବସିପଡ଼ିଲେ ସେ ।

ପ୍ରମଥ ବାବୁ ଅତୁଲ ବାବୁଙ୍କଠାରୁ କୈଳାସଚନ୍ଦ୍ରଙ୍କର ଦୁରଭି-ସନ୍ଧି ସମସ୍ତ ଶୁଣି କ୍ରୋଧରେ ଜଳି ଉଠିଲେ । ଛିଃ ଛିଃ, ସେ ଭ୍ରମରେ ଏଣୁ କଅଣ କରିବାକୁ ଯାଉଥିଲେ । କୈଳାସଚନ୍ଦ୍ର, ଏତେ ଶଠ, ଏତେ ଘୃଣ୍ୟ ! ସେ ତାଙ୍କୁ ପୁଣି ଅନୁରୋଧ ଅନୁନୟ କରିବାକୁ କୁଣ୍ଠିତ ହୋଇ ନାହାନ୍ତି । କୈଳାସଚନ୍ଦ୍ରଙ୍କ ପ୍ରତି ବିତୃଷ୍ଣା ଘୃଣାରେ ତାଙ୍କର ସର୍ବଶରୀର ଥରି ଉଠିଲା; କିନ୍ତୁ ପରକ୍ଷଣରେ କନ୍ୟାର ଶୋଚନୀୟ ଅବସ୍ଥା ସ୍ମରି କରୁଣାରେ ତାଙ୍କ ଛଳଛଳ ହୋଇ ଆସିଲା । ତାଙ୍କର ବୃଦ୍ଧା ପତ୍ନୀ ମାନଦାସୁନ୍ଦରୀ କୁକାଳରେ କୋହିପଡ଼ିଲେ । ଦାସଦାସୀ ସମସ୍ତେ ଶୋକର ଜଳରେ ବୁଡ଼ିବାକୁ ଲାଗିଲେ । ହାୟ ! କ ଜାଣି ସୌଦାମିନୀ ବାହାକୁ ନବକିଶୋରଙ୍କୁ ମନଃ-ପ୍ରାଣ ଅର୍ପଣ କରିଦେଇ ? ତାର ଭବିଷ୍ୟତ ଦଶା କଅଣ ହେବ ! ତାକୁ ଏ ହୃଦୟବିଦାରକ ଶୋକ-ସମ୍ବାଦ ଶୁଣାଇବ କିଏ ? ସେ କିପରି ବା ଧୈର୍ଯ୍ୟ ଧରି ଏ ସମସ୍ତ ଶ୍ରବଣ କରିବ ? ଏହିପରି ଦୁଶ୍ଚିନ୍ତାରେ ପ୍ରମଥ ବାବୁ ଓ ମାନଦାସୁନ୍ଦରୀଙ୍କର ହୃଦୟ ବିଦୀର୍ଣ୍ଣ ହେବାକୁ ଲାଗିଲା । ସୌଦାମିନୀ ସେହି ତାଙ୍କର ପୁତ୍ର, ସେହି ତାଙ୍କର କନ୍ୟା, ସେହି ତାଙ୍କର ଅନ୍ତିମ କାଳର ଏକମାତ୍ର ସହାୟ ! ତାକୁ ଏ ଦାରୁଣ ସମ୍ବାଦ କିପରି ଶୁଣାଇବେ ? କିନ୍ତୁ କଣ କରିବେ—ପ୍ରମଥ ବାବୁ ଶୀର୍ଣ୍ଣ ହୃଦୟରେ ସାହସ ବାନ୍ଧି ସ୍ନେହ-ମୟୀ କନ୍ୟାକୁ ନିକଟରେ ବସାଇ ନବକିଶୋର ଓ କୈଳାସଚନ୍ଦ୍ରଙ୍କ ବୃତ୍ତାନ୍ତ ସକଳ ଶୁଣାଇଲେ । ସେ ଯେପରି କହୁଥିଲେ ସୌଦାମିନୀ ସେପରି

କିଛି ଅଧୈର୍ଯ୍ୟର ଲକ୍ଷଣ ପ୍ରକାଶ ନ କରି ଧୀରସ୍ଥିର ସ୍ୱରରେ ସୌଦା-ମିନୀ ପିତାଙ୍କୁ ସାନ୍ତ୍ୱନା ଦେଇ କହିଲେ—"ଯାହା ହେବାର ହୋଇ ଯାଇଛି, ସେଥିପାଇଁ ଦୁଃଖ କରିବା ଅନାବଶ୍ୟକ । ମୁଁ ସେଥି ପାଇଁ ଆଦୌ ଦୁଃଖିତ ନୁହେଁ । ତୁମେ ଆଉ ମୋ ଲାଗି ଦୁଃଖ କର ନାହିଁ । ସୌଦାମିନୀ-ଙ୍କର ଏତାଦୃଶ ଶବ୍ଦ ଶୁଣି ପିତାମାତା ମନେ ମନେ ପ୍ରମାଦ ଗଣିଲେ ।

କୈଳାସଚନ୍ଦ୍ରଙ୍କର ପାଷାଣ ହୃଦୟ କ୍ରମେ କୋମଳ ହୋଇ ଆସିଲା । ପୁତ୍ରର ଅଭାବ ବୁଝି ପାରିଲେ । ନବକିଶୋରଙ୍କ ଲାଗି ତାଙ୍କର ପ୍ରାଣ କାନ୍ଦି-ଉଠିଲା । ଏକମାତ୍ର ପୁତ୍ର ବିନା ତାଙ୍କର ଆଉ ଏ ସଂସାରରେ କିଏ ଅଛି ? ସେ ପୁଣି ଚତୁର୍ଥ ବୟସରେ ପିତାଙ୍କୁ ଛାଡ଼ି ଦେଇ ଯାଇଛି ଗୃହରୁ । କୈଳାସଚନ୍ଦ୍ର ଏକମାତ୍ର ଅବଲମ୍ବନ ନବକିଶୋରଙ୍କୁ ହରାଇ ବଡ଼ ଅଧୀର ହୋଇପଡ଼ିଲେ । ଏବାକଣି ପୁତ୍ର-ଚିନ୍ତା ତାଙ୍କ ହୃଦୟକୁ ଅଧିକାର କରି ବସିଲା । ଭାବିଲେ—"ମୁଁ ମୂର୍ଖ ଯଦି ଏତେ ଅତ୍ୟାଚାର କରି ନ ଥାନ୍ତି, ନବକୁ ଲଳିତାଠାରୁ ଅଲଗା ରଖିବାପାଇଁ ଚେଷ୍ଟା କରି ନ ଥାନ୍ତି, ତେବେ ପୁତ୍ର ମୋର ଏଣେ ନିରୁଦ୍ଦେଶ ହୋଇଥାନ୍ତା କି ? ଆତ୍ମକୃତ ପାପର ଭୟଙ୍କର ପ୍ରେତ-ମୂର୍ତ୍ତି ତାଙ୍କର ଚକ୍ଷୁ ସମ୍ମୁଖରେ ନୃତ୍ୟ କରିବାକୁ ଲାଗିଲା । ସେ ଅହୋରାତ୍ର ଅନୁତାପାନଳରେ ଦଗ୍ଧୀଭୂତ ହେବାକୁ ଲାଗିଲେ । ଗାଳ ଗାଳ, ବାରମ୍ବାର ବାରମ୍ବାର ବୁଲି କହିବାକୁ ଲାଗିଲେ—"ନବ ! ପ୍ରାଣର ପୁତ୍ର ମୋର ! କେଉଁ-ଠାରେ ଲୁଚିଛୁ, ଆ । ଅଧମ ମୂର୍ଖ ପିତାର ଦୋଷ କ୍ଷମା କରି ଦେଖା ଦେ ଥରେ । ପିତାର ଦୋଷ କ୍ଷମା କରିବା କଣ ପୁତ୍ରର କର୍ତ୍ତବ୍ୟ ନୁହେଁ ? ଆ, ମୁଁ ଆଉ ତୋର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବି ନାହିଁ । ମୋର ସମସ୍ତ ଧନ ବ୍ୟୟ କରି ଲଳିତାକୁ ଖୋଜାଇବି । ତୋ ସହିତ ତାର ବିବାହ ଦେବି । ଆ, ପୁତ୍ର ମୋର ! କେଉଁଠି ଅଛୁ ଶୀଘ୍ର ଆ ।"

କୈଳାସଚନ୍ଦ୍ର ପାଗଳ ପରି କଲିକତାର ରାସ୍ତାଘାଟରେ ବୁଲି ବୁଲି କେତେ ଦିନ ପରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ ।

× × × ×

ଲଳିତା ଶୁଶ୍ରୂଷାକାରିଣୀ କାର୍ଯ୍ୟରେ ବାହାଲ ହେବାର ଅତି ଅଳ୍ପଦିନ ମଧ୍ୟରେ ସୌଦାମିନୀଙ୍କର ସୁନଜରରେ ପଡ଼ିଲା । ତାର ବୁଦ୍ଧି

ସୌଦାମିନୀ ଅଧୀନରେ । ଲଳିତାର ସମସ୍ତ କାର୍ଯ୍ୟକଳାପ ସୌଦାମିନୀଙ୍କୁ ବଡ଼ ପ୍ରୀତିକର ବୋଧ ହେଉ । ସବୁଠାରୁ ତାର ନୈସର୍ଗିକ ସୌନ୍ଦର୍ଯ୍ୟ ସୌଦାମିନୀଙ୍କୁ ବେଶି ଆକୃଷ୍ଟ କଲା । ସେ ଦିନେ ଲଳିତାକୁ ଏକାନ୍ତରେ ଡାକି ତାର ପରିଚୟ ପୁଛିଲେ । ଲଳିତା ସନ୍ନ୍ୟାସିନୀଙ୍କର ଏପରି ଅଯାଚିତ ଅନୁଗ୍ରହରେ ନିଜକୁ ଭାଗ୍ୟବତୀ ମନେକଲା ଏବଂ ସଂକ୍ଷେପରେ ତାର ପରିଚୟ ପ୍ରଦାନ କଲା ।

ସୌଦାମିନୀ ଯେତେବେଳେ ଶୁଣିଲେ—ତାର ସ୍ୱାମୀ କଲିକତାରେ କୌଣସି କାରଖାନାରେ କାର୍ଯ୍ୟ କରୁଥିବାର ଅନୁମାନ କରି ସେ ସୁଦୂର ଓଡ଼ିଶାରୁ ସ୍ୱାମୀଙ୍କୁ ଖୋଜିବାକୁ ଆସିଅଛି ଏବଂ ସେହି ଉଦ୍ଦେଶ୍ୟରେ କେବଳ ଯୌବନସୁଲଭ ବିଳାସିତାମାନ ପରିତ୍ୟାଗ କରି ସନ୍ନ୍ୟାସିନୀ ବେଶରେ ଶୁଶ୍ରୂଷାକାରିଣୀ କାର୍ଯ୍ୟ କରୁଅଛି, ତାଙ୍କର ମାତୃ-ହୃଦୟ ବିଗଳିତ ହୋଇଗଲା । ସେ ଲଳିତାକୁ ଭଲ କରି ଚାହିଁଲେ । ଦେଖିଲେ, ଲଳିତା ମାନବୀ ନୁହେଁ—ଦେବୀ । ତାର ବଦନରେ ଅପୂର୍ବ ଜ୍ୟୋତି । ଶିରାଶିରେ ସ୍ୱର୍ଗୀୟ ମଧୁରତା—କଥାରେ ଅପାର୍ଥିବ ପବିତ୍ରତା । ସୌଦାମିନୀ ମନେ ମନେ ତାର ଚରଣ ତଳେ ପ୍ରଣାମ କରି କହିଲେ—"ଦେବି, ତୁମର ସଙ୍ଗ ଲାଭ କରି ତୁମର ସମଦୁଃଖିନୀ ସୌଦାମିନୀ ଶାନ୍ତି ଲାଭ କରିବ । ତୁମେ ନିଶ୍ଚୟ ଏ ତାପିତ ପ୍ରାଣକୁ ଶୀତଳ କରିବା ଅଭିପ୍ରାୟରେ ସ୍ୱର୍ଗର ଦେବୀ ମାନବୀରୂପେ ଅବତୀର୍ଣ୍ଣା ହୋଇ ଏଠାକୁ ଆସିଅଛ ।"

ଏହିପରି ଉଭୟଙ୍କ ମଧ୍ୟରେ ଘନିଷ୍ଠତା ଜନ୍ମିଗଲା । ଲଳିତା ମଧ୍ୟ ସୌଦାମିନୀଙ୍କର ଇତିବୃତ୍ତ ଶୁଣିବାକୁ ପାଇଲା । ସୌଦାମିନୀଙ୍କର ସ୍ୱାମୀ ନିରୁଦ୍ଦେଶ । ସେ ମଧ୍ୟ ତାର ସମଦୁଃଖିନୀ । ସୌଦାମିନୀଙ୍କର ଦୁଃଖ-କାହାଣୀ ଶ୍ରବଣରେ ସେ ନିଜର ଦୁଃଖ ଭୁଲିଗଲା । ତାର ମାତୃ-ହୃଦୟ ଦ୍ରବ ଭୂତ ହୋଇଗଲା । କହିଲା—"ଭଗବାନ୍, ଜଗତରେ ନାରୀସୃଷ୍ଟି କଣ ଅଭିଶପ୍ତ ? ଶୀଘ୍ର ଏ ଜନ୍ମରୁ ଉଦ୍ଧାର କର ପ୍ରଭୁ !"

ଦୁଃଖୀର ଦୁଃଖ ବୁଝେ ଦୁଃଖୀ । ଉଭୟେ ସମଦୁଃଖିନୀ । ଉଭୟେ ଉଭୟଙ୍କର ବେଦନା ବୁଝିଲେ । ସମବେଦନାରେ, ସହାନୁଭୂତିରେ ଉଭୟଙ୍କ ନୟନରୁ ଲୋତକ ଧାର ବହିଗଲା ।

ନବକିଶୋରଙ୍କ ଶ୍ରାଦ୍ଧଶେଷରେ କେତେକ ଦିନ ପରେ ପ୍ରମଥ ବାବୁ ଓ ମାନଦାସୁନ୍ଦରୀ ପୁଣି ସୌଦାମିନୀଙ୍କୁ ବିବାହ କରିବା ନିମନ୍ତେ ଅନୁରୋଧ କଲେ । ଉତ୍ତରରେ ସୌଦାମିନୀ କହିଲେ, "ପିତାମାତା ପୁତ୍ରକନ୍ୟା-ମାନଙ୍କର ସୁଖ ଦେଖିବାକୁ ସର୍ବଦା ବ୍ୟଗ୍ର ହୁଅନ୍ତି । ତୁମେ ମୋର ସୁଖୋତ୍ପାଦନ ନିମନ୍ତେ ଜନ୍ମାବଧି ଯତ୍ନ କରି ଆସୁଅଛ । ବର୍ତ୍ତମାନ ବିବାହ କରି କୌଣସି ସୁଖରେ କାଳାତିପାତ କରିବି, ଏହା ହିଁ ତୁମର ଶେଷ ଇଚ୍ଛା । କିନ୍ତୁ ମୁଁ ବିବାହ କଲେ ଏହାଠାରୁ ବେଶୀ କେବେହେଁ ସୁଖରେ ରହିବି ନାହିଁ । ବର୍ତ୍ତମାନ ଖୁବ୍ ସୁଖରେ ଅଛି । ତୁମେ ଆଉ ମୋତେ କହାଅ ନାହିଁ । ମୁଁ କୌଣସିମତେ ଅନ୍ୟକୁ ବିବାହ କରି ପାରିବି ନାହିଁ । ଅନ୍ୟକୁ ବିବାହ କଲେ ମଧ ସୁଖୀ ହୋଇ ପାରିବି ନାହିଁ ।" ପିତାମାତା ଯେତେ ବୁଝାଇଲେ ସୌଦାମିନୀଙ୍କର ସେହି ଏକ କଥା । ପ୍ରମଥ ବାବୁ ଆଉ ଉପାୟାନ୍ତର ନ ଦେଖି ଅତୁଲ ବାବୁଙ୍କର ସାହାଯ୍ୟ ଲୋଡ଼ିଲେ । ଜଳମଗ୍ନ ବ୍ୟକ୍ତି ଯେପରି ଶୁଷ୍କ ତୃଣଖଣ୍ଡ ଦେଖିଲେ ଆନନ୍ଦିତ ହୋଇ ଉଠେ ଏବଂ ତାକୁ ଆଶ୍ରା କରି ରକ୍ଷା ପାଇବାକୁ ଚେଷ୍ଟା କରେ, ପ୍ରମଥ ବାବୁ ସେହିପରି ଅତୁଲ ବାବୁଙ୍କ ଉପରେ ସମସ୍ତ ଆଶା-ଭରସା ଅର୍ପଣ କରି ତାଙ୍କର ଆଶ୍ରୟ ଗ୍ରହଣ କଲେ । ଅତୁଲ ବାବୁ ବାବା ଏବଂ ମାଆଙ୍କର ନିତାନ୍ତ ଶୋଚନୀୟ ଅବସ୍ଥା ଦର୍ଶନ କରି ବଡ଼ ଅଧୀର ହୋଇ ଉଠିଲେ । ସୌଦାମିନୀ ବିବାହ ନ କଲେ ବାବା ଓ ମାଆଙ୍କର ଅବସ୍ଥା ପରିବର୍ତ୍ତନ ହୋଇ ପାରିବ ନାହିଁ ଜାଣି ସେ ସୌଦାମିନୀଙ୍କୁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲେ । ସୌଦାମିନୀ କିନ୍ତୁ ଅଟଳ, ଅଟଳ । ତାଙ୍କର ସେହି ସ୍ଥିର ପ୍ରତିଜ୍ଞା, ସେ ନବକିଶୋରଙ୍କ ଭିନ୍ନ ଆଉ କାହାରି ପାଣିଗ୍ରହଣ କରି ପାରିବି ନାହିଁ ; କିନ୍ତୁ ଅତୁଲ ବାବୁ ଆଶାଶୂନ୍ୟ ନ ହୋଇ ତାଙ୍କର ମନ ପରିବର୍ତ୍ତନ ଲାଗି ପ୍ରାଣାନ୍ତିକ ଚେଷ୍ଟା କରିବାକୁ ଲାଗିଲେ ।

ଗ୍ରୀଷ୍ମ ସନ୍ଧ୍ୟା । ସୌଦାମିନୀ ଓ ସନ୍ନ୍ୟାସିନୀ ଉଭୟେ ସୌଦାମିନୀଙ୍କର ଗୃହରେ ବସିଥିଲେ । ସୌଦାମିନୀ କହିଲେ, "ମୁଁ ଦେଖୁଛି, ତୁମେ ସର୍ବଦା ଚିନ୍ତାମଗ୍ନ । ତୁମ୍ଭର କଣ ଲାଭ ଅଛି ? କେବଳ ଚିନ୍ତା ହିଁ ସବୁ ମାନବର କର୍ତ୍ତବ୍ୟ କି···" ସୌଦାମିନୀଙ୍କର କଥା ଶେଷ ହେବା ପୂର୍ବରୁ ଅତୁଲ ବାବୁ ସେଠି ପହଞ୍ଚିଲେ । ଚୌକିଟା ଟାଣି ନେଇ ବସୁ ବସୁ କହିଲେ, "ଶୁଣିଥିଲି ଗୃହଟି

ଦେଲେ ଆସିବାକୁ ଇନ୍ଦୁ ଆଉ ସେ ଲୁଚ୍ଚଙ୍କର ଗଳ୍ପ...।” ତା ପରେ ଗୃହ-ସଂକ୍ରାନ୍ତ ଗଳ୍ପ ଆରମ୍ଭ କଲେ । ସେଠାରେ ବସି ଘଣ୍ଟା ଅନୁଭବ ମନେ କରି ଲଳିତା ଶୁଣିଗଲେ । ଏହିପରି ବନ୍ଧୁଙ୍କୁ ଲକ୍ଷ୍ମୀକାନ୍ତଙ୍କୁ ଯାଇ ସ୍ତ୍ରୀ-ଭଗିନୀଙ୍କ ମଧ୍ୟରେ ବିବାହ-ପ୍ରସଙ୍ଗ ପଡ଼ିଲା । ସୌଦାମିନୀଙ୍କର ସେହି ଏକ କଥା । ନବକିଶୋର ବିନ୍ଦୁ ବାଳେ ତାଙ୍କର ପାଣିଗ୍ରହଣ କରିବେ ନାହିଁ, କେଣ୍ଡ କଥା, ନ କରନ୍ତୁ; ସେଥିପାଇଁ ସୌଦାମିନୀଙ୍କର ଦୁଃଖ କାରଣ ? ସେ ତ ତାଙ୍କୁ ସ୍ୱାମୀ ବୋଲି ହୃଦୟରେ ସ୍ଥାନ ଦେଇଛନ୍ତି—ତାଙ୍କୁ ହିଁ ଧ୍ରୁବ-ତାରା କରି ସଂସାର-ସାଗରରେ ତାଙ୍କର ଜୀବନ-ତରଣି ଚଳାଇ ନେବେ ।
ଅତୁଳ ବାବୁ ପ୍ରସ୍ତୁତ ହେଲେ । “ହଉ, ମୁଁ ଆସୁଛି” କହି ତୋଷକ ଉପରୁ ଉଠିଲେ । ସୌଦାମିନୀ ମଧ୍ୟ ଉଠିଲେ । ବିଦାୟ ସମୟରେ ଅତୁଳ ବାବୁ ଦୂରରେ ଲଳିତାକୁ ଦେଖିବାକୁ ପାଇଲେ । ସେ ଚକିତ ହୋଇ କିଛିକ୍ଷଣ ନିର୍ନିମେଷ ନୟନରେ ଚାହିଁ ରହିଲେ । ଆକାଶପଥରେ କୌଣସି ଦେବୀ ଆସି ମର୍ତ୍ତ୍ୟରେ ଜନ୍ମ ହୋଇଛନ୍ତି କି ? ତା ନ ହେଲେ ଏତେ ରୂପ କୌଣସି ମାନବ ପକ୍ଷରେ ସମ୍ଭବ କି ? ସର୍ବ ଶରୀର ଆଭରଣଶୂନ୍ୟ—ତଥାପି ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗରେ ସୌନ୍ଦର୍ଯ୍ୟର ତରଙ୍ଗ ଖେଳୁଥାଏ । ଅତୁଳ ବାବୁ ସୌଦାମିନୀଙ୍କ ସହିତ କଥୋପକଥନରେ ମନୋଯୋଗୀ ଥିଲାବେଳେ ସେ ଚପଳ ଧରଣୀରେ ଶତଦଳ ପଦ୍ମଫୁଲ ଫୁଟାଇ ଦେଇ ସେ ସ୍ଥାନ ତ୍ୟାଗ କରିଥିଲେ, ତାହା ଏପର୍ଯ୍ୟନ୍ତ ଅତୁଳ ବାବୁଙ୍କର ଦୃଷ୍ଟିପଥରୁ ଅନ୍ତର୍ହିତ ହୋଇ ନାହିଁ । ସେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ ସୌଦାମିନୀଙ୍କୁ ଲଳିତାର ପରିଚୟ ପଚାରିଲେ । ସୌଦାମିନୀ ଯାହା ଜାଣନ୍ତି, ସମସ୍ତ ବିଷୟ ଆମୂଳ ବର୍ଣ୍ଣନ କଲେ । ତାହା ଶ୍ରବଣରେ ଅତୁଳ ବାବୁଙ୍କର ମୁଖମଣ୍ଡଳ ଅପୂର୍ବ ଆନନ୍ଦରେ ଉଦ୍ଭାସିତ ହୋଇ ଉଠିଲା । ତାଙ୍କର ବନ୍ଧୁ ଯାହା ଲାଗି ନିରୁଦ୍ଦିଷ୍ଟ, [illegible] ଯାହା ଲାଗି ପାଗଳ ହୋଇ ହାଟ ବଜାରରେ ବୁଲୁଛନ୍ତି, ସେ ଆସି ଏତେ ନିକଟରେ ! ଏତେ ଦିନ ପରେ ତାଙ୍କର ପ୍ରିୟ ବନ୍ଧୁଙ୍କର ଦଶା ପରିବର୍ତ୍ତିତ ହେବ ଭାବି ସେ ଆନନ୍ଦରେ ନାଚି ଉଠିଲେ; କିନ୍ତୁ ପରକ୍ଷଣରେ ସୌଦାମିନୀ କଥା ଭାବି ତାଙ୍କର ହାସ୍ୟୋଜ୍ଜ୍ୱଳ ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା । କିପରି ସେ ସୌଦାମିନୀ ନିକଟରେ ପ୍ରକାଶ କରିବେ,

ଏହି ସୁନ୍ଦରୀ ନବକିଶୋରଙ୍କର ହୃଦୟେଶ୍ୱରୀ—ଏହାର ଲାଗି ନବକିଶୋର ନିରୁଦ୍ଦିଷ୍ଟ ? ତାଙ୍କର ହୃଦୟ ବଡ଼ ଚଞ୍ଚଳ ହୋଇଉଠିଲା ।

ସୌଦାମିନୀ ବଡ଼ ଚତୁର । ସେ ଅତୁଳ ବାବୁଙ୍କର ହଠାତ୍ ଏପରି ପରିବର୍ତ୍ତନ ଦେଖି ବିସ୍ମିତ ହେଲେ ଏବଂ କାରଣ ଜିଜ୍ଞାସା କଲେ । ଅତୁଳ ବାବୁ ବିଷମ ସଙ୍କଟରେ ପଡ଼ିଲେ; କିନ୍ତୁ କଣ କହିବେ ? ପ୍ରକୃତ କଥାଟା ଗୋପନ ରଖି ପାରୁଛନ୍ତି କିପରି ? ଟିକିଏ ଚୁପ ହୋଇ କହିଲେ, "ଆଚ୍ଛା, ତମେ ତାଙ୍କ ପ୍ରଣୟିନୀଙ୍କର ନାମ ଜାଣ ?" ସୌଦାମିନୀ କହିଲେ, "ନା, ମୁଁ ବହୁ ଚେଷ୍ଟା କରିଛି ସେଥିପାଇଁ; କିନ୍ତୁ କୃତକାର୍ଯ୍ୟ ହୋଇ ନାହିଁ । ସେ କାହିଁକି ସେ ନାମ ପ୍ରକାଶ କରିବାକୁ କୁଣ୍ଠିତ, ବୁଝି ପାରୁ ନାହିଁ ।"

"ମୁଁ ଅନୁମାନ କରେ—ଅନୁମାନ କାହିଁକି, ତାର ପ୍ରଣୟୀ ନବକିଶୋର ଭିନ୍ନ ଅନ୍ୟ କେହି ନୁହେଁ । ଏହା ମୁଁ ସ୍ପଷ୍ଟ କରି କହିପାରେ ।"

କ୍ଷଣକପାଇଁ ସୌଦାମିନୀଙ୍କର ମୁଖ ବିବର୍ଣ୍ଣ ହୋଇଗଲା । ତା ପରେ ସେ ଆଉ ବଡ଼ ଅଧୀରତାର ଲକ୍ଷଣ ପ୍ରକାଶ ନ କରି ଧୀର କଣ୍ଠରେ କହିଲେ, "କିନ୍ତୁ ପ୍ରମାଣ ଦରକାର, ଖାଲି କହିଦେଲେ ତ ହେବ ନାହିଁ ।"

ଅତୁଳ ବାବୁ ନବକିଶୋରଙ୍କର ପିଲ୍ଟନର ଦ୍ୟୁତାଳ ଘଟଣାଠାରୁ ଆରମ୍ଭ କରି ହାସ୍ପିଟାଲ ହୋଇ ଗୃହସ୍ଥ କରିବା ପର୍ଯ୍ୟନ୍ତ ସମସ୍ତ ଇତିହାସ ସବିଶେଷ ବର୍ଣ୍ଣନ କରିଗଲେ । ସୌଦାମିନୀ ଉତ୍ତର ଦେଲେ ନାହିଁ । ଅତୁଳ ବାବୁଙ୍କର ମୁହଁକୁ ଚାହିଁ ରହିଲେ କେବଳ । ଅତୁଳ ବାବୁ ତାଙ୍କର ହୃଦୟ-ବେଦନା ନିଜ ପ୍ରାଣରେ ଅନୁଭବ କରୁଥିଲେ । ସୌଦାମିନୀଙ୍କର ମୁହଁକୁ ଚାହିଁବାକୁ ତାଙ୍କର ସାହସ ହେଲା ନାହିଁ । ସେ "ଆସୁଛି" କହି ସ୍ନାନାଗାରକୁ ଗମନ କଲେ ।

ପୂର୍ବାହ୍ନ ସାଢ଼େ ଦଶ ବାଜିଲାଣି । ସୌଦାମିନୀ ଡାକ୍ତରଖାନାର ଗୋଟିଏ ନିଭୃତ କୋଠରୀରେ ଶୂନ୍ୟ ଦୃଷ୍ଟିରେ ବସିଛନ୍ତି । ଦେଖିଲେ ବୋଧହୁଏ ଯେମନ୍ତ ସେ ଘରର କାଷ୍ଠପୁତ୍ତଳୀ ଚିନ୍ତାରେ ନିମଗ୍ନମନା । ହଠାତ୍ ଲଳିତା ପଶି ଆସିଲା । କହିଲା, "ଏ କଣ ? ଏଠାରେ ବସି କଣ କରୁଛ ?" ସୌଦାମିନୀଙ୍କର ଧ୍ୟାନ ଭାଙ୍ଗିଗଲା । ଦେଖିଲେ ଦ୍ୱାରଦେଶରେ ଲଳିତା ଦଣ୍ଡାୟମାନା । ଶଶବ୍ୟସ୍ତ ଉଠି ଆସି ଲଳିତାର କରଧାରଣପୂର୍ବକ ଚୌକିରେ

ତେଜଇ ବସାଇ ଦେଲେ । କହିଲେ—"ଦେବୀ, ଛ'ମାସ ଧରି ତୁମେ ମୋର ଅଧୀନରେ କାର୍ଯ୍ୟ କରି ଆସିଲ; କିନ୍ତୁ ମୁଁ ତୁମକୁ ଅଧୀନା କର୍ମଚାରିଣୀ ଦୃଷ୍ଟିରେ ନ ଦେଖି ନିଜର ସହୋଦରା ଦୃଷ୍ଟିରେ, ସଙ୍ଗିନୀ ଦୃଷ୍ଟିରେ ଦେଖି ଆସୁଅଛୁ । ତଥାପି ଏପର୍ଯ୍ୟନ୍ତ ତୁମର ପ୍ରକୃତ ପରିଚୟ ପାଇ ନାହିଁ । ଭଲ ଅକୃତଜ୍ଞ ମୁଁ ! ମୋର ସେ ଦୋଷ କ୍ଷମା କରି ଦେବ ! ପଦଧୂଳି ଦିଅ, ଆଶୀର୍ବାଦ କର । ତୁମପରି ଦେବୀର ସେବା କରି ମୋ ଅସାର ଜୀବନକୁ ସଫଳ କରି ।"

ଲଲିତା ଅପ୍ରସ୍ତୁତ ହୋଇଗଲେ । ଭାବିଲେ—ସୌଦାମିନୀ କଣ ପାଗଳିନୀ ନା ରାତିରେ କିଛି ସ୍ୱପ୍ନ ଦେଖିଛନ୍ତି ? "ତୁମର ପ୍ରକୃତ ପରିଚୟ ପାଇ ନାହିଁ" ଏ କଥାର ଅର୍ଥ କଣ ? ମୋର ଆଉ ବିଶିଷ୍ଟ ପରିଚୟ କଣ ଅଛି ? ଆଗରୁ ତ ମୋର ସମସ୍ତ ପରିଚୟ ଦେଇଛୁ । ପୁଣି 'ଦେବୀ' ସମ୍ବୋଧନ—ଏହାର କାରଣ କଣ ?

ଲଲିତା ସ୍ଥିର ସ୍ଥିର କଲେ, ସୌଦାମିନୀ ରାତିରେ କୌଣସି ଦେବୀ ମୂର୍ତ୍ତିର ସ୍ୱପ୍ନ ଦେଖିଛନ୍ତି ବୋଧହୁଏ । ସେହି ବିଷୟ ଭାବି ଭାବୁଥିଲେ । ସହସା ନିକଟରେ ମୋତେ ଦେଖି ଭ୍ରମବଶତଃ ଦେବୀ ଭାବରେ ପୂଜା କରିବାକୁ ବସିଛନ୍ତି । ସେ ସୌଦାମିନୀଙ୍କର ଚରଣ ଧାରଣ କରି ଗଦ୍‌ଗଦ କଣ୍ଠରେ କହିଲେ, "ଏ କଣ ଭଉଣି ! ଆଜି ଏପରି କଣ ଗୁଡ଼ାଏ କହୁଛ ? ମୁଁ ଦେବୀ ନୁହେଁ—ତୁମର ଆଶ୍ରିତା ସନ୍ନ୍ୟାସିନୀ । ଏତେ ଆଦର, ଏତେ ସମ୍ମାନର ମୁଁ କଣ ଯୋଗ୍ୟ ? ତୁମେ ଭୁଲ ଦେଖୁଛ । ମୁଁ ଯେ ଅଭାଗୀ ଗୋଟାଏ ଅଲକ୍ଷଣୀ, ପଥର ଭିକାରୁଣୀ ।" ସୌଦାମିନୀ କାନ୍ଦି କାନ୍ଦି ଲଲିତାକୁ କୋଳ ଧରିଲେ । କହିଲେ, "ନା ଦେବି ! ମୋତେ ଆଉ ଭୁଲାଅ ନାହିଁ । ବହୁ ଦିନ ଧରି ଭୁଲିଅଛୁ—ଆଉ ଛଳନା କର ନାହିଁ । ଆଜି ମୁଁ ଚିହ୍ନି ପାରିଛି ତୁମେ କିଏ । ବାସ୍ତବିକ ତୁମେ ମାନବ ମୂର୍ତ୍ତି ମଧ୍ୟରେ ଦେବୀ । ତୁମର ଦୁଃଖ ଅସୀମ, ବହୁତ କଷ୍ଟ ଭୋଗ କଲଣି ସତ୍ୟ, କିନ୍ତୁ ସେ ଦୁଃଖ-ରଜନୀ ପାହି ଆସିଲଣି । ଆଉ ଅଳ୍ପଦିନ ପରେ ତୁମର ହୃଦୟାକାଶର ଶଶଧର ଉଦୟ ହୋଇ ଦିଗ ଉଜ୍ଜ୍ୱଳ କରିବେ—ପ୍ରାଣ ତୁମର ଶୀତଳ ସରସ ହୋଇ ଉଠିବ । ତୁମର ଏ ଭିକାରୁଣୀ କାଙ୍ଗାଳୁଣୀ ବେଶ ରହିବ ନାହିଁ । ରାଜରାଣୀ

ହୋଇ ସ୍ୱର୍ଣ୍ଣ ସିଂହାସନ ଅଳଙ୍କୃତ କରିବ ।" ଲଳିତା ଉଦ୍ବେଳିତର ଅନୁଶୀ-ଳ୍ପିତ ହୋଇ କହିଲା, "ତମେ କଣ କହୁଛ, ସେଥିରୁ ମୁଁ ଗୋଟାଏ ବର୍ଣ୍ଣ ବୁଝି ପାରୁନାହିଁ ।"

"ଆଉ ଭଲ କୁହ ନ କୁହ ସୌଦାମିନୀର ଏହି କଥାଟି ମନେ ରଖ, ଅଳ୍ପ ଦିନ ମଧ୍ୟରେ ତମର ସୌଭାଗ୍ୟ ଉଦୟ ହେବ ।"

"ଅଭାଗିନୀ କପାଳରେ କେଉଁ ସୌଭାଗ୍ୟ ଲେଖା ଅଛି ? ମୁଁ ଯେ... ।"

"ମୁଁ ପ୍ରକୃତ କଥା କହୁଛି, ଶପଥ କରି କହୁଛି, ଅଳ୍ପ ଦିନ ମଧ୍ୟରେ ତମର ଦୁଃଖ ଦୂର ହେବ । ମୁଁ ନିଜ ହାତରେ ତମକୁ ରାଣୀ ସଜାଇ ରାଜାଙ୍କ ପାଖରେ ବସାଇବି ।"

ଲଳିତାକୁ ହସ ମାଡ଼ିଲା । ସେ ବିଦ୍ରୂପ କରି କହିଲା, "ତେବେ ତେବେ କେଉଁ ସ୍ୱପ୍ନ ଦେଖିଲ ? ଦିନରେ ନା ରାତିରେ ?"

"ଦିନରେ ହେଉ ବା ରାତିରେ ହେଉ, ମୁଁ ଯେତେବେଳେ ସ୍ୱପ୍ନ ଦେଖେ । ଏହା କିନ୍ତୁ ଧ୍ରୁବ ସତ୍ୟ ଜାଣିବ ।"

କିନ୍ତୁ ତମ କଥା ଯଦି ସତ୍ୟ ହୁଏ, ଭଗବାନ୍ ଯଦି ଅନୁଗ୍ରହ କରନ୍ତି, ମୁଁ ମୋର ବାଞ୍ଛିତ ଧନ ପାଏ, ତେବେ ସେତେବେଳେ କଣ ମୁଁ ସୁଖୀ ହେବି ବୋଲି ଭାବୁଛ ?"

"ତାହିଁ କି ? ଯେ ଯାହାର ଅଭାବରେ ଦୁଃଖୀ, ସେ ଅଭାବ ପୂର୍ଣ୍ଣ ହେଲେ ସେ ସୁଖୀ ନ ହେବ କାହିଁକି ?"

"ଆଉ ଯେ ପ୍ରଧାନ ଅଭାବଟାଏ ରହିଗଲା । ମୋର ସଙ୍ଗିନୀ ଯେ ପର୍ଯ୍ୟନ୍ତ ତାଙ୍କର ବାଞ୍ଛିତ ବର ନ ପାଉଛନ୍ତି, ସେ ପର୍ଯ୍ୟନ୍ତ ସୁଖୀ ନ ହୋଇଛନ୍ତି, ଏକାକୀ ବୈକୁଣ୍ଠ ପାଇଲେ ସୁଦ୍ଧା ଲଳିତା ଯେ ସୁଖୀ ହୋଇ ପାରିବ, ସେପରି ହୁଏନାହିଁ ।"

"କିନ୍ତୁ ତମେ ଜାଣ ନାହିଁ ବୋଧେ, ସୌଦାମିନୀ ଯେ ଚିରଦୁଃଖିନୀ । ତାର ସଂସାରରେ କେବଳ ଦୁଃଖଭୋଗ ପାଇଁ । ଦେବତାମାନେ ତାର କପାଳରେ ସୁଖ ଲେଖି ନାହାନ୍ତି ।"

ଲଳିତାକୁ ଆଉ କିଛି କହିବାକୁ ଅବସର ନ ଦେଇ ସୌଦାମିନୀ ଅଶ୍ରୁ ବର୍ଷଣ କରୁ କରୁ ଦୌଡ଼ି ପଳାଇଗଲା ।

## ଚତୁର୍ବିଂଶ ପରିଚ୍ଛେଦ

ଅତୁଳ ବାବୁ ଶାଳର ବୈଠକଖାନାରେ ବସି ସମ୍ବାଦପତ୍ର ପାଠ କରୁଛନ୍ତି । କୈଳାସଚନ୍ଦ୍ର ଉନ୍ମାଦ ପରି ସେ ଗୃହରେ ପ୍ରବେଶ କରି କହିଲେ, "ରକ୍ଷା କର ବାବା ! ରକ୍ଷା କର ! ମୋର ଦେହ ପୋଡ଼ିଯାଉଛି, ହୃଦୟ ଜଳିଯାଉଛି, ରକ୍ଷା କର ! ଉଃ, ଆଉ ଯେ ସହି ପାରୁ ନାହିଁ ! ଅସହ୍ୟ ଯନ୍ତ୍ରଣା, ଅସହ୍ୟ ଯନ୍ତ୍ରଣା !"

ଅତୁଳ ବାବୁ ଦେଖିଲେ, କୈଳାସଚନ୍ଦ୍ର ଉନ୍ମତ୍ତ ହୋଇ ଘରର ଚତୁଷ୍କୋଣ ଘୂରି ବୁଲୁଛନ୍ତି । ଛଅମାସ ପୂର୍ବେ ଏହି ବେଶରେ ସେ ତାଙ୍କୁ ଦେଖିଥିଲେ । ଆଜି ମଧ୍ୟ ଦେଖିଲେ; କିନ୍ତୁ କିଛି ପରିବର୍ତ୍ତନ ନାହିଁ । ସହସା ନନ୍ଦକିଶୋରଙ୍କର କଥା ତାଙ୍କର ମନେ ପଡ଼ିଲା । ସେ ଘୃଣାରେ ମୁଖ ବିକୃତ କରି କହିଲେ—"ଏ ଯେ ସ୍ୱକୃତ ପାପର ପରିଣାମ । କିଏ ରକ୍ଷା କରିବ ?"

କୈଳାସ—"ତମେ ରକ୍ଷା କରିବ । ବଡ଼ ଡାକ୍ତର ବଇଦ ଆସିଲେଣି, କେହି ରକ୍ଷା କରି ପାରିଲେ ନାହିଁ । ପ୍ରାଣ ଯେ ଯିବା ଉପରେ ! ତମ ଛଡ଼ା ଆଉ କେହି ନାହାଁନ୍ତି ରକ୍ଷା କରିବାକୁ ବାବା !"

ଅତୁଳ—"ଅସମ୍ଭବ କଥା । ପାପର ପ୍ରାୟଶ୍ଚିତ୍ତ ନ ହେବାଯାଏ କେହି ରକ୍ଷା କରି ପାରିବେ ନାହିଁ । ଦେବତା ବି ଅସମର୍ଥ ହେବେ—ମନୁଷ୍ୟ ତ ନିତାନ୍ତ କ୍ଷୁଦ୍ର ।"

କୈଳାସ—"ପ୍ରାୟଶ୍ଚିତ୍ତ ! ପାପର ପ୍ରାୟଶ୍ଚିତ୍ତ ! ବହୁତ ହୋଇଗଲାଣି ! ଯଥେଷ୍ଟ ହୋଇଗଲାଣି ! ସହି ପାରୁ ନାହିଁ ଆଉ ! ପ୍ରାୟଶ୍ଚିତ୍ତ ବଡ଼ କଠିନ—ବଡ଼ କଷ୍ଟକର ।"

ଅତୁଳ—"ହଁ, ଆପଣ ଶୀଘ୍ର ଏ ସ୍ଥାନ ତ୍ୟାଗ କରନ୍ତୁ ! ମୋର କାର୍ଯ୍ୟ ନଷ୍ଟ ହେଉଛି । ଆପଣଙ୍କ ସହିତ ପାଗଳାମି କରିବାକୁ ମୋର ବେଳ ନାହିଁ ।"

କୈଳାସଚନ୍ଦ୍ର ଅତୁଳ ବାବୁଙ୍କର ଚରଣ ଦୁଇଟି ଜାବୁଡ଼ି ଧରିଲେ । କହିଲେ, "ମୁଁ ମହାପାତକୀ, ନରାଧମ, ପାଷଣ୍ଡ । ମୁଁ ଯେଉଁ ପାପ କରିଛି, ତାର ପ୍ରାୟଶ୍ଚିତ୍ତ ଅଛି ବୋଲି ମୋର ବିଶ୍ୱାସ ହେଉ ନାହିଁ । ତଥାପି— ତଥାପି ତମେ ମୋ ନନ୍ଦର ବନ୍ଧୁ—ମୋର ପୁଅ ତମେ । ପିତାର ଦୋଷ-

କଣ ପୁଣି କ୍ଷମା କରେ ନାହିଁ ? ମାବୋ, ରକ୍ଷା କର । ପ୍ରାଣ ଯେ ଜଳି ପୋଡ଼ି ଯାଉଛି । ଆଉ ସହ୍ୟ ପାରୁ ନାହିଁ, ନବର ବିଚ୍ଛେଦ ଆଉ ସହ୍ୟ ପାରୁ ନାହିଁ । ମୋର ନବ କାହିଁ—ଆଣି ଦିଅ । ନବକୁ ତମେ କେଉଁଠି ଲୁଚାଇ ରଖିଛ ଶୀଘ୍ର ଆଣି ଦିଅ । ତାକୁ ନ ଦେଖିଲେ ଛାତି ଫାଟିଯିବ—ବୁକୁ ଚୂର୍ଣ୍ଣ ହୋଇଯିବ । ମୋର ନବକୁ ଆଣି ଦିଅ । ମୁଁ ଶପଥ କରି କହୁଛି, ଧର୍ମ ନାରାୟଣଙ୍କୁ ସାକ୍ଷୀ ରଖି କହୁଛି, ଜଗନ୍ନାଥଙ୍କୁ ଛୁଇଁ କହୁଛି, କାଳିଆ ସାଆନ୍ତ ତା'ର ବିବାହ ହେବନି—ହେବ, ହେବ—ନିଶ୍ଚୟ ହେବ । ତାର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବି ନାହିଁ । ଦିଅ ବାବା, ମୋର ନବକୁ, ମୋର ଜୀବନସର୍ବସ୍ୱକୁ ଆଣି ଦିଅ ।"

ବୃଦ୍ଧଙ୍କର କାତର କ୍ରନ୍ଦନରେ ଅତୁଲ ବାବୁ ବିଗଳିତ ହୋଇଗଲେ—ତାଙ୍କର ଚକ୍ଷୁରେ ଜଳ ଆସିଲା । ସେ ବୈକୁଣ୍ଠଚନ୍ଦ୍ରଙ୍କୁ ଉଠାଇ ନେଇ ଚୌକି ଉପରେ ବସାଇଦେଲେ । ସାନ୍ତ୍ୱନା ଦେଇ କହିଲେ, "ଆପଣ ସ୍ଥିର ହୋଇ ରହନ୍ତୁ । ଅଳ୍ପ ଦିନ ମଧ୍ୟରେ ନବକିଶୋର ଆସି ପହଞ୍ଚିବେ ।"

ବୃଦ୍ଧ ଅଶ୍ରୁପ୍ଲାବିତଲୋଚନରେ ଉଠି ପଡ଼ି କହିଲେ—"କେବେ ଆସିବ ନବକିଶୋର ? ଆଜ୍ଞା କେତେ ଦିନ ପରେ ଆସିବ ? କଣ ଘଟି ଯାଇଥିଲା ? କଉଠି ଅଛି ସେ ?" ଅତୁଲ ବାବୁଙ୍କର ହସ୍ତ ଧାରଣ କରି ଗଦ୍ ଗଦ୍ କଣ୍ଠରେ କହିଲେ, "ନବକିଶୋର କେଉଁଠି ଅଛି କହନ୍ତୁ ବାବା ! ମୁଁ ଆଉ ଅପେକ୍ଷା କରି ପାରୁନାହିଁ । କେଉଁଠାରେ ଅଛି କହନ୍ତୁ, ମୁଁ ତାକୁ କୋଳ କରି ନେଇ ଆସିବି । ପୁଅ ମୋ'ର ଏକୁଟିଆ କେତେ କଷ୍ଟ ପାଉଥିବ !" ବୃଦ୍ଧ ବହୁଁ ଉତ୍କଣ୍ଠାପୂର୍ବକରେ ହାତ ଛାଟିଲେ । ଅତୁଲ ବାବୁ ବଡ଼ ବିପଦରେ ପଡ଼ିଲେ । କଣ କରିବେ ? କପରି ସାନ୍ତ୍ୱନା ଦେବେ ? କହିଲେ—"ଆପଣଙ୍କର ଅବଶ୍ୟ ଚିନ୍ତା ନାହିଁ, ସେ ଭଲ ଅଛନ୍ତି । ଆଉ ଅଳ୍ପ ଦିନ ମଧ୍ୟରେ ଫେରି ଆସିବେ ।"

"ନା, ମୋତେ ସେ ସ୍ତୋକ କହନ୍ତୁ । ମୋର ପୁଅ ସେ—ପୁଅକୁ ବାପ କଣ କୋଳ କରେ ନାହିଁ ? ମୁଁ ତାକୁ କୋଳ କରି ନେଇ ଆସିବି । ପୁଅ ମୋର କେତେ କଷ୍ଟ ସହୁଥିବ । କହନ୍ତୁ ବାବା, କେଉଁଠାରେ ଅଛି ଧନ ମୋର, କହନ୍ତୁ ଅତୁଲ ବାବୁ !"

ଅତୁଳ ବାବୁ ଯେତେ ବୁଝାଇଲେ କୈଳାସଚନ୍ଦ୍ର ସେତୁ ଏକ ଜିଦ୍ ଧରି ବସିଲେ । କହୁଲେ—"କେଉଁଠାରେ ଅଛି କହନ୍ତୁ, ମୁଁ ବର୍ତ୍ତମାନ ଯାଇ ପୁଅକୁ ମୋର ନେଇ ଆସିବି ।"

"ଆପଣ ସେ ସ୍ଥାନକୁ ଯାଇ ପାରିବେ ନାହିଁ ।"

"ମୁଁ ସେ ସ୍ଥାନକୁ ଯାଇ ପାରିବି ନାହିଁ ? କାହିଁକି, ବଡ଼ ଦୁର୍ଗମ ପଥ ? ହଁ, ବୁଢ଼ା ହୋଇଛି; ପୂର୍ବପରି ଆଉ ଦେହରେ ବଳ ନାହିଁ—ଯାଇ ପାରିବି ନାହିଁ । ଆଚ୍ଛା, ପୁଣି ମୋର କି କଷ୍ଟ ପାଉ ନ ଥିବ ସେଠାରେ ! ତମେ ଯାଇ ପାରିବ ନାହିଁ ବାବା ? ହଁ, ତମେ ଯାଇ ପାରିବ, ନବ ତମର ସାଙ୍ଗ ପରା ! ଟିକିଏ ଦୟା ହେଉ ନାହିଁ ତମର ! ତମର ପାଦ ଧରୁଛି—ଯାଅ ବାବା, ମୋର ପୁଅକୁ ନେଇ ଆସ ।"

ବୃଦ୍ଧ ଅତୁଳ ବାବୁଙ୍କର ପାଦ ଧରି କାନ୍ଦିବାକୁ ଲାଗିଲେ । ଅତୁଳ ବାବୁ କହିଲେ, "ଆଚ୍ଛା, ମୁଁ ତାଙ୍କୁ ନେଇ ଆସିବି । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ।" କୈଳାସଚନ୍ଦ୍ର ସେହିପରି ଭୂତଳରେ ପଡ଼ି କହିଲେ, "ବାବା, ସତେ ନିବ ତମେ ? ମୋର ପୁଅକୁ ଆଣି ଦେବ ? ମୋ ଦେହ ଛୁଇଁ କହିଲ—ଛୁଅଁ, ଛୁଅଁ ମୋର ଦେହ । ମୋ ମୁଣ୍ଡରେ ହାତ ଦେଇ କହ, ହଁ ଆଣି ଦେବି ତମ ପୁଅକୁ ।" ଅତୁଳ ବାବୁଙ୍କର ହାତକୁ ଟାଣି ନେଇ ନିଜର ମୁଣ୍ଡ ଉପରେ ଥୋଇଲେ । ବାରମ୍ବାର କହି ଲାଗିଲେ, "କହ, ମୋର ମୁଣ୍ଡ ଉପରେ ହାତ ରଖି କହ ଆଣିଦେବ ମୋର ପୁଅକୁ ।" ଅତୁଳ ବାବୁ ଆଉ ସହ୍ୟ କରି ପାରିଲେ ନାହିଁ । ଭୂମିଷ୍ଠ ହୋଇ କହିଲେ, "ମୁଁ ଆପଣଙ୍କର ଚରଣ ସ୍ପର୍ଶ କରି କହୁଛି, ବର୍ତ୍ତମାନ ନବକିଶୋରଙ୍କୁ ଆଣିବା ଉଦ୍ଦେଶ୍ୟରେ ବାହାରିଲି । ନିଶ୍ଚୟ ଆଣି ଦେବି—ଆପଣ ନିଶ୍ଚିନ୍ତ ରହନ୍ତୁ ।"

କୈଳାସଚନ୍ଦ୍ର କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଅତୁଳ ବାବୁଙ୍କୁ ଅନେଇ ରହିଲେ । ତା ପରେ କହିଲେ, "ଯାଅ ବାବା, ଆଶୀର୍ବାଦ କରୁଛି, ସର୍ବଶୁଭରେ ପୁଅକୁ ମୋର ନେଇ ଫେରି ଆସ । ଚିରଜୀବୀ ହୁଅ ବସ ! ଚିରଜୀବୀ ହୁଅ ।"

ନବକିଶୋର ସେଦିନ ଟିଟାଗଡ଼ର ଡାକ୍‌ବଙ୍ଗଳାରେ ଗୃହ ତ୍ୟାଗ କରି ପଳେଇବା ଯୋଜନା କଲେ । ସେଠାରେ ଅତୁଳ ବାବୁଙ୍କ ସହିତ ଦେଖାହେବ

ଶ୍ୱଶୁର ପରାମର୍ଶ ନେଇ ପରେ ଲଳିତାକୁ ଖୋଜିବା ଉଦ୍ଦେଶ୍ୟରେ ବାହାରିଲେ । ଅତୁଲ ବାବୁ ବିଦାୟ ଦେବା ସମୟରେ ତାଙ୍କୁ ଉପଦେଶ ଦେଇଥିଲେ, ସେ ଯେପରି ପ୍ରତି ସପ୍ତାହରେ ପତ୍ର ଦେବାକୁ ବିସ୍ମୃତ ନ ହୁଅନ୍ତି ଏବଂ ଅର୍ଥାଭାବ ହେଲେ ତାଙ୍କୁ ଜଣାଇବାକୁ କୁଣ୍ଠିତ ନ ହୁଅନ୍ତି ।

ନବକିଶୋର ବନ୍ଧୁଙ୍କର ଅନୁରୋଧରେ ପ୍ରତିଶ୍ରୁତି ଦେଇ ଜନ୍ମଭୂମି ଓଡ଼ିଶା ଅଭିମୁଖରେ ଯାତ୍ରା କଲେ । ପ୍ରଥମେ ସେ ଉତ୍କଳର ରାଜଧାନୀ କଟକ ନଗରରେ ପହଞ୍ଚି ସହରର ସମସ୍ତ ସ୍ଥାନ ଦେଖିଲେ, ଲଳିତାର କୌଣସି ଖବର ପାଇଲେ ନାହିଁ । କଟକରେ ଅବସ୍ଥାନ ସମୟରେ ଶୁଣିଲେ, ସେ ବର୍ଷ ବୈତରଣୀରେ ମହାବାରୁଣୀ ଯୋଗ ପଡ଼ୁଛି । ଯାଜପୁରରେ ଅସଂଖ୍ୟ ଲୋକସମାଗମ ହେବ । ସେଠାରେ ଲଳିତାର ସନ୍ଧାନ ମିଳିପାରେ ଭାବି ନବକିଶୋର ଯାଜପୁର ଯାତ୍ରା କଲେ । ପ୍ରାୟ ଚାରି ଦିନ କାଳ ସେଠାରେ ରହି ଅନୁସନ୍ଧାନ କଲେ; ମାତ୍ର ଲଳିତାର କୌଣସି ସମ୍ବାଦ ପାଇଲେ ନାହିଁ । ସେଠାରୁ କଟକରେ ପ୍ରତ୍ୟେକ ମୁହଲ୍ଲା ଗଳି ଗଳି ବୁଲି ଖୋଜିବାକୁ ଲାଗିଲେ । ଏହିପରି କେତେକ ମାସ ଅତିକ୍ରମ ହେବା ପରେ ଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ଯାତ୍ରା ଆରମ୍ଭ ହେଲା । ସେ କଟକ ଛାଡ଼ି ବୁଲି ବୁଲି ଜନସମୁଦାୟ ସହିତ ପୁରୀକୁ ଗଲେ । ସେଠାରେ ଗୁଣ୍ଡିଚା, ବାହୁଡ଼ା, ବାହୁଡ଼ା ପରେ ମଧ୍ୟ ଆଠ ଦଶ ଦିନ ଅତିବାହିତ କଲେ । କିନ୍ତୁ ଲଳିତାର କୌଣସି ଖବର ସଂଗ୍ରହ କରି ପାରିଲେ ନାହିଁ । ତା' ପରେ ପୁଣି ମଫସଲମାନଙ୍କରେ କେତେକ ମାସ ଭ୍ରମଣ କରି ବାଲେଶ୍ୱର ଗଲେ । କଟକ, ପୁରୀ, ବାଲେଶ୍ୱର ପ୍ରଭୃତି ବୁଲିବାରେ ତାଙ୍କୁ ପ୍ରାୟ ପାଞ୍ଚ ମାସ ଲାଗିଲା । ସେଥିରେ ସେ ହତୋତ୍ସାହ କିମ୍ବା ଅଧୀର ନ ହୋଇ ଓଡ଼ିଶାର ସମସ୍ତ ସ୍ଥାନ ବୁଲିବାକୁ ମନସ୍ଥ କରି ଗଡ଼ଜାତରେ ପ୍ରବେଶ କଲେ ।

+ + + +

ନବକିଶୋରଙ୍କୁ ଆସିବାକୁ ପାଖ ଜଙ୍ଗଲରେ ଗୁଣ ଦିନ ଅତିବାହିତ ହେବା ପରେ ଅତୁଲ ବାବୁ ଯେତେବେଳେ ସକାଳ ଚାଳିଶା ପାସେଞ୍ଜରରେ

ହାବଡ଼ା ଷ୍ଟେସନରେ ଆସି ପହଞ୍ଚିଲେ, ସୌଦାମିନୀ ସେତେବେଳେ ପ୍ଲାଟଫର୍ମରେ ବୁଲୁଥିଲେ । ଅତୁଲ ବାବୁଙ୍କର ଦୃଷ୍ଟି ପ୍ରଥମେ ସୌଦାମିନୀଙ୍କ ଉପରେ ପଡ଼ିଲା । ସହସା ତାଙ୍କର ମୁଖମଣ୍ଡଳ ବିବର୍ଣ୍ଣ ହୋଇଗଲା । ସୌଦାମିନୀ ନବକିଶୋରଙ୍କ ସମ୍ବାଦ ପଚାରିଲେ, ସେ କି ଉତ୍ତର ଦେବେ ? କଅଣ ବା କହିବେ, କଲିକତା ଡାକ୍ତରଖାନାରେ ଥିବାର ଶୁଣି ସେ ଆନନ୍ଦରେ ଅଧୀର ହୋଇ ଉଠିବେ । ତା ବିଷୟରେ ବହୁତ ପ୍ରଶ୍ନ କରିବେ । କିନ୍ତୁ ସୌଦାମିନୀ ଜୀବନରେ ପଦେ ଦୁଃଖ ପାଇବେ ନାହିଁ । ଏ କଥା ଶୁଣିଲେ ସୌଦାମିନୀ ମନରେ କି ଦାରୁଣ ଆଘାତ ନ ଲାଗିବ ? କଣ କହିବେ ? ମିଥ୍ୟା ବା କହିବେ କପରି ? ସେ ଏହିପରି ଭାବୁଥିବା ସମୟରେ ସୌଦାମିନୀ ତାଙ୍କ ନିକଟବର୍ତ୍ତିନୀ ହୋଇ ପଚାରିଲେ—"ବର୍ତ୍ତମାନ କେମିତି ? କଣ ତାଙ୍କର ଦେଖା ପାଇଲ ?" ଅତୁଲ ବାବୁ ଉତ୍ତର ଦେଲେ ନାହିଁ । ସୌଦାମିନୀ ଦେଖିଲେ, ତାଙ୍କର ମୁଖ ମଳିନ ଏବଂ ଗମ୍ଭୀର । ସନ୍ଦେହ ଜାତ ହେଲା । ସେ ଅତି ଆଗ୍ରହରେ ପୁଣି ପଚାରିଲେ, "ସେ କଣ ଆସିଲେ ନାହିଁ ? କଲିକତାରୁ ସନ୍ଦେହ କରନ୍ତି ?" ନାମ ଶୁଣି ଅତୁଲ ବାବୁଙ୍କର ଶୁଷ୍କ ମୁଖ ଆହୁରି ଶୁଷ୍କ ହୋଇଗଲା । ସୌଦା-ମିନୀଙ୍କ ଦୁର୍ଦ୍ଦଶା ଚିନ୍ତା କରି ତାଙ୍କର ଚକ୍ଷୁ ଆର୍ଦ୍ର ହୋଇ ଆସିଲା । ସେ ମନେ ମନେ କହିଲେ—"ସୌଦାମିନୀ ସହିତ ନବକିଶୋରଙ୍କର ବିବାହ ହେଲେ ସୁନ୍ଦର ସାଜନ୍ତା ଏହା । କିନ୍ତୁ ଦୁଃଖିନୀ ସୌଦାମିନୀ ଭାଗ୍ୟରେ ସେ ସୁଖ ନାହିଁ ।"

ସୌଦାମିନୀ ଉତ୍ତର ନ ପାଇ ବଡ଼ ଚଞ୍ଚଳ ହୋଇ ପଡ଼ିଲେ । ସେ ଉଦ୍ବେଳ ସ୍ୱରରେ ବହୁଥର ଅତୁଲ ବାବୁଙ୍କୁ ପୁଛିଲେ । ତା ପରେ ତାଙ୍କର ହାତକୁ ଟାଣି ଦେଇ କହିଲେ—"ଏପରି ଚିନ୍ତା ହୋଇ ରହିଲ କାହିଁକି ? କହ କଣ୍ଠ ନାହିଁ କି—ଖବର ଭଲ ତ ?"

ଅତୁଲ ବାବୁ ଦୀର୍ଘ ନିଃଶ୍ୱାସଟାଏ ତ୍ୟାଗ କରି କହିଲେ, "କଣ କହିବି ? ଉତ୍ତର ଯେ ଅସ୍ତି ନାହିଁ ।" ଟିକଏ ରହି ପୁଣି କହିଲେ, "ନବକିଶୋରଙ୍କ ସଙ୍ଗରେ ଦେଖା ହୋଇଛି; କିନ୍ତୁ ଖବରଟା ଭଲ କି ମନ୍ଦ, ମୁଁ ଏ ପର୍ଯ୍ୟନ୍ତ କିଛି ସ୍ଥିର କରିପାରୁ ନାହିଁ ।"

"କାହିଁକି ? ଏହାର ଅର୍ଥ ଯେ ବଡ଼ କଠିନ ।"

"ମୋ ବିବେଚନାରେ ସେ କଥାର ଅର୍ଥ ବୁଝିବାରେ ତୁମର କୌଣସି ଅସୁବିଧା ନାହିଁ । ତୁମର ତ ସେଥିରେ କିଛି ଭୁଲ ନାହିଁ ; କିନ୍ତୁ... ।"

ଆଉ କିଛି ପାରିଲେ ନାହିଁ । ରୁମାଲରେ ମୁହଁ ପୋଛିଲେ । ତା' ପରେ ଟିକଏ ଥମ୍ବି କରି କହିଲେ—"ମୁଁ ଯଦି ସେ ଦିନ ତୁମକୁ ସେଇ କଥା କହି ଦେଇଛି । ତେବେ ଆଜି.........।"

ସୌଦାମିନୀ ବାଧା ଦେଇ କହିଲେ, "ସେଥିପାଇଁ ବୋଧହୁଏ ତୁମର ମୂର୍ତ୍ତି ଶୁଣି ପାରୁଛ । ହଉ, ଆଜି ଏହା କହିବା ଦରକାର ନାହିଁ । ମୁଁ ସମସ୍ତ ବୁଝିପାରୁଛି । ମୋର ଅବଶ୍ୟ ଭାଗ୍ୟରେ ବଡ଼ ସ୍ୱାର୍ଥ ନାହିଁ ; ତଥାପି ମୋର ଜାଣିବା ନିତାନ୍ତ ଦରକାର । ତେଣେ ଲଳିତା ଦେବୀଙ୍କର ଅବସ୍ଥା ଦିନକୁ ଦିନ ଖରାପର ହେଉଛି । କେବେ ସେ ଦୁହିଁଙ୍କର ମିଳନ ହେବ... ।"

"ତେବେ କଣ ସେ ମିଳନ ଦୃଶ୍ୟ ଦେଖି ପାରିବ ?"

ସୌଦାମିନୀଙ୍କର ଅଧରରେ କ୍ଷୀଣ ହାସ୍ୟ-ରେଖା ଫୁଟିଉଠିଲା । ସେ କହିଲେ, "ଦେଖିବ କଣ, ମୁଁ ସେ ମିଳନ କରାଇବି । ଦେବୀଙ୍କ ନିକଟରେ ପ୍ରତିଶ୍ରୁତ ହୋଇଛି । ଏ ମିଳନରେ ସୁରେଶ୍ୱରର ସୁଖ ହିଁ । ସେ ମୋ ଉପହାର ।"

"କିନ୍ତୁ ପାରିବ ତ ? ତ୍ୟାଗ କରିବା ଅପେକ୍ଷା କହିବା ସେ ସହଜ । ସଂସାର ଷ୍ଟେଜରେ ଏ କୋଟାଏ ମିଳନ ଦୃଶ୍ୟ ହୋଇପାରେ ; କିନ୍ତୁ ତମ ପକ୍ଷରେ ଏ ଯେ ଅଗ୍ନିକର ପରୀକ୍ଷା । ସୁରେଶ୍ୱରର ହାତ ଧରି, ନିଜ ହସ୍ତରେ ନିଜର ସୌଭାଗ୍ୟଦାନ କରି ଅଟଳ ହୋଇ ଥାଇପାରିବ ତ ?"

"ସେ କଥା ମୁଁ ବହୁତ ଆଗରୁ ଭାବିଛି । ସେଥିପାଇଁ ତୁମର ମୈତ୍ରୀ-ଶୃଙ୍ଖଳା କାଟିବା ଅନାବଶ୍ୟକ । ଯେଉଁ ଦେଶର ନାରୀ ରଣରଙ୍ଗିଣୀ ବେଶରେ ଶତ୍ରୁ ସମ୍ମୁଖରେ ଅବତୀର୍ଣ୍ଣ ହୋଇ ଶାଣିତ କୃପାଣକୁ ନିଜର ବକ୍ଷକୁ ଟାଣିନେଇ ପାରେ, ସ୍ୱହସ୍ତରେ ଅଗ୍ନିକୁଣ୍ଡ ପ୍ରଜ୍ୱଳିତ କରି ହସି ହସି ତହିଁରେ ଲମ୍ଫ ପ୍ରଦାନ କରିପାରେ, ସ୍ୱହସ୍ତକ୍ଷେପ ଛିଡ଼ି ପରିକ୍ରମାସ

ହୋଇ ଆଉ ବନ୍ଧୁମାନଙ୍କ ପରି ଅଶ୍ରୁପୂର୍ଣ୍ଣ ସ୍ୱରରେ ଆବେଦନ ଜାପନ କରିପାରେ, ସେ ଦେଶର ରମଣୀ ପୁଣି ଏଥି ସାମାନ୍ୟ କର୍ମ ସାଧନରେ ପଶ୍ଚାତ୍‌ପଦ ହେବ ? ତମେ କଣ ସୌଦାମିନୀକୁ ଏତେ ସ୍ୱାର୍ଥପର ମନେ କର ?"

ଅତୁଲ ବାବୁଙ୍କ କଣ୍ଠରେ ଆଉ କଥା ପ୍ରତ୍ୟୁତ୍ତର ଯୋଗାଇଲା ନାହିଁ । ସେ କମ୍ପିତକଣ୍ଠ ସ୍ୱରରେ ଚିତ୍କାର କରି କହିଲେ, "ସତେ ସୌଦାମିନୀ ତମେ ଏତେ ମହାନ୍, ଏତେ ଉଦାର ?"

କିଛିକ୍ଷଣ ନୀରବରେ ଅତିବାହିତ ହେବା ପରେ ସୌଦାମିନୀ ପଚାରିଲେ, 'ସେ କେବେ ଆସିବେ ? ତାଙ୍କର ଖବର କିଛି କହିଲ ନାହିଁ ଯେ ?'

ଅତୁଲ ବାବୁ କହିଲେ, "କେନ୍ଦ୍ରୀୟରେ ତାଙ୍କର ଦେଖା ପାଇଲି— ସେ ଭଲ ଅଛନ୍ତି । ମୋ ସଙ୍ଗରେ ଆସିଥାନ୍ତେ, କେବଳ କଲିକତା ମିଳିଥିବାର ସମ୍ବାଦ ତାର ପିତାଙ୍କୁ ଜଣାଇବା ପାଇଁ ଗ୍ରାମକୁ ଗଲେ । ଆଉ ଦୁଇ ଦିନ ପରେ ଏଠାରେ ପହଞ୍ଚିବେ ।"

ପ୍ରମଥ ବାବୁ ପୂର୍ବରୁ ଜାଣନ୍ତି, କଲିକତାକୁ ଯାଇଲେ ନବକିଶୋର ସୌଦାମିନୀର ପାଣିଗ୍ରହଣ କରିବେ ନାହିଁ । ବର୍ତ୍ତମାନ ଅତୁଲ ବାବୁଙ୍କଠାରୁ ଶୁଣିଲେ, କଲିକତା-ଅବସ୍ଥରେ ନବକିଶୋର ବଡ଼ ବ୍ୟସ୍ତ, ଉନ୍ନତି ପ୍ରାପ୍ତ । କଲିକତା ଡାକ୍ତରଖାନାରେ ଥିବା ଶୁଣି ସେ ଯୋଗ୍ୟ ନୂତନ ପ୍ରାଣ ପାଇଲେ । ସୌଦାମିନୀର କୁଶଳ ପ୍ରଶ୍ନ ପୁଚ୍ଛା ପଚାରିବାକୁ ଅବସର ପାଇଲେ ନାହିଁ । ତାର ଅସ୍ତିତ୍ୱ ବୋଧହୁଏ ଭୁଲି ଯାଇଛନ୍ତି ।

ପ୍ରମଥ ବାବୁଙ୍କର ହୃଦୟ କନ୍ୟାର ଭବିଷ୍ୟତ ଚିନ୍ତାରେ ଅବସନ୍ନ ହେବାକୁ ଲାଗିଲା । ପଛପଟେ ଅନ୍ଧକାରେ ବସି ନୀରବରେ ଅଶ୍ରୁମୋଚନ କରିବାକୁ ଲାଗିଲେ ।

ସୌଦାମିନୀ ପରେ ଫେରି ଦେଖିଲେ, ପିତାମାତାଙ୍କ ଆଖିରେ ଅଶ୍ରୁ ଧାରା । ପିତାଙ୍କ ନିକଟରେ ବସିଯାଇ କହିଲେ, "ବାବା ! ମୋର ଚିନ୍ତାରେ ତମେ ଚିନ୍ତିତ ବୋଧହୁଏ ?" ପ୍ରମଥ ବାବୁ ଉତ୍ତର କଲେ ନାହିଁ । ମାନଦା-ସୁନ୍ଦରୀ ଅଞ୍ଚଳରେ ଆଖି ପୋଛିଲେ । ସୌଦାମିନୀ କହିଲେ, "ବାବା ! ମୋର

ସୁଖ ଲାଗି ତମେ ସର୍ବଦା ଚିନ୍ତିତ । ଯହିଁରେ ମୁଁ ସୁଖୀ ହେବି, ତାହା ସମ୍ପନ୍ନ କରିବାକୁ ତମେ ସର୍ବଦା ପ୍ରସ୍ତୁତ । ବର୍ତ୍ତମାନ ମୋର ଗୋଟିଏ ଅନୁରୋଧ ରକ୍ଷା କରିବ କି ? ତଦ୍ଦ୍ୱାରା ମୁଁ ସୁଖୀ ହୋଇ ପାରିବି ନିଶ୍ଚୟ ।"

ପ୍ରମଥ ବାବୁ ଶୋକାବେଗ ସମ୍ଭାଳି ପାରିଲେ ନାହିଁ । ଝିଅଙ୍କ ଗଳା ଧରି କାନ୍ଦି କହିଲେ, "ମା ! ତୋର ଆନନ୍ଦ ହେବ, ସେପରି କୌଣସି କାର୍ଯ୍ୟରେ ପିତା ତୋର କୌଣସି ଦିନ ବାଧା ଦେଇଛନ୍ତି କି ?" ମାନଦାସୁନ୍ଦରୀ ସୌଦାମିନୀର ମସ୍ତକରେ ହାତ ବୁଲାଇ କହିଲେ, "ପାଗଳି ! ତୋର ସୁଖ ଲାଗି ଯଦି ଏ ସମ୍ପଦାକୁ ସମସ୍ତ ବ୍ୟୟ କରିବାକୁ ହୁଏ, ତଥାପି ପିତାମାତା ତୋର କୁଣ୍ଠିତ ନୁହନ୍ତି । ଅମ୍ଭର ବଞ୍ଚନରେ...... ।"

ସୌଦାମିନୀ—"କିନ୍ତୁ କାର୍ଯ୍ୟରେ ପରିଣତ କରି ପାରିବ ତ ?"

ପ୍ରମଥ ବାବୁ—"ମା ମୋର ! ତୋର କଣ ଅବଶ୍ୟକ କହ । ତୋର ପିତାଙ୍କର ପ୍ରାଣ ବିନିମୟରେ ଯଦି ତୁ ସୁଖୀ ହେଉ, ତହିଁରେ ପିତାମାତା ତୋର କୁଣ୍ଠିତ ନୁହନ୍ତି । ମା ! ତୋର କଣ ଅବଶ୍ୟକ, ଦ୍ୱିଧା ନ କରି କହ—ଏହି ମୁହୂର୍ତ୍ତରେ ପୂରଣ କରିବି ।"

ସୌଦାମିନୀ—"କିନ୍ତୁ ବାବା ! ମୋର ବିଶ୍ୱାସ ହେଉ ନାହିଁ । ଯଦି ପରେ......"

ପ୍ରମଥ ବାବୁ ଉଚ୍ଚୈଃସ୍ୱରରେ କାନ୍ଦିବାକୁ ଲାଗିଲେ । ମାନଦାସୁନ୍ଦରୀ ମଧ୍ୟ ପଣନ୍ତ କାନରେ ମୁହଁ ଢାଙ୍କି ଅଶ୍ରୁ ବର୍ଷଣ କଲେ । ସୌଦାମିନୀ ଅବାକ୍ ବିସ୍ମୟରେ କ୍ଷଣକାଳ ନୀରବ ରହି କାତର କଣ୍ଠରେ କହିଲେ, "ବାବା !" ପ୍ରମଥ ବାବୁ ତାଙ୍କୁ ବକ୍ଷକୁ ଆଉଜାଇ ଧରି କହିଲେ, "ମା ! ତୋର ବିଶ୍ୱାସ ହେଉ ନାହିଁ ? ବାବାର କଥାରେ ବିଶ୍ୱାସ ହେଉ ନାହିଁ ? ତୁଚ୍ଛ ବିଷୟରେ ସୁଦ୍ଧି ପିତା ତୋର ବିଶ୍ୱାସଘାତକ ?" ସୌଦାମିନୀ କାନ୍ଦି କାନ୍ଦି କହିଲେ, "ବାବା ! ବାବା ! କ୍ଷମା କର ! ମୁଁ ତମକୁ ଅବିଶ୍ୱାସ କରୁ ନାହିଁ । ମୋର କହିବାର ଉଦ୍ଦେଶ୍ୟ—ମୁଁ ଯେଉଁ ବିଷୟରେ ତମକୁ ଅନୁରୋଧ କରୁଛି, ସେ କାର୍ଯ୍ୟଟି ତମ ଅଖିରେ ଯଦି ଭଲ ନ ଦିଶେ, ତାହା ସମ୍ପାଦନରେ ପଶ୍ଚାତ୍‌ପଦ ହୁଅ, ସେଥି ପାଇଁ...... ।"

ପ୍ରମଥ ବାବୁ—"ମା ମୋର ! ତୋର ସନ୍ଦେହ ଦୂର କରିବା ପାଇଁ ମୁଁ ଶପଥ କରି କହୁଛି ! ଉପରେ ଆକାଶ, ତଳେ ଅବନୀ ସାକ୍ଷୀ ରଖି କହୁଛି, ତୁ ଯାହା କହୁଛୁ, ତାହା ମୁଁ ଏହି ମୁହୂର୍ତ୍ତରେ ସମ୍ପାଦନ କରିବି ।"

ମାନଦାସୁନ୍ଦରୀ—"ମା, ତୋର ବାବୁଙ୍କୁ ଆଉ କଷ୍ଟ ଦେ ନା । ଯାହା ତୋର କହିବାର ଶୀଘ୍ର କହ ।"

ସୌଦାମିନୀ—"ଏ ସମ୍ପ୍ରଦାୟ ସମ୍ପତ୍ତି ନବ ବାବୁଙ୍କୁ ଦେବା ମୋର ଏକାନ୍ତ ଇଚ୍ଛା ! ତାହା ହିଁ ମୋର ଦରକାର ।"

ପ୍ରମଥ ବାବୁ—"କେଉଁ ନବ ବାବୁ ? ତାଲୁର ନବକିଶୋର ପଟ୍ଟ-ନାୟକ ?"

ସୌଦାମିନୀ—"ହଁ ।"

ପ୍ରମଥ ବାବୁ ଅଶ୍ରୁପ୍ଲାବିତ ସ୍ୱରରେ କିଛିକ୍ଷଣ ସୌଦାମିନୀର ମୁହଁକୁ ଚାହିଁ ରହିଲେ । ହଠାତ୍ ତାଙ୍କର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । ମନେ ମନେ ଭାବିଲେ, "ସୌଦାମିନୀ କଣ ଜାଣି ନାହିଁ, ସେ କଳଙ୍କିତ ପ୍ରଣୟା-କାଙ୍କ୍ଷୀ ଲୋକ ?"

ମାନଦାସୁନ୍ଦରୀ କହିଲେ, "ମା ! ତୁ କଣ ଜାଣି ନାହୁଁ ସେ......।"

ସୌଦାମିନୀ—"ହଁ, ମୁଁ ସମସ୍ତ ଜାଣେ । ସେ ସମ୍ବନ୍ଧରେ ଆଉ କିଛି ଜାଣିବା ମୋର ଆବଶ୍ୟକ ନାହିଁ ।"

ପ୍ରମଥ ବାବୁ—"ଜାଣି ଶୁଣି ଅସମ୍ଭବ ଆଶା ପୋଷଣ କରିବା......।"

ସୌଦାମିନୀ—"ମୁଁ ତ ତାଙ୍କଠାରୁ କିଛି ଆଶା କରୁ ନାହିଁ ।"

ପ୍ରମଥ ବାବୁ—"ତେବେ—— ।"

"ଆପଣ କହନ୍ତୁ, ଯଦି ମୁଁ ସୁଖୀ ହେବା ଚାହାନ୍ତି" କହି ସୌଦାମିନୀ ଦ୍ରୁତପଦରେ ସେ ସ୍ଥାନ ତ୍ୟାଗ କଲେ ।

ଅପରାହ୍ଣ ପାଞ୍ଚଟା । କଳିକତା ଘର ବାହାର ପ୍ରକୋଷ୍ଠରେ ବସି ଭାବୁଛି "ସୌଦାମିନୀ କହିଲେ, 'ତୁମ୍ଭ ସହିତ ଅଳ୍ପ ସମୟରେ ପ୍ରାଣେଶ୍ୱରଙ୍କ ସହିତ ମିଳନ ହେବ ।' ସେ କଣ ଯାଦୁ ବିଦ୍ୟା ଜାଣନ୍ତି ? ତାଙ୍କଠାରେ ଦୈବ-ଶକ୍ତି ଥିବା ପରି ଜଣା ଯାଉଛି । ତାଙ୍କ କଥାକୁ ମୁଁ ସମ୍ପୂର୍ଣ୍ଣ ରୂପେ ଅବିଶ୍ୱାସ କରିପାରୁ ନାହିଁ । ଆଜି କାହିଁକି ମୋର ବାମ ଚକ୍ଷୁ ଏବଂ ବାମ ବାହୁ ସ୍ପନ୍ଦନ

ଯେନ ସ୍ଫୁରିତ ହେଉଛି । କାରଣ କଣ ? କେବେ ତ ଏପରି ଲକ୍ଷଣ ଦେଖି ନାହିଁ । ସତେ କଣ ମା କାଳୀ ପ୍ରସନ୍ନ ହେଲେ ! ସୌଦାମିନୀଙ୍କର ଭବିଷ୍ୟତ ବାଣୀ ଆଜ ସଫଳ ହେବ ।"

ସେହି ସମୟରେ ସୌଦାମିନୀ ଆସି ଦ୍ୱାରଦେଶରେ ଉଭା ହୋଇଗଲେ । ଲଳିତା ଉଠି ଆସି ସୌଦାମିନୀଙ୍କୁ କୋଳ କରି ନେଇ ଚୌକିରେ ବସାଇ ଦେଲେ । କହିଲେ, "ଆଜ...... ।"

ସୌଦାମିନୀ ବାଧା ଦେଇ କହିଲେ, "ସେ ସବୁ କଥା ରଖ, ଆଗ ମୋ କଥା ଶୁଣ । ମୁଁ ଗୋଟାଏ ଅନୁରୋଧ କରିବାକୁ ଆସିଛି—ରକ୍ଷା କରିବ ?"

"ଭୂମିକାର ଆବଶ୍ୟକ ନାହିଁ—ଯାହା କହିବାର କହ । ଏ ମୁହୂର୍ତ୍ତରେ ସମ୍ପନ୍ନ କରିବି । ଲଳିତା ତାର ସଙ୍ଗିନୀ ସଖୀ ଯେ ପ୍ରାଣ ଦେଇ ପାରେ, ସେ କଥା ତମେ ଜାଣ ନାହିଁ ବୋଧହୁଏ !"

"ନା, ସେପରି କିଛି କରିବାକୁ ହେବ ନାହିଁ । କେବଳ ବିଷୟଟା ଶୁଣିବା ପୂର୍ବରୁ ତମକୁ ପ୍ରତିଜ୍ଞା କରିବାକୁ ହେବ ।"

"ହଉ, ପ୍ରତିଜ୍ଞା କରୁ କହୁଛି, ତମେ ଯାହା କହିବ, ମୁଁ ନିଶ୍ଚୟ ତାହା ପାଳନ କରିବି—ଦେବତା-ପ୍ରସାଦ ପରି ସାଦରେ ଗ୍ରହଣ କରିବି ।"

"ମୋର ଉପହାର ଦେଉଛି ତମକୁ ଗ୍ରହଣ କରିବାକୁ ହେବ ।" କଥା ସଙ୍ଗେ ସଙ୍ଗେ ତାଙ୍କର ଗଳାରୁ ବହୁମୂଲ୍ୟ ରତ୍ନହାରଟି କାଢ଼ି ଲଳିତା ବେକରେ ଲମ୍ବାଇ ଦେଲେ । ହସି ହସି କହିଲେ, "ଅସ୍ୱୀକାର କର ନାହିଁ ଦିଦି ! ଆଜ ପୂର୍ଣ୍ଣିମା ତିଥି—ସମସ୍ତ ପୂର୍ଣ୍ଣ । କାହାରି କିଛି ଅପୂର୍ଣ୍ଣ ରହିବ ନାହିଁ । ଏ ବେଶ ତମକୁ ଯେତେ ଦିନ ମାନୁଥିଲା, ମାନୁଥିଲା—ଆଜିଠାରୁ ଏ ବେଶ ଆଉ ସାଜିବ ନାହିଁ । ସାଜିଲେ ସାଜିବ ସୌଦାମିନୀକୁ । ତମକୁ ଏତେ ଦିନ ସନ୍ନ୍ୟାସିନୀ ବେଶରେ ଦେଖି ଆସିଛି; ଆଜ କିନ୍ତୁ ନିଜେ ସେ ବେଶ ନେଇ ଦେଖିବି କିପରି ମାନୁଛି ।" ସୌଦାମିନୀଙ୍କ ମୁହଁକୁ ଚାହିଁ ଲଳିତାଙ୍କ ଦୃଷ୍ଟି ସ୍ଥିର ହୋଇଗଲା । ସେ ଦେଖିଲେ, ସୌଦାମିନୀଙ୍କର ଚକ୍ଷୁରୁ ଏକ ଅପୂର୍ବ ଜ୍ୟୋତି ନିର୍ଗତ ହୋଇ ଦେହଟିକୁ ଅଭିନବ ସ୍ୱର୍ଗୀୟ ସମ୍ପଦରେ

ଅଭ୍ୟାସିତ କରୁଅଛୁ, ଯାହାଙ୍କୁ ସେ ସ୍ୱପନରେ କେବେ ଦେଖି ନାହିଁ । ସେ ସୌଦାମିନୀଙ୍କୁ କିଛି କହିବାକୁ ଇଚ୍ଛା କଲା; ମାତ୍ର କହି ପାରିଲା ନାହିଁ । ଶେଷ ଏ ନୂତନ ସ୍ନେହବନ୍ଧନରେ ଲଳିତା ମୂକ ହୋଇଗଲା ।

ସୌଦାମିନୀ ତାଙ୍କ ହାତରୁ କାଚ ବାହାର କରି ଲଳିତା ହସ୍ତରେ ପିନ୍ଧାଇ ଦେଲେ ଏବଂ ତାର ଗୋଟିଏ ସୁତା ଚୁଡ଼ିଟିଏ ନେଇ ନିଜ ହାତରେ ବାନ୍ଧିଲେ । ତା ପରେ ବାକ୍ସାଭ୍ୟନ୍ତରରୁ ବହୁମୂଲ୍ୟ ଶାଢ଼ୀ ଖଣ୍ଡେ ବାହାର କରି ଲଳିତାକୁ ପିନ୍ଧିବାକୁ ଦେଲେ । ସେ ଦିନ ଅଟେଳିରେ ମଙ୍ଗଳ-ସୂଚକରୂ ପରିଧାନ କଲା । ସୌଦାମିନୀ ତାର ଗେରୁଆ ଲୁଗା ନେଇ ନିଜେ ପିନ୍ଧିଲେ । ପରିବର୍ତ୍ତନ, ଅପୂର୍ବ ପରିବର୍ତ୍ତନ । ସୌଦାମିନୀ ଲଳିତା ବେଶରେ ଓ ଲଳିତା ସୌଦାମିନୀ ବେଶରେ ।

ସୌଦାମିନୀ କହିଲେ—"ଧନ ! ବାସ୍ତବତ ଏ ବେଶ ତମକୁ ବଡ଼ ସାଜୁଛି । ସନ୍ନ୍ୟାସିନୀ ବେଶ କଣ ମୋତେ ସାଜୁ ନାହିଁ ?" ଲଳିତା ଉତ୍ତର ଦେଲା ନାହିଁ । ସେତେବେଳେ ସେ ବୋଧଶକ୍ତିଶୂନ୍ୟ ହୋଇ ଯାଇଥିଲା ବୋଧହୁଏ ।

ଘଣ୍ଟା ବାଜିଲା । ସୌଦାମିନୀ ଲଳିତାର ହାତ ଧରି ଡ୍ରଇଙ୍ଗ-ଖାନା ସମ୍ମୁଖ ଉପସ୍ଥିତ ହୋଇଗଲେ । କହିଲେ—"ଧନ ! ଆଜି ଅନେକ ଦିନ ପରେ ତମର ପ୍ରାଣେଶ୍ୱରଙ୍କ ସହିତ ସାକ୍ଷାତ୍ ହେବ । ଆଜି ସନ୍ନ୍ୟାସିନୀବ୍ରତ ତମର ପୂର୍ଣ୍ଣ ହେଲା । ମା କାଳୀଙ୍କର କରୁଣା ହେଲା, ଏଣିକି ସୁଗୃହିଣୀ ହୋଇ ଘର-ସୁଖ ଭୋଗ କର । ସମୟ ହୋଇଗଲା, ମୁଁ ବିଦାୟ ହେଉଛି । ଆଜି ଗୋଟିଏ ଅନୁରୋଧ ଧନ, ଏ ଅଭାଗିନୀକୁ ଭୁଲିବ ନାହିଁ । ତମର ... ... ।"

ଶୋକାବେଗରେ ସୌଦାମିନୀଙ୍କ କଣ୍ଠ ରୁଦ୍ଧ ହୋଇ ଆସିଲା । ଲଳିତା ଦେଖିଲା, ତାଙ୍କର ଚକ୍ଷୁଦ୍ୱୟ ଅଶ୍ରୁପୂର୍ଣ୍ଣ । ଲଳିତାର ଚେତନା ଆସିଲା । ସେ ହାତ ଧରି କହିଲା, "ଏ କଣ ? ତମେ ଯେ କାନ୍ଦୁଛ ?"

## ଦ୍ୱାତ୍ରିଂଶ ପରିଚ୍ଛେଦ

ସୌଦାମିନୀ ଅଶ୍ରୁମୋଚନ କରି କହିଲେ, "ନା, ମୁଁ କାନ୍ଦିବି ନାହିଁ । ଏହି ସମୟରେ ଅଶ୍ରୁର ଲକ୍ଷଣ ପ୍ରକାଶ କରୁଛି । ମୁଁ ବଡ଼ ଅଲକ୍ଷଣୀ !" କିନ୍ତୁ ଦ୍ୱିଗୁଣ ବେଗରେ ଅଶ୍ରୁ ବର୍ଷଣ କରିବାକୁ ଲାଗିଲେ । ଲଳିତା ତାଙ୍କୁ କୁଣ୍ଢାଇ ଧରି ଫୁଲି ଫୁଲି କାନ୍ଦି ଉଠିଲେ । ଜାହ୍ନବୀ ଯମୁନାର ମିଳନ ହେଲା— ଗଙ୍ଗାଯମୁନାଙ୍କର ମିଳନ ହେଲା ।

ସୌଦାମିନୀ ବସ୍ତ୍ରାଭ୍ୟନ୍ତରରୁ ଗୋଟିଏ ବଡ଼ କାଗଜ ପୁଡ଼ିଆ ବାହାର କରି ଲଳିତା ହାତକୁ ବଢ଼ାଇ ଦେଇ କହିଲେ, "ଅନ୍ତିମରେ ଏହି ଉପ-ହାରଟି ଗ୍ରହଣ କର ; କିନ୍ତୁ ଅନୁରୋଧ ଏହି, ଉଚିତ ସମୟ ନ ହେବା ଯାଏ ଏହା ଖୋଲିବ ନାହିଁ ।" ହଠାତ୍ ସେହି ସମୟରେ ଗୋଟିଏ ଶଙ୍ଖର ଭେଁ ଭେଁ ଶବ୍ଦ ଶୁଭିଲା । ଲଳିତା ଓ ସୌଦାମିନୀ ଉଭୟେ ଅଶ୍ରୁମୋଚନ କରି ପୂର୍ବ ଦିଗକୁ ଦୃଷ୍ଟି ଫେରାଇଲେ । ଯାହା ଦେଖିଲେ, ତହିଁରେ ଉଭୟଙ୍କର ଚକ୍ଷୁ ସ୍ଥିର । ପର୍ବତ-ନନ୍ଦିନୀ ଯେପରି ଶଙ୍କିତା ଯୋଗୀଙ୍କ ସ୍ଥାନରେ ଶିବଙ୍କୁ ଦେଖି ଅନ୍ତର ହେବାକୁ ଏକ ପଦ ପ୍ରସାରଣ କରି ସ୍ଥିର ହୋଇଗଲେ, ଲଳିତା ସେହିପରି ସେହି ଅବସ୍ଥାରେ ଠିଆ ହୋଇ ଗ୍ରୀବା ବଙ୍କ କରି ସ୍ପର୍ଦ୍ଧି ଥିଲା, ସେହିପରି ରହିଗଲା ।

ନବକିଶୋର ଅଳ୍ପ କାଳ ପରେ ଅଦୂରରେ ଠିଆ ହୋଇଥିଲେ । ତାଙ୍କର ତତ୍କାଳୀନ ଅବସ୍ଥା ଦେଖି ଲଳିତା ଓ ସୌଦାମିନୀ ଉଭୟେ ଚମକି ଉଠିଲେ । ବଦନରେ ଯୌବନ-ସୁଲଭ ଲାବଣ୍ୟ ନାହିଁ । ପୂର୍ବର ପ୍ରଫୁଲ୍ଲତା, ପ୍ରସନ୍ନତା କିଛି ନାହିଁ । ବାର୍ଦ୍ଧକ୍ୟନିପୀଡ଼ିତ ହେଲା ପରି ଶୁଷ୍କ ମଳିନ ହୋଇ ଯାଇଛି । ଚକ୍ଷୁପତ୍ର ରୁକ୍ଷ ଶୁଷ୍କ ଶୁଷ୍କ ବଦନର ଶୁଷ୍କତାକୁ ଅଧିକ ବଢ଼ାଇ ଦେଉଛି । ମସ୍ତକର କେଶଗୁଚ୍ଛ ଅଯତ୍ନରେ ଜଟା ହୋଇ ଯାଇଛି ; ପରିଧେୟ ବସ୍ତ୍ରଖଣ୍ଡ ନିତାନ୍ତ ଅପରିଷ୍କୃତ । ନବକିଶୋରଙ୍କୁ ଏପରି ଦୀନ-ହୀନ ବେଶରେ ଦେଖି ଲଳିତାଙ୍କ ହୃଦୟ ବିକଳ ହୋଇ ଉଠିଲା । ମୁହଁ ଫିଟାଇ ପଦ ତ କିଛି କହି ପାରିଲା ନାହିଁ, ତାର ଅନ୍ତରରୁ ଅତି କ୍ଷୀଣ ସ୍ୱରରେ ଉଚ୍ଚାରିତ ହେଲା, "ହାୟ ! ତମକୁ ଏହିପରି ବେଶରେ ଦେଖିବାକୁ ଅଦୃଷ୍ଟରେ ଲେଖା ଥିଲା ? ଦେଖିବା ପୂର୍ବରୁ ମୋର ଚକ୍ଷୁ ଫଟା ଫୁଟିଗଲା ନାହିଁ !"

କଇକଶୋର ଶୁଣିଲେ, ଶୁଭ ଚକ୍ଷୁରୁ ମିଳନ ହେଲା, ଲଳିତା ଚକ୍ଷୁରେ ଅଶ୍ରୁ-ଧାର, ଦେଖି ତାଙ୍କ ଚକ୍ଷୁ ଛଳ ଛଳ ହୋଇ ଆସିଲା । ସେ ଆବେଗରେ ଡାକି ଉଠିଲେ, 'ଲଳିତା ! ଲଳିତା ! ତମେ...' ଆଉ କହି ପାରିଲେ ନାହିଁ । ହର୍ଷ, କ୍ରୋଧ ଉଭୟେ ଏକ ସମୟରେ ତାଙ୍କର କଣ୍ଠ ରୁଦ୍ଧ କରି ପକାଇଲେ । ସେହି ସମୟରେ ଗଙ୍ଗାଧର, ସାଧବା ଦେଈ ଓ ଡମ୍ଭୀ ଏକ ଜଣ ଆସି ସେଠାରେ ଉପସ୍ଥିତ ହୋଇଗଲେ । ପିତାମାତାଙ୍କୁ ଏକ କକ୍ଷରେ ଦେଖି ଲଳିତା ମୁହଁ ଟେକି ପାରିଲା ନାହିଁ—ତାର ମସ୍ତକ ନତ ହୋଇଗଲା ।

କୈଳାସଚନ୍ଦ୍ର ଉଲ୍ଲାସ ସ୍ୱରରେ ଛୁଟି ଆସି ଗଙ୍ଗାଧରଙ୍କର ପାଦ-ପ୍ରାନ୍ତରେ ପଡ଼ିଗଲେ । କହିଲେ, "ଧନ୍ୟ ଗଙ୍ଗାଧର, ତୁ ମନୁଷ୍ୟ ନୋହୁ, ଦେବତା ! ମୁଁ ବଡ଼ ଅପରାଧୀ, ନରାଧମ । ମୁଁ ତୋତେ କେତେ ଅପ-ମାନ ଦେଇଛି, ଅନିଷ୍ଟ କରିଛି । କ୍ଷମା କର ଭାଇ ! ମୋର ଅସ୍ପୃଶ୍ୟ ପାପର ଜୋଲୁ ଦଂଶନରେ ଏ ଶରୀର ପୋଡ଼ି ଯାଉଛି, ହୃଦୟ ଜଳି ଯାଉଛି । ଥରେ ଭାଇ ବୋଲି ଡାକ ଆଲିଙ୍ଗନ କର, ଏ ପ୍ରାଣ ଶୀତଳ ହେଉ ! ଆଜ ମୋର ଚକ୍ଷୁ ଫିଟିଛି, ମୋହାନ୍ଧକାର ଦୂର ହୋଇଛି । ଆଜ ମୁଁ ଜାଣି-ପାରୁଛି, ତୋର ଆସନ କେତେ ଉଚ୍ଚରେ । ତଥାପି ଭାଇ ବୋଲି ସାହସରେ ଧାଇଁଛି, ମୋର ସମସ୍ତ ଦୋଷ, ପାପ ଭୁଲିଯାଇ ତୋତେ କ୍ଷମା ଦେବାକୁ ।" ଗଙ୍ଗାଧର ତାଙ୍କୁ ତଳୁ ଉଠାଇ ବକ୍ଷରେ ଧରିଲେ । ଉଭୟେ ଭାଇ ଭାଇ ଗଳା ଧରି ଭୋଳାଭୋଳ ହେବାକୁ ଲାଗିଲେ ।

କୈଳାସଚନ୍ଦ୍ର ଦେଖିଲେ, କବାଟରେ ଲଳିତା ଓ ସାଧବା ଦେଈ ଆନନ୍ଦପ୍ରାଣରେ ଆବେଗ ହୋଇ ଅଶ୍ରୁବର୍ଷଣ କରୁଛନ୍ତି । ସେ ଦୌଡ଼ି ଯାଇ ଲଳିତାର ହସ୍ତ ଧାରଣ କରି କହିଲେ, "ମା ! ସ୍ୱର୍ଗର ଦେବୀ, ତୋର ଏ ମୂର୍ଖ ପିତାର ଦୋଷ କ୍ଷମା କର । ଏତେଦିନ ମୁଁ ଚିହ୍ନି ନ ପାରି ତୋର ଯଥେଷ୍ଟ ଅପମାନ କରିଛି । ତୋତେ ଯେ ଜନ୍ମ ଦେଇଥିଲେ ସେ ଆଜ ଏ ପାପ-ତାପମୟ ସଂସାରରେ ନାହାନ୍ତି । ସେ ଦେବୀ ଥିଲେ, ତାଙ୍କୁ ଏ ମାନବୀ-ଭୂମି ଭୁଲିବାକୁ ହେଲା ନାହିଁ । ମୋ ମନ ଗୃହସ୍ଥ ସଦ୍ଭାବ ଉଚିତ ମତ ଦେଲେ-ନାହିଁ । ମୁଁ ଭଲ ସେତେବେଳେ------," ଆଉ କହି ପାରିଲେ ନାହିଁ । ତାଙ୍କର ଚକ୍ଷୁରୁ ଅଜସ୍ର ଲୋତକଧାରା ବହିବାକୁ ଲାଗିଲା ।

ସନ୍ଧ୍ୟା ଅନନ୍ତରେ ସମସ୍ତେ ଅଧୀର, ଅସ୍ଥିର । ସମସ୍ତଙ୍କର ଗଣ୍ଡଦେଶରୁ ଆନନ୍ଦାଶ୍ରୁ-ପ୍ରବାହ ବନ୍ଦ ହୋଇଛି । ସେହି ସମୟରେ ଜୋଛନା ହାସରେ ଏକ ଉଜ୍ଜ୍ୱଳ ନବ ସୁଧାଶଶଧର ଦକ୍ଷିଣାକାଶ କୋଣରେ ଫୁଟି ଉଠିଲେ । ପୂର୍ବ ଆକାଶ ଉଜ୍ଜ୍ୱଳ, ଆନନ୍ଦମୟ, ପଶ୍ଚିମ ଆକାଶ ଘନ ଘୋର ଅନ୍ଧକାରରେ ଆଚ୍ଛନ୍ନ । ସୌଦାମିନୀ ସେହି ଅନ୍ଧକାର ଆକାଶ ତଳେ ନୈଋତରେ ଅଦୃଶ୍ୟ ହୋଇ ବସି ପଡ଼ିଲେ ।

ଅନନ୍ତର ଖୁଡ଼ିମା ବଡ଼ ଶୀଘ୍ର ଗୃହକୁ ଗଲେ । ପ୍ରଭାତ ହେବାକ୍ଷଣି ନିକଟରେ ଥୁଆ ହୋଇଥିବା ସୌଦାମିନୀଙ୍କ ପଦାଙ୍କ ଧୂଳିଆ ଉପରେ ଲଳିତାର ନଜର ପଡ଼ିବାରୁ ସେ ଅତ୍ୟନ୍ତ ଆଗ୍ରହସହକାରେ ତାହା ଖୋଲି ପକାଇଲା । ଗୋଟାଏ ରେଶମସୂତ୍ର ଧାନ-ଘାସ ଭିନ୍ନ ଆଉ କିଛି ନାହିଁ । ପ୍ରମଥ ବାବୁଙ୍କର ସମୁଦାୟ ସମ୍ପତ୍ତି ନବକିଶୋରଙ୍କୁ ଦାନ ହୋଇଛି । ଲଳିତା କିଛି ବୁଝି ନ ପାରି ନବକିଶୋରଙ୍କୁ ଦେଖାଇଲା । ନବକିଶୋର ଦେଖିଲାକ୍ଷଣି ଚମକି ଉଠିଲେ, [illegible] ସକଳେ ସୌଦାମିନୀଙ୍କର ଅନୁସନ୍ଧାନରେ ଲାଗି ପଡ଼ିଲେ । କିନ୍ତୁ ବୃଥା ଚେଷ୍ଟା । ସୌଦାମିନୀଙ୍କର କୌଣସି ସନ୍ଧାନ ମିଳିଲା ନାହିଁ ।

ସମାପ୍ତ

Printed & Published by D. Satpathi
Saraswata Press, Cuttack—1936